


୨୦୨୭ରେ
'ବାରାଣସୀ'
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-194 ♦FRIDAY ♦9 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୯୪ ♦ଶୁକ୍ରବାର ♦୯ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଟ୍ରମ୍ପଙ୍କ ଦାଦାଗିରି

## ୬୬ ଅନ୍ତର୍ଜାତୀୟ ସଂଗଠନରୁ ଓହରିଲା ଆମେରିକା

■ ୱାଶିଂଟନ, ୮।୧ (ଏଜେନ୍ସି): ରାଜନୈତିକ, ସାମରିକ ଓ ଅର୍ଥନୈତିକ ରୂପେ ସାରା ବିଶ୍ୱକୁ ଅସ୍ଥିର କରି ରଖିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ଏଭଳି ଏକ ପଦକ୍ଷେପ ନେଇଛନ୍ତି, ଯାହାକି ଜଳବାୟୁ ସୁରକ୍ଷା ପାଇଁ ଚାଲିଥିବା ବୈଶ୍ୱିକ ଅଭିଯାନକୁ ଗୁରୁତର ଝଟ୍‌କା ଦେବା ନିଶ୍ଚିତ। ଆମେରିକା ଏବେ ୬୬ଟି ଅନ୍ତର୍ଜାତୀୟ ସଂଗଠନରୁ ଓହରିଯିବ ବୋଲି ଘୋଷଣା କରିଛି। 'ଦି ଗାର୍ଡିଆନ' ଅନୁସାରେ, ଜାତିସଂଘର ୩୧ ଓ ଜାତିସଂଘ ସହ ସଂପୃକ୍ତ ନ ଥିବା ୩୫ଟି ସଂଗଠନ ଏହି ତାଲିକାରେ ସାମିଲ ରହିଛି। ଟ୍ରମ୍ପ ଏ ସଂକ୍ରାନ୍ତ ଫାଇଲ୍‌ରେ ଆଜି ଦସ୍ତଖତ କରିଛନ୍ତି। ଏହି ସଂସ୍ଥାଗୁଡ଼ିକ ଆମେରିକାର ସ୍ୱାର୍ଥ ବିରୋଧୀ ବୋଲି ଟ୍ରମ୍ପ ଯୁକ୍ତି ଦର୍ଶାଇଛନ୍ତି। ତେଣୁ ଏହି ସବୁ ସଂସ୍ଥାର କାର୍ଯ୍ୟକଳାପରେ ଆମେରିକା ସାମିଲ ହେବନାହିଁ କି ଏଗୁଡ଼ିକୁ ଆର୍ଥିକ ସହାୟତା ମଧ୍ୟ ଦେବନାହିଁ। ଏହି ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି।

ଟ୍ରମ୍ପଙ୍କ ଏହି ତାଲିକାରେ ରହିଛି 'ଅନ୍ତର୍ଜାତୀୟ ସୌର ଆଲାଏନ୍ସ। ଭାରତ ଓ ଫ୍ରାନ୍ସ ଦ୍ୱାରା ଆରମ୍ଭ ହୋଇଥିଲା ଏହି ସଂଗଠନ 'ଅନ୍ତର୍ଜାତୀୟ ସୌର ଆଲାଏନ୍ସ (ଆଇଏସ୍‌ଏ)। ୨୦୧୫ରେ ପ୍ୟାରିସ ଜଳବାୟୁ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତତ୍କାଳୀନ ଫ୍ରାନ୍ସ ରାଷ୍ଟ୍ରପତି ଫ୍ରାଙ୍କୋଇସ୍ ଓଲାଣ୍ଡେଙ୍କ ମିଳିତ ଉଦ୍ୟମରେ ଏହାର ଆରମ୍ଭ କରାଯାଇଥିଲା। ସୌର ଶକ୍ତିର ବ୍ୟବହାର, ପ୍ରଚାର ଓ ପ୍ରସାର କରିବା ପାଇଁ ଭାରତ ଓ ଫ୍ରାନ୍ସ ଏହାର ପ୍ରତିଷ୍ଠା କରିଥିଲେ। ଏହାର ମୁଖ୍ୟାଳୟ ହରିୟାଣାର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋଲାର ଏନର୍ଜି କ୍ୟାମ୍ପସରେ ଅବସ୍ଥିତ। ବର୍ତ୍ତମାନ ଆଇଏସ୍‌ଏର ୧୨୦ରୁ ଅଧିକ ସଦସ୍ୟ ଅଛନ୍ତି। ଆମେରିକା ୨୦୨୧ରେ ଏହି ସଂଗଠନରେ ଯୋଗ ଦେଇଥିଲା। ଏହି ସଂଗଠନରେ ୧୨୦ରୁ ଅଧିକ ରାଷ୍ଟ୍ର ସଭ୍ୟ ଥିବା ବେଳେ ୯୦ଟି ରାଷ୍ଟ୍ର ଏହାର ପୂର୍ଣ୍ଣାଙ୍ଗ ▶ପୃଷ୍ଠା-୭



## ଭାରତ ଉପରେ ଲାଗିବ ୫୦୦ ପ୍ରତିଶତ ଟାରିଫ୍

■ ୱାଶିଂଟନ, ୮।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୋଟିଏ ପଟେ ଭାରତକୁ ବନ୍ଧୁ ରାଷ୍ଟ୍ର କହୁଥିବା ବେଳେ ଅନ୍ୟପଟେ ଭାରତକୁ ଅଡୁଆରେ ପକାଇବାକୁ ପଛାଉ ନାହାନ୍ତି। ପ୍ରଥମେ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ କଟକଣା ଲଗାଇ ଦ୍ୱିପାକ୍ଷିକ ବାଣିଜ୍ୟକୁ କ୍ଷତିଗ୍ରସ୍ତ କରିଥିବା ବେଳେ ଏବେ ପୁଣି ଆହୁରି ଅଧିକ ଶୁଳ୍କ ଲଗାଇବାକୁ ଧମକ ଦେଇଛନ୍ତି। ଖବର ମିଳିଛି ଯେ ସେ ଭାରତ ଉପରେ ୫୦୦ ପ୍ରତିଶତ ଶୁଳ୍କ ଲଗାଇପାରନ୍ତି। ଏଭଳି ବ୍ୟବସ୍ଥା ଥିବା ଏକ ବିଲ୍‌କୁ ଟ୍ରମ୍ପ ଆଜି ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ବିଲ୍‌ର ନାମ 'ସ୍ୟାଙ୍କସନିଂ ରଷିଆ ଆକ୍ଟ (ଏସଆରଏ)-୨୦୨୫' ରହିଛି। ଏଥିରେ ରୁଷ ବିରୋଧରେ କଠୋର କଟକଣା ଲଗାଇବାର ନିୟମ ରହିଛି। ରୁଷଠାରୁ ତୈଳ କିଣୁଥିବା ଭାରତ, ଚୀନ, ବ୍ରାଜିଲ ଭଳି ଦେଶ ଉପରେ ୫୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବାର ଏଥିରେ ବ୍ୟବସ୍ଥା ରହିଛି। ରୁଷରୁ ଶସ୍ତାରେ ଅଶୋଧିତ ତୈଳ କିଣି ଏହି ଦେଶଗୁଡ଼ିକ ୟୁକ୍ରେନ ଯୁଦ୍ଧକୁ ଖୋରାକ ▶ପୃଷ୍ଠା-୭

# କୋଲକାତାରେ ହାଇଡ୍ରାମା

## ଇଡି ଅଧିକାରୀଙ୍କଠାରୁ ଫାଇଲ୍ ଛଡ଼ାଇନେଲେ ମମତା

ମୁଖ୍ୟମନ୍ତ୍ରୀ ମମତାଙ୍କ ବିରୋଧରେ ହାଇକୋର୍ଟ ଗଲା ଇଡି

ଦଳୀୟ ନିର୍ବାଚନ ତଥ୍ୟ ଓ ରଣନୀତି ଲୁଟ୍ କରିବାକୁ ଚକ୍ରାନ୍ତ: ମମତା

ଆଇ-ପ୍ୟାକ୍ ଚଢ଼ଉରେ ମମତା ବିଚଳିତ କାହିଁକି: ବିଜେପି



■ କୋଲକାତା, ୮।୧ (ଏଜେନ୍ସି): ଆସନ୍ତା ମାର୍ଚ୍ଚ-ଏପ୍ରିଲରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ରାଜଧାନୀ କୋଲକାତାରେ ଆଜି ହାଇଡ୍ରାମା ଦେଖିବାକୁ ମିଳିଛି। କ୍ଷମତାସୀନ ତୃଣମୂଳ କଂଗ୍ରେସର ନିର୍ବାଚନ ରଣନୀତିକାରଙ୍କ ଘର ଓ ଅଫିସରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି ଅଧିକାରୀଙ୍କ ଚଢ଼ଉକୁ ନେଇ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ଆଜି ସକାଳେ ଇଡି ଏହି ଚଢ଼ଉ ଚଳାଇଥିବା ବେଳେ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ ସୁପ୍ରିମୋ ମମତା ବାନାର୍ଜୀ ସେଠାରେ ପହଞ୍ଚି କିଛି ଫାଇଲ ନେଇଯାଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ବିଧାନସଭା ନିର୍ବାଚନ ପାଇଁ ତାଙ୍କ ଦଳ ପ୍ରସ୍ତୁତି ଚଳାଇଥିବା ବେଳେ ଇଡି ଅଧିକାରୀମାନେ ଦଳର ଏ ସଂକ୍ରାନ୍ତ ତଥ୍ୟ ନେଇଯିବାକୁ ବସିଥିଲେ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଏତାଦୃଶ ଆଚରଣକୁ ବିରୋଧ କରି ଇଡି ଆଜି କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଇଡି କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାଧା ଦେଇଥିବାରୁ ତାଙ୍କ ବିରୋଧରେ ମକଦ୍ଦମା ପାଇଁ ଇଡି ହାଇକୋର୍ଟଙ୍କ ଅନୁମତି ଲୋଡ଼ିଛି। ଆସନ୍ତାକାଲି ହାଇକୋର୍ଟ ଏହା ଉପରେ ଶୁଣାଣି କରିବେ। ଆଜିର ଏହି ଘଟଣା ରାଜ୍ୟ ରାଜନୀତିରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳେ ଇଡି ଅଧିକାରୀମାନେ ଏକ ସମୟରେ ଆଇ-ପ୍ୟାକ୍ (ଇଣ୍ଡିଆନ ପଲିଟିକାଲ ଆକ୍ସନ କମିଟି) ଅଫିସ ଏବଂ ଏହାର ମୁଖ୍ୟ ପ୍ରତୀକ ଜୈନଙ୍କ ଘରେ ଚଢ଼ଉ ଆରମ୍ଭ କରିଥିଲେ। ଆଇ-ପ୍ୟାକ୍ ହେଉଛି ତୃଣମୂଳ କଂଗ୍ରେସର ନିର୍ବାଚନ ରଣନୀତିକାର ସଂସ୍ଥା। ୨୦୨୧ ବିଧାନସଭା ନିର୍ବାଚନରେ ମମତାଙ୍କ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ସଂସ୍ଥାର ପ୍ରତିଷ୍ଠା କରିଥିଲେ ପ୍ରଶାନ୍ତ କିଶୋର। ପ୍ରଶାନ୍ତ ରାଜନୀତିରେ ଯୋଗଦେବା ପରେ ପ୍ରତୀକ ଜୈନ ଏହାର ମୁଖ୍ୟ ଅଛନ୍ତି। ଏହି ସଂସ୍ଥା ନିର୍ବାଚନ ସଂପର୍କରେ ତୃଣମୂଳ କଂଗ୍ରେସ ପାଇଁ ରଣନୀତି ପ୍ରସ୍ତୁତ କରିବା ସହିତ ଏହା ଦଳର ମିଡିଆ ଏବଂ ଆଇଟି ସେଲ୍ ଭାବେ କାର୍ଯ୍ୟ କରୁଛି।

ପ୍ରତୀକ ଜୈନଙ୍କ ଘରେ ଚଢ଼ଉ ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାରେ ପୁଲିସ ଓ ସରକାରୀ ଅଧିକାରୀଙ୍କୁ ନେଇ ପହଞ୍ଚିଥିଲେ। କିଛି ସମୟ ପରେ ବ୍ୟସ୍ତ ବିବ୍ରତ ଦେଖାଯାଉଥିବା ମମତା ହାତରେ ଏକ ସବୁଜ ଫାଇଲ ଧରି ବାହାରକୁ ଆସିଥିଲେ। ସେ ଅଭିଯୋଗ କରିଥିଲେ ଯେ ରାଜନୈତିକ ▶ପୃଷ୍ଠା-୭

# ଶୀତ ଆହୁରି ୨ ସପ୍ତାହ

## ୧୨ରୁ କଲବଲ କରିବ ଅତି ଘନ କୁହୁଡ଼ି

■ ଭୁବନେଶ୍ୱର, ୮।୧ (ସମିସ): ରାଜ୍ୟରେ ଜାରି ରହିଥିବା ଶୀତରୁ ନିକଟରେ ମୁକ୍ତି ମିଳିବନି। ଯଦିଓ ବର୍ତ୍ତମାନ ତୁଳନାରେ ତାପମାତ୍ରା ସାମାନ୍ୟ ବଢ଼ିବ; ତେବେ ଆହୁରି ୨ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ଶୀତ ଜାରି ରହିବ। ଗୁରୁବାର ଭାରତୀୟ ପାଣିପାଗ ବିଭାଗ-ଆଇଏମ୍‌ଡି ପକ୍ଷରୁ ପ୍ରକାଶିତ ବିସ୍ତାରିତ ପରିସର ଆକଳନରେ ଏଭଳି ସୂଚନା ଦିଆଯାଇଛି। ଆଏମ୍‌ଡି ପକ୍ଷରୁ ପ୍ରକାଶତି ଏହି ୧୫ ଦିନିଆ ଆକଳନରେ କୁହାଯାଇଛି, ଓଡ଼ିଶାରେ ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ଥଣ୍ଡା ଜାରି ରହିବ। ଏହି ସମୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିବ। ତେଣୁ ରାଜ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ଆଶଙ୍କା କରାଯାଉଛି।



ରେକର୍ଡ ୨ ଡିଗ୍ରୀକୁ ଖସିଲା ତାପମାତ୍ରା

ଭୁବନେଶ୍ୱରରେ ୯ ଡିଗ୍ରୀ ତଳେ ପାରଦ

ଶୀତ ସାଙ୍ଗକୁ ରାଜ୍ୟରେ ୧୨ ତାରିଖରୁ ଅନେକ ସ୍ଥାନରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ୧୨ରୁ ୩ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ଆଶଙ୍କା ରହିଛି। ଗୋଟିଏ ଗୁରୁଚାପ ବଳୟ ସକ୍ରିୟ ହେବାକୁ ଯାଉଛି। ଏହା ପ୍ରଭାବରେ ରାଜ୍ୟକୁ ପ୍ରଚୁର ମାତ୍ରାରେ ବଙ୍ଗୋପସାଗରୀୟ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହ ବଢ଼ିବ। ଫଳରେ ରାଜ୍ୟରେ ଘନ କୁହୁଡ଼ି ଅନୁଭୂତ ହେବ। ଏହି ସମୟରେ ବିଶେଷ କରି ଉପକୂଳ ଓଡ଼ିଶାର କିଛି ସ୍ଥାନରେ ଅତି ଘନ କୁହୁଡ଼ି ଆଶଙ୍କା କରି ୧୨ରୁ ବିଭିନ୍ନ ଜିଲ୍ଲା ପାଇଁ ଘନ କୁହୁଡ଼ି ଜନିତ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପଟେ ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ତାପମାତ୍ରା ରେକର୍ଡ ୨ ଡିଗ୍ରୀକୁ ଖସିଛି। ଗତ ୨୪ ଘଣ୍ଟାରେ ଜି. ଉଦୟଗିରିରେ ତାପମାତ୍ରା ୨.୫ ଡିଗ୍ରୀ ▶ପୃଷ୍ଠା-୭

# ୩ ଅଦାଲତକୁ ଇ-ମେଲ୍‌ରେ ବୋମା ଧମକ

■ କଟକ/ସମ୍ବଲପୁର, ୮।୧ (ସମିସ): ରାଜ୍ୟର ତିନି ଗୋଟି ଜିଲ୍ଲା ଅଦାଲତରେ ବୋମା ଆତଙ୍କ। ଅଦାଲତଗୁଡ଼ିକୁ ବୋମାରେ ଉଡ଼ାଇ ଦିଆଯିବ ବୋଲି ଇ-ମେଲ୍‌ରେ ଆସିଥିବା ଧମକ ଆଜି ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏଥିପାଇଁ କଟକ, ଦେବଗଡ଼, ସମ୍ବଲପୁର ଜିଲ୍ଲା ଅଦାଲତ ସହ ହାଇକୋର୍ଟରେ ଧାଁଦଉଡ଼ ହୋଇଥିଲା। ଓକିଲ-ମହକିଲଙ୍କ ସମେତ ସାଧାରଣ ଜନତା କିଛି ସମୟ ଆତଙ୍କିତ ହୋଇପଡ଼ିଥିଲେ। ପୁଲିସ ପକ୍ଷରୁ ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ଯାଞ୍ଚ କରାଯାଇଥିଲା। କିନ୍ତୁ କୌଣସି ସ୍ଥାନରୁ ବୋମା କିମ୍ବା କିଛି ଆପତ୍ତିଜନକ ସାମଗ୍ରୀ ମିଳି ନଥିଲା। ଏଭଳି ଘଟଣା ପାଇଁ ଅଦାଲତର ଶୁଣାଣି ଦୁଇଘଣ୍ଟା ବାଧାପ୍ରାପ୍ତ ହୋଇଥିଲା। ଏହି ଅଜ୍ଞାତ ଧମକପୂର୍ଣ୍ଣ ଇ-ମେଲ୍ କଟକ, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲା ଜଜ୍ କୋର୍ଟକୁ ଆସିଥିଲା। ସେଥିରେ ଉଲ୍ଲେଖ କରାଯାଇଥିଲା ଯେ ଉକ୍ତ ଅଦାଲତଗୁଡ଼ିକରେ ସି-୪ ଆରଡିଏକ୍ସ ଭଳି ବିସ୍ଫୋରକ ରଖାଯାଇଛି। ଦିନ ୨ଟା ୩୫ରେ ଏହି ଆରଡିଏକ୍ସ ବିସ୍ଫୋରଣ ହେବ। ଏଣୁ, ସମୟ ପୂର୍ବରୁ ସମସ୍ତେ ଅଦାଲତ ଛାଡ଼ିଦେବାକୁ ଉକ୍ତ ମେଲ୍‌ରେ ଧମକ ଦିଆଯାଇଥିଲା। ଏହା ଜଣାପଡ଼ିବା ପରେ ମଧ୍ୟାହ୍ନ ସାଢ଼େ ୧୨ଟାରେ କଟକ ଜିଲ୍ଲା ଅଦାଲତର ବିଚାରପତିମାନେ ବାହାରକୁ ▶ପୃଷ୍ଠା-୭

### ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ



■ ଭୁବନେଶ୍ୱର,୮।୧(ସମିସ): ଗୁରୁବାର ସମ୍ବଲପୁର, କଟକ ଓ ଦେବଗଡ ଆଦି ବିଭିନ୍ନ ସ୍ଥାନର ଜିଲ୍ଲାସ୍ତରୀୟ କୋର୍ଟକୁ ବୋମା ଧମକ ଆସିଥିବା ବେଳେ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ରାଜ୍ୟ ସରକାର। ଏନେଇ ଆଜି ସନ୍ଧ୍ୟାରେ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ▶ପୃଷ୍ଠା-୭

### ଚିନ୍ତା ପ୍ରକଟ କଲେ ନବୀନ



■ ଭୁବନେଶ୍ୱର, ୮।୧ (ସମିସ): ରାଜ୍ୟର ଜିଲ୍ଲା କୋର୍ଟଗୁଡ଼ିକୁ ବୋମା ଧମକକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ଇମେଲ ଯୋଗେ ସମ୍ବଲପୁର, କଟକ ଓ ଦେବଗଡ଼ର ଜିଲ୍ଲା କୋର୍ଟକୁ ବୋମା ଆକ୍ରମଣର ଧମକ ମିଳିବା ଅତ୍ୟନ୍ତ ଚିନ୍ତାଜନକ। ଆମ ନ୍ୟାୟିକ ପ୍ରତିଷ୍ଠାନଗୁଡ଼ିକ ସମେତ ବିଚାରପତି, ଓକିଲ, ମକଦ୍ଦମାକାରୀ, କୋର୍ଟ କର୍ମଚାରୀ ତଥା ସାଧାରଣ ଲୋକଙ୍କ ସୁରକ୍ଷା ସର୍ବୋପରି। ଭାରପ୍ରାପ୍ତ ▶ପୃଷ୍ଠା-୭

ପୁଙ୍ଖାନୁପୁଙ୍ଖ ଏବଂ ଉପଯୁକ୍ତ ଯାଞ୍ଚ ଦାବି

ନ୍ୟାୟିକ ପ୍ରତିଷ୍ଠାନ, ସାଧାରଣ ଲୋକଙ୍କ ସୁରକ୍ଷା ସର୍ବୋପରି

# ଆୟର ୭୫% ଦାନ କରିବେ ଅନିଲ ଅଗ୍ରୱାଲ

■ ମୁମ୍ବଇ, ୮।୧ (ଏଜେନ୍ସି): ପୁତ୍ର ଶୋକରେ ମର୍ମାହତ ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ନିଜ ଆୟର ୭୫ ପ୍ରତିଶତ ଦାନ କରିବେ ବୋଲି ଘୋଷଣା କରିଛନ୍ତି। ପୁଅର ମୃତ୍ୟୁକୁ ନେଇ ଅନିଲ ଭାଙ୍ଗି ପଡ଼ିଥିବା ବେଳେ ଦୁଃଖର ସହ କହିଛନ୍ତି ଯେ ଖରାପ ସମୟ ଚାଲିଯାଇଛି ବୋଲି ଆମକୁ ଲାଗିଥିଲା; କିନ୍ତୁ ଭାଗ୍ୟ ଆଉ କିଛି ଚାହୁଁଥିଲା। ସେ ପୁଅକୁ ମନେ ପକାଇ ଏହାକୁ ଜୀବନର ସବୁଠାରୁ ଅନ୍ଧକାରମୟ ଦିନ ବୋଲି କହିଛନ୍ତି। ପୁଅକୁ ଦେଇଥିବା ପ୍ରତିଶ୍ରୁତି ପାଳନ କରି ଅନିଲ ନିଜ ଆୟର ୭୫ ଅଂଶ ଦାନ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଏକ ଦୁର୍ଘଟଣାର ଶିକାର ହୋଇ ଆମେରିକାରେ ଚିକିତ୍ସିତ ହେଉଥିବା ଅନିଲ ଅଗ୍ରୱାଲଙ୍କ ପୁଅ ଅଗ୍ନିବେଶଙ୍କର ଗତକାଲି ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ଆମେରିକାରେ ସ୍କିଇଁ କରୁଥିବା ସମୟରେ ସେ ଆହତ ହୋଇଥିଲେ। ଚିକିତ୍ସା ପାଇଁ ନ୍ୟୁୟର୍କର ମାଉଣ୍ଟ ସିନାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତ ହେବାରୁ ବୁଧବାର ଅଗ୍ନିବେଶ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

ଅଗ୍ନିବେଶଙ୍କ ବିୟୋଗରେ ମୋଦୀ, ମୋହନ ଓ ନବୀନଙ୍କ ଶୋକ

ଅଗ୍ନିବେଶଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି। ୧୯୭୬ ଜୁନ୍ ୩ରେ ଜନ୍ମିତ ଅଗ୍ନିବେଶ ଜଣେ ଉତ୍ତମ ବ୍ୟକ୍ତି ଥିଲେ। ସେ ଆଜମେରର ମେୟୋ କଲେଜରୁ ପ୍ରାରମ୍ଭିକ ଶିକ୍ଷା ଆରମ୍ଭ କରିଥିଲେ। ସେ ବେଦାନ୍ତର କମ୍ପାନୀ ତଲୱଣ୍ଡି ସାବୋ ପାୱାର ଲିମିଟେଡ (ଟିଏସପିଏଲ) ର ବୋର୍ଡରେ ▶ପୃଷ୍ଠା-୭

# ଢେଙ୍କାନାଳରେ ପ୍ରତିଷ୍ଠା ହେବ ୬ ନିୟୁତ ଟନ୍‌ର ଷ୍ଟିଲ୍ କାରଖାନା

### ୫୫,୭୮୩ କୋଟି ଟଙ୍କାର ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ

■ ଭୁବନେଶ୍ୱର, ୮।୧ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୪୩ତମ ହାଇଲେବୁଲ କ୍ଲିୟରାନ୍ସ କମିଟି (ଏଚ୍‌ଏଲ୍‌ସିଏ) ବୈଠକରେ ୫୫,୭୮୩ କୋଟି ଟଙ୍କାର ଶିଳ୍ପ ନିବେଶ ଅନୁମୋଦନ ମିଳିଛି। ଏଥିରେ ମୋଟ ୭ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ ଥିବାବେଳେ ଏହାଦ୍ୱାରା ପ୍ରାୟ ୧୪,୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ନିବେଶ ଅନୁମୋଦନ ମାଧ୍ୟମରେ ଆମେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଧ୍ୟାନ ଦେଇ ରାଜ୍ୟକୁ ସଶକ୍ତ, ଆତ୍ମନିର୍ଭର ଏବଂ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ପାଇଁ ପ୍ରସ୍ତୁତ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନୁମୋଦନ ଲାଭ କରିଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ଷ୍ଟିଲ୍, ରେୟାର ଆର୍ଥ ମ୍ୟାନୁଫ୍ୟାକ୍‌ଚରିଂ, ଅଟୋ-ମୋବାଇଲ୍ସ ଓ ଅଟୋ-କମ୍ପୋନେଣ୍ଟସ୍, ସେମିକଣ୍ଡକ୍ଟର୍ସ, ଇଣ୍ଡଷ୍ଟ୍ରିଆଲ ଗ୍ୟାସେସ୍, ଫେରୋଆଲୟସ୍ ଏବଂ ପାୱାର ଓ ରିନିଉଏବଲ ଏନର୍ଜି ଭଳି କ୍ଷେତ୍ର ସାମିଲ ରହିଛି।

ଷ୍ଟିଲ୍ କ୍ଷେତ୍ରରେ ସାଫ୍ରନ ରିସୋର୍ସେସ୍ ପ୍ରାଇଭେଟ୍ ଲିମିଟେଡ୍ (ଜେଏସ୍‌ଡବ୍ଲୁ ଗ୍ରୁପ୍‌ର ଏକ କମ୍ପାନୀ) ଢେଙ୍କାନାଳରେ ୩୫,୦୦୦ କୋଟି ଟଙ୍କା ▶ପୃଷ୍ଠା-୭

# 'ଓମ୍‌ସା' ଆନ୍ଦୋଳନ ସ୍ଥଗିତ

■ ଭୁବନେଶ୍ୱର,୮।୧(ସମିସ): ଦାବି ପୂରଣ ନେଇ ସରକାରଙ୍କ ପାଖରୁ ଦୃଢ଼ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନରୁ ଓହରିଛି ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମ୍‌ସା)। ଇତିମଧ୍ୟରେ ସଂଘର କେତେକ ଦାବି ସରକାର ପୂରଣ କରି ସାରିଛନ୍ତି। ବାକି ସମସ୍ତ ଦାବି ପୂରଣ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ସଚିବଙ୍କର ନିର୍ଭର ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ସଂଘର ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।

ଗୁରୁବାର ଓମସା ପ୍ରତିନିଧି ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଛି। ବୈଠକ ପରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ଡାକ୍ତରମାନଙ୍କ ଦାବି ପୂରଣ ପାଇଁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। କମିଟି ଡାକ୍ତରମାନଙ୍କର ଦାବିକୁ ତର୍ଜମା କରିବ। ଏହାପରେ ସଂଘର ଦାବି ତଥା କମିଟିର ସୁପାରିସ ଆଧାରରେ ସରକାର ଯଥାଶୀଘ୍ର ଦାବି ପୂରଣ କରାଯିବ। ଆଲୋଚନା ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ହୋଇଛି ଓ ଡାକ୍ତରମାନେ ଆନ୍ଦୋଳନ ବନ୍ଦ ପାଇଁ ସମ୍ମତି ପ୍ରକାଶ କରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଅପରପକ୍ଷେ ଓମସା ସଭାପତି ଡାକ୍ତର ମିଶ୍ରଙ୍କ ସୂଚନା ଅନୁଯାୟୀ ଆସନ୍ତା ୧୨ ▶ପୃଷ୍ଠା-୭

କମିଟି ସୁପାରିସ ଆଧାରରେ ପୂରଣ ହେବ ଦାବି: ସ୍ୱାସ୍ଥ୍ୟମନ୍ତ୍ରୀ

ସବୁ ଦାବି ପୂରଣ ପାଇଁ ସରକାର ଦେଇଛନ୍ତି ଦୃଢ଼ ପ୍ରତିଶ୍ରୁତି : ଓମ୍‌ସା

## ବୁମେରାଂ ହେଲା ପରିବହନ ବିଭାଗର 'ଅନ୍ଧ ନୀତି'

# ୧ ହଜାରକୁ କମିବ ପିୟୁସିସି ଜରିମାନା !

■ ଭୁବନେଶ୍ୱର, ୮।୧ (ସମିସ): ପ୍ରଦୂଷଣ ସାର୍ଟିଫିକେଟ୍ (ପିୟୁସିସି) ଓ ଏହାକୁ ନେଇ ମୋଟା ଅଙ୍କର ଜରିମାନା ଆଦାୟ କରିବାକୁ ପରିବହନ ବିଭାଗ କରିଥିବା ଫନ୍ଦି ଏବେ ସରକାରଙ୍କ ପାଇଁ ବୁମେରାଂ ହୋଇଛି। ଏହି ପ୍ରସଙ୍ଗକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ସରକାରଙ୍କୁ ଚାରି ଆଡୁ ସମାଲୋଚନା କରାଯାଉଛି। ଦିନକୁ ଦିନ ଏହି ପ୍ରସଙ୍ଗରେ ଜନ ଅସନ୍ତୋଷ ଦାନା ବାନ୍ଧୁଥିବା ବେଳେ ବିଜେଡି ଏହି ପ୍ରସଙ୍ଗରେ ରାସ୍ତାକୁ ଓହ୍ଲାଇଛି। ଜନ ଅସନ୍ତୋଷ ଭୟ ଏବେ ସରକାରଙ୍କୁ ଘାରିଛି ଓ ପ୍ରଦୂଷଣ ଜୋରିମାନା ସଂକ୍ରାନ୍ତରେ ସରକାର ଏକ ବଡ଼ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଭଳି ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ୧୦ ହଜାର ଟଙ୍କା ବଦଳରେ ୧ ହଜାର ଟଙ୍କା ଜୋରିମାନା ନିମନ୍ତେ ସରକାର ଯୋଜନା କରୁଛନ୍ତି। ଏହା ସହ ପ୍ରଦୂଷଣ ଜୋରିମାନା ହୋଇଥିବା ଦିନଠାରୁ ୭ ଦିନ ମଧ୍ୟରେ ଗାଡ଼ି ମାଲିକ ପ୍ରମାଣପତ୍ର ଦାଖ କଲେ ସମ୍ପୂର୍ଣ୍ଣ ଜୋରିମାନା ଛାଡ଼ ପାଇଁ ମଧ୍ୟ ସରକାର ଯୋଜନା କରିଛନ୍ତି । ବିଶେଷକରି 'ପିୟୁସିସି ନ ଥିଲେ ତେଲ ମନା' ନିର୍ଦ୍ଦେଶ ସରକାରଙ୍କୁ ଅଡୁଆରେ ପକାଇଛି। ଏପରିକି ଏହାକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ଏହାପରେ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ହସ୍ତକ୍ଷେପ କରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପିୟୁସିସି ନାଁରେ ପରିବହନ ବିଭାଗ ବକେୟା ଚାଲାଣ ଆଦାୟ ପାଇଁ କରିଥିବା ଫନ୍ଦି ଏକପ୍ରକାର ଫସର ଫାଟିଛି। ଏହାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ସାମାଜିକ ଗଣମାଧ୍ୟମରେ ରାଜ୍ୟବାସୀ ସରକାରଙ୍କୁ କାଠଗଡ଼ାରେ ଠିଆ କରିଛନ୍ତି । ରାଜ୍ୟରେ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ଲୋକଙ୍କ ମନରେ ରହିଥିବା ରୋଷକୁ ପ୍ରଦୂଷଣ ପ୍ରମାଣପତ୍ର ଯନ୍ତ୍ରଣା ବହୁଗୁଣିତ କରିଛି । ଏହା ବଳବତ୍ତର ରହିଲେ ଶାସକ ଦଳ ଓ ରାଜ୍ୟ ସରକାରଙ୍କ ବିରୋଧରେ ଜନମତ ସୃଷ୍ଟି ହେବା ଆଶଙ୍କା ରହିଥିବାରୁ ଜୋରିମାନା ହ୍ରାସ ଓ ନିୟମ କୋହଳ କରିବାକୁ ସରକାର ଆପାତତଃ ନିଷ୍ପତ୍ତି ନେଇଛନ୍ତି। ଦିନେ ଦୁଇଦିନ ଭିତରେ ଏ ସମ୍ପର୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇପାରେ ବୋଲି କୁହାଯାଉଛି। ଗାଡ଼ିଚାଳକଙ୍କ ପାଇଁ ରହିଥିବା ଜରିମାନା ରାଶିକୁ ହ୍ରାସ କରି ଜନଅସନ୍ତୋଷକୁ ▶ପୃଷ୍ଠା-୭

▶▶ ଏପ୍ରିଲ ପହିଲା ଯାଏଁ ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚ କୋହଳ

▶▶ ଟୋଲ୍‌ଗେଟ ଇ-ଡିଟେକ୍ସନରେ ଏବେ କଟିବନି ଚାଲାଣ

▶▶ ଜନଅସନ୍ତୋଷ ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ହସ୍ତକ୍ଷେପ

## ବୈଷ୍ଣୋଦେବୀ ମେଡିକାଲ କଲେଜର ଏମ୍‌ବିବିଏସ୍ ମାନ୍ୟତା ରଦ୍ଦ

ନୂଆଦିଲ୍ଲୀ, ୮ ।୧(ଏଜେନ୍ସି): ଜମ୍ମୁସ୍ଥିତ ବୈଷ୍ଣୋଦେବୀ ମେଡିକାଲ କଲେଜର ଏମ୍‌ବିବିଏସ୍ ମାନ୍ୟତାକୁ ରଦ୍ଦ କରାଯାଇଛି । ଗତବର୍ଷ ହିଁ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମ ଚଳାଇବାକୁ ମାନ୍ୟତା ମିଳିଥିଲା । ଜାତୀୟ ମେଡିକାଲ କମିଶନ (ଏନ୍‌ଏମ୍‌ସି) କଲେଜର ମାନଦଣ୍ଡ ଉଲ୍ଲଂଘନ ହେଉଥିବା ଦେଖି ଏହି ନିଷ୍ପତ୍ତି ନେଇଛି । ବର୍ତ୍ତମାନ ପଢୁଥିବା ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କୁ ଅନ୍ୟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯିବ । ଏଠାରେ ମୁସଲିମ ଛାତ୍ରଙ୍କ ଆଡମିସନ ନେଇ ବିବାଦ ସୃଷ୍ଟି ହୋଇଥିଲା । ୨୦୨୫-୨୬ ବର୍ଷର ପ୍ରଥମ ବ୍ୟାଚ୍‌ରେ ୪୨ ମୁସଲମାନ, ୭ ହିନ୍ଦୁ ଓ ଜଣେ ଶିଖ ଛାତ୍ରଙ୍କୁ ସିଟ୍ ଆବଣ୍ଟନ ତାଲିକାରେ ରଖାଯାଇଥିଲା । ପରେ ଅନେକ ହିନ୍ଦୁ ସଂଗଠନ ଏହାକୁ ନେଇ ବିରୋଧ ପ୍ରଦର୍ଶନ କରିଥିଲେ । ସିଟ୍ ଆବଣ୍ଟନରେ ଭେଦଭାବ ହୋଇଛି ବୋଲି ସେମାନେ ଅଭିଯୋଗ କରିଥିଲେ । ଏହି କଲେଜ ବୈଷ୍ଣୋଦେବୀ ଭକ୍ତଙ୍କ ଦାନରେ ଚାଲୁଛି, ତେଣୁ ହିନ୍ଦୁ ଛାତ୍ରଙ୍କୁ ଆଡମିଶନରେ ଅଧିକ ଗୁରୁତ୍ୱ ଦେବାକୁ ସେମାନେ ଦାବି କରିଥିଲେ ।

## ବିଜେପିରେ ଯୋଗ ଦେଲେ ୧୨ ନିଲମ୍ବିତ କଂଗ୍ରେସ କାଉନସିଲର

ମୁମ୍ବଇ, ୮ ।୧(ଏଜେନ୍ସି): ମହାରାଷ୍ଟ୍ର ପୌର ନିର୍ବାଚନରେ ଏଥର କେତୋଟି ଅଜବ ଘଟଣା ଦେଖିବାକୁ ମିଳିଛି । ଅମ୍ବରନାଥରେ ପାର୍ଟି ବିଚାରଧାରକୁ ଉଲ୍ଲଂଘନ କରି ବିଜେପି- ଏନ୍‌ସିପି ସହିତ ମେଣ୍ଟ କରିଥିବା ୧୨ କଂଗ୍ରେସ କାଉନସିଲରଙ୍କୁ ପାର୍ଟି ନିଲମ୍ବନ କରାଯାଇଥିଲା । ଏବେ ୧୨ କାଉନସିଲର ବିଜେପିରେ ଯୋଗ ଦେଇଛନ୍ତି ବୋଲି ମହାରାଷ୍ଟ୍ର ବିଜେପି ସଭାପତି ରବୀନ୍ଦ୍ର ଚୌହାନ ବୁଧବାର ରାତିରେ ଘୋଷଣା କରିଛନ୍ତି । ଫଳରେ ଅମ୍ବରନାଥ ପୌର ପରିଷଦରେ ରାଜନୀତି ନୂଆ ମୋଡ଼ ନେଇଛି । ଚୌହାନ କହିଛନ୍ତି ଯେ, 'ଲୋକମାନେ ଏହି କାଉନସିଲରମାନଙ୍କୁ ନିର୍ବାଚିତ କରିଥିଲେ ଓ ସେମାନେ ଲୋକଙ୍କୁ ବିକାଶର ପ୍ରତିଶ୍ରୁତି ଦେଇଥିଲେ । ଏବେ ସେମାନେ ଆମ ସହ ଯୋଗ ଦେଇଛନ୍ତି, କାରଣ ସରକାର ଗତିଶୀଳ ଭାବେ କାର୍ଯ୍ୟ କରୁଛି ଏବଂ ଲୋକଙ୍କୁ ନ୍ୟାୟ ଓ ବିକାଶ ପ୍ରଦାନ କରିବାରେ ସକ୍ଷମ' । ଡିସେମ୍ବର ୨୦ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଫଳାଫଳ ବାହରିବା ପରେ ବିଜେପି ଓ କଂଗ୍ରେସ ମିଶିକରି ଅମ୍ବରନାଥ ବିକାଶ ଅଘାଡ଼ି ଗଠନ କରିଥିଲେ । ଏହି ମେଣ୍ଟରେ ଅଜିତ ପାୱାରଙ୍କ ଏନ୍‌ସିପି ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ଅମ୍ବରନାଥ ପୌର ପରିଷଦ ନିର୍ବାଚନରେ ମୋଟ୍ ୬୦ଟି ଆସନରୁ ସିନ୍ଦେ ଗୋଷ୍ଠୀ ଶିବସେନା ୨୭, ବିଜେପି ୧୪, କଂଗ୍ରେସ ୧୨, ଏନ୍‌ସିପି ୪ ଓ ସ୍ୱାଧୀନ ପ୍ରାର୍ଥୀ ୩ଟି ଆସନରେ ବିଜୟ ହାସଲ କରିଥିଲେ ।

## ବାଂଲାଦେଶରେ ଆଉ ଜଣେ ରାଜନେତାଙ୍କୁ ହତ୍ୟା

ଢାକା, ୮ ।୧(ଏଜେନ୍ସି): ବାଂଲାଦେଶରେ ଫେବୃଆରୀ ୧୨ରେ ସାଧାରଣ ନିର୍ବାଚନ ଆୟୋଜନ ହେବାକୁ ଯାଉଥିବା ବେଳେ ଆଉ ଜଣେ ରାଜନେତାଙ୍କୁ ହତ୍ୟା କରାଯାଇଛି । ବୁଧବାର ରାତିରେ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)ର ନେତା ଅଜିଜୁର ରହମାନ ମୁସବିରଙ୍କୁ ଗୁଳି କରି ହତ୍ୟା କରାଯାଇଛି । ତାଙ୍କ ସହ ଅବୁ ସୁଫିଆନ ମସୁଦ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି । ରାତି ୮.୪୦ରେ କରବାନ ବଜାରରେ ତେଜତୁରୀ ବଜାର ଅଞ୍ଚଳରେ ଏହି ଘଟଣା ଘଟିଛି । ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଦୁଇଜଣ ଅଜ୍ଞାତ ବାଇକ ସବାର ଅଚାନକ ଗୁଳି କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଫଳରେ ମୁସବିର ଓ ମସୁଦ ଗୁରୁତର ଭାବେ ଆହତ ହୋଇଥିଲେ । ମୁସବିରଙ୍କୁ ବିଆରବି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାବେଳେ ସେ ମୃତ୍ୟୁବରଣ କରିଥିଲେ । ମୁସବିର ବିଏନ୍‌ପିର ସ୍ୱଙ୍ଗସେବୀ ୟୁନିଟ୍‌ର ମହାସଚିବ ଥିଲେ । ସେ ପୂର୍ବରୁ ବିଭିନ୍ନ ରାଜନୈତିକ ମାମଲା କାରଣରୁ ଜେଲ ଯାଇଥିଲେ । ୨୦୨୦ ମହାନଗର ନିର୍ବାଚନରେ ସେ ତେଜଗାଁ ୱାର୍ଡ-୨୬ରେ ବିଏନ୍‌ପି ସମର୍ଥିତ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ । ଗତମାସରେ ଛାତ୍ର ନେତା ଶରିଫ ଉସମାନ ହାଦିଙ୍କୁ ହତ୍ୟା କରାଯାଇଥିଲା ।

## ବାଂଲାଦେଶକୁ ଜେଏଫ୍-୧୭ ବିକ୍ରି କରିବ ପାକିସ୍ତାନ

ଢାକା, ୮ ।୧(ଏଜେନ୍ସି): ପାକିସ୍ତାନ ଜେଏଫ୍-୧୭ ଭଳି ଲଢୁଆ ବିମାନ ବାଂଲାଦେଶକୁ ବିକ୍ରି କରିବା ଖବର ସାମ୍ନାକୁ ଆସିଛି । ପାକିସ୍ତାନ ଏ ନେଇ ପ୍ରସ୍ତୁତି ଆରମ୍ଭ କରିଛି । ଏ ସଂକ୍ରାନ୍ତରେ ଦୁଇ ଦେଶର ବାୟୁସେନା ମୁଖ୍ୟ ଇସ୍‌ଲାମାବାଦ୍‌ରେ ପରସ୍ପର ସହ ଆଲୋଚନା କରିଛନ୍ତି ଓ ଏ ନେଇ ପାକିସ୍ତାନ ସେନା ତରଫରୁ ସୂଚନା ଦିଆଯାଇଛି । ପାକିସ୍ତାନ ବାୟୁସେନା ମୁଖ୍ୟ ଏୟାର ଚିଫ ମର୍ଶାଲ ଜାହିର ଅହମ୍ମଦ ବାବର ସିଦ୍ଧୁ ଓ ବାଂଲାଦେଶ ବାୟୁସେନା ମୁଖ୍ୟ ହସନ ମହମ୍ମୁଦ ଖାନ୍‌ଙ୍କ ମଧ୍ୟରେ ବିସ୍ତୃତ ଭାବେ ବୈଠକ ହୋଇଛି ବୋଲି ବାଂଲାଦେଶ ଖବର କାଗଜ 'ଡେଲି ଷ୍ଟାର' ସୂଚନା ଦେଇଛି । ବିମାନ କିଣାବିକା ସହ ପ୍ରତିରକ୍ଷା ସହଯୋଗ ନେଇ ଦୁଇ ଅଧିକାରୀ ମଧ୍ୟରେ ଚର୍ଚ୍ଚା ହୋଇଥିଲା । ଜେଏଫ୍-୧୭ ଥଣ୍ଡର ବିମାନ ହେଉଛି ଏକ ମଲ୍ଟି-ରୋଲ କମ୍ବାଟ ଲଢୁଆ ବିମାନ । ଏହାକୁ ପାକିସ୍ତାନ ଓ ଚୀନ ସାଥି ହୋଇ ବିକଶିତ କରିଥିଲେ । ଏହି ବିମାନ ବାୟୁରୁ ବାୟୁ ଓ ବାୟୁରୁ ଭୂମି ଉପରେ ଆକ୍ରମଣ କରିପାରିବ । ଅନ୍ତରୀଣ ସରକାର ଦାୟିତ୍ୱକୁ ଆସିବା ପରେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟ ସମ୍ପର୍କ ସୁଦୃଢ ହେବାରେ ଲାଗିଛି ।

## କାର୍ ଦୁର୍ଘଟଣାରେ ୪ ଛାତ୍ର ମୃତ

ହାଇଦରାବାଦ, ୮ ।୧(ଏଜେନ୍ସି): ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲ୍ଲାର ଚେଭେଲ୍ଲା ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଏକ କାର୍ ଦୁର୍ଘଟଣାରେ ୪ ଜଣ ଛାତ୍ର ମୃତ୍ୟୁବରଣ କରିଥିବା ବେଳେ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି । ଏହି ଛାତ୍ରମାନେ ଆଇସିଏଫ୍‌ଏଆଇ ବିଜନେସ ସ୍କୁଲର ଛାତ୍ର । ଏଥିରେ ଜଣେ ଛାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି । ପୁଲିସ ଦେଇଥିବା ସୂଚନା ଅନୁସାରେ ଦ୍ରୁତଗତିରେ ଆସୁଥିବା ଏହି କାର୍ ଡିଭାଇଡରରେ ଧକ୍କା ଦେବା ଫଳରେ ଏକ ଗଛକୁ ଧକ୍କା ଦେଇ ତା ଭିତରେ ଏକ ପ୍ରକାର ପଶିଯାଇଥିଲା । ସବୁ ଛାତ୍ର ଜଣେ ବନ୍ଧୁଙ୍କ ଜନ୍ମଦିନ ପାର୍ଟିରେ ଯୋଗ ଦେଇ ଫେରୁଥିଲେ ।

## ଆମେରିକାରେ କୋକେନ ସହ ଧରାପଡ଼ିଲେ ଦୁଇ ଭାରତୀୟ ଟ୍ରକ ଡ୍ରାଇଭର



ଇଣ୍ଡିଆନାପଲିସ୍, ୮ ।୧(ଏଜେନ୍ସି): ଆମେରିକାରେ ଇଣ୍ଡିଆନାପଲିସର ପୁଲିସ କର୍ମଚାରୀ ଦୁଇଜଣ ଭାରତୀୟ ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ କରି ସେମାନଙ୍କଠାରୁ ୩୦୯ ପାଉଣ୍ଡ କୋକେନ ଭଳି ନିଶାଦ୍ରବ୍ୟ ଜବତ କରିଛି । ଏହାର ଦାମ ପାଖାପାଖି ୭୦ ଲକ୍ଷ ଡଲାର ଅର୍ଥାତ ୫୮ କୋଟି ଟଙ୍କା ବୋଲି କୁହାଯାଇଛି । ଏହି ଦୁଇଜଣ ହେଲେ ୨୫ ବର୍ଷୀୟ ଗୁରପ୍ରୀତ ସିଂହ ଓ ୩୦ ବର୍ଷୀୟ ଯଶବୀର ସିଂହ । ଏହି ଦୁଇଜଣ କାଲିଫର୍ଣ୍ଣିଆର ବାସିନ୍ଦା ଓ ଅବୈଧ ଭାବେ ଆମେରିକାର ଅନୁପ୍ରବେଶ କରିଥିଲେ ବୋଲି କୁହାଯାଉଛି । ଏହି ମାମଲା ଗୁରୁତର ନିଶାଦ୍ରବ୍ୟ ଚୋରାଚାଲାଣ ସହିତ ଜଡିତ । ପୁଲିସ ସାଧାରଣ ଯାଞ୍ଚ୍ ପାଇଁ ଏହି ଟ୍ରକକୁ ଇଣ୍ଟରଷ୍ଟେଟ-୭୦ ହାଇୱେରେ ରୋକିଥିଲା । ଯାଞ୍ଚ ଅବସରରେ ପୁଲିସର ସନ୍ଦେହ ହେବା କାରଣରୁ ଡଗ୍‌ସ୍କ୍ୱାଡ଼କୁ ଡକାଯାଇଥିଲା ଓ ଟ୍ରକ୍‌ରେ କୋକେନ ଥିବା ଜଣାପଡ଼ିଥିଲା । ସେମାନେ ଏହି କୋକେନକୁ ସ୍ଲିପର ବର୍ଥରେ ଲୁଚାଇ ରଖିଥିଲେ । ଇମିଗ୍ରେସନ ଓ କଷ୍ଟମ୍ସ ଏନଫୋର୍ସମେଣ୍ଟ (ଆଇସିଇ) ଉଭୟଙ୍କ ଉପରେ ଦେଶରୁ ନିଷ୍କାସନ ପ୍ରକ୍ରିୟାକୁ ରୋକିଛି । ଜବତ ହୋଇଥିବା କୋକେନ ୧୧୩, ୦୦୦ ଆମେରିକୀୟ ନାଗରିକଙ୍କ ଜୀବନକୁ ବିପଦରେ ପକାଇବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ଫେଡେରାଲ ଅଧିକାରୀମାନେ କହିଛନ୍ତି । ଯଶବୀର ୨୦୧୭ ମାର୍ଚ୍ଚ ୨୧ରେ ବେଆଇନ୍ ଭାବେ ଆମେରିକାରେ ପ୍ରବେଶ କରିଥିଲେ । ତାଙ୍କୁ ମଧ୍ୟ ୨୦୨୫ ଡିସେମ୍ବରରେ ଚୋରା ଜିନିଷ ଗ୍ରହଣ କରିଥିବା ଅଭିଯୋଗରେ ଗିରଫ କରାଯାଇଥିଲା ।

**ଲକ୍ଷେ ଲୋକଙ୍କ ଜୀବନକୁ ବିପଦ**

## ବେଙ୍ଗାଲୁରୁ-ବିଜୟୱାଡ଼ା ଏକ୍ସପ୍ରେସୱେରେ ୨୪ ଘଣ୍ଟାରେ ୨୯ କିମିର ସଡ଼କ ନିର୍ମାଣ

ବିଜୟୱାଡ଼ା, ୮ ।୧(ଏଜେନ୍ସି): ଜାତୀୟ ରାଜପଥ ପ୍ରାଧୀକରଣ (ଏନ୍‌ଏଚ୍‌ଏଆଇ) ଗୁରୁବାର ଦୁଇଟି ଗିନିଜ ରେକର୍ଡ ସ୍ଥାପନ କରିଛି । ଆନ୍ଧ୍ରପ୍ରଦେଶର ବେଙ୍ଗାଲୁରୁ- କଡ଼ାପା- ବିଜୟୱାଡା ଅର୍ଥନୈତିକ କରିଡର (ଏନ୍‌ଏଚ୍-୫୪୪ଜି) ଉପରେ ଏନଏଚ୍‌ଏଆଇ ଦୁଇଟି ବଡ଼ ଉପଲବ୍ଧି ହାସଲ କରିଛି । ରାଜପଥ ଇନ୍‌ଫ୍ରାକନ ପ୍ରାଇଭେଟ ଲିମିଟେଡ ମାତ୍ର ୨୪ ଘଣ୍ଟା ମଧ୍ୟରେ ୨୮.୯୫ କିମି ଅର୍ଥାତ ୧୪.୫ କିମିର ଡବଲ ଲେନ୍ ରାସ୍ତା ନିର୍ମାଣ କରିଛି ଓ ୧୦, ୬୭୫ ମେଟ୍ରିକ ଟନ୍ ବିଟୁମିନାସ କଂକ୍ରିଟ (ପିଚୁ) ବିଛାଇ ଏହି ରେକର୍ଡ ସୃଷ୍ଟି କରିଛି । ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ସାମାଜିକ ଗଣ ମାଧ୍ୟମରେ ଏ ନେଇ ପୋଷ୍ଟ କରି ସୂଚନା ଦେଇଛନ୍ତି । ସେ ଏହାକୁ ଭାରତ ଓ ଆନ୍ଧ୍ରପ୍ରଦେଶ ପାଇଁ ଏକ ଗର୍ବ ଓ ଗୌରବର ମୁହୂର୍ତ୍ତ ବୋଲି ଉଲ୍ଲେଖ କରିଛନ୍ତି । ଏହି ପ୍ରକଳ୍ପ ଭାରତମାଳା ପର୍ଯ୍ୟାୟ-୨ ଅଧୀନରେ ଆରମ୍ଭ କରାଯାଇଥିଲା । ଏଥିରେ ଗ୍ରୀନ୍‌ଫିଲ୍ଡ ଓ ବ୍ରାଉନଫିଲ୍ଡ ଉଭୟ ରାସ୍ତା ନିର୍ମାଣ କରାଯାଉଛି । ଏହି ରାସ୍ତାରେ ଯାତ୍ରା କଲେ ଲୋକଙ୍କୁ ସହରର ଭିଡ଼ ଓ ପୁରୁଣା ରାଜପଥ ଦେଇ ଯିବାର ସମସ୍ୟାରୁ ମୁକ୍ତି ମିଳିବ ବୋଲି କୁହାଯାଇଛି । ଏହି ଏକ୍ସପ୍ରେସୱେର ମୋଟ ଲମ୍ବ ୬୨୪ କିମି । ଗ୍ରୀନ୍‌ଫିଲ୍ଡ ୩୪୨ କିମି ଧରି ବ୍ୟାପ୍ତ ହୋଇଛି ଓ ଏହା କୋଡିକୋଣ୍ଡାଠାରୁ ଆଡ୍ଡାଙ୍କି/ ମୁପ୍ପାଭରମ ପର୍ଯ୍ୟନ୍ତ ଲମ୍ବିଛି ।

# ୭ଟି ରାଜ୍ୟର ୧୧ କୋର୍ଟକୁ ବୋମା ଧମକ

ନୂଆଦିଲ୍ଲୀ, ୮ ।୧(ଏଜେନ୍ସି): ଗୁରୁବାର ଦେଶର ୭ଟି ରାଜ୍ୟର ୧୧ଟି କୋର୍ଟକୁ ବୋମା ଧମକ ମଳିଛି । ଫଳରେ ଆତଙ୍କ ସୃଷ୍ଟି ହେବା ସହ ଜରୁରୀକାଳୀନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଧମକ ପରେ ସମସ୍ତ ପ୍ରଭାବିତ କୋର୍ଟ ପରିସରକୁ ଖାଲି କରାଯାଇଛି । ପୁଲିସ ଦଳ, କୁକୁର ସ୍କ୍ୱାଡ଼, ଘଟଣାସ୍ଥଳକୁ ପଠାଯାଇଛି ଓ ତଲାସୀ ଚାଲିଛି । ୭ଟି ରାଜ୍ୟର ଏହି ୧୧ଟି କୋର୍ଟକୁ ଇ-ମେଲ ଜରିଆରେ

**ପଞ୍ଜାବ, ହରିୟାଣା, ହିମାଚଳ, ବିହାର, ଛତିଶଗଡ଼ରେ ସୁରକ୍ଷା କଡ଼ାକଡ଼ି**




ଏହି ଧମକ ମିଳିଛି । ପଞ୍ଜାବରେ ଫିରୋଜପୁର, ମୋଗା, ରୂପନଗର ଜିଲ୍ଲା କୋର୍ଟକୁ ବୋମା ଧମକର ବାର୍ତ୍ତା ମିଳିଥିଲା । ଏଥିସହ ହିମାଚଳ ପ୍ରଦେଶ ହାଇକୋର୍ଟକୁ ମଧ୍ୟ ଏକ ସମାନ ଧମକ ଇ-ମେଲ୍ ଜରିଆରେ ମିଳିଛି । ଫଳରେ କର୍ମଚାରୀ ଓ ଅନ୍ୟମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ପଞ୍ଜାବ ପୁଲିସ ଅନୁସାରେ ଏହି ଧମକପୂର୍ଣ୍ଣ ଇ-ମେଲ ଜିଲ୍ଲା ଓ ସେସନ୍ସ ବିଚାରପତିଙ୍କ ଅଧିକାରୀଙ୍କ ଇ-ମେଲ ଆଇଡିକୁ ପଠାଯାଇଥିଲା । ଏହାପରେ କୋର୍ଟ ପରିସରକୁ ତୁରନ୍ତ ଖାଲି କରାଯାଇଥିଲା । ଅଧିକାରୀମାନେ ଏପର୍ଯ୍ୟନ୍ତ ଇ-ମେଲ୍ ପଠାଇଥିବା ବ୍ୟକ୍ତିଙ୍କ ବିଷୟରେ କିଛି ସୂଚନା ଦେଇନାହାନ୍ତି । ସତର୍କତା ସ୍ୱରୂପ କୋର୍ଟ କମ୍ପ୍ଲେକ୍ସ ଚାରି ପାଖରେ ଥିବା ପାର୍କିଂ ଅଞ୍ଚଳକୁ ମଧ୍ୟ ଖାଲି କରାଯାଇଛି ଓ ବ୍ୟାପକ ପୁଲିସ ମୁତୟନ କରାଯାଇଛି ଓ ଏକାଧିକ ଦଳ ତଲାସୀ ଜାରି ରଖିଛନ୍ତି । ମଧ୍ୟପ୍ରଦେଶର ରେୱାସ୍ଥିତ ଜିଲ୍ଲା କୋର୍ଟକୁ ମଧ୍ୟ ସମାନ ଧମକ ମିଳିଥିଲା । ସେହିପରି କେରଳର କାସାରଗୋଡ଼ ଜିଲ୍ଲା କୋର୍ଟକୁ ମଧ୍ୟ ବୋମା ଧକମ ମିଳିଛି । ଅନ୍ୟପଟେ ବିହାରର ୪ଟି କୋର୍ଟକୁ ମଧ୍ୟ ବୋମା ଧମକ ମିଳିବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ସମ୍ପୂର୍ଣ୍ଣ ଅଞ୍ଚଳକୁ ଖାଲି କରାଯାଇଛି । ଧମକ ମିଳିଥିବା ବିହାରର ୪ଟି କୋର୍ଟ ହେଲା ପାଟନା ସିଭିଲି କୋର୍ଟ, ପାଟନା ସିଟି କୋର୍ଟ, କିଶାନଗଞ୍ଜ ସିଭିଲ କୋର୍ଟ ଓ ଗୟାଜୀ ସିଭିଲ କୋର୍ଟ । ଏକ ଅଜଣା ଇମେଲ ଆଇଡିରୁ ହିଁ ଏହି ଧମକ ମିଳିଥିଲା । ସେହିପରି ଛତିଶଗଡ଼ର ରାଜନନ୍ଦଗାଁ ଜିଲ୍ଲା କୋର୍ଟକୁ ମଧ୍ୟ ଏକ ବୋମା ଧମକ ମିଳିଥିଲା । ସବୁ କୋର୍ଟ ପରିସର ଭିତର ଓ ଚାରି ପାଖରେ ବ୍ୟାପକ ପୁଲିସ ମୁତୟନ କରାଯାଇ ଯାଞ୍ଚ୍ କରାଯାଉଛି ଓ କୋର୍ଟକୁ ଆସୁଥିବା ସବୁ ଲୋକ, କଏଦୀ, ସାକ୍ଷୀ ଓ ଅନ୍ୟମାନଙ୍କୁ ଫେରାଇ ଦିଆଯାଇଛି ।

## ଇରାନରେ ପୁଲିସ ଅଧିକାରୀଙ୍କୁ ହତ୍ୟା

ତେହେରାନ, ୮ ।୧(ଏଜେନ୍ସି): ଇରାନରେ ଦରଦାମ ବୃଦ୍ଧି ନେଇ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି । ଫଳରେ ଦେଶରେ ଏକପ୍ରକାର ଅରାଜକତା ସୃଷ୍ଟି ହୋଇଛି । ବୁଧବାର ଏକ ଚଳନ୍ତା ଗାଡ଼ିରୁ ଜଣେ ଅଜ୍ଞାତ ବନ୍ଧୁକଧାରୀ ଜଣେ ପୁଲିସକର୍ମୀଙ୍କୁ ଗୁଳି କରି ହତ୍ୟା କରାଯାଇଛି । ଇରାନର ଦକ୍ଷିଣ- ପୂର୍ବ ରାଜ୍ୟ ସିସ୍ତାନ ଓ ବଲୁଜିସ୍ତାନରେ ଏହି ଘଟଣା ଘଟିଛି । ମୃତ୍ୟୁବରଣ କରିଥିବା ପୁଲିସକର୍ମୀ ହେଲେ ମହମୁଦ ହକିକତ ବୋଲି ଜଣାପଡ଼ିଛି । ଗତ ଦୁଇଦିନ ମଧ୍ୟରେ ଦ୍ୱିତୀୟ ପୁଲିସକର୍ମୀଙ୍କୁ ହତ୍ୟା କରାଯାଇଛି । ପୂର୍ବରୁ ମଙ୍ଗଳବାର ଏହସାନ ଆଗାଜାନୀ ନାମକ ଜଣେ ପୁଲିସକର୍ମୀଙ୍କୁ ହତ୍ୟା କରାଯାଇଥିଲା । ଗତ ୩ ବର୍ଷ ମଧ୍ୟରେ ସରକାରଙ୍କ ବିରୋଧରେ ପ୍ରଥମଥର ପାଇଁ ବ୍ୟାପକ ଭାବେ ଆନ୍ଦୋଳନ ହେଉଛି । ଏଥିରେ ଯୁବସମାଜ ଅର୍ଥାତ ଜେନ୍- ଜେଡ୍ ଆଗକୁ ବାହାରି ବିକ୍ଷୋଭର ନେତୃତ୍ୱ ନେଉଛି ।

## ମହିଳା ସୁରକ୍ଷାରେ ବେଙ୍ଗାଲୁରୁ, ଚେନ୍ନାଇ ସର୍ବୋତ୍ତମ ସହର

ବେଙ୍ଗାଲୁରୁ, ୮ ।୧(ଏଜେନ୍ସି): ମହିଳାଙ୍କ ସୁରକ୍ଷା ମାମଲାରେ ବେଙ୍ଗାଲୁରୁ, ଚେନ୍ନଇ ଦେଶର ସର୍ବୋତ୍ତମ ସହର ବିବେଚିତ ହୋଇଛି । କର୍ମକ୍ଷେତ୍ର ସଂସ୍କୃତି ପରାମର୍ଶଦାତା ସଂସ୍ଥା ଅବତାର ଗ୍ରୁପ୍ ଦ୍ୱାରା 'ଭାରତରେ ମହିଳାମାନଙ୍କ ଶ୍ରେଷ୍ଠ ସହର' (ଟିସିଡବ୍ଲୁଆଇ) ରିପୋର୍ଟର ଚତୁର୍ଥ ସଂସ୍କରଣରେ ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଛି । ମହିଳାଙ୍କ ଅଂଶଗ୍ରହଣ, ସୁରକ୍ଷା ଓ କ୍ୟାରିଅର ଅଭିବୃଦ୍ଧି ଉପରେ ଅଧାରକରି ଏହି ରିପୋର୍ଟରେ ୧୨୫ଟି ସହର ସ୍ଥାନିତ ହୋଇଛନ୍ତି । ୫୩.୨୯ ସ୍କୋର ସହିତ ବେଙ୍ଗାଲୁରୁ ପ୍ରଥମ ସ୍ଥାନରେ ରହିଛି । ସେହିପରି ଚେନ୍ନଇ ଦ୍ୱିତୀୟ, ପୁଣେ ତୃତୀୟ, ହାଇଦରାବାଦ ଚତୁର୍ଥ, ମୁମ୍ବଇ ୫ମ, ଗୁରୁଗ୍ରାମ ଷଷ୍ଠ, କୋଲକାତା ୭ମ, ଅହମଦାବାଦ ୮ମ, ତିରୁଅନନ୍ତପୁରମ ୯ମ ଓ କୋଏମ୍ବାଟୁର ୧୦ମ ସ୍ଥାନରେ ରହିଛି ।

୨୦୨୨ରୁ ଏପର୍ଯ୍ୟନ୍ତ ପିଛଲା ରିପୋର୍ଟର ତୁଳନା କରାଯାଇଛି । ସହରଗୁଡିକର ର୍‍ୟାଙ୍କିଙ୍ଗ୍ ସିଟି



ଇନ୍‌କ୍ଲୁଜନ ସ୍କୋର (ସିଆଇଏସ୍)କୁ ଆଧାର କରି କରାଯାଇଛି । ଏହା ଅବତାର ଗ୍ରୁପ୍‌ର ଗବେଷଣା ଓ ସରକାରୀ ତଥ୍ୟରୁ ପ୍ରାପ୍ତ । ଟିସିଡବ୍ଲ୍ୟୁଆଇ ରିପୋର୍ଟ ଏକ ଲମ୍ବା ଅନ୍ତର୍ଭୁକ୍ତି ସୂଚକାଙ୍କ ସ୍ଥାପନ କରେ । ଯାହା ଭାରତୀୟ ସହରଗୁଡିକରେ ମହିଳାଙ୍କ ଅଂଶଗ୍ରହଣ, କ୍ୟାରିଅର ସୁରକ୍ଷା ଅଭିବୃଦ୍ଧି ଓ ନିରନ୍ତରତାକୁ କେତେ ପରିମାଣରେ କାର୍ଯ୍ୟକ୍ଷମ କରେ ତାହା ମୂଲ୍ୟାଙ୍କନ କରିଥାଏ । ସହରଗୁଡିକର ର୍‍ୟାଙ୍କିଙ୍ଗ୍ ମୁଖ୍ୟତଃ ଦୁଇଟି ତଥ୍ୟ ଉପରେ ଆଧାରିତ ହୋଇଛି । ଗୋଟିଏ ହେଉଛି ସାମାଜିକ ଅନ୍ତର୍ଭୁକ୍ତି ସ୍କୋର (ଏସ୍‌ଆଇଏସ୍) ଓ ଔଦ୍ୟୋଗିକ ଅନ୍ତର୍ଭୁକ୍ତି ସ୍କୋର (ଆଇଆଇଏସ୍) । ଏସ୍‌ଆଇଏସ୍‌ରେ ଜୀବନର ସହଜତା, ମହିଳା ସୁରକ୍ଷା, କର୍ମଶକ୍ତିରେ ଅଂଶଗ୍ରହଣ ଓ ସଶକ୍ତିକରଣ ପାଇଁ ସୁଯୋଗ ସାମିଲ ରହିଛି । ସେହିପରି ଆଇଆଇଏସ୍‌ରେ ମହିଳା ଅନୁକୂଳ କମ୍ପାନୀଗୁଡିକର ଉପସ୍ଥିତି, ଶିଳ୍ପଗୁଡିକରେ ସମାନ ସୁଯୋଗ ଓ ମହିଳାଙ୍କ ପାଇଁ କ୍ୟାରିଅର ସହାୟତା ଅବସ୍ଥାନ ସାମିଲ ରହିଛି ।

## ବାଂଲାଦେଶରେ ଦୀପୁ ଦାସ ହତ୍ୟା ମାମଲା ମୁଖ୍ୟ ଅଭିଯୁକ୍ତ ଗିରଫ

ଢାକା, ୮ ।୧(ଏଜେନ୍ସି): ବାଂଲାଦେଶରେ ଈଶ ନିନ୍ଦା ଅଭିଯୋଗରେ ଦୀପୁ ଚନ୍ଦ୍ର ଦାସଙ୍କ ହତ୍ୟା ମାମଲରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ୟାସିନ ଆରାଫତ ନାମକ ଜଣେ ପୂର୍ବତନ ଶିକ୍ଷକଙ୍କୁ ଏହି ମାମଲାରେ ବାଂଲାଦେଶ ପୁଲିସ ଗୁରୁବାର ଗିରଫ କରିଛି । ୟାସିନ ହିଁ ଭିଡ଼କୁ ଦୀପୁଙ୍କୁ ଆକ୍ରମଣ କରିବା ପାଇଁ ଉସୁକାଇଥିଲେ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି । ଭିଡ଼କୁ ଏକାଠି କରିବା ସହ ସେ ଦୀପୁଙ୍କୁ ଏକ ଛକକୁ ଟାଣି ନେଇଥିଲେ ଓ ସେଠାରେ ତାଙ୍କୁ ଗଛରେ ଟଙ୍ଗାଇ ନିଆଁ ଲଗାଇ ଦିଆଯାଇଥିଲା । ଆରାଫତ ଜଣେ ସ୍ଥାନୀୟ ବାସିନ୍ଦା ଓ ସେ ମସଜିଦ୍‌ରେ ପାଠ ପଢ଼ାଉଥିଲେ । ଜଣେ ଶିକ୍ଷକ ଭାବେ ତାଙ୍କର ପଦବୀକୁ ନେଇ ଏବେ ଯାଞ୍ଚ୍ କରାଯାଉଛି । ଆରାଫତଙ୍କ ସହ ଏହି ମାମଲାରେ ଗିରଫ ସଂଖ୍ୟା ଏବେ ୨୧ରେ ପହଞ୍ଚିଛି । ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ କର୍ତ୍ତୃପକ୍ଷ ତଦନ୍ତ ଜାରି ରଖିଛନ୍ତି । ଦୀପୁଙ୍କ ହତ୍ୟା କରାଯିବା ପରେ ବାଂଲାଦେଶରେ ଆଉ ୫ ଜଣ ହିନ୍ଦୁ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି ।

## ଝାଡ଼ଖଣ୍ଡରେ ମୁସଲମାନଙ୍କୁ ପିଟିପିଟି ହତ୍ୟା

ଗୋଡ୍ଡା, ୮ ।୧(ଏଜେନ୍ସି): ଝାଡ଼ଖଣ୍ଡର ଗୋଡ୍ଡା ଜିଲ୍ଲାରେ ଜଣେ ମୁସଲମାନ ବ୍ୟକ୍ତି ଭିଡ଼ ହତ୍ୟାର ଶିକାର ହୋଇଛନ୍ତି । ପୋରାଇୟାହାତ ଥାନ ଅନ୍ତର୍ଗତ ମାତିହାନୀ ଗାଁରେ ଗାଇ ଚୋରି ଅଭିଯୋଗରେ କେତେକ ଅଜଣା ବ୍ୟକ୍ତି ଏକାଠି ହୋଇ ବୁଧବାର ୪୫ ବର୍ଷୀୟ ପାପୁ ଅନସାରୀଙ୍କୁ ହତ୍ୟା କରିଛନ୍ତି ବୋଲି ଡିଏସ୍‌ପି ଜେପିଏନ୍ ଚୌଧୁରୀ କହିଛନ୍ତି । ଏହି ଘଟଣା କିପରି ଘଟିଲା ସେ ନେଇ ତଦନ୍ତ ଜାରି ରହିଛି । ତଦନ୍ତ ଶେଷ ହେବା ପରେ ଅଧିକ ତଥ୍ୟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି । ଅନସାରୀ ଜଣେ ଅଭ୍ୟାସଗତ ଅପରାଧୀ ଥିଲେ ଓ ଏକାଧିକ ଆପରାଧିକ ମାମଲାରେ ସେ ପୂର୍ବରୁ ଜେଲ ଯାଇଛନ୍ତି । ପାପୁ ପଥରଗାମା ଥାନା ଅଞ୍ଚଳର ରାଣୀପୁର ଗାଁର ବାସିନ୍ଦା ବୋଲି କୁହାଯାଇଛି । ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ଲୋକଙ୍କୁ ଟାର୍ଗେଟ କରି ହତ୍ୟା କରାଯାଉଥିବା ବେଳେ ଝାଡ଼ଖଣ୍ଡରେ ଏଭଳି ଘଟଣା ଘଟିବା ଚର୍ଚ୍ଚା ସୃଷ୍ଟି କରିଛି । ଏହାକୁ ସ୍ଥାନୀୟ ପ୍ରଶାସନ ଓ କର୍ତ୍ତୃପକ୍ଷ ବେଶ୍ ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।ଛି ।

**ସାମାଜିକ ଗଣମାଧ୍ୟମରେ ହଇଚଇ**

## ୮୦୦ ଲୋକଙ୍କୁ ଏଚ୍‌ଆଇଭି ସଂକ୍ରମିତ କରିଛି ଜଣେ ଝିଅ !

ପାଟନା, ୮ ।୧(ଏଜେନ୍ସି): ସାମାଜିକ ଗଣମାଧ୍ୟମଗୁଡିକରେ ଏବେ ଏକ ଭିଡିଓ ଭାଇରାଲ ହେବା ସହ ହଇଚଇ ସୃଷ୍ଟି କରିଛି । ଏହି ଭିଡିଓରେ ଦାବି କରାଯାଇଛି ଯେ, ଜଣେ ଝିଅ ୧୦, ୨୦, ୩୦ କିମ୍ବା ୫୦ ନୁହେଁ ୮୦୦ ଲୋକଙ୍କୁ ଏଚ୍‌ଆଇଭି ସଂକ୍ରମିତ କରିଛି । ଏ ନେଇ ସୂଚନା ମିଳିବା ପରେ ଲୋକେ ସେହି ଝିଅକୁ ଧରିବା ପାଇଁ ପ୍ରୟାସ କରିଥିଲେ । ଏଥିସହ ଲୋକଙ୍କ ମଧ୍ୟ ଆତଙ୍କ ଖେଳିଯାଇଛି । ସେହି ଝିଅକୁ ବିହାର ରାଜଧାନୀ ପାଟନାର ବସ ଷ୍ଟାଣ୍ଡରେ ଧରିନିଆଯାଇଛି ବୋଲି କୁହାଯାଉଛି । ଏହାର ଭିଡିଓ ହିଁ ଭାଇରାଲ ହୋଇଛି । ପାଟନାରେ ଏଚ୍‌ଆଇଭି ମାମଲା ବୃଦ୍ଧି ପାଇବା ନେଇ ସ୍ୱାସ୍ଥ୍ୟ ବିଭାଗ ଚିନ୍ତା ପ୍ରକଟ କରିଥିଲା । ଫଳରେ ଏହି ଖବରକୁ ବେଶ୍ ଗୁରୁତ୍ୱ ଦିଆଯାଉଛି । ତେବେ ଏହି ଭିଡିଓରେ ଦିଆଯାଇଥିବା ଖବର କେତେ ସତ ବା ମିଛ ସେ ବିଷୟରେ କାହାକୁ ଜଣାନାହିଁ । ଲୋକଙ୍କୁ ଦେଖି ସମ୍ପୃକ୍ତ ଝିଅ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲା । ଏହି ଭିଡିଓକୁ ନେଇ ୟୁଜର୍ସମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି । ଅବଶ୍ୟ ଏ ନେଇ କୌଣସି ପ୍ରାମାଣିକ ତଥ୍ୟ ମିଳିପାରିନାହିଁ । ଭିଡିଓରେ ଝିଅଙ୍କ ମୁହଁ କଭର ହୋଇଛି । ସାମାଜିକ ଜଣମାଧ୍ୟମ ଏକ୍ସରେ ଏହି ଭିଡିଓ ବେଶ୍ ଭାଇରାଲ ହୋଇଛି । ସ୍ଥାନୀୟ ପୁଲିସ ମଧ୍ୟ ଏ ନେଇ କୌଣସି ସୂଚନା ଦେଇନାହାନ୍ତି । କିନ୍ତୁ ଏହାକୁ ନେଇ ପାଟନାରେ ଚର୍ଚ୍ଚା ସୃଷ୍ଟି ହୋଇଛି ।

# ଏବର୍ଷ ୫ ରାଜ୍ୟରେ ନିର୍ବାଚନ: ୩ଟି ରାଜ୍ୟରେ କେବେବି ଜିତିନାହିଁ ବିଜେପି

ନୂଆଦିଲ୍ଲୀ, ୮ ।୧ (ଏଜେନ୍ସି): ଏବର୍ଷ ଅର୍ଥାତ ୨୦୨୬ରେ ଦେଶରେ ୫ଟି ରାଜ୍ୟରେ ନିର୍ବାଚନ ଆୟୋଜନ ହେବ । ଦେଶର ୧୭ ପ୍ରତିଶତ ଜନସଂଖ୍ୟା ନିଜ ପାଇଁ ନୂଆ ସରକାର ଚୟନ କରିବେ । ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, ଆସାମ ଓ ପୁଡୁଚେରୀରେ ନିର୍ବାଚନ ହେବ । ଏଥିମଧ୍ୟରୁ ବିଜେପି ପଶ୍ଚିମବଙ୍ଗ, ତାମିଲନାଡୁ ଓ କେରଳରେ କେବେବି ଜିତିବାକୁ ସକ୍ଷମ ହୋଇନାହିଁ । ସେହିପରି ବାଂଲାଦେଶ, ନେପାଳ, ନ୍ୟୁଜିଲାଣ୍ଡ ସମେତ ବିଶ୍ୱର ୩୬ଟି ଦେଶରେ ମଧ୍ୟ ଏହି ବର୍ଷ ନିର୍ବାଚନ ହେବ । ଦୁଇବର୍ଷ ହେବା ଗାଜା- ପାଲେଷ୍ଟାଇନ୍ ଯୁଦ୍ଧରେ ଫସି ରହିଥିବା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କର ମଧ୍ୟ ଏହି ବର୍ଷ ଭାଗ୍ୟ ପରୀକ୍ଷା ହେବ ।

- ■ ୧୭ ପ୍ରତିଶତ ଭୋଟର ନୂଆ ସରକାର ବାଛିବେ
- ■ ବିଶ୍ୱର ୩୬ଟି ଦେଶରେ ମଧ୍ୟ ହେବ ନିର୍ବାଚନ

### ପଶ୍ଚିମବଙ୍ଗ: ମମତା ରେକର୍ଡ କରିବେ!

ଗତ ୧୪ ବର୍ଷ ଧରି ଏହି ରାଜ୍ୟରେ ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ରହିଆସିଛନ୍ତି । ଏଥର ତାଙ୍କ ସମ୍ମୁଖରେ ବିଜେପି ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛି । ଏଥର ଜିତିଲେ ମମତା କ୍ରମାଗତ ଚତୁର୍ଥଥର ମୁଖ୍ୟମନ୍ତ୍ରୀ ହୋଇ ମହିଳା ଭାବେ ରେକର୍ଡ ସୃଷ୍ଟି କରିବେ । ପୂର୍ବରୁ ଜୟଲଳିତା ତାମିଲନାଡୁରେ ୫ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ ମଧ୍ୟ ୧୯୯୧ରୁ ୨୦୨୬ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ କାର୍ଯ୍ୟକାଳରେ (ଲଗାତର ନୁହେଁ) ମୁଖ୍ୟମନ୍ତ୍ରୀ ପଦରେ ଅଧୀଷ୍ଠିତ ହୋଇଥିଲେ । ପଶ୍ଚିମବଙ୍ଗରେ ୨୯୪ ସିଟ୍‌ରେ ନିର୍ବାଚନ ହେବ ।

### ଆସାମ: ବିଜେପି ବିରୋଧରେ ୮ଟି ପାର୍ଟି

ଆସାମରେ ଗତ ୧୦ ବର୍ଷ ହେବା ବିଜେପି ସରକାର ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୬ ମାସ ମଧ୍ୟରେ ୩ ଥର ଆସାମ ଗସ୍ତ କରିଛନ୍ତି । ୧୨୬ ଆସନରୁ ବିଜେପି ଏଥର ୧୦୦ରୁ ଅଧିକ ଆସନ ହାସଲ କରିବା ଲକ୍ଷ୍ୟରେ ରହିଛି । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ଭାଗ୍ୟ ପରୀକ୍ଷା ମଧ୍ୟ ହେବ । ବାଂଲାଦେଶ ଅନୁପ୍ରବେଶକାରୀ ଓ ଏସ୍‌ଆଇଆର ମାମଲା ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ ହେବ ।

### ତାମିଲନାଡୁ: କ୍ଷମତା ବାହାରେ କଂଗ୍ରେସ

ଦେଶର ତାମିଲନାଡୁ ଏକମାତ୍ର ରାଜ୍ୟ, ଯେଉଁଠାରେ ଗତ ୬୦ ବର୍ଷ ହେବ ଦୁଇ ବଡ଼ ଜାତୀୟ ପାର୍ଟି କଂଗ୍ରେସ କିମ୍ବା ବିଜେପି ସରକାରରେ ନାହାନ୍ତି । ଏଥର ବିଜେପି ଜୟଲଳିତାଙ୍କ ପାର୍ଟି ଏଆଇଏଡିଏମ୍‌କେ ସହ ମେଣ୍ଟ କରିପାରେ । ତାମିଲ ସୁପରଷ୍ଟାର ବିଜୟଙ୍କ ପାର୍ଟି ଟିଭିକେ ମଧ୍ୟ ନିର୍ବାଚନ ଲଢିବ । ତାମିଲନାଡୁର ୨୩୪ଟି ବିଧାନସଭା ଆସନରେ ନିର୍ବାଚନ ହେବ । ତେଣୁ ଏଥର ନିର୍ବାଚନ ରୋଚକ ହେବ ବୋଲି ଆଶା କରାଯାଉଛି ।

### କେରଳ: ବାମପନ୍ଥୀ ପାର୍ଟି କ୍ଷମତାରେ ଅଛି

ଦେଶର ଏକମାତ୍ର ରାଜ୍ୟ କେରଳ, ଯେଉଁଠାରେ ବାମପନ୍ଥୀ ପାର୍ଟି କ୍ଷମତାରେ ଅଛି । ଏଠାରେ ପ୍ରତି ୫ ବର୍ଷରେ କ୍ଷମତାରେ ପରିବର୍ତ୍ତନ ହେବାର ପରମ୍ପରା ରହିଆସିଛି । କିନ୍ତୁ ୨୦୨୧ରେ ବାମ ମୋର୍ଚ୍ଚ ଏଲ୍‌ଡିଏଫ୍ ଏହି ପରମ୍ପରାକୁ ଭାଙ୍ଗି କ୍ରମାଗତ ଦ୍ୱିତୀୟଥର ପାଇଁ କ୍ଷମତାକୁ ଆସିଛି । ଏଥର କଂଗ୍ରେସ ମେଣ୍ଟ ବିରୋଧ ହାୱାକୁ ପାଥେୟ କରି କ୍ଷମତାକୁ ଫେରିବା ଲକ୍ଷ୍ୟରେ ରହିଛି । ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନଙ୍କ ଭାଗ୍ୟ ପରୀକ୍ଷା ଏଥର ହେବ । କେରଳରେ ୧୪୦ ଆସନରେ ନିର୍ବାଚନ ହେବ ।

# ଯାତ୍ରୀଙ୍କଠାରୁ ଚୋରି କରି ବନ୍ଧାହେଲେ କ୍ୟାବ୍ ଡ୍ରାଇଭର



**୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଚୋରି ଅଳଙ୍କାର ଓ ଟଙ୍କା ଜବତ**

**ଯାଞ୍ଚ ହେଉନି ଘରୋଇ କ୍ୟାବ୍ ସଂସ୍ଥାରେ କାର୍ଯ୍ୟରତ ଡ୍ରାଇଭରଙ୍କ ତଥ୍ୟ**

ଭୁବନେଶ୍ୱର,୮।୧(ସମିସ): ଯାତ୍ରୀଙ୍କଠାରୁ ଚୋରି ଅଭିଯୋଗରେ ବନ୍ଧା ହୋଇଛନ୍ତି ଓଲା କ୍ୟାବ୍ ଡ୍ରାଇଭର ନାଗେଶ୍ୱର ପ୍ରମାଣିକ। ନାଗେଶ୍ୱରଙ୍କ ଘର କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳରେ ହୋଇଥିଲା ବେଳେ ସେ ଭୁବନେଶ୍ୱରରେ କ୍ୟାବ୍ ଡ୍ରାଇଭାର ଭାବେ କାମ କରନ୍ତି। ପୁଲିସ ତାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଜବତ କରିଛି। ଏହି ଚୋରି ସାମଗ୍ରୀ ମଧ୍ୟରେ ରହିଛି ସୁନା ଚେନ୍, ବ୍ରେସ୍‌ଲେଟ୍, ମୁଦି, ନଗଦ ୧ ଲକ୍ଷ ଟଙ୍କା, ୫୦ହଜାର ଥାଇଲାଣ୍ଡ କରେନ୍ସି, ଗୋଟିଏ ହୀରା କାନଫୁଲ, ୧୨ଟି କ୍ରେଡିଟ୍ କାଡର୍, ଡେବିଟ୍ କାର୍ଡର୍ ଏବଂ ଗୋଟିଏ ହାତଘଣ୍ଟା। କ୍ୟାବ୍ ଡ୍ରାଇଭର ନାଗେଶ୍ୱର ନାମରେ ପୂର୍ବରୁ ୪ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

ପୁଲିସ ସୂଚନା ମୁତାବକ, ଅମନ୍ କୁମାର ଅଗ୍ରୱାଲ କିଛିଦିନ ତଳେ ବ୍ୟାଙ୍କକ୍ ବୁଲିବାକୁ ଯାଇଥିଲେ। ବିମାନ ଯୋଗେ ବୁଧବାର ରାତିରେ ଭୁବନେଶ୍ୱର ଫେରିଥିଲେ। ସାଙ୍ଗରେ ପରିବାର ଲୋକଙ୍କ ପାଇଁ ଅନେକଗୁଡ଼ିଏ ଉପହାର ଆଣିଥିଲେ। ବିମାନବନ୍ଦରରେ ଅବତରଣ ପରେ କଟକ ସେକ୍ଟର-୯ସ୍ଥିତ ଘରକୁ ଯିବା ପାଇଁ ସେ ଏକ ଓଲା କ୍ୟାବ୍ ବୁକ୍ଙ୍କ କରିଥିଲେ। ଉକ୍ତ କ୍ୟାବ୍‌କୁ ନାଗେଶ୍ୱର ଚଲାଉଥିଲେ। ନାଗେଶ୍ୱର ବିମାନବନ୍ଦର ନିକଟରେ ଅମନ୍‌ଙ୍କ ଜିନିଷପତ୍ର ଗାଡ଼ିରେ ରଖି କଟକ ଅଭିମୁଖେ ବାହାରିଥିଲେ। ବାଟରେ ପରିବବାର ଲୋକଙ୍କ ସହ ଅମନ୍ ଦାମି ଉପହାର ସମ୍ପର୍କରେ ଆଲୋଚନା କରିଲା ବେଳେ ନାଗେଶ୍ୱର ସବୁ ଶୁଣିଥିଲେ। ଏଣୁ ଅମନ୍‌ଙ୍କଠାରୁ ଏସବୁ ସାମଗ୍ରୀ ଚୋରି କରିବାକୁ ନାଗେଶ୍ୱର ଯୋଜନା କରିଥିଲେ। ଚନ୍ଦ୍ରଶେଖରପୁର ଥାନା ନିକଟରେ ଥିବା ଏକ ସିଏନ୍‌ଜି ଷ୍ଟେସନ ନିଟକରେ ନାଗେଶ୍ୱର ଜାଣିଶୁଣି ବାରମ୍ବାର ଗାଡ଼ିକୁ ବନ୍ଦ କରି ଇନ୍ଧନ ସରି ଯାଇଥିବା ଅଭିନୟ କଲେ। ନାଗେଶ୍ୱର ସିଏନ୍‌ଜି ଭରିବା ପୂର୍ବରୁ ଅମନ୍‌ଙ୍କୁ ବାହାରେ ଛିଡ଼ା ହେବାକୁ କହିଥିଲେ। ତାଙ୍କ କଥା ମାନି ଅମନ୍ କ୍ୟାବ୍‌ରୁ ବାହାରକୁ ବାହାରିବା ମାତ୍ରେ ଜିନିଷପତ୍ର ସହ ନଗେଶ୍ୱର ଫେରାର୍ ହୋଇ ଯାଇଥିଲେ।

ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଇନ୍ସପେକ୍ଟର ଚନ୍ଦ୍ରକାନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ପୁଲିସ ଏକ ଟିମ୍ ଗଠନ କରି ନାଗେଶ୍ୱରଙ୍କୁ ଡମଣା ଅଞ୍ଚଳରୁ ଗିରଫ କରିଥିଲା ବୋଲି ଜୋନ୍ ଏସିପି ସୋନାଲି ପରମାର୍ ଚନ୍ଦ୍ରଶେଖର ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। କ୍ୟାବ୍ ଡ୍ରାଇଭର ନାଗେଶ୍ୱର ନିଶାଶକ୍ତ ଥିଲେ ବୋଲି ପୁଲିସ କହିଛି। ତେବେ ରାଜଧାନୀରେ ଘରୋଇ କ୍ୟାବ୍ ସର୍ଭିସ୍ ସଂସ୍ଥାରେ କାମ କରୁଥିବା ଡ୍ରାଇଭରମାନଙ୍କ ଆପରାଧୀକ ତଥ୍ୟ ଯାଞ୍ଚ କରାଯାଉ ନ ଥିବାରୁ ଯାତ୍ରୀମାନେ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି।

# ଆତ୍ମସମର୍ପଣ କଲେ ୨୬ ମାଓବାଦୀ

ମାଲକାନଗିରି, ୮ ।୧ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ୬୪ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ୨୬ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସୂଚନା ଅନୁଯାୟୀ ଛତିଶଗଡ଼ ରାଜ୍ୟ ସୁକୁମା ଜିଲ୍ଲା ପୁଲିସ ନିକଟରେ ୭ ମହିଳା ମାଓବାଦୀ ସହ ମୋଟ ୨୬ଜଣ ମାଓବାଦୀ ସଙ୍ଗଠନ ଛାଡ଼ି ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ପିଏଲ୍‌ଜିଏ ବାଟାଲିଅନ୍‌ର କ୍ୟାଡର୍ ମାଓବାଦୀ ରହିଛନ୍ତି। ଏହି ମାଓବାଦୀମାନେ ଛତିଶଗଡ଼- ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅନେକ ମାଓ ହିଂସାରେ ସାମିଲ ଥିବା ପୁଲିସ କହିଛି। ସରକାରୀ ନିୟମ ଅନୁଯାୟୀ, ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ପୁଲିସ ଅଧିକାରୀ କହିଛନ୍ତି।



ତିନି ଜିଲ୍ଲା ଅଦାଲତକୁ ବୋମା ଧମକ ମିଳିବା ପରେ ଓଡ଼ିଶା ହାଇକୋର୍ଟରେ ସୁରକ୍ଷା କର୍ମୀଙ୍କ ଦ୍ୱାରା ଯାଞ୍ଚ




ହାଇକୋର୍ଟ ପରିସର ବାହାରେ ବିଚାରପତି, ଓକିଲ ଓ ଜନତା

## ଇଣ୍ଟରନେଟ୍ ସର୍ଚ୍ଚ ଉପରେ 'ଏନ୍‌ସିଆର୍‌ବି' ଆଖି

# 'ଚାଇଲ୍ଡ-ପର୍ଣ୍ଣ' ଦେଖିଲେ ଗିରଫ

**■ ମୋବାଇଲ୍ ଉପରେ ସାଇବର ପୁଲିସର ନଜର**
**■ ୨ ଗିରଫ ପରେ ଆକ୍ସନ୍-ମୋଡ୍‌ରେ ପୁଲିସ**
**■ ସାଇବର ପୁଲିସ ସ୍କାନରରେ ବହୁ ୟୁଜର୍**

କଟକ, ୮ ।୧ (ସମିସ): ଚାଇଲ୍‌ଡ-ପର୍ଣ୍ଣ ଦେଖିଲେ, ଗିରଫ କରିବ ସାଇବର୍ ପୁଲିସ। ଗତ ୨ ଦିନ ମଧ୍ୟରେ କଟକ ଜିଲ୍ଲା ସାଲେପୁର ଥାନା ଅଞ୍ଚଳର ସୟଦ ଖାଁ ଏବଂ ଯାଜପୁର ମଙ୍ଗଳପୁର ଥାନା ଅଞ୍ଚଳର ମୁକେଶ ବାରିକଙ୍କୁ ଏହି ଅଭିଯୋଗରେ ପୁଲିସ ଗିରଫ କରିଛି। ଏମାନେ ନିଜ ମୋବାଇଲ୍‌ରେ ଚାଇଲ୍ଡ-ପର୍ଣ୍ଣ ଦେଖିବା ସହ ନିଜ ମୋବାଇଲ୍‌ରେ ଏହାକୁ ସେଭ୍ କରି ତାହାକୁ ବିଭିନ୍ନ ଟେଲିଗ୍ରାମ୍ ଗ୍ରୁପ୍‌ରେ ପୋଷ୍ଟ କରୁଥିଲେ। ବିଭିନ୍ନ ସୋସିଆଲ୍ ପ୍ଲାଟ୍‌ଫର୍ମରେ ଏକାଧିକ ଲୋକଙ୍କୁ ପଠାଉଥିଲେ। ଏହା ଜାଣିବା ପରେ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇଥିଲା।

ଆଜି କଟକ ସାଇବର୍ ପୁଲିସ ଏ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ସହରରେ କାମ କରୁଥିବା ବିଭିନ୍ନ ନେଟ୍‌ୱର୍କିଂ ସଂସ୍ଥା ସହ ଯୋଗାଯୋଗରେ ରହିଥିବା ବେଳେ ଉଭୟ କଟକ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବ୍ୟବହୃତ ମୋବାଇଲ୍ ଓ କମ୍ପ୍ୟୁଟର୍‌ଗୁଡ଼ିକର ସର୍ଚ୍ଚ-ଇଞ୍ଜିନ୍ ଉପରେ ନଜର ରଖିଛି। ଅନ୍ୟପଟେ ରାଜ୍ୟ କ୍ରାଇମ୍‌ବ୍ରାଞ୍ଚ ୧୦୦ରୁ ଅଧିକ ମୋବାଇଲ୍ ଫୋନ୍ ଉପରେ ଟାର୍ଗେଟ୍ କରିଛି। ଅର୍ଥାତ୍ ଏହି ମୋବାଇଲ୍ ଫୋନ୍ ବ୍ୟବହାରକାରୀ ନିଜ ଗୁଗୁଲ୍ ସର୍ଚ୍ଚ ଇଞ୍ଜିନ୍‌ରେ ବାରମ୍ବାର ଚାଇଲ୍ଡ-ପର୍ଣ୍ଣ ଭିଡିଓ ସର୍ଚ୍ଚ କରୁଛନ୍ତି। ଯାହାକି ଉଦ୍‌ବେଗଜନକ ଅଟେ।

ସ୍ମାର୍ଟଫୋନ୍‌ରେ ଇଣ୍ଟରନେଟ୍ ସଂଯୋଗ ବଢ଼ିଥିବା ବେଳେ ଅଶ୍ଳୀଳ ଭିଡ଼ିଓ ସର୍ଚ୍ଚ, ଡାଉନ୍‌ଲୋଡ୍ ବଢ଼ି ବଢ଼ି ଚାଲିଛି। କେନ୍ଦ୍ର ସରକାର ସମଗ୍ର ଦେଶରେ ଶିଶୁ ସମ୍ପର୍କିତ ଏବଂ ଶିଶୁ ଜଡ଼ିତ ଥିବା ସମସ୍ତ ଅଶ୍ଳୀଳ ୱେବସାଇଟ୍‌କୁ ବ୍ୟାନ୍ ଘୋଷଣା କରିଛନ୍ତି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏ ବିଷୟରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଶିଶୁଙ୍କ ସମ୍ପର୍କିତ ଅଶ୍ଳୀଳ ଫଟୋ ଓ ଭିଡ଼ିଓକୁ ଦେଖିବା, ଇଣ୍ଟର୍‌ନେଟ୍‌ରୁ ଡାଉନଲୋଡ୍ କରିବା ଏବଂ ନିଜ ମୋବାଇଲ୍‌ରେ ତାହାକୁ ସେଭ୍ କରି ରଖିବା ଗୁରୁତର ଅପରାଧ ବୋଲି ବିବେଚନା କରାଯାଉଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏନସିଆର୍‌ବି ବା ନ୍ୟାସନାଲ୍ କ୍ରାଇମ୍ ରେକର୍ଡ ବ୍ୟୁରୋ ଏବଂ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ଏଭଳି ଭିଡିଓ ଦେଖୁଥିବା ଲୋକଙ୍କ ଉପରେ କଠୋର୍ କାର୍ଯ୍ୟାନୁଷ୍ଠାନ ନେବାକୁ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି କ୍ରମରେ କଟକ ସାଇବର ଥାନା ପୁଲିସ ଶିଶୁ ବା ନାବାଳକ ଓ ନାବାଳିକାଙ୍କ ସମ୍ପର୍କିତ ଅଶ୍ଳୀଳ ଫଟୋ ଓ ଭିଡ଼ିଓ ଉପରେ ତୀକ୍ଷ୍ଣ ନଜର ରଖିଛି। ଇଣ୍ଟର୍‌ନେଟ୍‌ରେ କିଏ ଏହାକୁ ଦେଖୁଛି? କିଏ ଭିଡ଼ିଓ ଅପଲୋଡ୍ କରୁଛି? କିଏ ଡାଉନଲୋଡ୍ କରୁଛି? କିଏ ଏହି ଫଟୋ ଓ ଭିଡ଼ିଓ କାହାକୁ ପଠାଉଛି? ତାହା ଉପରେ ଦୃଷ୍ଟି ଦିଆଯାଉଛି। ଏଭଳି ତଥ୍ୟ ଏନସିଆରବି ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅଭିଯୁକ୍ତ ଯେଉଁଠି ଥିଲେ ବି ତାକୁ ଗିରଫ କରାଯାଉଛି। ମୁଖ୍ୟତଃ ରାଜ୍ୟର ସାଇବର୍ କମ୍ପ୍ଲେକ୍ସ ସହଯୋଗରେ ଜିଲ୍ଲା ପୁଲିସର ଉଦ୍ୟମରେ ଏ ସମ୍ପର୍କିତ ତଥ୍ୟକୁ ବାହାର କରାଯାଉଛି। ଚାଇଲ୍ଡ-ପର୍ଣ୍ଣ ଦେଖିଥିବା ବା ଏହାକୁ ପଠାଇଥିବା ମୋବାଇଲ୍‌ର ଆଇପି ଠିକଣା, ମୋବାଇଲ୍ ଲୋକେସନ୍, ଇଣ୍ଟରନେଟ୍ ବା ୱାଇଫାଇ୍ ତଥ୍ୟ, ଭର୍ଚୁଆଲ ପ୍ରାଇଭେଟ୍ ନେଟ୍‌ୱାର୍କକୁ ସଂଗ୍ରହ କରାଯାଉଛି।

ଏ ସମ୍ପର୍କରେ ସାଇବର ଥାନା ଆଇଆଇସି ରଶ୍ମିତା ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ଚାଇଲ୍ଡ-ପର୍ଣ୍ଣ ବା ବିଭିନ୍ନ ଅଶ୍ଳୀଳ ଭିଡିଓ ଫୁଟପ୍ରିଣ୍ଟ ମୋବାଇଲ୍ ବା ଅନ୍ୟ ଡିଜିଟାଲ ଗେଜେଟ୍‌ରେ ରହୁଛି। ଲଗ-ଇନ୍ ହେଉଥିବା ଗୁଗୁଲ୍ ଆକାଉଣ୍ଟ ମୋବାଇଲ୍ ଫୋନ୍‌ର ସମସ୍ତ ତଥ୍ୟ ଉପରେ ନଜର ରଖୁଛି। ଏହି ତଥ୍ୟ ଏନ୍‌ସିଆରବି ପାଖରେ ପହଞ୍ଚୁଛି। ଫଳରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରୁଛି। ଏଭଳି ଭିଡିଓ ନିଜ ମୋବାଇଲ୍ ଫୋନ୍‌ରେ ସର୍ଚ୍ଚ କିମ୍ବା ଦେଖିବାକୁ ଆଇଆଇସି ବାରଣ କରିଛନ୍ତି।

# ଭିଜିଲାନ୍ସ ଜାଲରେ ଆର୍‌ଆଇ

କିଶୋରନଗର,୮ ।୧(ସମିସ): ଜଣେ ବ୍ୟକ୍ତିଙ୍କ ଜମି ଚିହ୍ନଟ ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆଠମଲ୍ଲିକ ବ୍ଲକ କିଆକଟା ଥାନା ଟୁସର ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର ଦାଶ। ସୁରେନ୍ଦ୍ର ସମ୍ପୃକ୍ତ ବ୍ୟକ୍ତିଙ୍କ ଜମି ଚିହ୍ନଟ ପାଇଁ ୧୦ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ବ୍ୟକ୍ତିଜଣଙ୍କ ଗୁରୁବାର ସୁରେନ୍ଦ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ୬ ହଜାର ଟଙ୍କା ଦେବା ବେଳେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା କଟକ ଭିଜିଲାନ୍ସ ଟିମଙ୍କ ତାଙ୍କୁ ଧରିଥିଲେ। ସୁରେନ୍ଦ୍ରଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି।

# ତାମିଲନାଡୁରେ ପୁଣି ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ସାନଖେମୁଣ୍ଡି, ୮ ।୧(ସମିସ): ଆନ୍ଧ୍ରପ୍ରଦେଶ ତାମିଲନାଡୁ ବୋର୍ଡର ଚିତୁର ତ୍ରିପତିର ଏକ ଘରୋଇ କମ୍ପାନିରେ କାର୍ଯ୍ୟରତ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ମୌଲାଭଣଜା ଗୋପାବନ୍ଧୁ ନଗରର ପୀତାମ୍ବର ସେଠୀ। ହାଇୱାରେ ଯାଉଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପୀତାମ୍ବରଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। କମ୍ପାନୀ ହାଇୱାରେ ମାଟି ଚାଲାଣ ହେଉଥିବା ବେଳେ ଟ୍ରକ୍‌ରେ ସର୍ଟସର୍କିଟ୍ ହୋଇ ନିଆଁ ଲାଗି ଯାଇଥିଲା। ଚାଳକ ଗାଡ଼ିରୁ ଡେଇଁ ପଡ଼ିଥିବା ବେଳେ ପୀତାମ୍ବରଙ୍କ ସମେତ ଅନ୍ୟ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତ ଶ୍ରମିକଙ୍କ ମର ଶରୀର ଜନ୍ମ ମାଟିକୁ ଫେରାଇ ଆଣିବାକୁ ଦାବି କରିଛନ୍ତି ପରିବାର।

# ଶିଶୁ ସୁରକ୍ଷାକୁ ନେଇ ସିଡବ୍ଲ୍ୟୁସି-ଉପଜିଲ୍ଲାପାଳ ମୁହାଁମୁହିଁ

**■ ଶିଶୁକୁ ସ୍ତନ୍ୟପାନରୁ କେହି ବଞ୍ଚିତ କରିପାରିବେନି: ଉପଜିଲ୍ଲାପାଳ**
**■ ୧୩ ମାସର ଶିଶୁକୁ ବିଡ଼ି ଟଣାଇ ଭିଡିଓ ତିଆରି କରିଥିଲା ମା'**

ଯାଜପୁର, ୮।୧(ସମିସ): ରାଜ୍ୟରେ ଶିଶୁ ସୁରକ୍ଷା ପାଇଁ ଶିଶୁ ମଙ୍ଗଳ ସମିତି ଏବଂ ଶିଶୁ ସୁରକ୍ଷା ୟୁନିଟ୍ ରହିଛି। ଏଥିସହ ପଞ୍ଚାୟତଠାରୁ ଜିଲ୍ଲା ଓ ରାଜ୍ୟସ୍ତରରେ ଅନେକ ଅନୁଷ୍ଠାନ ମଧ୍ୟ କାମ କରୁଛନ୍ତି। କିନ୍ତୁ ଏହି ଶିଶୁ ସୁରକ୍ଷା ଆଇନକୁ କାର୍ଯ୍ୟକାରୀ କରିବାକୁ ଯାଇ ଯାଜପୁର ଉପଜିଲ୍ଲାପାଳ ଓ ସିଡବ୍ଲ୍ୟୁସି ମୁହାଁମୁହିଁ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ମୁତାବକ, ଏକ ପାରିବାରିକ ବିବାଦରେ ଯତ୍ନ ଓ ସୁରକ୍ଷା ଲୋଡୁଥିବା ୨ ବର୍ଷର ଶିଶୁପୁତ୍ର ଶିଶୁ ମଙ୍ଗଳ କମିଟି ତତ୍ତ୍ୱାବଧାନରେ ରହିଥିଲା। ଶିଶୁର ମା'ଙ୍କ ଅଭିଯୋଗ କ୍ରମେ ଯାଜପୁର ଉପଜିଲ୍ଲାପାଳ ତାପସ ରଂଜନ ଦେହୁରୀ ଶିଶୁପୁତ୍ରକୁ ତାଙ୍କ ମା'କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିଶୁ ପୁତ୍ରକୁ ମାତୃ ସ୍ତନ୍ୟପାନ ଆବଶ୍ୟକତା ଦୃଷ୍ଟିରୁ ଏଭଳି ନିଷ୍ପତି ନିଆଯାଇଥିଲା। କିନ୍ତୁ ଉପଜିଲ୍ଲାପାଳଙ୍କ ଏପରି ଆଦେଶକୁ ନାପସନ୍ଦ କରିଛି ସିଡବ୍ଲୁସି। ଯେଉଁ ମା' ୧୩ ମାସର ପିଲାକୁ ବିଡ଼ି ଟଣାଇ ଭିଡ଼ିଓ କରିବା ଘଟଣାରେ ଶିଶୁପୁତ୍ରକୁ ତତ୍‌କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉଦ୍ଧାର କରାଯାଇଥିଲା। ଟାଉନ୍ ପୁଲିସ ଶିଶୁପୁତ୍ରକୁ ହାଜର କରାଇବାକୁ ଆଣି ନଫେରାଇ ବାରୁ ୨୪ ଘଣ୍ଟା ଭିତରେ ଶିଶୁପୁତ୍ରକୁ ଉଦ୍ଧାର କରି ହାଜର କରାଇବାକୁ ସିଡବ୍ଲୁସି ନିର୍ଦ୍ଦେଶ ଦେଇଛି। ତେବେ ଏହି ଘଟଣାରେ ଉପ ଜିଲ୍ଲାପାଳଙ୍କୁ ପୂର୍ବ ଘଟଣାକ୍ରମକୁ ଅନ୍ଧାରରେ ରଖି ଶିଶୁପୁତ୍ରକୁ ଖସାଇ ଦିଆଯାଇଥିବା ଜଣାପଡ଼ିଛି।

ଶିଶୁ ମଙ୍ଗଳ କମିଟି ଏକାଧିକାର କ୍ଷମତା ଉପରେ ହସ୍ତକ୍ଷେପ ଓ ଧାରା ୩ର ଉଲ୍ଲଂଘନ ଧାରା ୩୬, ୩୭ ଆବଶ୍ୟକ ଆଇନଗତ ପ୍ରକ୍ରିୟାକୁ ଅବହେଳା, ଜେଜେ ଆକ୍ଟର ଉଲ୍ଲଂଘନ ବୋଲି ସିଡବ୍ଲୁସି ପକ୍ଷରୁ କୁହାଯାଇଛି। ଏପରି ଘଟଣା ଶିଶୁ ମଙ୍ଗଳ କମିଟିର ସାମ୍ବିଧାନିକ ମର୍ଯ୍ୟାଦାକୁ ଅସମ୍ମାନ କରିବା ସହ ଶିଶୁକୁ ବିପଦ ମୁହଁକୁ ଠେଲି ଦିଆଯାଇଛି ବୋଲି କୁହାଯାଇଛି। ଏ ସମ୍ପର୍କରେ ଶିଶୁ ମଙ୍ଗଳ କମିଟି ଅଧକ୍ଷା ରେକ୍ସୋନା ଜେନା କହିଛନ୍ତି, ଉପଜିଲ୍ଲାପାଳ କେଉଁ ଅଧିକାର ବଳରେ ଏପରି କାର୍ଯ୍ୟ କଲେ ତାହା ସ୍ପଷ୍ଟ କରନ୍ତୁ। ତୁରନ୍ତ ଶିଶୁପୁତ୍ରକୁ ଫେରାଇ ଆଣିବାକୁ ଦାବି କରିବା ସହ ଏ ସଂପର୍କରେ ଶିଶୁ ସୁରକ୍ଷା ବିଭାଗକୁ ଅବଗତ କରିଛନ୍ତି। ଏ ସମ୍ପର୍କରେ ଯାଜପୁର ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ତାର କାର୍ଯ୍ୟ କରିଛି ବୋଲି କହିଥିବାବେଳେ ଯାଜପୁର ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଆଇନ ଅନୁଯାୟୀ ଜଣେ ଶିଶୁକୁ ତା ମା' ପାଖରେ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍ତନ୍ୟପାନ କରୁଥିବା ଜଣେ ଶିଶୁକୁ କେହି ଅଟକାଇପାରିବେ ନାହିଁ ବୋଲି ଆଇନରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ତେଣୁ ଉଭୟ ସିଡବ୍ଲ୍ୟୁସି ଏବଂ ଉପଜିଲ୍ଲାପାଳଙ୍କ ମଧ୍ୟରେ ଚାଲିଥିବା ଆଇନଗତ ଯୁଦ୍ଧ ଆଗକୁ କେଉଁ ରୂପ ନେଉଛି ଦେଖିବାକୁ ବାକି ରହିଲା।

**ପରିବହନ ବିଭାଗର 'ଅନ୍ଧ ନୀତି'**

# ଗର୍ଜିଲା ବିଜୁ ଯୁବ ଛାତ୍ର ଜନତା ଦଳ

**■ ପଲ୍ୟୁସନ ସାର୍ଟିଫିକେଟ ବିନା ତେଲ ମନା ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର ଦାବି**
**■ ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ, ସାରା ରାଜ୍ୟରେ ଆନ୍ଦୋଳନ ଲାଗି ଧମକ**

ଭୁବନେଶ୍ୱର,୮।୧(ସମିସ): ରାଜ୍ୟରେ ଯାନବାହାନର ପଲ୍ୟୁସନ ସାର୍ଟିଫିକେଟ ପାଇଁ ରାଜ୍ୟ ସରକାରଙ୍କ ଅନ୍ଧ ନୀତି ଯୋଗୁଁ ରାଜ୍ୟରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଯାହାକୁ ନେଇ ସମଗ୍ର ରାଜ୍ୟବାସୀ ଦହଗଞ୍ଜର ଶିକାର ହେଉଛନ୍ତି। ଏହି ଅନ୍ଧ ନୀତିର ତୁରନ୍ତ ପ୍ରତ୍ୟାହାର ଦାବିରେ ଗୁରବାର ବିଜୁ ଯୁବ ଓ ଛାତ୍ର ଜନତା ଦଳ ଭୁବନେଶ୍ୱରର ଆରଟିଓ-୧ ଅଫିସ ସମ୍ମୁଖରେ ଏକ ବିଶାଳ ପ୍ରତିବାଦ ସଭା ଆୟୋଜନ କରିଛି। ପଲ୍ୟୁସନ ସାର୍ଟିଫିକେଟ ନାହିଁ ତ ତେଲ ନାହିଁ ଓ ପୁରୁଣା ଫାଇନ ପୈଠ ନହେବା ପର୍ଯ୍ୟନ୍ତ ପଲ୍ୟୁସନ ସାର୍ଟିଫିକେଟ ପ୍ରଦାନ କରାଯିବ ନାହିଁ ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର ନ କଲେ, ଦଳ ରାଜ୍ୟବ୍ୟାପୀ ଏହି ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ଘୋଷଣା କରିଛି।




ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍‌ସିତା ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ରାଜ୍ୟ ବିଜେପି ସରକାରଙ୍କ ଏହି ଅନ୍ଧ ନୀତିର ତୀବ୍ର ସମାଲୋଚନା କରାଯିବା ସହିତ ରାଜ୍ୟ ସରକାରଙ୍କ ବିଫଳତାର ଲମ୍ବା ତାଲିକା ପ୍ରଦାନ କରାଯାଇଥିଲା। ଚିନ୍ମୟ ସାହୁ କହିଥିଲେ ଯେ ରାଜ୍ୟ ବିଜେପି ସରକାର ଲୋକଙ୍କୁ ଧାଡିରେ ଛିଡା କରି ହନ୍ତସନ୍ତ କରିବାରେ ଆନନ୍ଦ ପାଉଛନ୍ତି। ସୁଭଦ୍ରା ଯୋଜନା ଦେବାବେଳେ ଏଥିରେ ସାମିଲ କରିବା ପାଇଁ ମହିଳା ମାନଙ୍କୁ ଧାଡିରେ ଛିଡା କଲେ। ଲୋକେ ରାସନ ପାଇବା ପାଇଁ ଲାଇନରେ ଛିଡା ହେଉଛନ୍ତି। ଚାଷୀ ମଣ୍ଡିରେ ଧାନ ଦେବା ପାଇଁ ଆଜି ରାଜରାସ୍ତାରେ ଛିଡା ହୋଇଛନ୍ତି। ଏବେ ପଲ୍ୟୁସନ ସାର୍ଟିଫିକେଟ ପାଇଁ ରାଜରାସ୍ତାରେ ଛିଡା ହେବାକୁ ପଡୁଛି। ସରକାରଙ୍କ ତୋଗଲକି ନିଷ୍ପତ୍ତି ଯୋଗୁଁ ରାଜ୍ୟବାସୀ ଅତିଷ୍ଠ ହୋଇପଡିଲେଣି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। ଛାତ୍ର ସଭାନେତ୍ରୀ ଇପ୍‌ସିତା ସାହୁ କହିଥିଲେ ଯେ ସୁଶାସନର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ରାଜ୍ୟ ବିଜେପି ସରକାର ରାଜ୍ୟବାସୀଙ୍କୁ ଶୋଷଣ କରିବାରେ ଲାଗିଛି। ପଲ୍ୟୁସନ ସାର୍ଟିଫିକେଟ ନାମରେ ନୂଆ ଶୋଷଣ ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ସାର୍ଟିଫିକେଟ ନ ଥିଲେ ତେଲ ମିଳିବ ନାହିଁ ବୋଲି ସରକାର ନେଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ବେଆଇନ। ତେଣୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ। ଏହାଛଡା ଫାଇନ ପୈଠ ନହେଲେ ପଲ୍ୟୁସନ ସାର୍ଟିଫିକେଟ ପ୍ରଦାନ କରାଯିବ ନାହିଁ ବୋଲି ସରକାର ନେଇଥିବା ନିଷ୍ପତ୍ତି ମଧ୍ୟ ଗ୍ରହଣୀୟ ନୁହେଁ। ୧୮ ମାସର ଶାସନରେ ବିଜେପି ସରକାର ରାଜ୍ୟର ଆର୍ଥିକ ସ୍ଥିତିକୁ ଦେବାଳିଆ ଆଡ଼କୁ ନେଇଥିବା ବେଳେ ବର୍ତ୍ତମାନ ଲୋକଙ୍କୁ ଶୋଷଣ କରିବାକୁ ବସିଛନ୍ତି। ରାଜ୍ୟ ସରକାର ତାଙ୍କ ଏହି ଅନ୍ଧ ନୀତିକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ, ନଚେତ ବିଜୁ ଯୁବ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ ଏହି ଆନ୍ଦୋଳନକୁ ଅଧିକ ବ୍ୟାପକ କରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ଛାତ୍ର ନେତୃବୃନ୍ଦଙ୍କ ସହ ହଜାର ହଜାର ଯୁବ ଓ ଛାତ୍ର କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଓଡ଼ିଆ ଓ ଓଡ଼ିଶୀର ଅପୂର୍ବ ସଙ୍ଗମ ଗୁରୁ କେଳୁଚରଣ: ମୁଖ୍ୟମନ୍ତ୍ରୀ

**ନୃତ୍ୟଗୁରୁଙ୍କ ଜନ୍ମ ଶତବାର୍ଷିକୀରେ ଚିତ୍ରକଳା ଓ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ**

ଭୁବନେଶ୍ୱର,୮ ।୧(ସମିସ): ଓଡ଼ିଶା, ଓଡ଼ିଆ ଆଉ ଓଡ଼ିଶୀର ଅଭୂତପୂର୍ବ ସଙ୍ଗମ ହେଉଛନ୍ତି ଗୁରୁ କେଳୁଚରଣ ମହାପାତ୍ର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁବାର ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ ପଦ୍ମ ବିଭୂଷଣ ଗୁରୁ ସ୍ୱର୍ଗତ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ଗୁରୁ କେଳୁଚରଣ ମହାପାତ୍ର କେବଳ ଜଣେ ମହାନ ନୃତ୍ୟଶିଳ୍ପୀ ନୁହେଁ; ସେ ଥିଲେ ଓଡ଼ିଶୀ ନୃତ୍ୟର ଆତ୍ମା। ଯେତେବେଳେ ଓଡିଶୀ ନୃତ୍ୟ ଅବହେଳାର ଅନ୍ଧକାରରେ ଆବୃତ ଥିଲା, ସେତେବେଳେ ଗୁରୁଜୀ ତାଙ୍କର ଅସୀମ ସାଧନା, ଅତୁଟ ଆସ୍ଥା ଓ ଅଦମ୍ୟ ପରିଶ୍ରମରେ ଏହି ନୃତ୍ୟକଳାକୁ ପୁନର୍ଜୀବନ



ଦେଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି, ମାହାରୀ ପରମ୍ପରା, ଶାସ୍ତ୍ରୀୟ ଓ ଲୋକକଳା, ସମସ୍ତଙ୍କ ସମନ୍ୱୟରେ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ନୃତ୍ୟକୁ ଏକ ଅଭୁତ ଶାସ୍ତ୍ରୀୟ ଆକୃତି ଦେଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ଓଡ଼ିଶୀ ଗବେଷଣା କେନ୍ଦ୍ର ସ୍ଥିତ ପଦ୍ମ ବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ପ୍ରତିମୂର୍ତ୍ତି ସମେତ ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀ ଓ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ 'କେଳୁଚରଣ କୀର୍ତ୍ତି ଶତକମ୍' ନାମରେ ଆୟୋଜିତ ତିନିଦିନିଆ ଚିତ୍ରକଳା ଓ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ, ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜୀବନୀ ଓ ଓଡ଼ିଶୀ ଗବେଷଣା କେନ୍ଦ୍ର ଉପରେ ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ରକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ପ୍ରିୟମ୍ବଦା ହେଜମାଦୀ, ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ପଦ୍ମଶ୍ରୀ ମାଧବୀ ମୁଦ୍‌ଗଲ୍, ଗୁରୁ ରତିକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଗୁରୁ କେଳୁଚରଣଙ୍କ ସ୍ମୃତିଚାରଣ କରିଥିଲେ। ଏହାପରେ ନୃତ୍ୟଗୁରୁ ବିଷ୍ଣୁତତ୍ତ୍ୱ ଦାସ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।




# ଅନୁଗୋଳ ଓ ତାଳଚେରରେ ବାୟୁ ପ୍ରଦୂଷଣ ନେଇ ଚିନ୍ତା

**କେନ୍ଦ୍ର ପରିବେଶ ମନ୍ତ୍ରୀ, କୋଇଲା ମନ୍ତ୍ରୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ହସ୍ତକ୍ଷେପ ଲୋଡ଼ିଲେ**

ଅନୁଗୋଳ,୮ ।୧(ସମିସ):

ଅନୁଗୋଳ-ତାଳଚେର ଶିଳ୍ପାଞ୍ଚଳରେ ବଢୁଥିବା ମାତ୍ରାଧିକ ବାୟୁ ପ୍ରଦୂଷଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ପରିବେଶ ମନ୍ତ୍ରୀ, କୋଇଲା ମନ୍ତ୍ରୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ଏହି ପରିପ୍ରେକ୍ଷୀରେ ସେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି. କିଶାନ ରେଡ୍ଡୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୃଥକ ପତ୍ର ଲେଖି ଜନସ୍ୱାସ୍ଥ୍ୟ ପ୍ରତି ସୃଷ୍ଟି ହୋଇଥିବା ବିପଦ ସମ୍ପର୍କରେ ଅବଗତ କରାଇଛନ୍ତି । ଅନୁଗୋଳରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଗମ୍ଭୀର ସ୍ଥିତିରେ ଥିବାରୁ ମନ୍ତ୍ରୀ ପ୍ରଧାନ ଚିନ୍ତା ପ୍ରକଟ କରିଛନ୍ତି । ବିଶେଷ କରି ତାଳଚେର ଦେଶର ସବୁଠାରୁ ପ୍ରଦୂଷିତ ସହର ତାଲିକାରେ ସ୍ଥାନ ପାଇବା ଉଦବେଗଜନକ ବିଷୟ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି । ଏହାଦ୍ୱାରା ଶିଶୁ, ବୟସ୍କ ଏବଂ ଶ୍ୱାସକ୍ରିୟା ଜନିତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିପନ୍ନ ହେଉଥିବା ସେ ପତ୍ରରେ ଉଲ୍ଲେଖ କରିଛନ୍ତି । ଶିଳ୍ପାଞ୍ଚଳରେ ପ୍ରଦୂଷଣ ନିୟନ୍ତ୍ରଣ ନିୟମାବଳୀ କଡ଼ାକଡ଼ି ଲାଗୁ କରିବା ସହ ରିଅଲ୍-ଟାଇମ୍ ମନିଟରିଂ ବ୍ୟବସ୍ଥା ସୁଦୃଢ଼ କରିବା, କୋଇଲା ପରିବହନ କ୍ଷେତ୍ରରେ "ମେକାନାଇଜ୍‌ଡ୍ କୋଲ୍ ଟ୍ରାନ୍ସପୋର୍ଟେସନ୍ ସିଷ୍ଟମ' ଏବଂ ଉନ୍ନତ ଧୂଳି ଦମନ ପ୍ରକ୍ରିୟା ଆପଣାଇବାକୁ କୋଇଲା ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେବା, ଶିଳ୍ପାଞ୍ଚଳ ଏବଂ ଖଣି କରିଡର ଚାରିପାଖରେ ବ୍ୟାପକ ବୃକ୍ଷରୋପଣ ମାଧ୍ୟମରେ "ଗ୍ରୀନ୍ ବଫର୍' ସୃଷ୍ଟି କରିବା ସହ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନସିଏପି) ଅନ୍ତର୍ଗତ ଲକ୍ଷ୍ୟ ଧାର୍ଯ୍ୟ ଯୋଜନାଗୁଡ଼ିକର ସମ୍ପ୍ରସାରଣ କରିବା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି । ମନ୍ତ୍ରୀ ପ୍ରଧାନ ଦର୍ଶାଇଛନ୍ତି ଯେ ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି) ଅନ୍ତର୍ଗତ ନିଆଯାଉଥିବା ପଦକ୍ଷେପଗୁଡ଼ିକ ସାମୟିକ । ତେଣୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିଲ୍ଲା ପ୍ରଶାସନ ଏବଂ ବିଭିନ୍ନ ଶିଳ୍ପସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷାକରି ସ୍ଥାୟୀ ସମାଧାନ ବାଟ ବାହାର କରିବା ଆବଶ୍ୟକ । ଅନୁଗୋଳ ଏବଂ ତାଳଚେର ଅଞ୍ଚଳବାସୀଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି ।

## ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦଘାଟିତ



ଅନୁଗୋଳ,୮ ।୧(ସମିସ): ବୁଧବାର ପୂର୍ବାହ୍ନରେ ଅନୁଗୋଳ ବ୍ଲକ୍ ବେନ୍ତପୁର ପ୍ରାଥମିକ କୃଷି ସମବାୟ ସମିତିଠାରେ ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିବା ସହ କଟନିଛଟନି ବନ୍ଦ କରି ଧାନକ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଅନୁଗୋଳ ସମବାୟ ସମିତି ସମୂହ ଉପ-ନିବନ୍ଧକ ଶରତ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ, କୃଷକ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

## ପବିତ୍ରନଗର କପ୍; ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ

ପବିତ୍ରନଗର,୮ ।୧(ସମିସ): କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ପବିତ୍ରନଗର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଛି । ଏଥିରେ ବେଙ୍ଗାଲୁରୁକୁ ହରାଇ କଟକ ରାଇଜିଂ ଷ୍ଟୁଡେଣ୍ଟ ଦଳ ଫାଇନାଲରେ ପ୍ରବେଶ କରିଛି । ପୁରସ୍କାର ବିତରଣ ସଭାରେ ପାଲଲହଡ଼ା ପୂର୍ବତନ ବିଧାୟକ ମୁକେଶ ପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଓ ପରାବିଲ ଗ୍ରାମ ସଭାପତି କରୁଣାକର ପ୍ରଧାନ, ପ୍ରଫୁଲ୍ଲ ମିଶ୍ର ଯୋଗଦେଇଥିଲେ ।



## ଅନ୍ଧକଲ୍ୟାଣ ସମିତିର ଶୀତବସ୍ତ୍ର ବଣ୍ଟନ



କଣିହାଁ,୮ ।୧(ସମିସ): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ଅନ୍ଧକଲ୍ୟାଣ ସମିତି ପକ୍ଷରୁ ୫୨ତମ ଶୀତବସ୍ତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଛି । କଣିହାଁ ପ୍ରଜାମଣ୍ଡଳ ପରିସରରେ ସମିତି ସଭାପତି ସୁଧାକର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏନଟିପିସି, କଣିହାଁ ପ୍ରକଳ୍ପର ମୁଖ୍ୟ କେ ନରସିମା ରେଡ୍ଡୀ, ସମ୍ମାନିତ ଅତିଥି ଭାବେ ଏଜିଏମ (ଏଚଆର) ସୁଜିତା ରଥ, ପଙ୍କଜ ଚୌଧୁରୀ, ଏଜିଏମ (ଟିଏସ) ୱାଇ ଶ୍ରୀନିବାସ ରାଓ, ଏମସିଏଲ, କଣିହାଁର ଜିଏମ ନରେଶ ସିଂ ରାଣା, ଜିଏମ ଦୀନେଶ କୁମାର ମାଳି ପ୍ରମୁଖ ଯୋଗଦେଇ ରାଜ୍ୟର କୋଣ ଅନୁକୋଣରୁ ଆସିଥିବା ଦୃଷ୍ଟିହୀନ, ଦିବ୍ୟାଙ୍ଗମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ । ସମାଜସେବୀ ଇଂ ଧନେଶ୍ୱର ସାହୁ ମଞ୍ଚ ପରିଚାଳନା, ସମିତି ସମ୍ପାଦକ କାଳନ୍ଦୀ ଚରଣ ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ, ଦେବଦତ୍ତ ପ୍ରସାଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଉଷାରାଣୀ ପ୍ରଧାନ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ମୋଟ ୮୪୦ ଜଣଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା । ଦିଲୀପ ପ୍ରଧାନ, ସୁନୀଲ ପ୍ରଧାନ, ଜଗବନ୍ଧୁ ପ୍ରଧାନ, ରୋହିତ ସାହୁ, ସମରବଲ୍ଲଭ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ଅନୁଗୋଳ ବିଧାୟକ



ଅନୁଗୋଳ,୮ ।୧(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାର୍ଗଦର୍ଶନରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ସମାରୋହରେ ଯୋଗଦେବାକୁ ଅନୁରୋଧ କରିଛନ୍ତି । ଏଥିସହ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ଓ ଅନୁଗୋଳ ଜିଲ୍ଲାର ବିକାଶ ସମ୍ବନ୍ଧରେ ଆଲୋଚନା କରିଛନ୍ତି । ଏହି ସାକ୍ଷାତକାର ବେଳେ ଅନ୍ୟମାନଙ୍କ ମଧ୍ୟରେ ନାଲକୋ ଟ୍ରକ୍ ମାଲିକ ସଂଘ ତଥା ନାଲକୋ ଠିକାଦାର ସଂଘ ସଭାପତି ମନୋରଞ୍ଜନ ଜେନା, ବିଜେପି ନେତା ତଥା ସମାଜସେବୀ ଦୁଃଖବନ୍ଧୁ ସାହୁ, ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ଅଧ୍ୟକ୍ଷ ଅଶୋକ ଜୈନ, ସଭାପତି ଦୀପକ କୁମାର ବର୍ମା, ଉପସଭାପତି ବିକ୍ରମ ଅଗ୍ରୱାଲ, ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ମୁଖ୍ୟ ସଂଯୋଜକ ତଥା ବିଜେପି ଯୁବମୋର୍ଚ୍ଚାର ରାଜ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳ ରାଷ୍ଟ୍ରପତି ମୁର୍ମୁଙ୍କୁ ଭେଟି ଅନୁଗୋଳରେ ପ୍ରତିଷ୍ଠିତ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ଅଗ୍ରଗତି ବିଷୟରେ ଆଲୋଚନା କରିଥିଲେ ।

## ଅନୁଗୋଳ ଜେଲରେ କଏଦୀଙ୍କ ମୃତ୍ୟୁ

ଅନୁଗୋଳ,୮ ।୧(ସମିସ): ଅନୁଗୋଳ ଜେଲରେ ସଜା କାଟୁଥିବା ଜଣେ କଏଦୀଙ୍କ ମୃତ୍ୟୁ ହୋଇଛି । ସେ ହେଲେ ସହର ଉପକଣ୍ଠ କୁମଣ୍ଡ ପଞ୍ଚାୟତ ବେଲସୁଣ୍ଡା ଗ୍ରାମର ଜଗବନ୍ଧୁ ଭୋଇ (୫୦) । ଜଗବନ୍ଧୁ ୨୦୨୪ରେ ଏକ ହତ୍ୟା ମାମଲାରେ ଗିରଫ ହୋଇ ଜେଲ୍ ଯାଇଥିଲେ । କିଛିଦିନ ହେଲା ସେ ଅସୁସ୍ଥ ଅନୁଭବ କରୁଥିଲେ । ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଜେଲର ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ହୃଦଘାତରେ ତାଙ୍କ ମୃତ୍ୟୁ ହୋଇଥିବା ଜେଲ୍ ପକ୍ଷର ସୂଚନା ଦିଆଯାଇଛି । ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ପାଲଲହଡ଼ା,୮ ।୧(ସମିସ): ସ୍ଥାନୀୟ ଶିକ୍ଷା ଇଂଲିଶ ସ୍କୁଲରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ଅଧ୍ୟକ୍ଷ ହେମନ୍ତ କୁମାର ସାହୁ ଏହାକୁ ଉଦଘାଟନ କରିଥିଲେ । କୃତୀ ପ୍ରତିଯୋଗୀ କମଲେଶ ଜଙ୍କ, ସ୍ୱାଧୀନ ଦାଶ, ଅନୁପ୍ରିୟା ନାୟକଙ୍କ ସମେତ ଅନ୍ୟମାନଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର କ୍ରୀଡ଼ା ପ୍ରମୁଖ କାହ୍ନୁଚରଣ ନାୟକଙ୍କ ନେତୃତ୍ୱରେ ମୁକ୍ତା ଏକ୍କା, ସୁନିତା ଲାକ୍ରା, ଯଶୋମତୀ ନାଏକ, ଅଞ୍ଜଳି ପୂର୍ତ୍ତି ଏବଂ ଅନିତା ବେହେରା କ୍ରୀଡ଼ା ପରିଚାଳନା କରିଥିଲେ ।

## ପିବିକେ ହାଇସ୍କୁଲରେ ଆଇନ ସଚେତନତା ସପ୍ତାହ



ବଁଅରପାଳ,୮ ।୧(ସମିସ): ପାଞ୍ଚଗଡ଼ ବିଜୟ କୁମାର ଉଚ୍ଚ ବିଦ୍ୟାଳୟରେ ସ୍ଥାନୀୟ ଜେଏମଏଫସି କୋର୍ଟର ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହେଇଛି । କାର୍ଯ୍ୟକ୍ରମରେ ଅଦାଲତର ମହିଳା ବିଚାରପତି ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ସାବିତ୍ରୀ ଦାସ, କମିଟିର ସ୍ଥାୟୀ ସଦସ୍ୟ ତଥା ବଁଅରପାଳ ଅଦାଲତର ବରିଷ୍ଠ ଆଇନଜୀବୀ ହେମନ୍ତ କୁମାର ସାହୁ, ଆଇନଜୀବୀ ଅଭୟ ବିଶୋଇ ପ୍ରମୁଖ ଯୋଗଦେଇ ବାଲ୍ୟ ବିବାହ ନିଷେଧ ଆଇନ, ନିଶାମୁକ୍ତ ଭାରତ ଓ ପରିବେଶ ସୁରକ୍ଷା ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ ।

## ଜଙ୍ଗଲ ବିଭାଗର ଚଢ଼ଉ
## ୨ ଦେଶୀ ବନ୍ଧୁକ ଜବତ; ୩ ଶିକାରୀ ଗିରଫ

ଅନୁଗୋଳ,୮ ।୧(ସମିସ): ଅନୁଗୋଳ ଫରେଷ୍ଟ ରେଞ୍ଜ ଅଧିକାରୀମାନେ ଗୁରୁବାର ମାଣିକଯୋଡ଼ି ବିଟବାଲିଆସାହିର ଏକ ଘରେ ଚଢ଼ଉ କରି ଦୁଇଟି ଦେଶୀ ବନ୍ଧୁକ ଜବତ କରିଛନ୍ତି । ଉକ୍ତ ଘରୁ ତିନି ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଗିରଫ ଶିକାରୀମାନେ ହେଲେ ବାଲିଆପଶି ସାହିର ଅମୂଲ୍ୟ ନାୟକ, ସୁଜନ ସେଠୀ ଓ ସହରସାହିର ସୁମନ୍ତ ବେହେରା । ପଚରାଉଚରା କରିବାରୁ ସେମାନେ ଶିକାର ପାଇଁ ପ୍ରସ୍ତୁତି ଚଳାଇଥିବା କହିଥିଲେ । ଚଢ଼ଉରେ ରେଞ୍ଜ ଅଧିକାରୀ ଉଦ୍ଧବ ବେହେରା, ଫରେଷ୍ଟର ଅଭିମନ୍ୟୁ ମାଝୀ, ଲିଜାଲିନ ସାହୁ, ପ୍ରଜ୍ଞାସିନୀ ଦାସ, ଲଳିତ କୁମାର ବେହେରା, ଫରେଷ୍ଟ ଗାର୍ଡ ସୁଜାତା ପ୍ରଧାନ, ଜୟସ୍ମିତା ସାହୁ, ଗୌରହରି ସେଠୀଙ୍କ ସମେତ ବହୁ ହାତୀ ସ୍କ୍ୱାଡ୍ ଓ ଗଜମିତ୍ର ସାମିଲ ହୋଇଥିଲେ ।

## ଡିଭାଇଡରେ ଧକ୍କାହୋଇ ଓଲଟିଲା କାର

ବଁଅରପାଳ,୮ ।୧(ସମିସ): ୫୫ନଂ ଜାତୀୟ ରାଜପଥର ବଁଅରପାଳ ଥାନା ନୂଆହତାଠାରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଅନୁଗୋଳରୁ କଟକ ଅଭିମୁଖେ ଯାଇଥିବା ଏହି କାର୍ ଭାରସାମ୍ୟ ହରାଇ ଡିଭାଇଡରେ ମାଡ଼ ହେବା ପରେ ପ୍ରାୟ ୨୦ ଫୁଟ ଘୋଷାରି ହୋଇ ରାସ୍ତାରେ ଓଲଟି ପଡ଼ିଥିଲା । ତେବେ ଗାଡ଼ିରେ ଥିବା ଚାଳକ ଓ ଅନ୍ୟ ଜଣେ ବ୍ୟକ୍ତିଙ୍କର କୌଣସି କ୍ଷତି ହୋଇନାହିଁ । ଘଟଣାସ୍ଥଳରୁ ଅନ୍ୟ ଏକ ଗାଡ଼ିରେ ଦୁହେଁ ଫେରାର ହୋଇଯାଇଥିବା ଜଣାପଡ଼ିଛି ।

## ଦେଶୀ ମଦ ଜବତ, ୩ ଗିରଫ

କଣିହାଁ,୮ ।୧(ସମିସ): କଣିହାଁ ପୁଲିସ ସାନହାର ଜଙ୍ଗଲରେ ଚଢ଼ଉ କରି ୧୨୦ ଲିଟର ଦେଶୀ ମଦ ଓ ଏକ ବାଇକ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସାନହାର ଗ୍ରାମର ଅଖିଳ ନାଏକ, ନରେନ୍ଦ୍ର ନାଏକ ଓ ଜୟନ୍ତ ନାଏକ ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ



ଖମାର,୮ ।୧(ସମିସ): ପାଲଲହଡ଼ା ବ୍ଲକ୍ ରୋହିଲା ପଞ୍ଚାୟତ ମା' କନକେଶ୍ୱରୀ ଉଚ୍ଚ ବିଦ୍ୟାପୀଠର ୧୮ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଦୁଇଦିନ ଧରି ଚାଲିଥିବା ଉତ୍ସବର ପ୍ରଥମ ଦିବସରେ ଖେଳ ଶିକ୍ଷକ ଗଣେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା । ଦ୍ୱିତୀୟ ଦିବସରେ ପ୍ରଧାନଶିକ୍ଷକ ବିଷ୍ଣୁଚରଣ ସାହୁଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଇଓ ଚିତ୍ତରଞ୍ଜନ ପରିଡ଼ା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ମଧୁସୂଦନ ସାହୁ, ଗୋଲେଖ ବିହାରୀ ସାହୁ, ସମାଜସେବୀ ମଦନ ମୋହନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ସାହୁ ଯୋଗଦେଇଥିଲେ । ବିଜ୍ଞାନ ଶିକ୍ଷକ ନବୀନ ରଞ୍ଜନ ସାହୁ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ନିରାକାର ଗଡ଼ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଚଳିତ ବର୍ଷ ବାଳିକା ବିଭାଗ କ୍ରୀଡ଼ାରେ ଦଶମ ଶ୍ରେଣୀର ମୁନିବର ପାଇ ଓ ବାଳକ ବିଭାଗରେ ଓମପ୍ରକାଶ ନାୟକ ଚାମ୍ପିଅନ ହୋଇଛନ୍ତି । କାର୍ଯ୍ୟକ୍ରମରେ ଶିକ୍ଷକ ଦିଲୀପ କୁମାର ସାହୁ, ସାରଙ୍ଗଧର ପରିଡ଼ା, ଡିଲେଶ୍ୱର ଗଡ଼ନାୟକ, ଯୁଗଳ କିଶୋର ସାହୁ, କର୍ମଚାରୀ ଦୁର୍ଯ୍ୟୋଧନ ସାହୁ, ଯୁଗଳ କିଶୋର ସାହୁ ଓ ଚକ୍ରଧର ସାହୁ ସହଯୋଗ କରିଥିଲେ ।

# ଆଇନ ସଚେତନତା ଶିବିର

ଅନୁଗୋଳ,୮ ।୧(ସମିସ): ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ, ସଦସ୍ୟ ସୁବାସ ଚନ୍ଦ୍ର ସାହୁ, ଡ. ପ୍ରଫୁଲ୍ଲ ବେହେରା, ପ୍ୟାନେଲ ଆଡଭୋକେଟ ତଥା ଡନ୍ ଓ ଆଶା ୟୁନିଟ ସଦସ୍ୟ ସୁମନ୍ତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ଦ୍ରୁତ ଜନସଂଖ୍ୟା ବୃଦ୍ଧି, ସହରାଞ୍ଚଳରେ ଜନସଂଖ୍ୟା ଘନତ୍ୱ ବୃଦ୍ଧି, ଶିଳ୍ପାୟନ, ଯାନବାହନ ଚଳାଚଳ ସଂଖ୍ୟା ବୃଦ୍ଧି ହେତୁ ବର୍ଜ୍ୟବସ୍ତୁର ମାତ୍ରା ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି । ବିଭିନ୍ନ ବର୍ଜ୍ୟବସ୍ତୁ ତଥା ଜୈବକ୍ଷୟବ, ପୁନଃ ଚକ୍ରଣଶୀଳ, ପୁନଃ ବ୍ୟବହାରକାରୀ ଓ ମିଶ୍ର ବର୍ଜ୍ୟବସ୍ତୁ ଉପରେ ବୁଝାଇଥିଲେ । ଆବର୍ଜନା ହ୍ରାସ କରନ୍ତୁ ଅଲଗା କରନ୍ତୁ-ପୁନଃ ବିନିଯୋଗ କରନ୍ତୁ, ପରିବେଶ-ସ୍ୱାସ୍ଥ୍ୟ ସୁରକ୍ଷିତ ରଖନ୍ତୁ ବୋଲି ଅତିଥିମାନେ କହିଥିଲେ । ଏହାସହ ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ଓ ନିଶାସକ୍ତ ବ୍ୟକ୍ତି ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝାଇଥିଲେ । ଆଇନସେବା ହିତାଧିକାରୀ ତାଙ୍କ ଆଇନଗତ ସମସ୍ୟା ବିଷୟରେ ମାଗଣାରେ ପରାମର୍ଶ ପାଇଁ ନାଲସା ହେଲ୍ପଲାଇନ ନମ୍ବର -୧୫୧୦୦ ସହ ଯୋଗାଯୋଗ କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅଳକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ଅଜଣା ଗାଡ଼ି ଧକ୍କାରେ ହେଲପର ମୃତ

କଣିହାଁ,୮ ।୧(ସମିସ): ୧୪୯ନଂ ଜାତୀୟ ରାଜପଥର କଣିହାଁ ବ୍ଲକ ସମଲ ଥାନା ଅନ୍ତର୍ଗତ ବରପାଳ ଛକ ସମାକୋଇ ପାଖରେ ଅଜଣା ଗାଡ଼ି ଧକ୍କାରେ ଜଣେ ଟ୍ରକ ହେଲପରଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ କେନ୍ଦୁଝର ଜିଲ୍ଲା ଠାକୁରଡିହର ଗୌରାଙ୍ଗ ମହାକୁଡ଼ (୪୦) । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ତାଳଚେର ପଠାଇ ତଦନ୍ତ ଚଳାଇଛି । ବୁଧବାର ରାତି ପ୍ରାୟ ସାଢ଼େ ୧ଟାରେ ରୁଙ୍ଗଟା ମାଇନ୍ସକୁ ଯାଉଥିବା ଏକ ହାଇୱା ଟ୍ରକ ବରପାଳ ଛକ ପାଖରେ ଠିଆ ହୋଇଥିଲା । ଗୌରାଙ୍ଗ ଗାଡ଼ିରୁ ଓହ୍ଲାଇ ଶୌଚ ପାଇଁ ଯାଇଥିଲେ । ଫେରିବାରେ ବିଳମ୍ବ ହେବାରୁ ଡ୍ରାଇଭର ଖୋଜା ଖୋଜି କରିବାରେ ରାତି ପ୍ରାୟ ସାଢ଼େ ୨ଟାରେ ରାସ୍ତା ଉପରେ ତାଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ । କୁହୁଡ଼ି ଯୋଗୁଁ ଅଜଣା ଗାଡ଼ି ଧକ୍କାରେ ଗୌରାଙ୍ଗଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି ।

## ବିପଦରେ ବାଜି ରାଉତ ଛାତ୍ରାବାସ
# 'ଅନୁଷ୍ଠାନର ଆଦର୍ଶ ସର୍ବୋଦୟ ଅହିଂସା ନୀତିରେ ହେଉ ସମାଧାନ'

ଅନୁଗୋଳ,୮ ।୧(ସମିସ):



ଅନୁଗୋଳ ତଥା ଓଡ଼ିଶାର ଐତିହ୍ୟସମ୍ପନ୍ନ ବାଜି ରାଉତ ଛାତ୍ରାବାସ ଆଜି ବିପଦରେ ପଡ଼ିଛି । ବିଭିନ୍ନ ଅସାଧୁ ପ୍ରକୃତିର ବ୍ୟକ୍ତିମାନେ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀଙ୍କ ପ୍ରତିଷ୍ଠିତ ସ୍ୱାଧୀନତା ଆନ୍ଦୋଳନର ଏହି ପବିତ୍ର ପୀଠକୁ ଧ୍ୱଂସ କରିଦେବା ପାଇଁ ଷଡ଼ଯନ୍ତ୍ର ଚଳାଇଛନ୍ତି । ଛାତ୍ରାବାସର ସମ୍ପତ୍ତି ଲୁଟ୍ ତଥା ଏହାର ସମ୍ମାନ ନଷ୍ଟ କରି ଏହାର ସ୍ଥାବର ଅସ୍ଥାବର ସମ୍ପତ୍ତି ହଡ଼ପ କରିବାକୁ ଯୋଜନା ଚଳାଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ

### ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ନୁମାବାପିଙ୍କ ବୃହତ ପରିବାର ଉତ୍ତରାଧିକାରୀ

୧୯୯୬ରେ ଏକ 'ଉଇଲ୍' ମାଧ୍ୟମରେ ଅନୁଗୋଳରେ ନିଜେ ଖରିଦ କରିଥିବା ସମସ୍ତ ସମ୍ପତ୍ତିକୁ ମାଳତୀ ଦେବୀ ଦାନ କରିଦେଇଥିଲେ । ସେଥିମଧ୍ୟରୁ ୨.୨୩ ଏକର ଜମି ବାଜି ରାଉତ ଛାତ୍ରାବାସକୁ ଏବଂ ଅନ୍ୟ ଜମି ତାଙ୍କ କନ୍ୟା କୃଷ୍ଣା ମହାନ୍ତି ଓ ତାଙ୍କ ବୃହତ ପରିବାରର ସୁଶୀଳା ବେହେରା, ପ୍ରିୟମ୍ବଦା ଗିରି, ସୂର୍ଯ୍ୟମଣି ବେହେରା ପ୍ରମୁଖଙ୍କୁ ମଧ୍ୟ ଦାନ କରିଥିଲେ । ମାଳତୀ ଦେବୀଙ୍କ 'ଉଇଲ୍'ର ପ୍ରୋବେଟର ଭାବେ ତାଙ୍କ ଜ୍ୱାଇଁ ବିଭୂତି ଭୂଷଣ ମହାନ୍ତି ଓ ସାକ୍ଷୀ ଭାବେ କନ୍ୟା କୃଷ୍ଣା ମହାନ୍ତି ଥାଇ ଏହି ଜମି ଛାତ୍ରାବାସ ସମେତ ସମସ୍ତଙ୍କ ନାମରେ ରେଜିଷ୍ଟ୍ରିଭୁକ୍ତ ହୋଇସାରିଛି । ତେବେ କ୍ରିଷ୍ଣା ମହାନ୍ତିଙ୍କ ପୁଅ ଏହି ସମ୍ପତ୍ତିକୁ ନିଜ ନାମରେ କରାଇଦେବାକୁ ଯୋଜନା କରୁଛନ୍ତି । ଏହି ଅନୁଷ୍ଠାନର ସମ୍ପତ୍ତିକୁ ଲୁଟ୍ କରିବା ପାଇଁ କୃଷ୍ଣା ମହାନ୍ତିଙ୍କ ପୁଅ ଓ ବୋହୂଙ୍କୁ ଅର୍ଥ ଦେଇ ଏହି ଜମି ନେବାର ଷଡ଼ଯନ୍ତ୍ର କରିଥିବା କିଛି ଲୋକେ ଚକ୍ରାନ୍ତ ଚଳାଇଛନ୍ତି । କୃଷ୍ଣା ମହାନ୍ତି ଛାତ୍ରାବାସର ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିବାରୁ ପୁଅ-ବୋହୂ ତାଙ୍କୁ ଶାରୀରିକ ଏବଂ ମାନସିକ ଯନ୍ତ୍ରଣା ଦେଇ ଚାଲିଛନ୍ତି । କୃଷ୍ଣା ମହାନ୍ତି ବାଧହୋଇ 'ନୁମାବାପୀ କୁଟୀର', ଯାହାକୁ ଛାତ୍ରାବାସ ମ୍ୟୁଜିୟମ ଭାବେ ଘୋଷଣା କରାଯାଇଛି, ସେଠାରେ ରହିବାକୁ ବାଧ ହେଉଛନ୍ତି । କୃଷ୍ଣା ମହାନ୍ତିଙ୍କ ସହଯୋଗୀ ତଥା ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନେ ମଧ୍ୟ କୃଷ୍ଣା ମହାନ୍ତିଙ୍କ ପୁଅ-ବୋହୂଙ୍କ ଆକ୍ରୋସରୁ ନିସ୍ତାର ପାଉନାହାନ୍ତି । ସମସ୍ତଙ୍କୁ ନିନ୍ଦା ଅପବାଦ ଦେଇ ଅପପ୍ରଚାର ଚଳାଇଛନ୍ତି । ମିଥ୍ୟା ମାମଲା ଦେଇଛନ୍ତି । ଛାତ୍ରାବାସରେ ରହୁଥିବା ଦଳିତ ଓ ଆଦିବାସୀ ଝିଅମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ବି କୃଷ୍ଣା ମହାନ୍ତିଙ୍କ ପୁଅବୋହୂ ପଛାଉ ନାହାନ୍ତି ବୋଲି କ୍ଷୋଭର ସହିତ ସାମ୍ବାଦିକ ସମ୍ମିଳନୀରେ କୃଷ୍ଣା ମହାନ୍ତି ପ୍ରକାଶ କରିଛନ୍ତି ।

ଏକଦା ଅନୁଷ୍ଠାନର ଜଣେ ପୁରାତନ ଛାତ୍ର ଏବଂ ପରବର୍ତ୍ତୀ ସମୟରେ ନିଜେ ଛାତ୍ରାବାସର କୋଷାଧ୍ୟକ୍ଷ ଥିବାବେଳେ ତଞ୍ଚକତା କରି କୌଣସି ସର୍ବସାଧାରଣ ନୋଟିସ୍ ନ ଦେଇ, ମନକୁ ମନ ନିଜ ପୁଅ ନାମରେ ଦୋକାନ ଘର କରିନେଇଛନ୍ତି । ଏହାର ବିରୋଧ କରିବାରୁ ସେ କୃଷ୍ଣା ମହାନ୍ତିଙ୍କୁ ଅସମ୍ମାନଜନକ ଭାଷାରେ ଗାଳିଗୁଲଜ କରିଛନ୍ତି । ଏଥିସହ କ୍ରିଷ୍ଣା ମହାନ୍ତିଙ୍କ ପୁଅବୋହୂଙ୍କ ସହ ମିଶି ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଡା. ବିଶ୍ୱଜିତ ବିରୋଧରେ ମିଥ୍ୟା ପ୍ରଚାର କରିବା ସହ ସାମ୍ବାଦିକ ସମ୍ମିଳନୀ କରି ସମ୍ମାନହାନି କରିଛନ୍ତି । ମାଳତୀ ଦେବୀଙ୍କ ପ୍ରତିଷ୍ଠିତ ଓ ବର୍ତ୍ତମାନ କୃଷ୍ଣା ମହାନ୍ତି ସଭାପତି ଥିବା 'ଉତ୍କଳ ଗାନ୍ଧୀ ସ୍ମାରକନିଧି', ଯାହା ନବକୃଷ୍ଣ ଚୌଧୁରୀଙ୍କ କଟକ ଗୃହରେ ଚାଲିଛି, ସେହି ଅନୁଷ୍ଠାନ ପକ୍ଷରୁ ଛାତ୍ରାବାସର ସହମତିରେ ସାଂସଦ ପାଣ୍ଠିରେ ନିର୍ମାଣ ହେବାକୁ ଥିବା ରେଡିଓ ଗୃହକୁ କରାଇ ନ ଦେବା ଓ ରାତିଅଧିଆ ଦୋକାନ ଗୃହ କରି ମାଡ଼ିବସିବା ଯୋଜନା କରିଛନ୍ତି । ତିନିକୋଣିଆ ବଗିଚାକୁ ବାଡ଼ ଦେଇଥିବା ବେଳେ ପୌର ପରିଷଦ ପୁଲିସ ଫୋର୍ସ ସହ ସେହି ବାଡ଼କୁ ଉଠାଇ ଦେଇଛି । ସ୍ୱାଧୀନତା ପୂର୍ବରୁ ଆଜିପର୍ଯ୍ୟନ୍ତ ଗାନ୍ଧୀ ଓ ସର୍ବୋଦୟ ବିଚାରଧାରାରେ ପରିଚାଳିତ ଏହି ଅନୁଷ୍ଠାନ କେବଳ ଅନୁଗୋଳ ନୁହେଁ, ବରଂ ସମଗ୍ର ରାଜ୍ୟର ଅନଗ୍ରସର, ଆଦିବାସୀ ଓ ଦଳିତ ଶ୍ରେଣୀର ପିଲାମାନଙ୍କ ସେବା କରିଆସୁଛି । ଏଭଳି ଏକ ସୁନାମଧନ୍ୟ ଅନୁଷ୍ଠାନକୁ ସହଯୋଗ କରିବା ନିମନ୍ତେ ଛାତ୍ରାବାସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୃଷ୍ଣା ମହାନ୍ତି, ଅନ୍ତର୍ଯ୍ୟାମୀ ବରାଳ, ଡା. ଇନ୍ଦିରା ଦାଶ, ଇଂ ଧନେଶ୍ୱର ସାହୁ, ଶାନ୍ତିଲତା ପ୍ରଧାନ, କୈଳାସ ଚନ୍ଦ୍ର ସାହୁ, ସୂର୍ଯ୍ୟନାରାୟଣ ନାଥ, ଡା. ବିଶ୍ୱଜିତ, ଆଦ୍ୟଶ୍ଲୋକ ମିଶ୍ର, ରାଜଲକ୍ଷ୍ମୀ ମହାନ୍ତି, ସୁଜାତା ପ୍ରୀତିନନ୍ଦା, ମିହିର ପ୍ରତାପ ଦାସ, ଶଙ୍କର ବେହେରା ଓ କୁମୁଦ ଚନ୍ଦ୍ର ନାୟକ ପ୍ରମୁଖ ନିବେଦନ କରିଛନ୍ତି ।






## ମହିଳା ବିଡିଓଙ୍କୁ କାର୍ଯ୍ୟାଳୟରେ ବିଜେପି ନେତାଙ୍କ ଆକ୍ରମଣ ଘଟଣା

# ୬ ଦିନ ପରେ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିଲେ ବିଡିଓ

ରାଜନଗର,୮।୧(ସମିସ)



ରାଜନଗର ବ୍ଲକ୍ର ମହିଳା ବିଡିଓଙ୍କୁ ତାଙ୍କ କାର୍ଯ୍ୟାଳୟରେ ସଙ୍ଗବଦ୍ଧ ଭାବେ ଘେରିବା ଓ ଲାଫେଟ ଉଠାଇ ମାରିବାକୁ ବିଜେପି ନେତାଙ୍କ ଉଦ୍ୟମ ଘଟଣାରେ ବ୍ଲକରେ ଲାଗି ରହିଥିବା ଅଚଳାବସ୍ଥା ଦୂର ହୋଇଛି। ୬ ଦିନ ଧରି ବିଡିଓ ଅନୁପସ୍ଥିତ ରହିବା ପରେ ଆଜି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଲେ। ବିଡିଓ ତିଲୋତ୍ତମା ପୃଷ୍ଟିଙ୍କ ଅନୁରୋଧ ଓ ଅତିରିକ୍ତ ଏସପି ସୁଧାକର ସାହୁଙ୍କ ପତିଶ୍ରୁତି ପରେ ଆନ୍ଦୋଳନକାରୀ ବ୍ଲକ କାର୍ଯ୍ୟାଳୟ ତାଲା ଖୋଲିବା ସହିତ ଆନ୍ଦୋଳନରୁ ଓହରିଛନ୍ତି। ୭ ଦିନ ମଧ୍ୟରେ ମହିଳା ବିଡିଓଙ୍କୁ ମାଡ଼ ମାରିଥିବା ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ୧୬ ତାରିଖ ଦିନ ଏସ୍ପି ଅଫିସ ଘେରଉ କରାଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଆଜି ସକାଳେ ସରପଞ୍ଚ ସଂଘ ସଭାପତି ଅଶୋକ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ରଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ ଓ କର୍ମୀ ବ୍ଲକ କାର୍ଯ୍ୟାଳୟରେ ଧାରଣରେ ବସି ରହିଥିଲେ। କାର୍ଯ୍ୟାଳୟରେ ତାଲା ଝୁଲୁଥିଲା ଓ କର୍ମଚାରୀ ଅଫିସ ବନ୍ଦ ଥିବାରୁ ବାହାରେ ବୁଲୁଥିଲେ। ଦିନ ପ୍ରାୟ ୧ ଘଟିକା ସମୟରେ ବିଡିଓ, ଅତିରିକ୍ତ ଏସପି ପହଞ୍ଚିଥିଲେ। ଆନ୍ଦୋଳନକାରୀଙ୍କୁ ବିଡିଓ ଧାରଣରୁ ଉଠିଯିବାକୁ ଅନୁରୋଧ କରିଥିଲେ। ଅତିରିକ୍ତ ଏସପି ଗତକାଲି ବିଧାୟକ, ଜିଲ୍ଲାପାଳ, ଏସପିଙ୍କ ସହିତ ବୈଠକ କରିଥିଲେ। ବୈଠକରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସପି ପତିଶ୍ରୁତି ଦେଇଛନ୍ତି। ବ୍ଲକରେ ସ୍ଥିରତା ଫେରିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ଆନ୍ଦୋଳନରୁ ଓହରିଯିବାକୁ ଅନୁରୋଧ କରିଥିଲେ। ପରେ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଏସପି, ବିଡିଓ ଓ ସରପଞ୍ଚ, ସମିତି ସଭ୍ୟ ଆଲୋଚନା କରିଥିଲେ। ଆଲୋଚନା ପରେ ଅଭିଯୁକ୍ତଙ୍କୁ ନିଶ୍ଚିତ ଗିରଫ କରାଯିବ ବୋଲି ଅତିରିକ୍ତ ଏସପି ଆନ୍ଦୋଳନକାରୀଙ୍କୁ କହିଥିଲେ। ଏହାପରେ ଆନ୍ଦୋଳନକାରୀ ବ୍ଲକ କାର୍ଯ୍ୟାଳୟରୁ ତାଲା ଖୋଲିବା ସହିତ ଆନ୍ଦୋଳନରୁ ଓହରିଯାଇଛନ୍ତି।

### ବିଡିଓଙ୍କ ଅନୁରୋଧ ଓ ଅତିରିକ୍ତ ଏସପିଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

## ରଘୁଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ ସମସ୍ୟାର ତଦନ୍ତ କଲେ ଜିଲ୍ଲାପାଳ

ପଟ୍ଟାମୁଣ୍ଡାଇ,୮।୧(ସମିସ): ରଘୁଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ ୧୯୫୬ରେ ସ୍ଥାପିତ ହୋଇଥିଲେ ହେଁ ଏବେବି ପୁରୁଣା ଆଜବେଷ୍ଟସ ଘରେ କାମ ଚାଲିଛି। ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ହୋଇଥିବାବେଳେ ଜିଲ୍ଲାପାଳ ରଘୁରାମ ଆର୍ ଆୟର ନିଜେ ପଞ୍ଚାୟତ ଅଫିସ୍କୁ ଯାଇ ତଦନ୍ତ କରିଛନ୍ତି। ଜମି ସମସ୍ୟାର ସମାଧାନ ହେବା ପରେ ଶୀଘ୍ର ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଓ ରାଜୀବ ଗାନ୍ଧୀ ଗୃହ ନିର୍ମାଣ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ଏହି ପଞ୍ଚାୟତର ସମସ୍ୟା କୋର୍ଟରେ ପହଞ୍ଚିଥିବାବେଳେ କୋର୍ଟ ପ୍ରାୟ ୭ ମାସ ହେଲା ନୋଳ ସାହିରେ ନୂତନ କାର୍ଯ୍ୟାଳୟ ସ୍ଥାପନ ପାଇଁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୌଣସି କାମ ଆଗକୁ ଆଗେଇ ନ ଥିବା ଅଭିଯୋଗ ହେଉଛି। ସରକାରୀ ଯୋଜନା କାର୍ଯ୍ୟାଳୟ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏଠି ଜମି ସମସ୍ୟା ନେଇ ପଞ୍ଚାୟତ ଅଫିସ୍ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ପଞ୍ଚାୟତ କାର୍ଯ୍ୟାଳୟ ନ ଥିବାରୁ ସରପଞ୍ଚ ହୋଇଥିଲେ ମଧ୍ୟ ଅଧିକାଂଶ ସମୟରେ ଆସୁ ନ ଥିବା ଓ ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଆସୁଥିବା କମ୍ପ୍ୟୁଟର, ଫ୍ୟାନ, ଚେୟାର, ଟେବୁଲ୍ ବିଭିନ୍ନ ପ୍ରକାରର ଜିଣିଷରୁ ବଞ୍ଚିତ ହେଉଛନ୍ତି। ରଘୁଦେଇପୁର ସମବାୟ ସମିତି ଜମି ପଞ୍ଚାୟତ ନୂତନ କାର୍ଯ୍ୟାଳୟ ପାଇଁ ଜମି ଦେବା ସହ ସହଯୋଗ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ତଦନ୍ତ ବେଳେ ବିଡିଓ ନମିତା ବାରିକ, ସ୍ଥାନୀୟ ସରପଞ୍ଚ ଭକ୍ତିଲତା ନାୟକ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର

ଡେରାବିଶ,୮।୧(ସମିସ): ପ୍ରାଥମିକ ବିଦ୍ୟାଳୟସ୍ତରରେ ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ବ୍ଲକ୍ ଅଞ୍ଚଳରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ବୁଧବାର କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଏହି ଭିତ୍ତିପ୍ରସ୍ତର ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ଅଧୀନ ବେଲାରପୁରସ୍ଥିତ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଜିଲ୍ଲାପାଳ ରଘୁରାମ ଆର୍ ଆୟାର୍, ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ଡେରାବିଶ ବିଡିଓ ନମିତା ବାରିକ, ସ୍ଥାନୀୟ ସରପଞ୍ଚ ଭକ୍ତିଲତା ନାୟକ, ସମିତିସଭ୍ୟା ମୋନାଲିସା ମଲ୍ଲିକ ଉପସ୍ଥିତ ଥିଲେ। ଏହି ବିଦ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ଘଟିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଉତ୍ସବରେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ସଚିକାନ୍ତ ମିଶ୍ର, ଖଗେଶ୍ୱର ନାୟକ, ନୋଡାଲ ପ୍ରଧାନଶିକ୍ଷୟିତ୍ରୀ ଡ. କାନନବାଳା ନାୟକ, ପ୍ରଧାନଶିକ୍ଷକ କମଳାକାନ୍ତ ସାହୁ ଉପସ୍ଥିତ ରହି ଏହି ନୂତନ ଶିକ୍ଷା ଯୋଜନା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସୂଚନା ଦେଇଥିଲେ।

## ମହାକାଳପଡ଼ା ବିଧାୟକଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା

କେନ୍ଦ୍ରାପଡ଼ା,୮।୧(ସମିସ): ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଉନ୍ନତି ନିମନ୍ତେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ ନାୟକ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ସହ ଆଲୋଚନା କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ନିର୍ବାଚନମଣ୍ଡଳୀରେ ଚାଲିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଓ ଜମି ଅଧିଗ୍ରହଣ ସ୍ଥିତିର ସମୀକ୍ଷା କରାଯାଇଥିଲା। ଡିଏଫଓ ଭରତରାଜ ଗାଡ଼ିକର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକ, ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ଜିଲ୍ଲା ପର୍ଯ୍ୟଟନ ଓ ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ଶେଷ ହୋଇ ନ ଥିବା କାମ ସମୟସୀମା ମଧ୍ୟରେ ସମ୍ପନ୍ନ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଅଣ୍ଡରପାସ ଦାବିରେ ଚତୁର୍ଥ ଦିବସରେ ଅନଶନ



ମାର୍ଶାଘାଇ,୮।୧(ସମିସ): ମାର୍ଶାଘାଇ ବ୍ଲକ୍ ଶିଳିପୁର ଛକ ରାଜପଥରେ ଅଣ୍ଡରପାସ ଦାବିରେ ଚତୁର୍ଥ ଦିନରେ ଅନଶନ ପହଞ୍ଚିଛି। ଅନଶନକୁ ସମର୍ଥ ଓ ପ୍ରଶାସନ ଅନଶନକାରୀଙ୍କ ଦାବିକୁ ଗୁରୁତ୍ୱ ନ ଦେବାକୁ ନେଇ ଗୁରୁବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଶତାଧିକ ମହିଳା ଓ ଛାତ୍ରଛାତ୍ରୀ ରାଜପଥରେ ପ୍ରତିବାଦ କରିଥିଲେ। ଫଳରେ ରାଜପଥରେ ଗାଡ଼ି, ମୋଟର ଚଳାଚଳ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ରାଜପଥ ଉପରେ ହଜାର ହଜାର ତୈଳଟ୍ୟାଙ୍କର ସହ ପଣ୍ୟବାହୀ ଟ୍ରକ, ବସ ରାଜପଥ ଦିନତମାମ ଅଟକି ରହିଛି। ମହିଳା, ଛାତ୍ରଛାତ୍ରୀ ଆନ୍ଦୋଳନକୁ ଓହ୍ଲାଇବା ଖବର ପାଇ ଉପଜିଲାପାଳ ଅରୁଣ ନାୟକ, ଏସ୍ଡିପିଓ ଜ୍ୟୋତିରଞ୍ଜନ ଗୌଡ, ତହସିଲଦାର ଶ୍ରୀକାନ୍ତ ପରିଜା, ମାର୍ଶାଘାଇ ଥାନା ଅଧିକାରୀ ତପନ ନାୟକ ପହଞ୍ଚିଥିଲେ। ଉପଜିଲ୍ଲାପାଳ ଶ୍ରୀ ନାୟକଙ୍କ ଆନ୍ଦୋଳନକାରୀ ମହିଳା, ଛାତ୍ର, ଯୁବକଙ୍କ ସହ ଆଲେଚନା ବିଫଳ ହୋଇଥିଲା। ପୂର୍ବରୁ ଜିଲ୍ଲା ପ୍ରଶାସନ ଅନେକଥର ପ୍ରତିଶ୍ରୁତି ଦେଇ ପୂରଣ କରିନାହିଁ। ଉପଜିଲ୍ଲାପାଳଙ୍କ ମୌଖିକ ପ୍ରତିଶ୍ରୁତିକୁ ଆନ୍ଦୋଳନକାରୀ ଗ୍ରହଣ କରିବାକୁ ନାରାଜ ଅଛନ୍ତି। ପୂର୍ବରୁ ନିର୍ମିତ ଅଣଓସାରିଆ ଗଳାବାଟକୁ ଉପଜିଲ୍ଲାପାଳଙ୍କୁ ଦେଖାଇଥିଲେ। ଏହି ବାଟରେ ସାଧାରଣ ଲୋକେ ଯାତାୟାତ ସମ୍ଭବ କି ବୋଲି ଉପଜିଲାପାଳଙ୍କୁ ପ୍ରଶ୍ନ କରିଥିଲେ। ଅନଶନକାରୀ ଓ ରାଜପଥରେ ପ୍ରତିବାଦକାରୀ ମହିଳା, ଛାତ୍ରଛାତ୍ରୀ, ଯୁବକ ଲିଖିତ ପ୍ରତିଶ୍ରୁତି ଦେଲେ ଆନ୍ଦୋଳନରୁ ଓହରିବେ ବୋଲି ରୋକଠୋକ ଶୁଣାଇଥିଲେ। ଅପରାହ୍ନ ୫ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା ଓ ସମାଧାନ ବାଟ ବାହାରିବା ଆଶା କରାଯାଉଛି। ଜିଲ୍ଲାପାଳଙ୍କ ଉପରେ ଭରସା ରଖି ଛାତ୍ରଛାତ୍ରୀ ଆନ୍ଦୋଳନ ସ୍ଥଳରୁ ଓହରିଯାଇଥିବା ଜଣାପଡ଼ିଛି। ଯଦି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ କୌଣସି ସ୍ଥାୟୀ ନିଷ୍କର୍ଷ ନବାହାରିବ ତେବେ ଆସନ୍ତାକାଲି ପୁର୍ନବାର ଛାତ୍ରଛାତ୍ରୀ ମହିଳା ଓ ଯୁବକ ରାଜପଥ ଉପରେ ଦାବିପୁରଣ ନେଇ ଆନ୍ଦୋଳନ ଜାରିରଖିବେ ବୋଲି ଚେତାବନୀ ଦେଇଛନ୍ତି।

## ଜୟହିନ୍ଦ ବିଦ୍ୟାଳୟରେ ପିଏମ୍ଶ୍ରୀ ଉତ୍ସବ



ପଟ୍ଟାମୁଣ୍ଡାଇ, ୮।୧(ସମିସ): ସର୍ବପୁରାତନ ଦାଣ୍ଡିସାହି ପିଏମ୍ଶ୍ରୀ ଜୟହିନ୍ଦ ଉଚ୍ଚ ବିଦ୍ୟାଳୟରେ ପିଏମ୍ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଭ୍ୟା ପ୍ରିୟଦର୍ଶନୀ ତରାଇ ମୁଖ୍ୟବକ୍ତା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ମାନସ ସାମଲ, ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ସମିତି ସଭ୍ୟ ଶଶାଙ୍କ ବିଶ୍ୱାଳ ଓ ସ୍କୁଲ ପରିଚାଳନା କମିଟି ସଭାପତି ଅଲେଖ ମଲିକ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ୪ଟି ପ୍ରଦର୍ଶନୀକୁ ମୁଖ୍ୟଅତିଥି ଉଦଘାଟନ କରିଥିଲେ। ପ୍ରଧାନଶିକ୍ଷକ ଭାସ୍କର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପଣ୍ଡିତ ପ୍ରଭାତ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଜୟଲକ୍ଷ୍ମୀ ଦାଶ ସ୍ୱାଗତ ବକ୍ତବ୍ୟ ଓ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଶ୍ୱକଲ୍ୟାଣୀ ଓଝା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ନିଶିକାନ୍ତ ନାୟକ, ରବୀନ୍ଦ୍ର ନନ୍ଦୀ, କୁବେର ନାୟକ, ଦେବବ୍ରତ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ଧନିଆପଡ଼ା କ୍ରିକେଟ୍, ଏନସିସି ଚାମ୍ପିଅନ୍



ମହାକାଳପଡ଼ା,୮।୧(ସମିସ): ମାର୍ଶାଘାଇ ଥାନା ଧନିଆପଡା ବିଏମସିସି କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ୧୪ତମ ବାର୍ଷିକ ରାଜକିଶୋର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କେନ୍ଦ୍ରାପଡ଼ାର ଏନସିସି ଟିମ ଜଗତସିଂହପୁର ରାହାମାର ନିୟୁ ଏଚପିସି ଟିମକୁ ହରାଇ ଚାମ୍ପିଅନ ହୋଇଛି। ଫାଇନାଲ୍ ମ୍ୟାଚ୍ରେ ନ୍ୟୁ ଏଚପିସି ରାହାମା ନିର୍ଦ୍ଧାରିତ ୧୦ ଓଭରରେ ୯୮ ରନ କରିଥିଲା। ଜବାବରେ ଏନସିସି ୮.୫ ଓଭରରେ ଆବଶ୍ୟକ ୯୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ୮ ଓଭର ବିଶିଷ୍ଟ ହୋଇଥିଲା। ରାହାମା ୫୭ ରନ କରିଥିବାବେଳେ ଏନସିସି ୫ ଓଭରରେ ୬୦ ରନ କରି ବିଜୟୀ ହୋଇଥିଲା। ୩ ପର୍ଯ୍ୟାୟ ବିଶିଷ୍ଟ ଏହି ଫାଇନାଲ ମ୍ୟାଚରେ ୨-୦ରେ କେନ୍ଦ୍ରାପଡ଼ା ଟିମ ବିଜୟୀ ହୋଇ ଚାମ୍ପିଅନ୍ ହୋଇଛି। ମୁଖ୍ୟଅତିଥି ଭାବେ ପାରାଦୀପର ଶ୍ରମିକ ନେତା ରାକେଶ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ଦାସ, ଭଗବାନ ସ୍ୱାଇଁ, ସିନେ କଳାକାର ସୋହମ ସିଂ, ବିଦ୍ୟା ମହାନ୍ତି, ସୋମୁ ଭାଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ତିରେନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିଲେ। ରାଜକିଶୋର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସଂଯୋଜକ ଅଜୟ ବେହେରା, ବିଜୟ ବେହେରା, ସଞ୍ଜୟ ବେହେରା ଓ ସାଜନ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟକୁ ଧନିଆପଡା ବିଏମସିସିର ସଭାପତି ନିହାର ରଞ୍ଜନ ସ୍ୱାଇଁ, ସମ୍ପାଦକ ତୋଫାନ ସ୍ୱାଇଁ ପରିଚାଳନା କରିଥିଲେ।

## ପଟ୍ଟାମୁଣ୍ଡାଇରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ



ପଟ୍ଟାମୁଣ୍ଡାଇ,୮।୧(ସମିସ): ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ଓ କେନ୍ଦ୍ରାପଡ଼ା ଉଠାଜଳସେଚନ ନିଗମ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ଉଠାଜଳସେଚନ ନିଗମ ଉପଖଣ୍ଡ ସନ୍ନିକଟ ମଙ୍ଗଳା ମଣ୍ଡପରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଦୀପ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଜିଲ୍ଲା କୃଷି ଅଧିକାରୀ ସୁରେଶ ମଲିକ ମୁଖ୍ୟଅତିଥି, କୃଷି ବିଭାଗ ଦ୍ୱାରା ପୁରସ୍କୃତ ସଫଳ ଚାଷୀ ଅଜୟ ଜେନା, ଉଠାଜଳସେଚନ ସଂଘ ନେତା ବ୍ରଜବନ୍ଧୁ ଦାଶ, ବଡପଡ଼ାର ପୂର୍ବତନ ସରପଞ୍ଚ କୈଳାସ ସିଂହ, ରାଜନଗର ଆତ୍ମା କମିଟି ପ୍ରାକ୍ତନ ସଭ୍ୟ ପାରେଶ୍ୱର ନାୟକ, ଗରଦପୁରର ଅଗ୍ରଣୀ ଚାଷୀ ହେମନ୍ତ ଦାସ, ବରିଷ୍ଠ ଚାଷୀ ଅଧିର ସାହୁ, ଅଗ୍ରଣୀ ଚାଷୀ ଅକ୍ଷୟ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସରକାରୀ ଯନ୍ତ୍ରୀ ନିମାଇଁ ସେଠୀ ସଂଯୋଜନା କରିଥିଲେ। ପଟ୍ଟାମୁଣ୍ଡାଇ ଉପଖଣ୍ଡ ଉଠା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ପ୍ରଦୀପ ନାୟକ ସ୍ୱାଗତ ଭାଷଣ, ଅଶୋକ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପାଣି ପଞ୍ଚାୟତ ପକ୍ଷ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ରାକେଶ ସେନାପତି ଧନ୍ୟବାଦ ଦେଇଥିଲେ।

## ଜଳିଗଲା ଧାନଗଦା, ଭାଗଚାଷୀଙ୍କ ବର୍ଷକର ଆଶା ଭସ୍ମୀଭୂତ

ଗରଦପୁର,୮।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ଅଧୀନ ତେନ୍ତୋଳ ଗ୍ରାମରେ ଧାନଗଦା ଜଳିଯାଇଛି। ଏଥିରେ ଭାଗ ଚାଷ କରିଥିବା ଚାଷୀ ସର୍ବସ୍ୱ ହରାଇଛନ୍ତି। ଭାଗଚାଷୀ ଭରତ ଓଝା ୨ ଏକର ଜମି ଭାଗ ଆଣି ଧାନଚାଷ କରିଥିଲେ। ବର୍ଷଭରି ଖର୍ଚ୍ଚ, ଅକ୍ଲାନ୍ତ ପରିଶ୍ରମ କରି ଚାଷ କରି କାଟିଥିବା ଧାନକୁ ସେ କାଳୀ ମନ୍ଦିର ନିକଟରେ ଧାନଗଦା କରି ରଖିଥିଲେ। ଏହି ଧାନ ଥିଲା ତାଙ୍କ ପରିବାରର ବର୍ଷକର ଆହାର ଓ ଜୀବିକାର ଏକମାତ୍ର ଆଧାର। ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ଧାନଗଦାରେ ନିଆଁ ଲଗାଇ



ଦେଇଥିଲେ। ଧାନଗଦା ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିଲା। କୋରୁଆ ଅଗ୍ନିଶମ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ବି ସେତେବେଳେ ସବୁକିଛି ଶେଷ ହୋଇସାରିଥିଲା। ଏହି ଅଘଟଣ ପରେ ଭରତ ଓଝା ବର୍ଷକର ଆହାର ହରାଇ ମୁଣ୍ଡରେ ହାତ ଦେଇ କାନ୍ଦୁଛନ୍ତି। ଜଣେ ଗରିବ ଭାଗଚାଷୀ ପାଇଁ ଏପରି ଘଟଣା କେବଳ ଆର୍ଥିକ କ୍ଷତି ନୁହେଁ, ବରଂ ସମଗ୍ର ପରିବାରର ଭବିଷ୍ୟତକୁ ଅନ୍ଧକାରରେ ଠେଲିଦେବା ସହ ସମାନ। ଏ ନେଇ ଅଞ୍ଚଳରେ ଭୟ ଓ କ୍ଷୋଭ ପ୍ରକାଶ ପାଇଛି। ତଳକୁସୁମା ସରପଞ୍ଚଙ୍କ ପ୍ରତିନିଧି ଅଶୋକ ଜେନା ଓ ୱାର୍ଡ ସଭ୍ୟ ରଞ୍ଜନ ଓଝା ପ୍ରମୁଖ ଘଟଣାର ତୀବ୍ର ନିନ୍ଦା କରିଛନ୍ତି। ସେମାନେ ଭରତ ଓଝାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ସହ ଘଟଣା ପଛରେ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି କଠୋର ଦଣ୍ଡ ଦେବାକୁ ପ୍ରଶାସନଙ୍କୁ ଦାବି କରିଛନ୍ତି।

## ସୈନିକ ସଂଘ ପକ୍ଷରୁ ଶାରୀରିକ ଦକ୍ଷତା ପ୍ରଶିକ୍ଷଣ ଶିବିର


ରାଜନଗର,୮।୧(ସମିସ): ରାଜନଗର ବ୍ଲକ୍ ସୈନିକ ସଂଘ ପକ୍ଷରୁ ନିଃଶୁଳ୍କ ଶାରୀରିକ ଦକ୍ଷତା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ଜାଭିୟର ହାଇସ୍କୁଲ ପରିସରରେ ଅନୁଷ୍ଠିତ ଏହି ଶିବିରକୁ ଅଭିରାମ ପରମହଂସ ଦେବଙ୍କ ସେବକ ଅଭୟ ବାବା ଉଦଘାଟନ କରିଥିଲେ। ସୈନିକ ସଂଘ ସଭାପତି ସୁବେଦାର ମେଜର ଗଗନ ବିହାରୀ ସ୍ୱାଇଁ ଏହି ଶିବିରର ଆଭିମୁଖ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ରାଜନଗର ଓ ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଧିକରୁ ଅଧିକ ଯୁବପିଢ଼ି ଭାରତୀୟ ସେନାରେ ସାମିଲ ହୋଇ ରାଷ୍ଟ୍ର ନିର୍ମାଣରେ ଭାଗିଦାର ହୁଅନ୍ତୁ ବୋଲି ସମ୍ପାଦକ ଅଚ୍ୟୁତାନନ୍ଦ ପ୍ରଧାନ ମତବ୍ୟକ୍ତ କରିଥି। ଜାଭିୟର ବିଦ୍ୟାଳୟର ପ୍ରତିଷ୍ଠାତା କବିତା ପ୍ରଧାନ, ଅଧ୍ୟକ୍ଷ ଶୁକଦେବ ଖଟୁଆ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ସଂଘର ସଦସ୍ୟ ରମାକାନ୍ତ ମାହୁନ୍ତ, ଅକ୍ଷୟ ନାୟକ, ରବୀନ୍ଦ୍ର ମହାରଣା, ତ୍ରିଲୋଚନ ପାଢୀ ପ୍ରମୁଖ ପରିଚାଳନା କରିଥିଲେ। ୫୦ ଜଣ ଆଶାୟୀ ଯୁବକ ଶିବିରରେ ଯୋଗ ଦେଇଥିଲେ। ରଶ୍ମିରଞ୍ଜନ ରାଉତ ଧନ୍ୟବାଦ ଦେଇଥିଲେ।

## ବିବାହ ଭୋଜି ଖାଇ ୩୦୦ ଆକ୍ରାନ୍ତ

ରାଜନଗର, ୮।୧(ସମିସ): ବିବାହ ଭୋଜି ଖାଇ ୩୦୦ରୁ ଅଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଘରେ ଘରେ ଝାଡ଼ାବାନ୍ତି ଆକ୍ରାନ୍ତ ରୋଗୀ ରହିଛନ୍ତି। ହାତିନା ପଞ୍ଚାୟତ ଏଣ୍ଡୁଲାପୁର, ପ୍ରସନ୍ନପୁର, ଖଣ୍ଡମରା ଗାଁରେ ୩୦୦ରୁ ଅଧିକ ଲୋକ ଭୋଜି ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଟିମ ଗାଁରେ ପହଞ୍ଚି କ୍ୟାମ୍ପ କରିବା ସହ ଘର ଘର ବୁଲି ଲୋକଙ୍କୁ ଚିକିତ୍ସା କରୁଛନ୍ତି। ରାଜନଗର ବ୍ଲକ ହାତିନା ପଞ୍ଚାୟତ ଏଣ୍ଡୁଲାପୁର ଗାଁର ଦୟାନିଧି ରାଉତଙ୍କ ସାନପୁଅ କାହ୍ନାର ବାହାଘର ଭୋଜି ଥିଲା। ଭୋଜିରେ ୧୦୦୦ ଲୋକ ଭୋଜି ଖାଇଥିଲେ। ଏଣ୍ଡୁଲାପୁର ଗାଁର ପ୍ରତ୍ୟେକ ପରିବାରର ଲୋକେ ଭୋଜି ଖାଇଥିଲେ। ଏଥିସହ ପାଖ ଗାଁ ପ୍ରସନ୍ନପୁର, ଖଣ୍ଡାମରା ଓ ଆଖପାଖ ଗାଁର ଲୋକ ଭୋଜି ଖାଇଥିଲେ। ଭୋଜି ଖାଇବା ପରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଗତକାଲି ସ୍ଥାନୀୟ ମେଡିସିନ ଷ୍ଟୋର ଓ କ୍ୱାକଙ୍କଠାରୁ ମେଡିସିନ ଖାଇଥିଲେ ମଧ୍ୟ ଝାଡ଼ା କମି ନ ଥିଲା। ଆଜି ଆକ୍ରାନ୍ତଙ୍କ ସଂଖ୍ୟା ବଢିଥିଲା। ଏଣ୍ଡୁଲାପୁର ଗାଁରେ ୨୦୦ ଶହରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିବାବେଳେ ପ୍ରସନ୍ନପୁର ଓ ଖଣ୍ଡାମରା ଗାଁରେ ୧୦୦ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଛନ୍ତି। ଆଜି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଦୁଇଟି ଟିମ୍ ପହଞ୍ଚି ଚିକିତ୍ସା କରୁଛନ୍ତି।

## ସମାଜସେବୀ ଏକାଦଶୀ ପାତ୍ରଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୮।୧(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଯୁବନେତା ତପନ ପାତ୍ରଙ୍କ ପିତା ତଥା ପୂର୍ବତନ କାଉନସିଲର ମାଳତୀ ପାତ୍ରଙ୍କ ଶଶୁର ଅଳଭା ଗ୍ରାମର ସମାଜସେବୀ ଏକାଦଶୀ ପାତ୍ରଙ୍କ ପରଲୋକ ହୋଇଯାଇଛି। ସେ ଠାକୁର ଅଭିରାମ



ପରମହଂସ ଦେବଙ୍କ ଦୀକ୍ଷିତ ହୋଇ ବିଭିନ୍ନ ଧର୍ମାନୁଷ୍ଠାନ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନରେ ସକ୍ରିୟ ଅଂଶ ଗ୍ରହଣ କରିଆସୁଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ଅଧ୍ୟକ୍ଷ ହେମନ୍ତ ସାହୁ, ବରିଷ୍ଠ ବିଜେଡି ନେତା ଅମୂଲ୍ୟ ପ୍ରଧାନ, କଂଗ୍ରେସ ନେତା ମଳୟ ଦାସ, କାଉନସିଲର ସମ୍ରାଟ ଜେନା, ମଳୟ ଓଝା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ପୂର୍ବତନ ବ୍ଲକ୍ ଅଧ୍ୟକ୍ଷାଙ୍କ ପରଲୋକ

ଡେରାବିଶ, ୮।୧(ସମିସ): ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷା ସବିତା ସେଠୀ (୫୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ରାତିରେ ମୃତ୍ୟୁ ହୋଇଛି। ସେ ମଧୁମେହ ରୋଗରେ ପୀଡ଼ିତ ଥାଇ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହୋଇଆସୁଥିଲେ। ଆଜି ତାଙ୍କ ମରଶରୀର ପଥରପଡ଼ାସ୍ଥ ବାସଭବନରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଲିକ, ଜିଲ୍ଲା ପରିଷଦ ସଦସ୍ୟ ଅରବିନ୍ଦ ମଲିକ, ବ୍ଲକ୍ ଅଧ୍ୟକ୍ଷା ପ୍ରଭାତୀ ମଲିକ, ଚାନ୍ଦୋଳର ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଦାସ, ପୂର୍ବତନ ଅଧ୍ୟକ୍ଷ ସରୋଜ ସାହୁ ଓ କଳ୍ପନା ସାହୁ, ଦେବରାଜ ମହାପାତ୍ର ପ୍ରମୁଖ ଶେଷଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନ୍ଗୋ, ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଶ୍ରୀମତୀ ସେଠୀ ୨୦୦୨ରୁ ୨୦୦୭ ଯାଏ ଅଧ୍ୟକ୍ଷା ଥିଲେ।

## ଭିତରକନିକାରେ କୁମ୍ଭୀର ଗଣନା ଆରମ୍ଭ

ରାଜନଗର,୮।୧(ସମିସ): ଭିତରକନିକାରେ କୁମ୍ଭୀର ଗଣନା ଆଜିଠାରୁ ଆରମ୍ଭ ହୋଇଛି। ତିନିଦିନ ଧରି ଏହି ଗଣନା ଚାଲିବ। କୁମ୍ଭୀର ଗଣନା ପାଇଁ ୨୩ଟି ଟିମ୍ ନିୟୋଜିତ ହୋଇଛନ୍ତି ଓ କୁମ୍ଭୀର ବିଶାରଦଙ୍କ ନେତୃତ୍ୱରେ ରାଜନଗର ବନଖଣ୍ଡର କନିକା, ରାଜନଗର, ମହାକାଳପଡ଼ା ଓ ଗହୀରମଥା ୪ଟି ରେଞ୍ଜରେ କୁମ୍ଭୀର ଗଣନା ଚାଲିଛି। ଭିତରକନିକା ନଦୀ, ନାଳ ଓ ଏହି ନଦୀକୁ ସଂଲଗ୍ନ ନଦୀ ନାଳରେ ବୁଲି ଡଙ୍ଗା ସାହାଯ୍ୟରେ କୁମ୍ଭୀ କୁମ୍ଭୀର ଗଣନା କରାଯାଉଛି। ବାଇନା କୁଲାର, ଜିପିଏସ୍ ମାଧ୍ୟମରେ ସକାଳ ଓ ସନ୍ଧ୍ୟା ବେଳେ କୁମ୍ଭୀର ଗଣନା କରାଯାଉଛି। ୧୯୭୫ରେ ଭିତରକନିକାରେ ବଉଳା କୁମ୍ଭୀର ପ୍ରଜନନ କେନ୍ଦ୍ର ଆରମ୍ଭ ହେବା ପରେ ୧୯୭୬ଠାରୁ ପ୍ରତିବର୍ଷ କୁମ୍ଭୀର ଗଣନା କରାଯାଉଥିବା ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଁଙ୍କର ସୂଚନା ଦେଇଛନ୍ତି।

# ରାଜ୍ୟ ନିର୍ବାଚନ କମିଶନରଙ୍କ କେନ୍ଦ୍ରାପଡ଼ା ଗସ୍ତ

କେନ୍ଦ୍ରାପଡ଼ା,୮।୧(ସମିସ)



ଆଗାମୀ ପଞ୍ଚାୟତ ନିର୍ବାଚନ ଓ ପୌର ପରିଷଦ ନିର୍ବାଚନକୁ ସ୍ୱଚ୍ଛ ଭାବେ ଆୟୋଜନ କରିବା ଉଦ୍ଦେଶ୍ୟରେ ରାଜ୍ୟ ନିର୍ବାଚନ କମିଶନର ମଧୁସୁଦନ ପାଢ଼ୀ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଆସି ନିର୍ବାଚନ ସଂକ୍ରାନ୍ତୀୟ ବିଭିନ୍ନ ପ୍ରସଙ୍ଗରେ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ବୈଠକରେ କମିଶନର ଶ୍ରୀ ପାଢ଼ୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଜିଲ୍ଲାର ପ୍ରସ୍ତୁତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବୈଠକରେ ବାଲଟ ବକ୍ସର ମହଜୁଦ ଓ ସ୍ଥିତି, ଜିଲ୍ଲାର ଜନସଂଖ୍ୟା ପରିସଂଖ୍ୟାନ, ଅସ୍ଥାୟୀ ବୁଥ୍ ବ୍ୟବସ୍ଥା, ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ୍ ଚିହ୍ନଟ, ଘରକୁ ଘରକୁ ସର୍ଭେ, ପ୍ରାର୍ଥୀ ସଂରକ୍ଷିତ ତାଲିକା, ଭୋଟ ଗଣତି ପ୍ରଣାଳୀ, ଭୋଟର ତାଲିକା ପ୍ରସ୍ତୁତି, ଭୋଟର ତାଲିକାରେ ନାମ ଯୋଡ଼ାଯିବା ଓ କାଟିବା ଭଳି ବିଷୟ ଉପରେ ସୂକ୍ଷ୍ମ ଭାବେ ସମୀକ୍ଷା କରାଯାଇଥିଲା। ବୈଠକରେ ଜିଲ୍ଲାପାଳ ରଘୁରାମ ଆର. ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ରମେଶ ପଣ୍ଡା, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. CRPD/SCO/2025-26/17 | | | |
|---|---|---|---|
| ପୋଷ୍ଟର ନାମ | ମୂଳ ଖାଲି ପଦବୀ | ଅତିରିକ୍ତ ଖାଲି ପଦବୀ ଅନ୍ତର୍ଭୁକ୍ତ | ଅନ୍ତିମ ଖାଲି ପଦବୀ |
| ଭିପି ୱେଲ୍ଥ (ଏସଆରଏମ) | 506 | 76 | 582 |
| ଏଭିପି ୱେଲ୍ଥ (ଆରଏମ) | 206 | 31 | 237 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 | 43 | 327 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 10.01.2026* ପର୍ଯ୍ୟନ୍ତ ।

*23.12.2025 ରୁ 10.01.2026 ପର୍ଯ୍ୟନ୍ତ ବୃଦ୍ଧି ମଂଜୁର କରାଯାଇଛି

ସ୍ଥାନ: ମୁମ୍ବାଇ
ତାରିଖ: 31.12.2025
ମହା ପ୍ରବନ୍ଧକ (ଆର୍ପି ଆଣ୍ଡ ପିଏମ୍)

# ସମ୍ପାଦକୀୟ



ହୃଦୟର ଆହ୍ୱାନରେ ନିଜ ପସନ୍ଦ ମୁତାବକ କାର୍ଯ୍ୟ କଲେ ଉତ୍କର୍ଷ ଅବଶ୍ୟମ୍ଭାବୀ।

-ସୁନ୍ଦର ପିଚାଇ

ସକାଳ
THE SAKALA

## ଗଣତନ୍ତ୍ର ପାଇଁ ଶୁଭସଙ୍କେତ

ଆମ ଗଣତନ୍ତ୍ରର ତ୍ରିସ୍ତରୀୟ ଶାସନ ବ୍ୟବସ୍ଥାର ତୃଣମୂଳସ୍ତରରେ ନିକଟରେ ଏଭଳି ଦୁଇଟି ଘଟଣା ଘଟିଛି, ଯାହା ବିଭେଦ ଓ ବିଦ୍ୱେଷ ରାଜନୀତିର ଭିତ୍ତିକୁ ଦୋହଲାଇ ଦେବାର କ୍ଷମତା ରଖିଛି। ତେଣୁ ସ୍ୱାଭାବିକ ଭାବେ ଜାତୀୟସ୍ତରରେ ମୃଦୁ କମ୍ପନ ସୃଷ୍ଟି ହୋଇଛି। ଅହି-ନକୁଳ ସମ୍ପର୍କ ଥିବା ବିଜେପି ଓ କଂଗ୍ରେସ ଦଳର ପ୍ରାର୍ଥୀମାନେ ମହାରାଷ୍ଟ୍ରର ଥାନେ ଜିଲ୍ଲାର ଅମ୍ବରନାଥ ପୌରପରିଷଦ ନିର୍ବାଚନରେ ଏବଂ ଆସାଦୁଦ୍ଦିନ ଓୱେସୀଙ୍କ ଏଆଇଏମ୍ଆଇଏମ୍ ପ୍ରାର୍ଥୀଙ୍କ ସହିତ ବିଜେପି ପ୍ରାର୍ଥୀ ଅକୋଟ ପୌରପରିଷଦ ନିର୍ବାଚନରେ ଆପୋସ ବୁଝାମଣା କରିଛନ୍ତି। ଭାରତର ସାମ୍ପ୍ରତିକ ମେଣ୍ଟ ରାଜନୀତି ଦୃଷ୍ଟିକୋଣରୁ ଉପରୋକ୍ତ ଦୁଇଘଟଣାରେ ସେଭଳି କୌଣସି ଅସ୍ୱାଭାବିକତା ନାହିଁ। କିନ୍ତୁ ଏହା ଚମକ୍‌ପ୍ରଦ ଓ ଚର୍ଚ୍ଚିତ ଆଖ୍ୟା ପାଇବା ପଛର କାରଣ ହେଉଛି ଏହି ମେଣ୍ଟ ବା ନିର୍ବାଚନୀ ବୁଝାମଣାରେ ଜାତୀୟ ଦଳ ବିଜେପି ଓ କଂଗ୍ରେସ ହାଇକମାଣ୍ଡମାନଙ୍କୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇଛି ବା ସେମାନଙ୍କ ଅଜ୍ଞାତସାରରେ ହୋଇଛି। ଗତାନୁଗତିକ ରୀତିରେ ହାଇକମାଣ୍ଡମାନେ ଏହା ଜାଣିବା ପରେ ଉତ୍କ୍ଷିପ୍ତ ଓ ବିବ୍ରତ ହୋଇପଡ଼ି ସମ୍ପୃକ୍ତ କର୍ପୋରେଟର ଓ ପ୍ରାର୍ଥୀମାନଙ୍କ ବିରୋଧରେ ଦଳୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ମାମୁଲି ଲାଗୁଥିଲେ ମଧ୍ୟ ସାମଗ୍ରିକ ଘଟଣାକ୍ରମ ଆପାତତଃ ଗଣତନ୍ତ୍ର ପ୍ରତି ଏକ ଭିନ୍ନ ସନ୍ଦେଶ ଦେଇଛି। ବୋଧହୁଏ ପୌରପରିଷଦ ନିର୍ବାଚନରେ ଲଢୁଥିବା ପ୍ରାର୍ଥୀମାନେ ଆଞ୍ଚଳିକ, ରାଜ୍ୟ ଓ ଜାତୀୟ ରାଜନୀତିକୁ ଏହି ବାର୍ତ୍ତା ଦେବାକୁ ଚାହିଁଛନ୍ତି ଯେ 'ଯଦି ହାଇକମାଣ୍ଡମାନେ ଉପରସ୍ତରରେ ଲୋକଲୋଚନ ଆଢୁଆଳରେ ଏବଂ ତୃଣମୂଳସ୍ତରର ସମର୍ପିତ କର୍ମୀଙ୍କ ଭାବାବେଗକୁ ଉପେକ୍ଷା କରି ନିଜ ନିଜ ସ୍ୱାର୍ଥସାଧନ ପାଇଁ କାନ୍ଧରେ କାନ୍ଧ ଓ ହାତରେ ହାତ ମିଳାଇ ପାରୁଛନ୍ତି, ତୃଣମୂଳସ୍ତରରେ ତାହା କାହିଁକି ସମ୍ଭବ ନ ହେବ?' ଏପରିକି ଏଥିପାଇଁ ସେମାନେ ଦଳୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ଭ୍ରୂକ୍ଷେପ କରିନାହାନ୍ତି। ୧୮୫୭ ମସିହାରେ କାର୍ଟିଜ୍‌ର ଆବରଣକୁ ଦାନ୍ତରେ ଛିଡ଼ାଇବା ପାଇଁ ମନା କରିବା ଭଳି ମାମୁଲି ଘଟଣା ବ୍ରିଟିଶ୍ ଶାସନ ବିରୋଧୀ ସିପାହୀ ବିଦ୍ରୋହ ବା ସ୍ୱାଧୀନତା ସଂଗ୍ରାମର ଭିତ୍ତି ସ୍ଥାପନ କରିଥିଲା। ୧୮୯୩ ମସିହାର ସେହି ଶୀତରାତିରେ ଯଦି ଜଣେ ଭାରତୀୟ ବାରିଷ୍ଟରଙ୍କୁ ଦକ୍ଷିଣ ଆଫ୍ରିକାର ଏକ ରେଳଷ୍ଟେସନରେ ପ୍ରଥମ ଶ୍ରେଣୀ ବଗିରୁ ଗୋରାମାନେ ତଡ଼ି ଦେଇ ନ ଥା'ନ୍ତେ ତେବେ ଜଣେ 'ମୋହନ ଦାସ' 'ମହାତ୍ମା'ରେ ପରିବର୍ତ୍ତନ ହୋଇ ନ ଥା'ନ୍ତେ କି ଦକ୍ଷିଣ ଆଫ୍ରିକାରୁ ବ୍ରିଟିଶ୍ ଉପନିବେଶବାଦ ବିଲୋପର ଭିତ୍ତି ପଡ଼ି ନ ଥା'ନ୍ତା। ୧୯୪୬ରେ ରୟାଲ୍ ଇଣ୍ଡିଆନ୍ ନେଭିର ବମ୍ବେ ଡକ୍‌ୟାର୍ଡରେ କାର୍ଯ୍ୟରତ ମାତ୍ର ଆଠଜଣ କର୍ମଚାରୀ ବାସି ରୁଟି ଖାଇବାକୁ ମନା କରି ଯେଉଁ ବିକ୍ଷୋଭର ସୂତ୍ରପାତ କରିଥିଲେ ତାହାର ନିଆଁ ଅଚିରେ କ୍ୟାପ୍‌ଟେନ୍, ସେନା ଓ ନାଗରିକଙ୍କ ମଧ୍ୟରେ ବ୍ୟାପି ଯାଇଥିଲା। ଐତିହାସିକଙ୍କ ମତରେ ଏହି ଘଟଣା ହିଁ ଭାରତରେ ବ୍ରିଟିଶ୍ ସାମ୍ରାଜ୍ୟର ପତନ ପାଇଁ ନିର୍ଣ୍ଣାୟକ ଥିଲା। ତେଣୁ ମହାରାଷ୍ଟ୍ର ପୌରପରିଷଦ ନିର୍ବାଚନୀ ବୁଝାମଣା ଘଟଣା ମାମୁଲି ଲାଗୁଥିଲେ ମଧ୍ୟ ତା'ଭିତରେ ଥିବା ଗୂଢ଼ସଂକେତ ଆଜିର ଅବକ୍ଷୟମୁଖୀ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଏକ ସତର୍କ ଘଣ୍ଟି। କାରଣ ଗୋଟିଏ ମୁହୂର୍ତ୍ତ ଗୋଟିଏ ମାମୁଲି ଘଟଣା ମଧ୍ୟ ଇତିହାସ ବଦଳାଇ ଦେଇପାରେ।

ଦଳୀୟ ନୀତି ଓ ଆଦର୍ଶ ଆଧାରରେ ଆରୋପ-ପ୍ରତ୍ୟାରୋପ ଓ ବିଷୋଦ୍‌ଗାରର ସର୍ବାଧିକ ଉଦାହରଣ ଦେଖାଯାଏ ଗଣତନ୍ତ୍ରର ମନ୍ଦିର କୁହାଯାଉଥିବା ସଂସଦରେ। ଅଥଚ ପ୍ରତି ଅଧିବେଶନ ପରବର୍ତ୍ତୀ ଚା'ଭୋଜିରେ ସମ୍ପୂର୍ଣ୍ଣ ବିପରୀତ ଦୃଶ୍ୟ ଦେଖିବାକୁ ମିଳେ। ପୁଣି ଆଜି ଯାହା ବିରୋଧରେ ବିଷୋଦ୍‌ଗାର କରାଯାଉଛି, ଆଇନକାନୁନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ଆସନ୍ତା କାଲି ନିର୍ବାଚନୀ ରଣନୀତିରେ ତାକୁ ପୁଣି କୋଳେଇ ନିଆଯାଉଛି। କ୍ଷମତା ରାଜନୀତିରେ ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ବାଘ-ମିରିଗ ଗୋଟିଏ ଘାଟରେ ପାଣି ପିଉଥିବାର ଏଭଳି ଦୃଶ୍ୟ ଦେଖି ଦେଖି ଜନତା ଜଳକା ହୋଇସାରିଲେଣି। ଅଥଚ ତୃଣମୂଳସ୍ତରରେ ଦଳୀୟ ନୀତି-ଆଦର୍ଶର ସପକ୍ଷ-ବିପକ୍ଷବାଦୀ ବା ଦଳୀୟ କର୍ମୀମାନଙ୍କ ଆଚରଣ ଓ ଉଚ୍ଚାରଣଗତ ବିଦ୍ୱେଷ, ଘୃଣା ଓ ହିଂସାର ମାତ୍ରା କେତେ ଉଗ୍ର ହେଲାଣି ତାହା ସାମାଜିକ ଗଣମାଧ୍ୟମରେ ପୋଷ୍ଟ ହେଉଥିବା ପ୍ରତିକ୍ରିୟା, ମନ୍ତବ୍ୟ, କୁତ୍ସାରଟନାର ଅତିନିମ୍ନମାନର ଓ ଅଶାଳୀନ ଭାଷା ପ୍ରୟୋଗରୁ ଅନୁମେୟ। ଶୀର୍ଷସ୍ତରରେ ଥିବା ନେତାମାନେ ତୃଣମୂଳସ୍ତର କର୍ମୀଙ୍କୁ ଚିହ୍ନିବା ଜାଣିବା କଳ୍ପନାତୀତ। ଅଥଚ ସେହି ଶୀର୍ଷନେତାଙ୍କ ପାଇଁ ତୃଣମୂଳସ୍ତରରେ ସାହି-ପଡ଼ିଶା, ଭାଇ-ଭାଇ, ବାପା-ପୁଅଙ୍କ ମଧ୍ୟରେ ବିବାଦ, ବଚସା, ବିଦ୍ୱେଷ, ଘୃଣାର ପରିସମାପ୍ତି ହିଂସାରେ ଘଟୁଛି।

ଆମ ଗଣତନ୍ତ୍ରର ତୃଣମୂଳସ୍ତରର ଏହି ଅନ୍ଧତ୍ୱ ଓ ମୂର୍ଖାମୀର ପରିସୀମା ଓ ସ୍ତର ଯେତେ ବଢ଼ିଚାଲିଥିବ ତାହାର ସେତେ ଅଧିକ ଫାଇଦା ଶୀର୍ଷସ୍ତରୀୟ ନେତୃତ୍ୱ ନେଇ ଚାଲିଥିବେ। ଏହା ହିଁ ତ କ୍ଷମତା ରାଜନୀତିର ରହସ୍ୟ ଓ ସଫଳ-ମନ୍ତ୍ର। କିନ୍ତୁ ଯେଉଁଦିନଠାରୁ ତୃଣମୂଳସ୍ତର ମୂର୍ଖାମୀ ଦୂର ହୋଇ ଦଳୀୟକର୍ମୀମାନେ ସଚେତନ-ଚକ୍ଷୁଷ୍ମାନ ହେବେ ସେହିଦିନ ଚା'ଦୋକାନରେ କିମ୍ବା ସାହି ଛକ ବଜାରରେ କଟୁ-ତିକ୍ତ ପରିବେଶର ବିନାଶ ଘଟି ଭ୍ରାତୃତ୍ୱ ଓ ଶାନ୍ତିର ବାତାବରଣ ସୃଷ୍ଟି ହେବ। ବିବାଦ-ବିଭେଦ-ବିଦ୍ୱେଷର ରାଜନୀତିର ବିଲୋପ ଘଟି ଶାନ୍ତି ଓ ସୌହାର୍ଦ୍ଦ୍ୟର ଗଣତନ୍ତ୍ରର ନବଉନ୍ମେଷର ଯୁଗ ଆରମ୍ଭ ହେବ। ଗଣତାନ୍ତ୍ରିକ ମୂଲ୍ୟବୋଧର ପୁନଃ ଆସ୍ଥା ସ୍ଥାପନା ପାଇଁ ଏହା ହିଁ ଆଜିର ଅପରିହାର୍ଯ୍ୟ ଆବଶ୍ୟକତା। ଏହାର ପରୋକ୍ଷ ଅଥଚ ସ୍ପଷ୍ଟ ବାର୍ତ୍ତା ମହାରାଷ୍ଟ୍ର ପୌରନିର୍ବଚାନର ତୃଣମୂଳସ୍ତରୀୟ ବୁଝାମଣାରୁ ମିଳୁନାହିଁ କି?

ମହାରାଷ୍ଟ୍ର ପୌର-ରାଜନୀତିରୁ ଆଉ ଏକ ଆପ୍ତବାକ୍ୟ ପୁଣି ଥରେ ପ୍ରମାଣିତ ହୋଇଛି - ରାଜନୀତିରେ ସବୁ କିଛି ସମ୍ଭବ ଏବଂ କେହି ପର କିମ୍ବା ଆପଣାର ନୁହନ୍ତି। ଭିଟାମାଟି ବା ମୂଳ ଶିବସେନା ଛାଡ଼ି ଏକନାଥ ସିନ୍ଦେ କ୍ଷମତା ଲୋଭରେ ଯେଉଁମାନଙ୍କର ହାତ ଧରିଥିଲେ ଏବେ ସେମାନେ ହିଁ ଏକନାଥଙ୍କୁ ଏକଘରିକିଆ କରିବାର ସୁଯୋଗ ହାତଛଡ଼ା କରିନାହାନ୍ତି। ଏଥିରୁ ଏକନାଥ ନିଜ ଭୁଲ୍ ସୁଧାରି ଘରବାହୁଡ଼ା କରିବେ କି ନାହିଁ ତାହା ତାଙ୍କ ବିବେକ, ବିଚାର ଓ କ୍ଷମତା ଲକ୍ଷ୍ୟ ଉପରେ ନିର୍ଭର କରେ; କିନ୍ତୁ ପର କେବେ ଘର ହୋଇପାରିବ ନାହିଁ ଏହି ଶିକ୍ଷା ପୁଣି ଥରେ ରାଜନୀତିକୁ ସାହାରା କରିଥିବା ବ୍ୟକ୍ତିବିଶେଷଙ୍କୁ ମିଳିଛି। କ୍ଷମତାକୈନ୍ଦ୍ରିକ ସ୍ୱାର୍ଥସର୍ବସ୍ୱ ଗୋଳମାଳିଆ ମେଣ୍ଟ ରାଜନୀତିର ପରିସମାପ୍ତି ପାଇଁ ଏହା ମଧ୍ୟ ଆଉ ଏକ ବଡ଼ ସୁଯୋଗ ଆଣିଛି, ଯାହା ସାମଗ୍ରିକ ଭାବେ ଗଣତନ୍ତ୍ର ପାଇଁ ଏକ ଶୁଭସୂଚନା।

## ଡୋନ୍‌ରୋ ଡକ୍‌ଟ୍ରାଇନ୍ ଓ ଭେନେଜୁଏଲା

ଡାକ୍ତର ରାଜକିଶୋର ପଣ୍ଡା

ଗତ ୩ ତାରିଖରେ ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଭେନେଜୁଏଲା ଆକ୍ରମଣ କରି ଏହି ଲାଟିନ ଆମେରିକୀୟ ଦେଶର ରାଷ୍ଟ୍ରମୁଖ୍ୟ ନିକୋଲାସ୍ ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କୁ ବନ୍ଦୀ କରିଛନ୍ତି। ନ୍ୟୁୟର୍କର ଏକ ଅଦାଲତରେ ସେମାନଙ୍କର ବିଚାର ଚାଲିଛି। ଏହି ଆଲେଖ୍ୟଟି ଲେଖିବା ବେଳକୁ ଖବର ମିଳୁଛି କି, ସୈନ୍ୟ ଅଭିଯାନରେ ମାଦୁରୋଙ୍କ ପତ୍ନୀ ଗୁରୁତର ଆହତ ହୋଇଛନ୍ତି। ଆମେରିକାର ସୈନ୍ୟମାନେ ତାଙ୍କୁ ଘୋଷାଡ଼ି ନେବାବେଳେ ଆଘାତ ଲାଗି ତାଙ୍କର ପିଞ୍ଜରା ହାଡ଼ ଭାଙ୍ଗିଯାଇଛି। ଜଣେ ରାଷ୍ଟ୍ରମୁଖ୍ୟଙ୍କ ପତ୍ନୀଙ୍କୁ ଏପରି ବ୍ୟବହାର ବାସ୍ତବିକ ଦୁଃଖଦାୟକ।

ଟ୍ରମ୍ପଙ୍କ ଅଭିଯୋଗ ହେଉଛି, ମାଦୁରୋ ଦୀର୍ଘ ବର୍ଷ ଧରି ଭେନେଜୁଏଲାରେ ଏକ ଭ୍ରଷ୍ଟାଚାର ସରକାରର ନେତୃତ୍ୱ ନେବା ସହ ଏକଛତ୍ରବାଦ ଏବଂ ନିଶା ସାମ୍ରାଜ୍ୟ ଗଢ଼ିବାରେ ଲିପ୍ତ ରହିଛନ୍ତି। ମାଦୁରୋଙ୍କ ପରିବାର ସଦସ୍ୟ ଓ କିଛି ଘନିଷ୍ଠ ସହଯୋଗୀ ଅସତ୍ ଉପାୟରେ ବିପୁଳ ଅର୍ଥ ଉପାର୍ଜନ କରିବା ସହିତ ଭେନେଜୁଏଲା ମାଟିକୁ ନିଶା ବା ଡ୍ରଗ୍ସ ପ୍ରସ୍ତୁତିର କେନ୍ଦ୍ରସ୍ଥଳ କରି ଆମେରିକାକୁ ବ୍ୟାପକ ପରିମାଣର ଡ୍ରଗ୍ସ ଚୋରାଚାଲାଣ କରୁଛନ୍ତି। ମାଦୁରୋଙ୍କ ବିରୁଦ୍ଧରେ ଅଣାଯାଇଥିବା ଅଭିଯୋଗ ପଛରେ ସତ୍ୟତା କେତେ ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ। କିନ୍ତୁ ଆନ୍ତର୍ଜାତିକ ନିୟମ ଅନୁସାରେ ବିନା କାରଣରେ କୌଣସି ଦେଶକୁ ଆକ୍ରମଣ କରି ଏହାର ଶାସକଙ୍କୁ ବନ୍ଦୀ କରିବା, ସେଠାରେ ଅସ୍ଥିରତା ସୃଷ୍ଟି କରିବା ଏବଂ ସେଠାରେ ନିର୍ବାଚିତ ସରକାରକୁ ବିତାଡ଼ିତ କରି ନିଜ ସୁବିଧା ମୁତାବକ ଅନ୍ୟ ଏକ ସରକାର ଗଠନ କରିବା ଆନ୍ତର୍ଜାତିକ ସମ୍ବିଧାନର ଖୋଲା ଉଲ୍ଲଙ୍ଘନ।

ଅନ୍ୟ ଦେଶ ଉପରେ ଅନଧିକୃତ ଭାବରେ ସାମରିକ ଅଭିଯାନ କରିବା ଆମେରିକା ପକ୍ଷରେ ନୂଆ କଥା ନୁହେଁ। ପୂର୍ବରୁ ଆମେରିକା କ୍ୟୁବା, ମେକ୍ସିକୋ, ପାନାମା, ହାଇତି, ଡୋମିନିକା ଗଣତନ୍ତ୍ର ଓ ନିକାରାଗୁଆ ଆଦି ଦେଶ ବିରୁଦ୍ଧରେ ସାମରିକ ଅଭିଯାନ କରିଛି। ୧୯୫୪ ମସିହାରେ ଗ୍ୱାଟେମାଲା ଓ ୧୯୭୩ ମସିହାରେ ଚିଲି ବିରୁଦ୍ଧରେ ଛଦ୍ମ ସାମରିକ ଅଭିଯାନରେ ଆମେରିକାର ଗୁଇନ୍ଦା ସଂସ୍ଥା ସି.ଆଇ.ଏ ସଂପୃକ୍ତ ଥିବାର ପ୍ରମାଣ ମିଳିଛି। ୧୯୮୯ ମସିହାରେ ରାଷ୍ଟ୍ରପତି ଜର୍ଜ ବୁଶ (ସିନିଅର), ପାନାମା ଉପରେ ଆକ୍ରମଣ କରି ଏହାର ଶାସକ ମାନୁଏଲ ନରିଗାଙ୍କୁ କ୍ଷମତାରୁ ଅପସାରିତ କରିଥିଲେ। ମାଦୁରୋଙ୍କ ଭଳି ନରିଗାଙ୍କୁ ମଧ୍ୟ ଅବୈଧ ନିଶା କାରବାରରେ ସଂପୃକ୍ତ ବୋଲି ଦର୍ଶାଯାଇଥିଲା। ୨୦୦୩ ମସିହାରେ ଇରାକ୍ ଏବଂ ୨୦୧୧ ମସିହାରେ ଲିବ୍ୟା ଉପରେ ଆକ୍ରମଣ କରି ଯୁକ୍ତରାଷ୍ଟ୍ର ଆମେରିକା ଯଥାକ୍ରମେ ଏହି ଦୁଇଦେଶର ଶାସକ ସଦ୍ଦାମ ହୁସେନ ଓ ଗଦ୍ଦାଫିଙ୍କୁ ଗାଦିରୁ ହଟାଇଥିଲା। ଡଲାରରେ ତେଲ ବିକ୍ରି କରିବା ପାଇଁ ଅନିଚ୍ଛୁକ ହେବାରୁ ଆମେରିକା ଉପରୋକ୍ତ ଦୁଇଦେଶ ଉପରେ ଆକ୍ରମଣ କରିଥିଲା। କିନ୍ତୁ ଗୋଟିଏ ବିଶେଷ କଥା ଏଠାରେ ପରିଲକ୍ଷିତ ହୁଏ ଯେ, ଇରାକ୍ ଓ ଲିବ୍ୟାର ଆକ୍ରମଣ ସମୟରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଯଥାକ୍ରମେ ବୁଶ ଓ ଓବାମା ମିଳିତ ଜାତିସଂଘର ନିରାପତ୍ତା ପରିଷଦ ଓ ନାଟୋର ପରାମର୍ଶ ନେଇଥିଲେ। କିନ୍ତୁ ଭେନେଜୁଏଲା କ୍ଷେତ୍ରରେ ଟ୍ରମ୍ପ୍ ନିଜ ଦେଶର ରାଜନେତାମାନଙ୍କ ସହିତ ମଧ୍ୟ ପରାମର୍ଶ କରିବାକୁ ଉଚିତ୍ ମନେକରିନାହାନ୍ତି, ଯାହା ତାଙ୍କର ରାଜନୈତିକ ଅଦୂରଦର୍ଶିତା ଓ ଏକଛତ୍ରବାଦୀ ମାନସିକତାର ପରିଚାୟକ।

ଆମେରିକାର ଏହି ଦମନନୀତି ମୁଖ୍ୟତଃ ଏକ ବିଶିଷ୍ଟ ମତବାଦ ଉପରେ ପର୍ଯ୍ୟବସିତ। ଏହାର ନାମ ହେଉଛି 'ମୋନ୍‌ରୋ ଡକ୍‌ଟ୍ରାଇନ'। ୧୮୨୩, ଡିସେମ୍ବର ୨ ତାରିଖରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜେମ୍‌ସ ମୋନ୍‌ରୋ ଏହି ନୀତି ପ୍ରଣୟନ କରିଥିଲେ। ଏହି ନୀତି ୟୁରୋପୀୟ ଦେଶଗୁଡ଼ିକୁ ଦକ୍ଷିଣ ଆମେରିକାରେ ଉପନିବେଶ ସ୍ଥାପନ କରିବା ବା ଏଥିରେ ଥିବା ଦେଶଗୁଡ଼ିକର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାକୁ ବିରୋଧ କରେ। ପଶ୍ଚିମ-ଗୋଲାର୍ଦ୍ଧରେ ଆମେରିକାର ସର୍ବବ୍ୟାପୀ ପ୍ରଭାବକୁ ମଧ୍ୟ ଏହା ଗୁରୁତ୍ୱ ଦେଇଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହି ନୀତିଟିର ଆମେରିକା ବହୁଳ ଉପଯୋଗ କରିଥିଲା। ଯଦିଓ ନବେ ଦଶକରେ ଏହା ପ୍ରଭାବହୀନ ହୋଇ ପଡ଼ିଥିଲା, ବର୍ତ୍ତମାନ ରାଷ୍ଟ୍ରପତି ଟ୍ରମ୍ପ୍ ପୁନଶ୍ଚ ଏହି 'ମୋନ୍‌ରୋ ଡକ୍‌ଟ୍ରାଇନ୍'କୁ ଆନ୍ତର୍ଜାତିକ ରାଜନୀତିର ମୁଖ୍ୟସ୍ରୋତକୁ ଆଣିବା ସହିତ ଏହାର ନୂତନ ନାମକରଣ ନିଜ ନାମ ଅନୁଯାୟୀ କରିଛନ୍ତି 'ଡୋନ୍‌ରୋ ଡକ୍‌ଟ୍ରାଇନ୍'। ଟ୍ରମ୍ପ୍ କହିଛନ୍ତି ଯେ ଭେନେଜୁଏଲା ଆକ୍ରମଣ ପରେ ପଶ୍ଚିମ-ଗୋଲାର୍ଦ୍ଧ ଓ ଦକ୍ଷିଣ-ଆମେରିକୀୟ ଅଞ୍ଚଳରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଭୁତ୍ୱକୁ ଆଉ କୌଣସି ଦେଶ ପ୍ରଶ୍ନ କରିବେ ନାହିଁ।

ବିଶ୍ୱବ୍ୟାପୀ ଆଠଟି ସଂଘର୍ଷ ବନ୍ଦ କରିଥିବା କଥା କହି ବାହୁସ୍ଫୋଟ ମାରୁଥିବା ଡୋନାଲଡ୍ ଟ୍ରମ୍ପ୍ ନିଜକୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ସବୁଠାରୁ ଉପଯୁକ୍ତ ପ୍ରାର୍ଥୀ ଭାବରେ ଉପସ୍ଥାପିତ କରିଥିଲେ। ପୁରସ୍କାର ନ ମିଳିବାରୁ ବର୍ତ୍ତମାନ ସେ ଯୁଦ୍ଧ ଆଡ଼କୁ ମନ ବଳାଇଛନ୍ତି। ଦୀର୍ଘ ଚାରିବର୍ଷ ଧରି ଚାଲିଥିବା ରୁଷ୍-ୟୁକ୍ରେନ ଯୁଦ୍ଧକୁ ବିଭିନ୍ନ ସ୍ତରରେ ଆଲୋଚନା କରି ବନ୍ଦ କରିବାରେ ସେ ବିଫଳ ହେଲେ। ଭାରତ ଓ ପାକିସ୍ତାନ ମଧ୍ୟରେ 'ଅପରେସନ ସିନ୍ଦୂର' ସମୟରେ ହୋଇଥିବା ସଂଘର୍ଷକୁ ବନ୍ଦ କରିବାରେ ଟ୍ରମ୍ପ୍‌ଙ୍କର କୌଣସି ଭୂମିକା ନଥିଲେ ମଧ୍ୟ ଯୁଦ୍ଧକୁ ସେ ବନ୍ଦ କରିଛନ୍ତି ବୋଲି ବାରମ୍ବାର ବୃଥା ଆସ୍ଫାଳନ କରିଆସୁଛନ୍ତି। ବର୍ତ୍ତମାନ ଟ୍ରମ୍ପ୍ ଶାନ୍ତିପ୍ରିୟ ରାଷ୍ଟ୍ରପତିରୁ ଯୁଦ୍ଧପ୍ରିୟ ରାଷ୍ଟ୍ରପତିରେ ପରିଣତ ହେବା ସହ ଦେଶର ପ୍ରତିରକ୍ଷା ବିଭାଗକୁ ଯୁଦ୍ଧ ବିଭାଗରେ ପରିବର୍ତ୍ତିତ କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ।

ମାଦୁରୋଙ୍କୁ ଗିରଫ ପରେ ଟ୍ରମ୍ପ୍ ସାମ୍ବାଦିକ ସମ୍ମିଳନୀରେ ଆମେରିକାର ତୈଳ କମ୍ପାନୀମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ ସେମାନେ ଭେନେଜୁଏଲାର ବୃହତ୍ ତୈଳ ଖଣିମାନଙ୍କୁ ଅକ୍ତିଆର କରି ପ୍ରଚୁର ତୈଳ ଉତ୍ପାଦନ କରନ୍ତୁ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ପାଇଁ ପ୍ରଚୁର ପୁଞ୍ଜି ସୃଷ୍ଟି କରନ୍ତୁ। ବିଶ୍ୱର ବୃହତ୍ତମ ତୈଳ ଖଣିଗୁଡ଼ିକ ଭେନେଜୁଏଲାରେ ଅବସ୍ଥିତ। ଚାଇନା ଭେନେଜୁଏଲା ଉପରେ ଲାଗିଥିବା ପ୍ରତିବନ୍ଧକକୁ ଖାତିର୍ ନକରି ଏହାଠାରୁ ବିପୁଳ ପରିମାଣର ଅଶୋଧିତ ତୈଳ କ୍ରୟ କରେ। ଚୀନଠାରୁ ଭେନେଜୁଏଲା କରିଥିବା ବିପୁଳ ପରିମାଣର ଋଣକୁ ତୈଳ ମାଧ୍ୟମରେ ହିଁ ପରିଶୋଧ କରିଥାଏ। ତେବେ ବର୍ତ୍ତମାନ ପରିସ୍ଥିତିରେ ଟ୍ରମ୍ପ୍ ଭେନେଜୁଏଲାର ତୈଳ ଖଣିଗୁଡ଼ିକୁ ଅଧିକାର କରି ଆମେରିକାର ସ୍ୱାର୍ଥ ଅନୁସାରେ ସେଗୁଡ଼ିକୁ ପରିଚାଳିତ କରିବେ।

ଏହାମଧ୍ୟରେ ପୂର୍ବରୁ ଉପରାଷ୍ଟ୍ରପତି ଥିବା ଡେଲ୍‌ସି ରୋଡ୍ରିଗେଜ୍ ବର୍ତ୍ତମାନ ଭେନେଜୁଏଲାର ଅନ୍ତରୀଣ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିଛନ୍ତି। ଦେଶର ବିରୋଧୀଦଳ ନେତ୍ରୀ ତଥା ୨୦୨୫ର ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ମାରିଆ କୋରିନା ମାଚାଡୋ ଟ୍ରମ୍ପଙ୍କ ପଦକ୍ଷେପକୁ ଦୃଢ଼ ପ୍ରଶଂସା କରିଛନ୍ତି। ଦୀର୍ଘଦିନ ଧରି ମାଦୁରୋଙ୍କର ଏକଛତ୍ରବାଦ ଶାସନକୁ ବିରୋଧ କରି ମାରିଆ ବିଶ୍ୱବ୍ୟାପୀ ଚର୍ଚ୍ଚାରେ ରହିଆସିଛନ୍ତି। ନିକୋଲାସ୍ ମାଦୁରୋଙ୍କ ଗିରଫ ପ୍ରକ୍ରିୟା ପରେ ଅନୁମାନ କରାଯାଉଥିଲା ଯେ ରାଷ୍ଟ୍ରପତି ଭାବେ ମାରିଆ ଆସୀନ ହୋଇପାରନ୍ତି। କିନ୍ତୁ ସମସ୍ତ ଅନୁମାନକୁ ଭୁଲ ସାବ୍ୟସ୍ତ କରି ଟ୍ରମ୍ପଙ୍କ ନିର୍ଦ୍ଦେଶାନୁଯାୟୀ ବିତାଡ଼ିତ ରାଷ୍ଟ୍ରମୁଖ୍ୟଙ୍କ ଘନିଷ୍ଠ ସହଯୋଗୀ ହିଁ ପରବର୍ତ୍ତୀ ରାଷ୍ଟ୍ରପତି ହେଲେ।

ଟ୍ରମ୍ପଙ୍କ ଏତାଦୃଶ ବ୍ୟବହାରରେ ଘୋର ଆପତ୍ତି ଉଠାଇଛନ୍ତି ଦକ୍ଷିଣ ଆମେରିକୀୟ ଦେଶ କଲମ୍ବିଆର ରାଷ୍ଟ୍ରପତି ଗୁଷ୍ଟାଭୋ ପେଟ୍ରୋ। ତାଙ୍କୁ ମଧ୍ୟ ଗିରଫ କରିବା ପାଇଁ ସେ ଟ୍ରମ୍ପଙ୍କୁ ଆହ୍ୱାନ କରିଛନ୍ତି। ଅନ୍ୟପକ୍ଷରେ ଆଗାମୀ ଦିନରେ ଗ୍ରୀନ୍‌ଲ୍ୟାଣ୍ଡ ଉପରେ ଆକ୍ରମଣ କରି ଏହାକୁ କବ୍‌ଜା କରିବା କଥା କହି ଟ୍ରମ୍ପ୍ ଏକ ନୂତନ ବିବାଦ ସୃଷ୍ଟି କରିଛନ୍ତି। ଟ୍ରମ୍ପଙ୍କ ମନ୍ତବ୍ୟର ଦୃଢ଼ ବିରୋଧ କରି ଡେନ୍‌ମାର୍କର ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡାରିକସନ୍ କହିଛନ୍ତି ଯେ ଯଦି ଆମେରିକା ଗ୍ରୀନଲ୍ୟାଣ୍ଡ ଆକ୍ରମଣ କରେ ସମ୍ପୂର୍ଣ୍ଣ 'ନାଟୋ' ସାମରିକ ମେଣ୍ଟର ଅବସାନ ଘଟିବ। ପ୍ରକାଶ ଥାଉ କି ଏହି ଗ୍ରୀନଲ୍ୟାଣ୍ଡ ହେଉଛି ଡେନ୍‌ମାର୍କର ଏକ ସ୍ୱାୟତ୍ତ ଶାସିତ ଅଞ୍ଚଳ।

ଏକଦା ମଧ୍ୟଯୁଗରେ ସ୍ପେନର ଯୁଦ୍ଧଜାହାଜ ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିଲା। ସମୟ ଆସିଲା ସ୍ପେନ୍ ବିଶ୍ୱ ରାଜନୀତିରୁ ବିସ୍ମୃତ ହୋଇଗଲା। ଊନବିଂଶ ଓ ବିଂଶ ଶତାବ୍ଦୀରେ ସୂର୍ଯ୍ୟାସ୍ତ ହେଉନଥିବା ଏବଂ ବିଶ୍ୱବ୍ୟାପୀ ଉପନିବେଶବାଦୀ ଅତ୍ୟାଚାର ଚଳାଇଥିବା ଦେଶ ବ୍ରିଟେନର ମଧ୍ୟ ପତନ ଘଟିଲା। ଆଜି ବିଶ୍ୱବ୍ୟାପୀ ଏକଛତ୍ରବାଦ ଓ ଡଲାର ବଳରେ ବଳୀୟାନ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ଦିନେ ସମୟର ସ୍ରୋତରେ ହଜିଯିବ। ବିଖ୍ୟାତ ଇଂରାଜୀ କବି ଶେଲିଙ୍କ 'ଓଜିମାଣ୍ଡିଆସ' କାବ୍ୟର ଏହା ହିଁ ତ ନିର୍ଯ୍ୟାସ ଯେ, ଯେତେ ପ୍ରତାପୀ ରାଜା ବା ଦେଶ ହେଉ ସମୟର ସୁଅରେ ସମସ୍ତଙ୍କର ପତନ ସୁନିଶ୍ଚିତ।

(ଓଡ଼ିଶା ସ୍ୱାସ୍ଥ୍ୟ ସେବା)

ଭୁବନେଶ୍ୱର, ମୋ: ୮୧୪୪୦୪୨୯୯୭

## ଆମେ ତ ହତଭାଗ୍ୟ ପିଲାରେ!

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଏକଦା ପ୍ରାଥମିକ ଶ୍ରେଣୀରେ ପଢ଼ାଯାଉଥିବା କବିତାଟିଏ ଥିଲା 'ଆମେ ତ ଭାଗ୍ୟବାନ ପିଲା ରେ...'। ତହିଁରେ ସୂଚୀତ କରାଯାଇଥିଲା କିପରି ଆଧୁନିକ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ଫଳରେ ଉନ୍ନତ ହୋଇପାରିଛି ସେମାନଙ୍କ ଜୀବନଧାରଣର ମାନ। ତେବେ ମାତ୍ର କେତୋଟି ଦଶକ ପରେ ଏହା ଆହୁରି ବିକଶିତ ହୋଇ ପରିବେଶକୁ କିପରି ବିପର୍ଯ୍ୟସ୍ତ କରିଛି ଏବଂ ଶିଶୁମାନଙ୍କ ଉପରେ ତାହାର କିପ୍ରକାର କୁପ୍ରଭାବ ପଡୁଛି ସେ କଥା ବିଚାରକୁ ନେଲେ ସେମାନେ ନିଶ୍ଚୟ ନିଜକୁ ହତଭାଗ୍ୟ ବୋଲି ମନେ କରିବେ। ଏହାର ଏକ ଜ୍ୱଳନ୍ତ ଉଦାହରଣ ରୂପେ ପରିବେଶବିତ୍‌ମାନେ ଉପସ୍ଥାପିତ କଲେଣି ଦିଲ୍ଲୀରେ ପ୍ରଦୂଷିତ ବାୟୁର ସେମାନଙ୍କ ଉପରେ ପ୍ରଭାବ। ଆମ ରାଜ୍ୟ ସମେତ ଦେଶର ବହୁସ୍ଥାନ ପାଇଁ ମଧ୍ୟ ତାହା ପ୍ରଯୁଜ୍ୟ।

ସର୍ବୋଚ୍ଚ ପ୍ରଦୂଷିତ ରାଜଧାନୀ ରୂପେ ବିଶ୍ୱରେ କୁଖ୍ୟାତି ଅର୍ଜନ କରିଥିବା ଦିଲ୍ଲୀର ଅଧିବାସୀମାନେ ବାୟୁପ୍ରଦୂଷଣ ଜନିତ ବିବିଧ ଯନ୍ତ୍ରଣା ଭୋଗ କରୁଛନ୍ତି। ୨୦୨୪ ମସିହାରେ ଅନୁଷ୍ଠିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ପ୍ରଦୂଷଣ ଯୋଗୁଁ ଶିଶୁମାନଙ୍କର ୭.୬ ରୁ ୧୦ ବର୍ଷ ପର୍ଯ୍ୟନ୍ତ ହାରାହାରି ଆୟୁ କ୍ଷୟ ଘଟୁଛି ଏବଂ ବିବିଧ ରୋଗବ୍ୟାଧି ଓ ବହୁସଂଖ୍ୟକ ଅକାଳମୃତ୍ୟୁର କାରଣ ହେଉଛି। ବିଶେଷକରି ଦୀର୍ଘସମୟ ଧରି ବାୟୁରେ ଭାସମାନ ସୂକ୍ଷ୍ମକଣିକା ବା ପାର୍ଟିକୁଲେଟ୍‌ମାଟର(ପିଏମ୍) ଉନ୍ମୁକ୍ତ ହୋଇ ରହିବା ଫଳରେ ତାହା ଶ୍ୱାସକ୍ରିୟା ଜନିତ ରୋଗଠାରୁ ଆରମ୍ଭ କରି ନିମୋନିଆ ଆଦିର କାରଣ ହେଉଛି। ଦିଲ୍ଲୀର ବାୟୁରେ ଏହି କଣିକାର ମାତ୍ରା ଅନେକ ସମୟରେ ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା ଦ୍ୱାରା ନିର୍ଦ୍ଧାରିତ ନିରାପଦ ମାତ୍ରାଠାରୁ ୫୦ ଗୁଣ ପର୍ଯ୍ୟନ୍ତ ଅଧିକ ହୋଇ ଯାଉଛି।

ଉପରୋକ୍ତ ଅଧ୍ୟୟନ ଅନୁଯାୟୀ ଯଦି କେହି ଜଣେ ସେଠାରେ ୫ ବର୍ଷ ପୂର୍ବେ ଜନ୍ମ ହୋଇଥିବ ଆଜିର ଦିନରେ ପ୍ରାୟ ୮୩୦ ରୁ ୮୫୦ ଦିନ, ଅର୍ଥାତ୍ ଜୀବନକାଳର ଅଧାସମୟ ଅତି ଖରାପ କିମ୍ବା ତହିଁରୁ ନିମ୍ନମାନର ବାୟୁ ସେବନ କରିବାକୁ ପଡ଼ିଥିବ। ସେଥିରୁ ପ୍ରାୟ ୮୧ ଦିନ 'ଗମ୍ଭୀର' ଭାବେ ପ୍ରଦୂଷିତ ବାୟୁ। ଏହାର ବିଷାକ୍ତ ପ୍ରଭାବ ଜୀବନଘାତକ। ଏଣୁ 'ସେଣ୍ଟର ଫର ସାଇନସ ଆଣ୍ଡ ଏନଭାର୍ଣ୍ଣମେଣ୍ଟ' ଦ୍ୱାରା ପ୍ରଦତ୍ତ ସୂଚନା ଅନୁସାରେ 'ବାୟୁ ପ୍ରଦୂଷଣ ଏବେ ଏକ ଜାତୀୟ ଆପତ୍‌କାଳୀନ ପରିସ୍ଥିତି ସୃଷ୍ଟି କରିଛି, ଯାହାକି ପ୍ରତିବର୍ଷ ଭାରତରେ ୫ ବର୍ଷରୁ କମ୍ ବୟସ୍କ ପ୍ରାୟ ଲକ୍ଷେ ଶିଶୁଙ୍କର ଅକାଳ ମୃତ୍ୟୁର କାରଣ ହେଉଛି।'

ବର୍ତ୍ତମାନ ଏହା ପ୍ରମାଣିତ ହୋଇସାରିଲଣି ଯେ, ଦୂଷିତ ବାୟୁ ମସ୍ତିଷ୍କର ବିକାଶକୁ ବାଧା ପହଞ୍ଚାଏ। ବାଲ୍ୟକାଳରେ ଦୀର୍ଘ ସମୟ ଧରି ବାୟୁରେ ଭାସମାନ ସୂକ୍ଷ୍ମ କଣିକା ଓ ନାଇଟ୍ରିକ୍ ଅକ୍ସାଇଡ୍ ଆଘ୍ରାଣ କଲେ ମସ୍ତିଷ୍କର ଗାଠନିକ ପରିବର୍ତ୍ତନ ଆସେ ଏବଂ ବୋଧଶକ୍ତିର ଅବକ୍ଷୟ ଘଟେ ବୋଲି ସୂଚୀତ କରାଯାଇଥିଲା 'ଲାନସେଟ ହେଲ୍‌ଥ' ପତ୍ରିକାରେ (୨୦୧୫)। ୨୦୧୭ ମସିହାରେ ୟୁନିସେଫ୍ ସତର୍କବାଣୀ ଶୁଣାଇଥିଲା ଯେ ବିଶ୍ୱର ପ୍ରାୟ ୧୭ ନିୟୁତରୁ ଅଧିକ ଶିଶୁ ନିରାପଦ ମାତ୍ରାଠାରୁ ୬ ଗୁଣ ବା ତତୋଧିକ ପ୍ରଦୂଷିତ ବାୟୁ ଥିବା ସ୍ଥାନମାନଙ୍କରେ ବାସ କରୁଛନ୍ତି। ଅତଏବ ସେମାନଙ୍କର ମସ୍ତିଷ୍କର ବିକାଶ ବାଧାପ୍ରାପ୍ତ ହେଉଛି। ଅନ୍ୟପକ୍ଷରେ, ଜନ୍ମପୂର୍ବରୁ ମା' ଏଥିପ୍ରତି ଉନ୍ମୁକ୍ତ ରହିଲେ ଶିଶୁର ମେଧାଶକ୍ତି (ଆଇକ୍ୟୁ) କମ୍ ହୁଏ ଏବଂ ପରବର୍ତ୍ତୀ ଅବସ୍ଥାରେ ସ୍ମୃତି ଶକ୍ତି ବିଶେଷ କାମ କରେ ନାହିଁ ବୋଲି ଦର୍ଶାଯାଇଥିଲା ୨୦୧୯ ମସିହାରେ 'ଏନ୍‌ଭାର୍ଣ୍ଣମେଣ୍ଟାଲ ହେଲଥ୍' ରେ ପ୍ରକାଶିତ ଏକ ନିବନ୍ଧରେ। ସେହିପରି ୨୦୨୪ ମସିହାରେ ଆମେରିକାରେ ଅନୁଷ୍ଠିତ ଅଧ୍ୟୟନରୁ ଦୀର୍ଘକାଳ ଧରି ଦୂଷିତ ବାୟୁର ସମ୍ମୁଖୀନ ହେଲେ ଶିଶୁମାନଙ୍କର ଶିକ୍ଷା କରିବା ଶକ୍ତି, ସ୍ମୃତି ଶକ୍ତି ଏବଂ ଧ୍ୟାନ ଶକ୍ତି ହ୍ରାସ ପାଏ ବୋଲି ଜଣାପଡ଼ିଥିଲା। ଏହାକୁ ନେଇ 'କେକ୍ ସ୍କୁଲ୍ ଅଫ୍ ମେଡିସିନ୍'ର ଡକ୍ଟର ମେଗାନ ହର୍ଟିଂ ମତ ଦେଇଥିଲେ ଯେ ବାୟୁରେ ଭାସମାନ ସୂକ୍ଷ୍ମ କଣିକାଗୁଡ଼ିକର ଏଥିରେ ବିଶେଷ ଭୂମିକା ଥିବାର ମନେ ହୁଏ। ଏଣୁ ଏହାର ଉତ୍ସ ଓ ରାସାୟନିକ ସଂରଚନା ସହିତ ଦୀର୍ଘସ୍ଥାୟୀ ମସ୍ତିଷ୍କ ସମ୍ବନ୍ଧୀୟ ବୋଧଶକ୍ତିର ସଂପର୍କକୁ ନେଇ ଫୁଙ୍ଖାନୁଫୁଙ୍ଖ ଗବେଷଣା ଦରକାର।

ଅଦ୍ୟାବିଧି ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ କୌଣସି ସ୍ଥାନର ବାୟୁରେ ଭାସମାନ ସୂକ୍ଷ୍ମ କଣିକା ପ୍ରତି ଘନମିଟରରେ ୧୦ ଗ୍ରାମ ବୃଦ୍ଧି ଶିଶୁମାନଙ୍କ ମଧ୍ୟରେ ଶ୍ୱାସରୋଗ, ଶ୍ୱାସନଳୀରେ ପ୍ରଦାହ, ନିମୋନିଆ ଆଦି ବୃଦ୍ଧି କରାଇଥାଏ। ଫଳରେ ଦିଲ୍ଲୀର ଡାକ୍ତରଖାନାମାନଙ୍କରେ ଶିଶୁମାନଙ୍କ ଚିକିତ୍ସା ଲାଗି ସ୍ଥାନାଭାବ ଘଟିଲାଣି। ପୁନଶ୍ଚ ସେମାନେ ଅଧିକକାଳ ଲାଗି ଚିକିତ୍ସା ଆବଶ୍ୟକ କରୁଛନ୍ତି। ଗତବର୍ଷ 'ଏମ୍ସ'ର ଡାକ୍ତରମାନେ ସୂଚନା ଦେଇଛନ୍ତି ଯେ ଏ ସମୟରେ ଶ୍ୱାସରୋଗୀ ସଂଖ୍ୟା ୨୦/୨୫ ପ୍ରତିଶତ ବୃଦ୍ଧି ପାଉଛି। ଏଥିପୂର୍ବରୁ ପୃଥିବୀର ବିଭିନ୍ନ ସ୍ଥାନରେ ବହୁଳଭାବେ ହୋଇଥିବା ସର୍ବେକ୍ଷଣରୁ ଜଣାପଡ଼ିଥିଲା ଯେ ଦୀର୍ଘସମୟ ଧରି ଶିଶୁମାନେ ପ୍ରଦୂଷିତ ବାୟୁର ସମ୍ମୁଖୀନ ହେବା ତାଙ୍କର ବିଦ୍ୟାଳୟରେ କମ ନମ୍ବର ରଖିବା ଏବଂ ବୋଧଶକ୍ତିର ହ୍ରାସ ସହିତ ସଂପୃକ୍ତ(ଆମେରିକାନ୍ ଇକୋନୋମିକ ଜର୍ଣ୍ଣାଲ୍: ଆପ୍ଲାଏଡ ଇକୋନୋମିକସ୍ ୨୦୨୧)। ୨୦୨୪ରେ ଅନୁଷ୍ଠିତ ସର୍ବେକ୍ଷଣରୁ ମଧ୍ୟ ଏହାକୁ ସମର୍ଥନ ମିଳିଥିଲା। ଶିଶୁମାନଙ୍କର ସ୍ମରଣଶକ୍ତି ହ୍ରାସ ଘଟିବା ସଂଗେ ସଂଗେ ସେମାନେ ଖୁବଶୀଘ୍ର ଦୁର୍ବଳ ଅନୁଭବ କରିବା ଏବଂ ଅସୁସ୍ଥତା ହେତୁ ବିଦ୍ୟାଳୟରେ ଅନୁପସ୍ଥିତ ରହିବା ଆଦିକୁ ଏହାର କାରଣ ରୂପେ ଦର୍ଶାଯାଇଥିଲା।

ପ୍ରାୟ ୫ ବର୍ଷ ତଳେ ଦିଲ୍ଲୀର କେତେକ ଶିଶୁ ବିଶୁଦ୍ଧ ବାୟୁ ଯୋଗାଇ ଦେବାକୁ ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରିଥିଲେ। ସେ ସମୟର ସରକାର ତାଙ୍କୁ ସେଥିପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ରକ୍ଷା କରିବା ତ ଦୂରର କଥା, ବରଂ ପରିସ୍ଥିତି ଅଧିକରୁ ଅଧିକ ବିଗିଡ଼ିବାରେ ଲାଗିଛି। ସେଠାରେ ବାୟୁମାନ ସୂଚକାଙ୍କ ୩୦୦ ରୁ ୪୦୦ ଅର୍ଥାତ୍ 'ଅତିଶୟ ଖରାପ' ଏବଂ ବେଳେ ବେଳେ ୪୦୦ ରୁ ଅଧିକ ଅର୍ଥାତ୍ 'ଭୟଙ୍କର' ସ୍ତରରେ ପହଞ୍ଚିଯାଉଛି। ଦେଶର ଅନେକସ୍ଥାନରେ ଏହି ସ୍ଥିତି ସୃଷ୍ଟି ହେଲାଣି। ଓଡ଼ିଶାର ୭/୮ ଟି ସହରରେ ବାୟୁମାନ ସୂଚକାଙ୍କ ୩୦୦ ଅତିକ୍ରମ କରିଯାଉଛି। ଅତଏବ ଜନସାଧାରଣ, ବିଶେଷକରି ଶିଶୁମାନେ, ଏହାର କୁପରିଣାମ ଭୋଗୁଛନ୍ତି। ସେଥିରେ ହଜି ଯାଉଛି ସେମାନଙ୍କର ବର୍ତ୍ତମାନ ଓ ଭବିଷ୍ୟତ। ଏସବୁର ମୂଳରେ ରହିଛି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଣନିୟନ୍ତ୍ରିତ ଅଗ୍ରଗତି ହେତୁ ଶିଳ୍ପର ପ୍ରସାର, ସହରୀକରଣ, ଯାନବାହନ ସଂଖ୍ୟାବୃଦ୍ଧି ଏବଂ ସେଥିପାଇଁ ଆବଶ୍ୟକ ପଡୁଥିବା ବୃକ୍ଷଛେଦନ ଇତ୍ୟାଦି। ଏପରିସ୍ଥଳେ, ବର୍ତ୍ତମାନର ଶିଶୁମାନେ ନିଜକୁ ହତଭାଗ୍ୟ ବୋଲି ମନେ କରିବା ସ୍ୱାଭାବିକ।

ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

## ନାଗନୀ ମାତା ମନ୍ଦିର

ଓଜସ୍ୱିନୀ

### ବିଚିତ୍ର ବିଶ୍ୱାସ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଭାରତର ବିଭିନ୍ନ ଅଞ୍ଚଳରେ ଥିବା ବିଛା ମନ୍ଦିର ସମ୍ପର୍କରେ ଆମେ ଗତ ଦୁଇ ସପ୍ତାହର ଦୁଇଟି ଅଧ୍ୟାୟରେ ଆଲୋଚନା କରି ଆସୁଛେ। ସେଥିମଧ୍ୟରୁ କିଛି ଲୋକଲୋଚନକୁ ଆସିଛି ଏବଂ ଅନେକ ଅନାଲୋଚିତ ହୋଇ ରହିଯାଇଛି। କିନ୍ତୁ ଏହି ମନ୍ଦିର ଯେ ଭାରତୀୟ ଧର୍ମଧାରଣା, ଆସ୍ଥା ଓ ବିଶ୍ୱାସର ମୂଳଦୁଆ ଉପରେ ଗଢ଼ିଉଠିଛି ତାହା ଅନସ୍ୱୀକାର୍ଯ୍ୟ। ଏହି ଆସ୍ଥା ଓ ବିଶ୍ୱାସର ପ୍ରତିଦାନରେ ଉକ୍ତ ମନ୍ଦିରର ଚମତ୍କାରୀ ଶକ୍ତି ଓ ଅଲୌକିକତାର ଧାରା ଏବେ ମଧ୍ୟ ଜନକଲ୍ୟାଣ ପାଇଁ ଜାରି ରହିଛି। ସେହିଧାରାରେ ଆଜି ଭାରତବର୍ଷର ଆଉ କିଛି ବିଛା ମନ୍ଦିର ବିଷୟରେ ଆଲୋଚନା କରିବା

ହିମାଚଳ ପ୍ରଦେଶ ଓ ପଞ୍ଜାବ ସୀମାବର୍ତ୍ତି ଅଞ୍ଚଳରେ ନାଗନୀ ମାତା ନାମକ ଗୋଟିଏ ଚମତ୍କାରୀ ମନ୍ଦିର ଅଛି। ବିଶ୍ୱାସ ରହିଛି ଯେ, ଏହି ମନ୍ଦିରର ମାଟିକୁ ଘରେ ଆଣି ରଖିବା ଦ୍ୱାରା ବିଛା ଓ ସାପ ଭଳି ବିଷାକ୍ତ ପ୍ରାଣୀ ଘରକୁ ଆସିନଥା'ନ୍ତି। ଯଦି କୌଣସି ବ୍ୟକ୍ତିକୁ ବିଛା କିମ୍ବା ସର୍ପଦଂଶନ କରିଥାଏ, ତେବେ ଏହି ମନ୍ଦିରର ମାଟିକୁ ଲେପ ଦେଲେ ବିଷ କ୍ଷୟ ହୋଇ ରୋଗୀର ପ୍ରାଣ ରକ୍ଷା ହୁଏ। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସମୟରେ ୨ ମାସ ଧରି ଏଠାରେ ଏକ ବିଶେଷ ମେଳାର ଆୟୋଜନ ହୋଇଥାଏ। ଦେବୀଙ୍କର ବିଶେଷ ପୂଜାର୍ଚ୍ଚନା ପରେ ଭକ୍ତମାନେ ମନ୍ଦିରର ମାଟିକୁ ନେଇ ଘରେ ରଖିଥା'ନ୍ତି।

ଲୋକକଥା ଅନୁଯାୟୀ, ଏକଦା ଜଣେ ଗୋରଖ ବାବା ଏହି ସ୍ଥାନକୁ ନିଜର ତପୋଭୂମି ଭାବେ ବାଛି ନେଇଥିଲେ। ଘନ ଜଙ୍ଗଲରେ ପରିପୂର୍ଣ୍ଣ ଏହି ସ୍ଥାନରେ ଗୋରଖ ବାବା ବର୍ଷ ବର୍ଷ ଧରି ତପସ୍ୟା କରୁଥିବା ସମୟରେ ଥରେ ଗ୍ରାମବାସୀ ଦେଖିବାକୁ ପାଇଲେ ଯେ, ବାବାଙ୍କ ମସ୍ତକ ଉପରେ ଗୋଟିଏ



ସୁବର୍ଣ୍ଣ ନାଗ ଶୋଭା ପାଉଛି। ଏହାର ରହସ୍ୟ ଗ୍ରାମବାସୀମାନେ ପଚାରିବା ପରେ ଗୋରଖ ବାବା କହିଥିଲେ ଯେ, ସେହି ପବିତ୍ର ଭୂମି ହେଉଛି ନାଗନୀ ମାତାଙ୍କର। ତେଣୁ ଏଠାରେ ସେ ତପସ୍ୟା କରିବା ପାଇଁ ଆସିଛନ୍ତି। ପରବର୍ତ୍ତି ସମୟରେ ଏହି ସ୍ଥାନରେ ନାଗନୀ ମାତାଙ୍କ ମନ୍ଦିର ସ୍ଥାପନା କରାଯାଇଛି। ଏହି ମନ୍ଦିର ନିର୍ମାଣ ସମ୍ପର୍କରେ ଆଉ କେତେକ ଜନଶ୍ରୁତି, କିମ୍ବଦନ୍ତୀ ଓ ଦନ୍ତକଥା ମଧ୍ୟ ରହିଛି। ଏସବୁକୁ ବାଦ୍ ଦେଲେ ଲୋକମାନଙ୍କର ଅତୁଟ ବିଶ୍ୱାସ କାହିଁ କେଉଁ କାଳରୁ ନାଗମୀ ମାତାଙ୍କ ଉପରେ ରହିଆସିଛି। ଏବେ ମଧ୍ୟ ବିଛା, ସାପ ଓ ଅନ୍ୟ ବିଷାକ୍ତ କୀଟଦଂଶନ କରିଥିବା ବ୍ୟକ୍ତିଙ୍କୁ ମନ୍ଦିରର ମାଟି ଲେପନ କରାଯାଉଛି। ଦେବୀ ମା'ଙ୍କ କୃପାରୁ ପୀଡ଼ିତ ବ୍ୟକ୍ତି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରୁଛି। ଏତିକି କୁହାଯାଇପାରେ ଯେ, ବିଜ୍ଞାନ ଯୁଗରେ ମଧ୍ୟ ଦୈବୀକୃପାର ବିଶ୍ୱାସ ବିଜୟୀ ହୋଇଛି ଏବଂ ଆଗାମୀ ଦିନରେ ମଧ୍ୟ ଏହି ବିଶ୍ୱାସର ଧାରା ଅକ୍ଷୁଣ୍ଣ ରହିବ।(ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟ୍ରମ୍ପଙ୍କ ଦାଦାଗିରି...

ସଭ୍ୟ ହେବାକୁ ମଞ୍ଜୁରୀ ଦେଇଛନ୍ତି। ବର୍ତ୍ତମାନ ଏଥିରୁ ଆମେରିକା ବିଦାୟ ନେଉଥିବାରୁ ଏହି ପ୍ରକଳ୍ପକୁ ବଡ଼ ଧରଣର ଧକ୍କା ହୋଇଛି। ଜଳବାୟୁର ସୁରକ୍ଷା ଲାଗି ଏହି ସଂଗଠନ ସହିତ ୧୨୦ଟି ରାଷ୍ଟ୍ର ଯୋଡ଼ି ହୋଇରହିଥିବାରୁ, ଟ୍ରମ୍ପଙ୍କ ଏଭଳି ନିଷ୍ପତ୍ତି ସଂଗଠନକୁ ଦୁର୍ବଳ କରିପକାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି। ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ଯେ ଏହି ୬୬ଟି ସଂଗଠନ ଆମେରିକାର ସ୍ୱାର୍ଥ ବିରୋଧରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସଂଗଠନ ଦ୍ୱାରା ଅର୍ଥ ମଧ୍ୟ ନଷ୍ଟ ହେଉଛି।

### ଭାରତ ଉପରେ...

ଯୋଗାଉଛନ୍ତି ବୋଲି ଆମେରିକା କହୁଛି। ସେଥିପାଇଁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ଚାପ ପକାଇବାକୁ ଏହି ବିଲ୍ ଅଣାଯାଇଛି।

ଆମେରିକାର କ୍ଷମତାସୀନ ଦଳ ରିପବ୍ଲିକାନ ସିନେଟର ଲିଣ୍ଡସେ ଗ୍ରାହମ କହିଛନ୍ତି ଯେ ସେ ହ୍ୱାଇଟ ହାଉସରେ ରାଷ୍ଟ୍ରପତିଙ୍କୁ ଭେଟିଥିଲେ। ସଂସଦରେ ଏହି ବିଲ୍ ଉପସ୍ଥାପନ କରିବାକୁ ଟ୍ରମ୍ପ ସବୁଜ ସଙ୍କେତ ଦେଇଛନ୍ତି। ଗତ କିଛି ମାସ ହେଲା ଏହି ବିଲ୍ ପ୍ରସ୍ତୁତ କରାଯାଉଥିଲା। ଆସନ୍ତା ସପ୍ତାହରେ ଏହି ବିଲ୍‌କୁ ସଂସଦରେ ଭୋଟିଂ ପାଇଁ ଉପସ୍ଥାପନ କରାଯିବ। ଆରଏସଏ ବିଲ୍‌ରେ ରୁଷର ଶକ୍ତି, ବ୍ୟାଙ୍କିଙ୍ଗ୍ ଏବଂ ପ୍ରତିରକ୍ଷା କ୍ଷେତ୍ରକୁ ନିଶାଣ କରାଯାଇଛି। ଏଥିରେ ରୁଷର ତୈଳ-ଗ୍ୟାସ କମ୍ପାନୀ, ବଡ଼ ବ୍ୟାଙ୍କ, ପ୍ରତିରକ୍ଷା ଉଦ୍ୟୋଗ ଏବଂ ଏହା ସହ ଜଡ଼ିତ ନେଟୱର୍କ ଉପରେ କଠୋର କଟକଣା ଲଗାଇବାକୁ ପ୍ରସ୍ତାବ ଦିଆଯାଇଛି। ଏହା ସହିତ ରୁଷକୁ କଟକଣାରୁ ବର୍ତ୍ତିବାରେ ସହାୟତା କରୁଥିବା ଦେଶ, କମ୍ପାନୀ କିମ୍ବା ବ୍ୟାଙ୍କ ଉପରେ ମଧ୍ୟ କଟକଣା ଲଗାଇବାର ବ୍ୟବସ୍ଥା ରହିଛି। କହିବାକୁ ଗଲେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ରୁଷ ସହ କାରବାର କରୁଥିବା ଦେଶ କିମ୍ବା କମ୍ପାନୀ ଆମେରିକା କଟକଣାର ଶିକାର ହେ ।ବେ।

ଏହି ବିଲ୍‌ରେ ଆମେରିକାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ଦ୍ୱାରା ଜବତ ରୁଷ ସମ୍ପତ୍ତିକୁ ୟୁକ୍ରେନର ପୁନଃ ନିର୍ମାଣରେ ବ୍ୟବହାର କରିବାକୁ କୁହାଯାଇଛି। ଏହାଦ୍ୱାରା ଯୁଦ୍ଧ ଜନିତ କ୍ଷତିର ମଧ୍ୟ ଭରଣା ହୋଇପାରିବ। ରୁଷ ଉପରେ କଟକଣା ଲଗାଇବା ପାଇଁ ଟ୍ରମ୍ପ ଜାରି କରିଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକୁ ଏହା ମାଧ୍ୟମରେ ବିଲ୍‌ରେ ପରିଣତ କରାଯିବ। ଭବିଷ୍ୟତରେ ଯେପରି କୌଣସି ଆମେରିକୀୟ ରାଷ୍ଟ୍ରପତି ଏହି କଟକଣାକୁ ନ ହଟାଇପାରିବେ ସେଭଳି ବ୍ୟବସ୍ଥା କରିବାକୁ ଟ୍ରମ୍ପ ଚାହୁଁଛନ୍ତି। କୌଣସି ପ୍ରକାରର ଆଶ୍ୱସ୍ତି ପାଇଁ କଂଗ୍ରେସର ମଞ୍ଜୁରୀ ନେବାକୁ ହେବ। ବିଲ୍‌ରେ ରାଷ୍ଟ୍ରପତିଙ୍କୁ ସ୍ୱତନ୍ତ୍ର ଅଧିକାର ଦେବାର ନିୟମ ରହିଛି। ରୁଷ୍ ଉପରେ କଟକଣା ପାଇଁ ଅଣା ଯାଇଥିବା ଏହି ବିଲକୁ ଉଭୟ ଶାସକ ଏବଂ ବିରୋଧୀ ଦଳର ସାଂସଦ ଆଣିଛନ୍ତି। ଲିଣ୍ଡେସଙ୍କ ସହିତ ଡେମୋକ୍ରାଟ ସିନେଟର ରିଚାର୍ଡ ବ୍ଲୁମେନଥଲ ଏହାକୁ ଉପସ୍ଥାପନ କରିଛନ୍ତି। ସିନେଟର ୮୦ ପ୍ରତିଶତରୁ ଅଧିକ ସାଂସଦ ଏହା ସପକ୍ଷରେ ଥିବା ଲିଣ୍ଡେସ କହିଛନ୍ତି। ସୂଚନାଯୋଗ୍ୟ ଯେ ରୁଷଠାରୁ ଅଶୋଧିତ ତୈଳ ଆଣୁଥିବାରୁ ଭାରତ ଉପରେ ଆମେରିକା ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଲଗାଇଛି। ଏହି ବିଲ୍ ପାରିତ ହେଲେ ଭାରତର ସମସ୍ୟା ବଢ଼ିବ। ଆମେରିକାରେ ନିଜ ସାମଗ୍ରୀ ବିକିବା ପାଇଁ ଭାରତ ପାଇଁ କାଠିକର ହେବ।

### କୋଲକାତାରେ ହାଇଡ୍ରାମା...

କାରଣରୁ ଏଭଳି ଚଢ଼ଉ କରାଯାଉଛି। ତୃଣମୂଳ କଂଗ୍ରେସର ନିର୍ବାଚନ ରଣନୀତି, ଦଳର ଗୋପନୀୟ ଦଲିଲ ଏବଂ ୨୦୨୬ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ସଂପର୍କରେ ତଥ୍ୟ ନେବାଲାଗି ଇଡି ଏହି ଚଢ଼ାଉ କରିଛି। ଏହା ପଛରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ହାତ ରହିଛି ବୋଲି ସେ କହିଥିଲେ।

ଏହାପରେ ମମତା ସିଧା ସଲ୍ଟ ଲେକ୍ ସ୍ଥିତ ଆଇ-ପ୍ୟାକ୍ ଅଫିସ ଯାଇଥିଲେ। ସେଠାରେ ମଧ୍ୟ ଇଡି ଚଢ଼ଉ ଚାଲିଥିଲା। ଅଫିସର ପଛ ଦ୍ୱାର ଦେଇ ମମତା ଭିତରକୁ ଯାଇଥିଲେ। ୧୫/୨୦ ମିନିଟ ପରେ ଆଉ କିଛି ଫାଇଲ ଧରି ସେ ବାହାରିଥିଲେ। ଏହିସବୁ ଫାଇଲକୁ ସେ ତାଙ୍କ କାର ପଛ ସିଟ୍‌ରେ ରଖି ପଳାଇଥିଲେ। ତାଙ୍କ ସହିତ ପୁଲିସ ଓ ସିଭିଲ ଅଧିକାରୀ ମଧ୍ୟ ଥିଲେ।

ଅନ୍ୟପକ୍ଷରେ ଇଡି ପକ୍ଷରୁ କୁହାଯାଇଛି ଯେ ମନି ଲଣ୍ଡରିଂ ମାମଲାରେ ଆଇ-ପ୍ୟାକ୍ ଅଫିସରେ ଚଢ଼ଉ କରାଯାଇଛି। ବେଙ୍ଗଲ କୋଇଲା ଖଣି ଦୁର୍ନୀତିରୁ ଆସିଥିବା ଅର୍ଥ ଆଇ-ପ୍ୟାକ୍କୁ ମିଳିଛି। ୨୦୨୨ ଗୋଆ ନିର୍ବାଚନରେ ଏହି ଅର୍ଥକୁ ଖର୍ଚ୍ଚ କରାଯାଇଛି। ଆଇ-ପ୍ୟାକ୍ ଅଫିସରେ ଏହାର ଯାଞ୍ଚ କରାଯାଉଥିବା ବେଳେ ମମତା ବାନାର୍ଜୀ, ତାଙ୍କର ସହଯୋଗୀ ଏବଂ ପୁଲିସ ଅଧିକାରୀ ଏସଂକ୍ରାନ୍ତ ଫାଇଲ ଓ କଂପ୍ୟୁଟର ଡିସ୍କକୁ ଜୋରଜବରଦସ୍ତି ନେଇଯାଇଛନ୍ତି। ଇଡି ଅଧିକାରୀ କହିଛନ୍ତି ଯେ କୌଣସି ଦଳୀୟ ଅଫିସରେ ଚଢ଼ଉ କରାଯାଇ ନାହିଁ କି ଏହା ସହିତ ନିର୍ବାଚନର କୌଣସି ସଂପର୍କ ନାହିଁ।

ତେବେ ମମତା ନେଇଯାଇଥିବା ଫାଇଲରେ କଣ ରହିଛି, ତାହା ଜଣାପଡ଼ି ନାହିଁ। ଇଡି ହାତରେ କି ଫାଇଲ ଲାଗିଛି, ତାହା ମଧ୍ୟ ଜଣାପଡ଼ି ନାହିଁ। ଇଡିର ଏହି ଚଢ଼ଉର ପ୍ରତିବାଦ କରି ମମତା ଆସନ୍ତାକାଲି କଲିକତାରେ ବିକ୍ଷୋଭ ରାଲି ବାହାର କରିବାକୁ ଘୋଷଣା କରିଛନ୍ତି। ତେବେ ମମତାଙ୍କ ଏଭଳି ଆଚରଣର ସମାଲୋଚନା କରିଛି ବିଜେପି। ମମତା ନେଇଯାଇଥିବା ଫାଇଲରେ ଦୁର୍ନୀତି ଓ ଦେଶ ବିରୋଧୀ ତଥ୍ୟ ରହିଛି ବୋଲି ବିଜେପି ଅଭିଯୋଗ କରିଛି।

### ୩ ଅଦାଲତକୁ...

ଚାଲିଆସିଥିଲେ। ପରେ ସମସ୍ତଙ୍କୁ ଅଦାଲତ କୋଠା ବାହାରକୁ ଚାଲି ଆସିବାକୁ କୁହାଯାଇଥିଲା। ୫ଟି ପୁଲିସ ଟିମ ପହଞ୍ଚି ଅଦାଲତ ଖାଲି କରିଥିଲା। ଓଡ଼ିଶା ହାଇକୋର୍ଟ ପାଇଁ କୌଣସି ସିଧାସଳଖ ଧମକ ମିଳି ନଥିଲା, ତଥାପି ସୁରକ୍ଷା ଦୃଷ୍ଟିରୁ ହାଇକୋର୍ଟ ପରିସରକୁ ତୁରନ୍ତ ଖାଲି କରିଦିଆଯାଇଥିଲା।

ବିଚାରପତି, ଆଇନଜୀବୀ, ମହକିଲ ଓ କର୍ମଚାରୀମାନେ ଅଦାଲତ ବାହାରକୁ ଆସିବା ପରେ ସନ୍ଧାନୀ କୁକୁର ଏବଂ ବୋମା ନିଷ୍କ୍ରିୟକାରୀ ଦଳ, ବ୍ଲାକ୍ କମାଣ୍ଡୋ ଓ ଟାକ୍ଟିକାଲ ଟିମ୍ ସହାୟତାରେ କଟକର ଉଭୟ କୋର୍ଟ ପରିସରରେ ବ୍ୟାପକ ଯାଞ୍ଚ କରାଯାଇଥିଲେ ସୁଦ୍ଧା କୌଣସି ସନ୍ଦେହଜନକ ସାମଗ୍ରୀ ବା ବସ୍ତୁ ମିଳି ନଥିଲା। ଯାଞ୍ଚ ଶେଷ ପରେ ଅପରାହ୍ଣ ସାଢ଼େ ୨ଟା ସୁଦ୍ଧା ଅଦାଲତ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ନିଜେ ଅଦାଲତକୁ ଯାଇ ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରି ଘଟଣା ଉପରେ ନଜର ରଖିଛନ୍ତି ବୋଲି କହିଥିଲେ। ଏହି ଘଟଣା ପରେ ହାଇକୋର୍ଟ ସମେତ ସମସ୍ତ ଅଦାଲତରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏହି ଧମକପୂର୍ଣ୍ଣ ଇ-ମେଲଟି ତାମିଲନାଡୁରୁ ଆସିଥିବା ଡିଜିପି କହିଛନ୍ତି।

ନିକଟରେ ପାଟନା ଓ କେରଳର ଅଦାଲତକୁ ମଧ୍ୟ ସମାନ ଧମକ ଆସିବା ପରେ ଅଦାଲତ ଖାଲି କରାଯାଇ ଯାଞ୍ଚ କରାଯାଇଥିଲା। ତେବେ ଜନସାଧାରଣ ଆତଙ୍କିତ ନହେବା ସହ ପୁଲିସକୁ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।

ଅନ୍ୟପଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାକୁ ଗମ୍ଭୀରତାର ସହ ନେଇଛନ୍ତି। ସେ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କ ସହ ଆଲୋଚନା କରି ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମ୍ବେଦନଶୀଳ ଘଟଣାରେ କମିସନରେଟ୍ ପୁଲିସ ଓ କ୍ରାଇମବ୍ରାଞ୍ଚ ସାଇବର ସେଲ ମିଳିତ ତଦନ୍ତ କରୁଥିବା କହିଛନ୍ତି ପୁଲିସ କମିସନର ଏସ୍. ଦେବଦତ୍ତ ସିଂହ। ସାଇବର୍ ଏକ୍ସପର୍ଟମାନେ ଉକ୍ତ ଇ-ମେଲ୍‌ର ଉତ୍ସ (ଆଇପି ଆଡ୍ରେସ୍) ଖୋଜିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଦୋଷୀଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।

### ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ...

ଅବଗତ ହେବା ପରେ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହିତ ଘଟଣାର ତଦନ୍ତ କରି ଏହାର ସତ୍ୟାସତ୍ୟ ଅନୁସନ୍ଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ଶାସନ ସଚିବ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ପରିସ୍ଥିତି ଉପରେ ନଜର ରଖିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସାଧାରଣ ଲୋକଙ୍କ ଧନଜୀବନର ସୁରକ୍ଷା କ୍ଷେତ୍ରରେ କୌଣସି କୋହଳ ମନୋଭାବ ପୋଷଣ କରାଯାଇ ପାରିବ ନାହିଁ। ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ତଦନ୍ତ କରିବା ସହିତ ସମ୍ପୃକ୍ତ ସ୍ଥାନ ମାନଙ୍କୁ ଅଧିକାରୀମାନଙ୍କୁ ପଠାଇ ଏସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରି ଏଭଳି ଘଟଣାର ମୂଳ ଉଦ୍ଦେଶ୍ୟକୁ ଜାଣିବା ଅତ୍ୟନ୍ତ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

### ଚିନ୍ତା ପ୍ରକଟ...

ଅଧିକାରୀମାନେ ମିଳିଥିବା ଧମକର ତ୍ୱରିତ, ପୁଙ୍ଖାନୁପୁଙ୍ଖ ଏବଂ ଉପଯୁକ୍ତ ଯାଞ୍ଚ କରନ୍ତୁ। ଧମକ କେଉଁଠୁ ଆସିଲା ଏବଂ ଏଥିରେ କେଉଁମାନେ ସମ୍ପୃକ୍ତ ସେମାନଙ୍କୁ ତୁରନ୍ତ ଠାବ କରି ଏହାର ନିଷ୍କର୍ଷ ସର୍ବସମ୍ମୁଖକୁ ଆଣନ୍ତୁ। ଏପରି ସ୍ଥିତିରେଜନସାଧାରଣ ଶାନ୍ତ ରୁହନ୍ତୁ, ଗୁଜବ ପ୍ରଚାରରୁ ଦୂରେଇ ରୁହନ୍ତୁ ଏବଂ ସୁରକ୍ଷା ସଂସ୍ଥାଗୁଡ଼ିକୁ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି।

### ଆୟର ୭୫% ...

ଥିଲେ। ୨୦୧୯ ପର୍ଯ୍ୟନ୍ତ ହିନ୍ଦୁସ୍ତାନ ଜିଙ୍କ ଲିମିଟେଡର ଅଧ୍ୟକ୍ଷ ମଧ୍ୟ ରହିଥିଲେ। ତାଙ୍କ ନେତୃତ୍ୱରେ ହିନ୍ଦୁସ୍ତାନ ଜିଙ୍କ ଖଣି ଜ୍ଞାନକୌଶଳକୁ ଆଧୁନିକ କରିଥିଲା। ଅଗ୍ନିବେଶ ଫୁଜୈରାହ ଗୋଲ୍ଡର ପ୍ରତିଷ୍ଠାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

### 'ଓମ୍‌ସା' ଆନ୍ଦୋଳନ...

ତାରିଖରେ ସରକାର ଗଠନ କରିଥିବା ସଚିବସ୍ତରୀୟ କମିଟିର ବୈଠକ ଅନୁଷ୍ଠିତ ହେବ। ଏହାପରେ କେନ୍ଦ୍ରୀୟ ହାରରେ ଡିଏସିପି(ବେତନ) ପ୍ରଦାନର ରୂପରେଖ ସ୍ପଷ୍ଟ ହେବ। ସେହିପରି କେବିକେ ଅଞ୍ଚଳରେ ନିଯୁକ୍ତ ହୋଇଥିବା ଡାକ୍ତରମାନଙ୍କୁ ସେମାନଙ୍କ ନିଜ ଜିଲ୍ଲାକୁ ଆଣିବା ପାଇଁ ସରକାର ସବୁ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଇତିମଧ୍ୟରେ କ୍ୟାଡର ପୁନର୍ବିନ୍ୟାସ, ବିଶେଷଜ୍ଞ ଭତ୍ତାର ବୃଦ୍ଧି, ଶବ ବ୍ୟବଚ୍ଛେଦ ଭତ୍ତା ଏବଂ ଦନ୍ତ ଚିକିତ୍ସକ ମାନଙ୍କର ବିଶେଷଜ୍ଞ ଭତ୍ତା (ନୂଆକରି) ପ୍ରସ୍ତାବ ପାରିତ ହେଇସାରିଛି। ଅପରପକ୍ଷେ ବିଳମ୍ବରେ ହେଲେ ମଧ୍ୟ ଡାକ୍ତରମାନଙ୍କର ସ୍ୱାସ୍ଥ୍ୟବୀମା ନିଶ୍ଚୟ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ଡାକ୍ତର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ୧୦ ଦଫା ଦାବି ନେଇ ଓମସା ପକ୍ଷରୁ ଗତ ୨୬ ତାରିଖରେ ପ୍ରଥମେ ୧ ଘଣ୍ଟିଆ ଓପିଡି ସେବା ବର୍ଜନ କରାଯାଇଥିଲା। ମାତ୍ର ସରକାର ଦାବିକୁ ଅଣଦେଖା କରିବାରୁ ସଂଘ ପକ୍ଷରୁ ଗତ ୫ ତାରିଖରୁ୨ ଘଣ୍ଟିଆ ଓପିଡି ସେବା ବର୍ଜନ କରାଯାଇଥିଲା। ଆନ୍ଦୋଳନକୁ ଦମନ ପାଇଁ ଗତ ୬ ତାରିଖରେ ରାଜ୍ୟ ସରକାର ଆନ୍ଦୋଳନ ବିରୋଧରେ ୬ ମାସ ପାଇଁ ଏସ୍‌ମା ଲଗାଇଥିଲେ।

### ୧ ହଜାରକୁ...

ପ୍ରଶମିତ କରିବା ପାଇଁ ସରକାର ଯୋଜନା କରିଛନ୍ତି। ଏବେ କୌଣସି ଗାଡ଼ି ଚାଳକ ପ୍ରଦୂଷଣ ସାର୍ଟିଫିକେଟ୍ ନ କରିଥିଲେ, ତାଙ୍କ ଉପରେ ୧୦ ହଜାର ଟଙ୍କା ଜରିମାନା କରିବାର ବ୍ୟବସ୍ଥା ରହିଛି। ମାତ୍ର ଏହି ରାଶିକୁ ୧୦୦୦ ଟଙ୍କାକୁ ଖସାଇ ଦେବା ପାଇଁ ଯୋଜନା କରାଯାଉଛି। ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ସମେତ ଅନ୍ୟ କିଛି ରାଜ୍ୟରେ ଗାଡ଼ିର ପିୟୁସିସି ନ ଥିଲେ ପ୍ରଥମେ ୧ ହଜାର ଓ ପରେ ୨ ହଜାର ଟଙ୍କା ଜରିମାନା କରାଯାଉଛି। ତେଣୁ ଓଡ଼ିଶାରେ ଏମ୍‌ଭି ଆକ୍ଟରେ ପରିବର୍ତ୍ତନ କରି ଜରିମାନା ରାଶିକୁ କମ୍ କରିବା ପାଇଁ ନିଷ୍ପତ୍ତି ହୋଇଛି। ସମାନ ଭାବେ ବ୍ୟବସ୍ଥା ଅନୁଯାୟୀ କୌଣସି ଗାଡ଼ି ଚାଳକ ପିୟୁସିସି କରି ନ ଥିଲେ ଗାଡ଼ି ଉପରେ ଜରିମାନା ହେବାର ୭ ଦିନ ମଧ୍ୟରେ ଗାଡ଼ି ଚାଳକ ପିୟୁସିସି କରି ଅପ୍‌ଲୋର୍ଡ କଲେ ଏହାକୁ ଛାଡ଼ କରାଯିବାର ନିୟମ ରହିଛି। ତେବେ ଏମ୍‌ଭି ଆକ୍ଟରେ ଏ ସମ୍ପର୍କିତ ନିଷ୍ପତ୍ତି ନେବା ପାଇଁ ରାଜ୍ୟ ସରକାର ବିଚାର କରିପାରିବେ ବୋଲି ଦର୍ଶାଯାଇଛି। ପୂର୍ବରୁ ଓଡ଼ିଶାରେ ଏହି ବ୍ୟବସ୍ଥାରେ ଜରିମାନା ଛାଡ଼ କରାଯାଉ ନ ଥିବା ବେଳେ ଏବେ ରାଜ୍ୟ ସରକାର ଏହି ନିୟମକୁ କୋହଳ କରି ଗାଡ଼ି ଚାଳକଙ୍କ ପାଇଁ ଆଶ୍ୱସ୍ତି ଆଣିବା ନେଇ ଯୋଜନା କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଜେନା ଆଜି ରାଜ୍ୟରେ ପ୍ରଦୂଷଣ ପ୍ରମାଣପତ୍ରକୁ ନେଇ ବଢ଼ୁଥିବା ଅସନ୍ତୋଷର ସମୀକ୍ଷା କରି ରାଜ୍ୟରେ ଏପ୍ରିଲ ୧ ପର୍ଯ୍ୟନ୍ତ ପ୍ରଦୂଷଣ ପ୍ରମାଣପତ୍ର କୋହଳ କରାଯାଇଥିବା ଘୋଷଣା କରିଛନ୍ତି। ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଜୋରିମାନର ତର୍ଜମା କରିବାକୁ ମଧ୍ୟ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ ପରିବେଶ ସୁରକ୍ଷାକୁ ଲକ୍ଷ୍ୟ ରଖି ପ୍ରଦୂଷଣ ଯାଞ୍ଚ ପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ମୋଟର ଯାନ ଆଇନ ଅନୁଯାୟୀ ଏହା ବାଧ୍ୟତାମୂଳକ। ଓଡ଼ିଶାରେ ମାତ୍ର ୨୧ ପ୍ରତିଶତ ଗାଡ଼ିରେ ପ୍ରଦୂଷଣ ପ୍ରମାଣପତ୍ର ରହିଛି। ତେବେ ଜନସାଧାରଣ ଏଥିପାଇଁ ସମସ୍ୟାର ସମ୍ମୁଖୀନ ହେଉଥିବାର ଦୃଷ୍ଟିକୁ ଆସିବାରୁ ଜନସାଧାରଣଙ୍କ ସୁବିଧା ପାଇଁ କୋହଳ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସମୟ ଅବଧିରେ ପ୍ରଦୂଷଣ ପ୍ରମାଣପତ୍ର କରାଇନେବାକୁ ମନ୍ତ୍ରୀ ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି।

### ଢେଙ୍କାନାଳରେ ପ୍ରତିଷ୍ଠା...

ମୂଲ୍ୟରେ ଏକ ୬ ଏମ୍‌ଟିପିଏ କ୍ଷମତା ବିଶିଷ୍ଟ ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରିବ। ଏହା ଷ୍ଟିଲ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର କ୍ଷମତା ବୃଦ୍ଧି କରିବାକୁ ଯାଉଥିବା ବେଳେ ଏହାଦ୍ୱାରା ପ୍ରାୟ ୮୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଜିନ୍ଦଲ ପଲି ଫିଲ୍ମସ୍ ଲିମିଟେଡ୍ ଗଞ୍ଜାମରେ ରେୟାର ଅର୍ଥ ମ୍ୟାନୁଫ୍ୟାକ୍‌ଚରିଂ ବର୍ଗ ଅନ୍ତର୍ଗତ ୦.୫ ଏମ୍‌ଟିପିଏ ଟାଇଟାନିୟମ୍ ଡାଇଅକ୍ସାଇଡ୍ ପିଗମେଣ୍ଟ ଉତ୍ପାଦନ ଏକକ ସ୍ଥାପନ କରିବାକୁ ଅନୁମୋଦନ ଲାଭ କରିଛି। ଏଥିରେ ୧୨,୦୦୦ କୋଟି ଟଙ୍କା ନିବେଶ ହେବାକୁ ଥିବାବେଳେ ୪,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ଅଟୋମୋବାଇଲ୍ସ ଓ ଅଟୋ-କମ୍ପୋନେଣ୍ଟସ୍ କ୍ଷେତ୍ରରେ ଏକ ପ୍ରସିଦ୍ଧ କମ୍ପାନୀ ଗଞ୍ଜାମରେ ଟାୟାର, କାର୍ବନ ବ୍ଲାକ୍ ଏବଂ ଜିଙ୍କ ଅକ୍ସାଇଡ୍ ଉତ୍ପାଦନ ଏକକ ସ୍ଥାପନ ପାଇଁ ୧,୬୯୭ କୋଟି ଟଙ୍କା ନିବେଶ କରିବ। ଏହାଦ୍ୱାରା ୬୮୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି।

ସାଙ୍କୋଡ୍ ସେମି ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ଆଉଟ୍‌ସୋର୍ସଡ୍ ସେମିକଣ୍ଡକ୍ଟର ଆସେମ୍ବ୍ଲି ଏଣ୍ଡ ଟେଷ୍ଟିଂ ଏକକ ସ୍ଥାପନ ପାଇଁ ୧,୬୪୯.୯୮ କୋଟି ଟଙ୍କା ନିବେଶ କରିବ। ଏହାଦ୍ୱାରା ୫୭୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଇନୋକ୍ସ ଏୟାର ପ୍ରଡକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ଢେଙ୍କାନାଳରେ ଏୟାର ସେପାରେସନ୍ ୟୁନିଟ୍ ସ୍ଥାପନ ପାଇଁ ୧,୩୦୦ କୋଟି ଟଙ୍କା ନିବେଶ କରିବାକୁ ଯାଉଥିବା ବେଳେ ଏହାଦ୍ୱାରା ୧୮୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ବଢ଼ୁଥିବା ଶିଳ୍ପ ଚାହିଦାକୁ ପୂରଣ କରିବ। ସେହିପରି ଫେରୋ ଆଲୟସ୍ କର୍ପୋରେସନ୍ ଲିମିଟେଡ୍ କେନ୍ଦୁଝରରେ ଫେରୋ ମାଙ୍ଗାନିଜ୍, ସିଲିକୋ ମାଙ୍ଗାନିଜ୍, ମାଙ୍ଗାନିଜ୍ ଓର୍ ବେନିଫିସିଏସନ୍ ସହିତ ୧୦୦ ମେଗାୱାଟ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରସ୍ତାବକୁ ମଧ୍ୟ ଏଚଏଲସିଏ ଅନୁମୋଦନ ଦେଇଛି। ଏଥିରେ ୨,୦୦୦ କୋଟି ଟଙ୍କା ନିବେଶ ହେବାକୁ ଥିବାବେଳେ ୭୭୨ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାକୁ ଯାଉଛି। ଏତଦ୍ ବ୍ୟତୀତ ଜିଏମ୍‌ଆର୍ କମଲାଙ୍ଗା ଏନର୍ଜି ଲିମିଟେଡ୍ ଢେଙ୍କାନାଳରେ ୩୫୦ ମେଗାୱାଟ ଥର୍ମାଲ ପାୱାର ପ୍ଲାଣ୍ଟ ସ୍ଥାପନ ପାଇଁ ୨,୧୩୬.୦୨ କୋଟି ଟଙ୍କା ନିବେଶ କରିବ, ଯାହା ୩୦୦ ଚାକିରି ସୃଷ୍ଟି କରିବ ବୋଲି ଜଣାପଡ଼ିଛି।

### ଶୀତ ଆହୁରି...

ରେକର୍ଡ ହୋଇଛି। ଏହାସହିତ ସେମିଲିଗୁଡାରେ ପାରଦ ୩.୨କୁ ଖସିଥିବା ବେଳେ ୨୪ ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରେକର୍ଡ ହୋଇଛି। ଏଥି ମଧ୍ୟରେ ଫୁଲବାଣୀରେ ତାପମାତ୍ର ୫ ଡିଗ୍ରୀ, ରାଉରକେଲା ୫.୪, ଝାରସୁଗୁଡ଼ା ୫.୮, ଦାରିଙ୍ଗବାଡ଼ିରେ ତାପମାତ୍ରା ୬ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରରେ ତାପମାତ୍ରା ୯ ଡିଗ୍ରୀ ଛୁଇଁଛି। ଭୁବନେଶ୍ୱରରେ ପାରଦ ୯.୪ ଡିଗ୍ରୀ ଓ କଟକରେ ତାପମାତ୍ରା ୯.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଏଥିପାଇଁ ଦୁଇ ସହରରେ ପ୍ରବଳ ଶୀତ ଅନୁଭୂତ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା କମ୍ ଥିବାରୁ ପ୍ରବଳ ଶୀତ ଜାରି ରହିବ। ମାତ୍ର ୨ ଦିନ ପରେ ୨-୩ ଡିଗ୍ରୀ ବୃଦ୍ଧି କାରଣରୁ ଶୀତ କିଛି ମାତ୍ରାରେ କମିବ। ଶୁକ୍ରବାର ରାତିରୁ ଶନିବାର ସକାଳ ମଧ୍ୟରେ ଜଗତସିଂହପୁର, ଖୋର୍ଦ୍ଧା, ବାଲେଶ୍ୱର, ଅନୁଗୁଳ, କଳାହାଣ୍ଡି ଓ କନ୍ଧମାଳରେ ପ୍ରବଳ ଶୀତ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ସତର୍କତା ଜାରି କରିଛି।

ସେହିଭଳି ଦିଲ୍ଲୀ ସମେତ ଉତ୍ତର ଭାରତରେ ଆଜି ପ୍ରବଳ ଶୀତ ଅନୁଭୂତ ହୋଇଛି। ଦିଲ୍ଲୀରେ ଆଜି ତାପମାତ୍ରା ୫.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ପ୍ରବଳ ଶୀଥ ସହିତ ଘନ କୁହୁଡ଼ି ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରିଛି। ଦିଲ୍ଲୀ ସହିତ ପଞ୍ଜାବ, ହରିଆଣା, ଜମ୍ମୁ-କଶ୍ମୀରୁ ଉତ୍ତର ପ୍ରଦେଶ ଓ ରାଜସ୍ଥାନରେ ଥଣ୍ଡା ଯୋଗୁଁ ଶିକ୍ଷାନୁଷ୍ଠାନକୁ ବନ୍ଦ କରି ଦିଆଯିବ। ଏପରି ଥଣ୍ଡା ଆଗାମୀ ୭ ଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆଇଏମ୍‌ଡି କହିଛି।

## ରାଜ୍ୟର ୩ ଜିଲ୍ଲା ଅଦାଲତକୁ ବୋମା ଧମକ

# ରାଜ୍ୟରେ ଗୃହ ବିଭାଗ ସଂପୂର୍ଣ୍ଣ ଅଚଳ: ବିଜେଡି

- ବିଭିନ୍ନ କୋର୍ଟରେ ଭୟର ବାତାବରଣ
- ପୂର୍ବରୁ ଜନୈକ ସାମ୍ବାଦିକଙ୍କୁ ଏଭଳି ଧମକପୂର୍ଣ୍ଣ ଇ-ମେଲ୍ ଆସିଥିଲା, ଗୃହ ବିଭାଗ ପାଇ ନ ଥିଲା କୌଣସି ସୁରାକ

ଭୁବନେଶ୍ୱର, ୮।୧ (ସମିସ): ରାଜ୍ୟର ୩ ଜିଲ୍ଲା ଅଦାଲତକୁ ବୋମାରେ ଉଡ଼ାଇ ଦେବାକୁ ଧମକ ମିଳିବା ପରେ ସବୁଆଡ଼େ ଭୟର ବାତାବରଣ ସୃଷ୍ଟି କରିଛି। କୋର୍ଟକୁ ବୋମା ଧମକ ଦର୍ଶାଉଛି ଯେ ଗୃହ ବିଭାଗ ଅସହାୟ ହୋଇଯାଇଛି। ବିଜେପି ଦଳ ଓଡ଼ିଶାରେ ଶାସନ ଭାର ଗ୍ରହଣ କରିବା ଦିନଠୁ ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଅଭିଯୋଗ କରିଛି ବିଜେଡି।

ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି, କୋର୍ଟକୁ ବୋମା ଧମକ ଓଡ଼ିଶା ଇତିହାସରେ ପ୍ରଥମ ଘଟଣା। ଏହାକୁ ନେଇ ରାଜ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅପରାଧୀମାନେ ବିଜେପି ସରକାରକୁ ଡରିବା ତ ଦୂରର କଥା, ଓଲଟା ଇ-ମେଲ୍‌ରେ ଧମକ ଦେଇଛନ୍ତି। ଆମ ନ୍ୟାୟିକ ପ୍ରତିଷ୍ଠାନଗୁଡ଼ିକ ସମେତ ବିଚାରପତି, ଓକିଲ, ମକଦ୍ଦମାକାରୀ, କୋର୍ଟ କର୍ମଚାରୀ ତଥା ସାଧାରଣଲୋକଙ୍କ ସୁରକ୍ଷା ସର୍ବୋପରି। ଭାରପ୍ରାପ୍ତ ଅଧିକାରୀମାନେ ମିଳିଥିବା ଧମକର ତ୍ୱରିତ, ପୁଙ୍ଖାନୁପୁଙ୍ଖ ଏବଂ ଉପଯୁକ୍ତ ଯାଞ୍ଚ କରନ୍ତୁ। ଧମକ କେଉଁଠୁ ଆସିଲା ଏବଂ ଏଥିରେ କେଉଁମାନେ ସମ୍ପୃକ୍ତ, ସେମାନଙ୍କୁ ତୁରନ୍ତ ଠାବ କରି ଏହାର ନିଷ୍କର୍ଷ ସର୍ବସମ୍ମୁଖକୁ ଆଣନ୍ତୁ ବୋଲି ବିଜେଡି ଦାବି କରିଛି। କିଛି ଦିନ ପୂର୍ବରୁ ମଧ୍ୟ ରାଜ୍ୟର ଜଣେ ସାମ୍ବାଦିକଙ୍କୁ ଏଭଳି ଇ-ମେଲ୍ ଜରିଆରେ ଧମକ ଦିଆଯାଇଥିଲା। ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ କି ଏ ସଂପର୍କରେ ସ୍ୱଷ୍ଟତା ଦେଲେ ନାହିଁ। ଏଥିରୁ ସ୍ପଷ୍ଟ ବାରି ହେଉଛି, ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବାରେ ଗୃହ ବିଭାଗ ସଂପୂର୍ଣ୍ଣ ବିଫଳ ହୋଇଛି। ଡ. ମହାନ୍ତି ଆହୁରି ମଧ୍ୟ କହିଥିଲେ ଯେ ପୁଲିସ ପ୍ରଶାସନ ମଧ୍ୟ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇପଡ଼ିଛି। ନିକଟରେ ଡିଜିପି ବିଜେଡି ପ୍ରତିନିଧିଙ୍କୁ ଭେଟିବାକୁ ଅସହଜ ମନେ କରିଥିଲେ। ଏଥିପାଇଁ ପୁଲିସ ପ୍ରଶାସନ ଏବଂ ରାଜ୍ୟ ସରକାର ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ ହେବା ଦରକାର ବୋଲି ସେ କହିଛନ୍ତି।


**ଆଞ୍ଚଳିକ ସ୍ତରୀୟ୍ କୃଷି ଯନ୍ତ୍ରପାତି ମେଳା ଗଜପତି**

ଆଞ୍ଚଳିକ ସ୍ତରୀୟ୍ କୃଷି ଯନ୍ତ୍ରପାତି ତା. ୦୬.୦୧.୨୦୨୬ ରିଖ ଠାରୁ ତା. ୧୦.୦୧.୨୦୨୬ ରିଖ ପର୍ଯ୍ୟନ୍ତ ସ୍ଥାନୀୟ୍ ଗଜପତି ଷ୍ଟାଡିୟମ, ପାରଳାଖେମୁଣ୍ଡି ପରିସରରେ ଅନୁଷ୍ଠିତ ହେଉଅଛି । ଉକ୍ତ ମେଳାରେ କୃଷି ପାଠଶାଳା, ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ସହିତ ରିହାତି ଦରରେ ବିକ୍ରିର ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ସମସ୍ତ ଚାଷୀ ଭାଇ ଓ ଭଉଣୀ, କୃଷି ଉଦ୍ୟୋଗୀ, ଡିଲର ମାନଙ୍କୁ ବହୁ ସଂଖ୍ୟାରେ ଯୋଗଦାନ କରିବା ପାଇଁ ଅନୁରୋଧ।

**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଗଜପତି**

**ହଜିଛି**

ମୁଁ **ଶ୍ରୀ ହିତେଶ କୁମାର ବଗର୍ତ୍ତୀ,** ପିତା: କୁଞ୍ଜବିହାରୀ ବଗର୍ତ୍ତୀ, ସା/ପୋ: ଖଡିଆଳ, ଆମ୍ବଗୁଡା, ଥାନା: ଖଡିଆଳ, ଜିଲ୍ଲା: ନୂଆପଡା, ଓଡ଼ିଶା ଘୋଷଣା କରୁଅଛି କି, ବିକ୍ରମ କେଶରୀ ପରିଡାଙ୍କ ଠାରୁ ଏକ ଜମି କ୍ରୟ କରିଥିଲି ଯାହାର ମୌଜା: ପାଣ୍ଡରା, ତହସିଲ: ଭୁବନେଶ୍ୱର, ଖାତା ନଂ.: ୧୩୩୦/୨୬୬୪, ପ୍ଲଟ୍ ନଂ.: ୧୦୩୫/୮୨୨୮, ଦଲିଲ୍ ନଂ.: ୧୧୦୮୧୦୧୮୪୭୫, ତା.୦୪.୦୮.୨୦୧୦, ଏହାର ଲିଙ୍କ୍ ଦଲିଲ୍ ନଂ.: ୬୫୧୬, ତା.୧୨.୦୯.୨୦୦୨ ଯାହାକି ମୋତେ ବିକ୍ରମ କେଶରୀ ପରଡା ରେଜିଷ୍ଟ୍ରେସନ୍ ସମୟରେ ଦେଇଥିଲେ। ତାହା ହାଇଟେକ୍ ଛକ, ରସୁଲଗଡ, ମଧ୍ୟରେ ମାର୍କେଟିଂ ସମୟରେ କେଉଁଠାରେ ହଜିଯାଇଛି। ଶତଚେଷ୍ଟା ସତ୍ତ୍ୱେ ମଧ୍ୟ ମିଳିପାରୁ ନାହିଁ। ଯଦି କୌଣସି ବ୍ୟକ୍ତି ଉପରୋକ୍ତ ଦଲିଲ୍ ପାଆନ୍ତି ତେବେ ଦୟାକରି ୯୬୬୮୦୨୮୯୨୭ ନମ୍ବରରେ ଯୋଗାଯୋଗ କରିବେ।

**AFFIDAVIT**

By virtue of an affidavit before the Executive Magistrate, Jajpur, dtd. 18.07.2025, I, Mutri Hembram, W/o- Late Madhu Sudan Hembram, Vill.: Patapur, PO.: Sansailo, PS.: Sukinda, Dist.: Jajpur hereby declare that my name has been incorrectly recorded as "Sutri Hembrom" in some records of Bihar Regiment Abhilekh Karyalaya. My correct name and surname is "Mutri Hembram", and my deceased husband's correct name is Late Madhu Sudan Hembram. Both names refer to one and the same person i.e. myself.

**FOR SALE**

1 Number of SCV – TATA INTRA V-30 Diesel / 2022, Registration No.: OD-01-AQ-9039 Model: 2022, ENGINE NO- 15CRAIL05NXXSG1989 CHASSIS NO- MAT535073N Yn54167. For Details, Contact- 8895997418, 9437577758, SUNDARAM FINANCE LTD. First Floor, Choudhury Complex, SAHADEVKHUNTA, BALASORE – 756001, PH. NO.: 06782-266657

**AFFIDAVIT**

By virtue of an affidavit, No.- 3518/2025 sworn before the Executive Magistrate Banpur, Khordha Dist., I Renny Baral, aged about 26 years (DOB- 15/03/2000), resident of Vill/P.O.- Pratap, P.S.- Banpur, Dist- Khordha, Odisha hereby declare that I have changed my name from **RENNY SASMAL to RENNY BARAL**. Henceforth I shall be known as Renny Baral for all purpose instated of Renny Sasmal. I am Swearing this affidavit for the correction of my Aadhaar card.

**RENNY BARAL**

**ସର୍ବସାଧାରଣ ବିଜ୍ଞପ୍ତି**

ଏହି ଦ୍ୱାରା ସୂଚନା ଦିଆଯାଉଛି ଯେ, ଶ୍ରୀ ରବିଶଙ୍କର ରାଉତ (ଏହିରାପରେ ମୋର୍ଟଗେଜର/ବୋର୍ରୋଅର କୁହାଯାଇଛନ୍ତି) ନିମ୍ନଲିଖିତ ସିଦ୍ଧ ସମ୍ପତ୍ତିର ମୋର୍ଟଗେଜ ଆମ କ୍ଲାଇଣ୍ଟ IDFC FIRST Bank Limited - ଶାଖା ଠିକଣା IDFC ଫରସ୍ଟ ବ୍ୟାଙ୍କ ଲିମିଟେଡ୍, ଜୟପୁର ଶାଖା, ପ୍ଲଟ ନଂ 1221, ଏମଜି ରୋଡ, ଜୟପୁର, ପିନ- 764001, ଜିଲ୍ଲା-କୋରାପୁଟ ସ୍ଥିତ ବ୍ୟାଙ୍କର ସପକ୍ଷରେ ସୃଷ୍ଟି କରିଛନ୍ତି ।ଉକ୍ତ ମୋର୍ଟଗେଜରଙ୍କର ଅରିଜିନାଲ ଦଲିଲ ଯଥା ରେଜିଷ୍ଟ୍ରେଡ ସାଲ ଡୀଡ (R S D) ଡକୁମେଣ୍ଟ ନଂ 1541/1987, ବିନୋଦ କୁମାର ମହାନ୍ତି ନାମରେ 1987 ସାଲରୁ ରେକୋର୍ଡ ହୋଇଛି, ହରାଇ ଯାଇଛି / ନିଖୋଜ ହୋଇଛି ଏବଂ ମିଳୁନାହିଁ । ଯଦି ଉପରୋକ୍ତ ଅରିଜିନାଲ ଦଲିଲ ଏବଂ ROR ଦଲିଲ କେହି ପାଇଥାନ୍ତି, ତେବେ ତାହା ନିମ୍ନ ଠିକାଣାରେ ହସ୍ତାନ୍ତର କରିବା ହେବେ । ଏହା ସହିତ, ଯଦି କେହି ବ୍ୟକ୍ତି, ସଂସ୍ଥା, ସଂଗଠନ ଉକ୍ତ ସମ୍ପତ୍ତି ସମ୍ବନ୍ଧରେ କୌଣସି ଦାବି, ଆପତ୍ତି କିମ୍ବା ସମ୍ପର୍କ ରଖିଥାନ୍ତି ତେବେ ସେମାନେ ଏହି ନୋଟିସ ପ୍ରକାଶନର 14 ଦିନ ମଧ୍ୟରେ ଦସ୍ତାବିଜେକ ପ୍ରମାଣ ସହ ନିମ୍ନ ଠିକାଣାରେ ସୂଚନା ଦିଅନ୍ତୁ, ନ ହେଲେ ସେମାନଙ୍କ ଦାବି ପରିତ୍ୟକ୍ତ ଏବଂ ତ୍ୟାଗ କରାଯାଇଛି ବୋଲି ଗଣାଯିବ । 14 ଦିନ ପରେ ଉଠାଯାଇଥିବା କୋନସି ଆପତ୍ତି ଉକ୍ତ ସମ୍ପତ୍ତି ବା ମୋର କ୍ଲାଇଣ୍ଟ ଉପରେ ବାଧତା ସୃଷ୍ଟି କରିବ ନାହିଁ ।

ସମ୍ପତ୍ତିର ବିବରଣୀ:ଖାତା ନଂ 342/341, ପ୍ଲଟ ନଂ 1499/3232, ମୌଜା-ବୋଇପାରିଗୁଡା, ତହସିଲ-ବୋଇପାରିଗୁଡା, ଜିଲ୍ଲା-କୋରାପୁଟ
ସ୍ଥାନ: ଜୟପୁର ତାରିଖ: 26 ଡିସେମ୍ବର 2025
ପ୍ୟାନେଲ ଆବେଦକ ନାମ ଏବଂ ଠିକଣା: ମେନ ରୋଡ, ଜୟପୁର, କୋରାପୁଟ-764001
ଶ୍ରୀ ସୁବାଶ ଚନ୍ଦ୍ର ପଣ୍ଡା, ମୋବାଇଲ: 9437234264

**OFFICE OF THE MORADA PANCHAYAT SAMITI: CHITRADA** i-466
At/P.O.- Chitrada, Dist.- Mayurbhanj, Odisha, Pin-757018
E-Mail: ori-morada@gramsaf.nic.in
Advt. No. 01/PSM/2026, Dt: 07/01/2026

**TENDER CALL NOTICE**

Sealed tenders (Percentage rate) are invited from the interested "C & D" Class Contractors registered with the Govt. for execution of Civil work under Panchayat Samiti, Morada, Mayurbhanj. The eligible criteria and the details of the tender documents which can be downloaded from the website **www.mayurbhanj.odisha.gov.in**

Interested bidders fulfilling the eligibility criteria may submit their proposals to the O/o: BDO Morada. Proposal(s) complete in all respect should reach the undersigned on or before **29.01.2026 up to 05.00 PM** through Regd. & Speed Post and the same will be opened on **30.01.2026 at 11.00 A.M.** in the Conference Hall of the Panchayat Samiti, Morada.

The undersigned reserves the right to reject any or all the tender(s) without assigning any reason thereof.

OIPR- **Sd/- Block Development Officer, Morada Mayurbhanj**

**ସର୍ବସାଧାରଣ ବିଜ୍ଞପ୍ତି**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସଇଆଇଏଏ) ଓଡିଶା, ପତ୍ର ସଂଖ୍ୟା. **535466/35-MINB/05-2025**, ତା. **07.01.2026**ରିଖ ଦ୍ୱାରା ଗ୍ରାମ ଜଳଡିହି ଏବଂ କେନସରା, ତହସିଲ-ବଣାଇ ଜିଲ୍ଲା-ସୁନ୍ଦରଗଡ଼ରେ ଅବସ୍ଥିତ ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ୍‌ର ୧୦୦.୪୩୯ ହେକ୍ଟର ଖନନ ଲିଜରେ ଉପସ୍ଥିତ କେଡେଶାଲା ଉତ୍ତର-ପୂର୍ବ ଲୁହା ପଥର ବ୍ଲକରେ ୧.୨୧ ନିୟୁତ ଟିପିଏ ଆରଓଏମ ଲୁହାପଥର (ମୋଟ ୧୯୯୧୧୨୦ ଟିପିଏ ଖନନ: ଆରଓଏମ ଲୁହାପଥର ୧୨୧୦୦୦୦ ଟିପିଏ + ଓବି / ବର୍ଜ୍ୟ ବସ୍ତୁ ୭୮୧୧୨୦ ଟିପିଏ) ଉତ୍ପାଦନ ପାଇଁ ଇଆଇଏ ବିଜ୍ଞପ୍ତି ୨୦୦୬ ଏବଂ ଏହାର ପରବର୍ତ୍ତୀ ସଂଶୋଧନର ପ୍ରାବଧାନ ଅନୁଯାଇ ପୂର୍ବ ପରିବେଶିୟ ମଞ୍ଜୁରୀ ପ୍ରଦାନ କରାଯାଇଛି । ଉକ୍ତ ପରିବେଶିୟ ମଞ୍ଜୁରୀର ଏକ ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଏବଂ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟର ୱେବସାଇଟ୍ **http://envfor.nic.in** ରେ ଉପଲବ୍ଧ ।

**GOVERNMENT OF ODISHA** 0-1949
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH.**
**E-mail Id – eerw_deogarh@yahoo.co.in**
**E-Procurement Notice**
**BID.IDENTIFICATION NO. SERWDGH-Online- 12/2025-26**

1. **No of Road works** :- (03 Nos)
2. **Estimated cost:-** Approx. Rs.8.47 lakh to Rs.45.34 Lakhs each
3. **Mode of submission of tender:-**Tender shall be submitted online in www.tendersodisha.gov.in
4. **Availability of tender for online bidding:–08.01.2026, 10.00 A.M to 17.01.2026 up to 5.00 P.M**
5. **Date and time of opening of tender: –19.01.2026, 11.00 A.M**
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

OIPR- **Superintending Engineer R.W. Division, Deogarh**

**BRAINWAVE EDUCATIONAL INSTITUTION**
REG. NO - 41772500172
At-Kasturibahal, P.O.-Raniakata, P.S.- Kishorenagar, Dist-Angul, Pin-759126

**WALK-IN-INTERVIEW**

Applications are invited from trained and experienced teachers.
- Subjects – Odia, English, Math, Science, Social Science, Hindi, Sanskrit and Computer.
- Good packages for efficient teachers.
- Accommodation for out-station teachers.
- Freshers can also apply.
- Apply before 20.01.2026 by WhatsApp no- 9777961605

**Interview Date: 28.01.2026, Time: 11.00 A.M. to 1.00 P.M.**
**Venue: Brainwave Hostel, Jhampuli**

For more information please contact - **9348489320, 9777961605**

GOVERNMENT OF ODISHA O-1972
OFFICE OF THE SUPERINTENDING ENGINEER
RURAL WORKS DIVISION, SUNABEDA
e-Procurement Notice for Road Works
Identification No. Online Tender / 10 / RWD-SBD/2025-26
Email: eerw_sunabeda@yahoo.co.in

Letter No. 125 Date 07.01.2026

01. Name of the work :: Road works Semiliguda, Nandapur, Pottangi Laxmipur, Bandhugaon, Narayanpatna, Lamtaput block
02. Total Number of works :: 9 nos works
03. Estimated cost :: 7.00 to 45.00 lakhs
04. Class of Contractor :: "B", "C" & "D" Class
05. Period of Completion :: 02 months
06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Sunabeda | Online Tender/10/ RWD-SBD /2025-26 | 09.01.2026 at 11:00 a.m | 20.01.2026 upto 05:00 p.m |

Further details can be seen from the website www.tendersorissa.gov.in

OIPR- Superintending Engineer Rural Works Division : Sunabeda

ସକାଳ
THE SAKALA



## ଜଗତସିଂହପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉନି କର୍ମଚାରୀ ବଦଳି ନୀତି

# ରାଜ୍ୟ ସରକାରଙ୍କ ୨ ଥର ଚିଠି ପରେ ବି ପ୍ରଶାସନ ନିଦାବିଷ୍ଟ

ଜଗତସିଂହପୁର,୮।୧(ସମିସ)

ପ୍ରଶାସନିକ କାର୍ଯ୍ୟ କ୍ଷେତ୍ରରେ ସମୟାନୁବର୍ତ୍ତୀ ସହିତ ସ୍ୱଚ୍ଛତା ଆଣିବା ପାଇଁ ସରକାରୀସ୍ତରରେ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ବଦଳି ନୀତି ପ୍ରଚଳନ କରାଯାଇଛି। ବିଶେଷକରି ଜିଲ୍ଲାପାଳ କାର୍ଯ୍ୟାଳୟ, ଉପ-ଜିଲ୍ଲାପାଳ କାର୍ଯ୍ୟାଳୟ, ବ୍ଲକ୍ ଏବଂ ତହସିଲ କାର୍ଯ୍ୟାଳୟ ତଥା ଅନ୍ୟ ସରକାରୀ କାର୍ଯ୍ୟାଳୟମାନଙ୍କରେ ନିଯୁକ୍ତି ପାଇଥିବା ସେକ୍ସନ ଅଫିସର, ବରିଷ୍ଠ ରାଜସ୍ୱ ସହାୟକ, କନିଷ୍ଠ ରାଜସ୍ୱ ସହାୟକ, ରାଜସ୍ୱ ନୀରିକ୍ଷକ, ରାଜସ୍ୱ ପର୍ଯ୍ୟବେକ୍ଷକ, ସହକାରୀ ରାଜସ୍ୱ ନୀରିକ୍ଷକ ଏବଂ ଅମିନମାନଙ୍କ କ୍ଷେତ୍ରରେ ଏହି ବଦଳି ନିୟମ କାର୍ଯ୍ୟକାରୀ ହେବା କଥା। ଏହିସବୁ ସରକାରୀ ଦପ୍ତରରେ ଯେଉଁ କର୍ମଚାରୀମାନେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଏଭଳି ନିୟମ କରାଯାଇଛି। କିନ୍ତୁ ଜଗତସିଂହପୁର ଜିଲ୍ଲାରେ କର୍ମଚାରୀ ବଦଳି ନୀତି କାର୍ଯ୍ୟକାରୀ ହେଉ ନଥିବା ଅଭିଯୋଗ ହୋଇଛି। ଏପରିକି ରାଜ୍ୟ ସରକାରଙ୍କ ୨ ଥର ଚିଠି ପରେ ବି ପ୍ରଶାସନ ନିଦାବିଷ୍ଟ ପାଲଟିଥିବା ନଜରକୁ ଆସିଛି। ଯାହା ଏବେ ଜିଲ୍ଲା ପ୍ରଶାସନର ପ୍ରଶାସନିକ କଳରେ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଥିବା ସାଧାରଣରେ ଆଲୋଚନା ହେଉଛି।

ସୂଚନାନୁଯାୟୀ, ଜିଲ୍ଲାସ୍ତରରେ ଏହି ନିୟମକୁ ଫୁ କରି ମନମୁଖୀ ଭାବେ କାର୍ଯ୍ୟ ଚାଲିଥିବା ରାଜ୍ୟ ସରକାରଙ୍କ ନଜରକୁ ଆସିବା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଗତ ୨୦୨୪ ସେପ୍ଟେମ୍ବର ୧୮ ତାରିଖ ଚିଠି ସଂଖ୍ୟା ୩୫୩୮୪ରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଉପରୋକ୍ତ ବଦଳି ନିୟମ କାର୍ଯ୍ୟକାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚିଠି ମିଳିବାର ୧୫ ଦିନ ମଧ୍ୟରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛ ସଂପୃକ୍ତ ବିଭାଗକୁ ଅବଗତ କରିବାକୁ ମଧ୍ୟ ଏହି ଚିଠିରେ ଉଲ୍ଲେଖ କରାଯାଇଥିଲା। ତେବେ ଅକ୍ଟୋବର ୩ ତାରିଖ ସୁଦ୍ଧା ଉକ୍ତ

### ପ୍ରଶାସନର ସ୍ୱଚ୍ଛତାକୁ ନେଇ ଉଠିଲା ପ୍ରଶ୍ନ

ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେବାକଥା। ହେଲେ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ କୌଣସି ଉତ୍ତର ନ ପହଞ୍ଚିବାରୁ ପୁନର୍ବାର ଗତ ୨୦୨୪ ନଭେମ୍ବର ୧ ତାରିଖ ଚିଠି ସଂଖ୍ୟା ୪୧୨୦୩ ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନଭେମ୍ବର ୭ ତାରିଖ ମଧ୍ୟରେ ବଦଳି ନୀତି କାର୍ଯ୍ୟକାରୀ କରି ବିଭାଗକୁ ଜଣାଇବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଯେଉଁ କର୍ମଚାରୀମାନେ ନିର୍ବାଚନ ସଂକ୍ରାନ୍ତୀୟ କାମ ତଥା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ଅଛନ୍ତି ସେମାନଙ୍କୁ ବଦଳି ପ୍ରକ୍ରୀୟାରୁ ବାଦ ଦିଆଯିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଥିଲା।

ତେବେ ଇତି ମଧ୍ୟରେ ଦୁଇମାସ ବିତି ଯାଇଥିଲେ ମଧ୍ୟ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବଦଳି ତାଲିକା କାହିଁକି ପ୍ରକାଶ କରାଯାଉନାହିଁ ତାହା ଏବେ ସମସ୍ତଙ୍କୁ ଅଶ୍ଚର୍ଯ୍ୟ କରିଛି। ଜିଲ୍ଲାର କେତେକ କର୍ମଚାରୀ ଗୋଟିଏ ସ୍ଥାନରେ ୫ ବର୍ଷରୁ ୧୦ ବର୍ଷ ପର୍ଯ୍ୟନ୍ତ କାମ କରି ଆସୁଥିବା ବେଳେ ଅନ୍ୟ କିଛି କର୍ମଚାରୀ ୧୦ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ଗୋଟିଏ ସ୍ଥାନରେ କାମ କରୁଛନ୍ତି। ଏହାସତ୍ତ୍ୱେ କାହିଁକି ସେମାନଙ୍କୁ ବଦଳି କରାଯାଉନାହିଁ ତାହା ଜିଲ୍ଲା ପ୍ରଶାସନର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନେକ ସମୟରେ ନିର୍ବାଚିତ ଜନ ପ୍ରତିନିଧିଙ୍କ ନିର୍ଦ୍ଦେଶ ବା ପରାମର୍ଶକୁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ବେଖାତିର କରୁଥିବାରୁ ଜିଲ୍ଲାରେ ପ୍ରଶାସନିକ କଳରେ ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିଛି। ତେବେ କିଛି ମାସ ତଳେ ପ୍ରଶାସନିକସ୍ତରରେ ଏକ ବଦଳି ତାଲିକା ପ୍ରସ୍ତୁତ ହୋଇଥିଲେ ମଧ୍ୟ କେଉଁ ଅଦୃଶ୍ୟ କାରଣରୁ ତାହା କାର୍ଯ୍ୟକାରୀ କରାଗଲା ନାହିଁ ତାହା ଏବେ ଆଲୋଚନାର ପ୍ରସଙ୍ଗ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ କେବଳ ଚିଠି କରିଦେଇ ଚୁପ୍ ରହିବା ପରିବର୍ତ୍ତେ ଏହା କିଭଳି କାର୍ଯ୍ୟକାରୀ ହେବ ସେ ଦିଗରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଗୋ-ବନ୍ଧ୍ୟା ନିରାକରଣ ଓ ଚିକିତ୍ସା ଶିବିର

ଜଗତସିଂହପୁର,୮।୧(ସମିସ): ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ୍ ଅନ୍ତର୍ଗତ ଆମ୍ବିକି ପଞ୍ଚାୟତର ଆମ୍ବିକି ଗ୍ରାମରେ ଏକ ଗୋ-ବନ୍ଧ୍ୟା ନିରାକରଣ ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୬୨ ଗାଈ/ଛଡାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ତନ୍ମଧ୍ୟରୁ ୩୫ଟି ଗାଈ/ଛଡ଼ାଙ୍କର ବନ୍ଧ୍ୟା ନିରାକରଣ ଚିକିତ୍ସା ଓ ୨୭ ଟି ଗାଈର ଗର୍ଭ ପରୀକ୍ଷା କରାଯାଇଥିଲା। ଏଥିସହ ଶିବିରରେ ଔଷଧ, ଧାତବ ଲବଣ ଓ ହରମୋନ ଚିକିତ୍ସା ଆଦି ପ୍ରଦାନ କରାଯାଇଥିଲା। ଏରସମା ଗୋଷ୍ଠୀ ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧିକାରୀ ଡା. ଶଶାଙ୍କ ଶେଖର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଡା. ସୁଜିତ୍ କୁମାର ବିଶ୍ୱାଳ, ଡା. ଉମାକାନ୍ତ ନାୟକ, ଡା. ରୁଦ୍ର ପ୍ରସାଦ ମିଶ୍ର, ସ୍ଥାନୀୟ ପ୍ରାଣିଧନ ନିରୀକ୍ଷକ ସୂର୍ଯ୍ୟକାନ୍ତ ପଲେଇ ଓ ଓମଫେଡ ସୁପରଭାଇଜର ପ୍ରିୟତମା ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର ସହ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଗୋ-ସ୍ୱାସ୍ଥ୍ୟ ସଚେତନତା ଶିବିରରେ କୃଷି ବିଜ୍ଞାନ କେନ୍ଦ୍ରର ପ୍ରାଣୀ ବିଜ୍ଞାନୀ ଡା. ତପନ କୁମାର ପଲାଇ ଉପସ୍ଥିତ ସମସ୍ତ ଗୋପାଳକଙ୍କୁ ଉତ୍ତମ ଗୋ-ସ୍ୱାସ୍ଥ୍ୟର ଉପାଦେୟତା ଏବଂ ଉପାୟମାନ ବୁଝାଇଥିଲେ।

## ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ପ୍ରସ୍ତୁତି

ତିର୍ତ୍ତୋଲ,୮।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଶାଗବାରିଆର ଅଗ୍ରଣୀ ଅନୁଷ୍ଠାନ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଆସନ୍ତା ଜାନୁଆରୀ ୧୮ ତାରିଖରେ ସଂସଦର କାର୍ଯ୍ୟାଳୟ ନିକଟ ସାରଳା ମଣ୍ଡପରେ ଅନୁଷ୍ଠିତ ହେବ ବୋଲି ସଂସଦର ପ୍ରସ୍ତୁତି ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଇବ୍ରିସିଂ ମା' ଉତ୍ତରେଶ୍ୱରୀଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସଂସଦର କାର୍ଯ୍ୟକାରୀ ସଭାପତି ପଣ୍ଡିତ ନାଗୁଚରଣ ଦେବତା ଅଧ୍ୟକ୍ଷତା କରିଥିଲେ। ସଂସଦର ସମ୍ପାଦିକା ଡ. ବସନ୍ତ ମଞ୍ଜରୀ ଦାସ ପ୍ରାରମ୍ଭିକ ସୂଚନା ଦେବା ସହ ଉତ୍ସବର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ଜ୍ୟୋତିର୍ବିଦ ଡ. ଅରୁଣ କୁମାର ପାଣି, ରାମାୟଣୀ ପଣ୍ଡିତ ଅଭୟ ଦାଶ, ସଂସଦର ସଭାପତି ପ୍ରେମ ଚରଣ ରାଉତ, ମୁଖ୍ୟ ସମ୍ପାଦକ ଗୋଲକ ବିହାରୀ ପଲାଇ, କାର୍ଯ୍ୟକାରୀ ସମ୍ପାଦକ ନଗେନ୍ଦ୍ରନାଥ ସ୍ୱାଇଁ, ଉପସଭାପତି ହେମନ୍ତ କୁମାର ନାୟକ, ଯଯାତି କେଶରୀ ସାମନ୍ତରାୟ, କୈଳାସ ଚନ୍ଦ୍ର ପ୍ରଧାନ, ମହେଶ୍ୱର ସ୍ୱାଇଁ, ଆଇନଜୀବୀ ମଞ୍ଜୁଲତା ରାଉତ, ହୃଷିକେଶ ଜେନା, ତୃପ୍ତି ରଞ୍ଜନ ମହାନ୍ତି, ବିଭୂଷିତା ଦାସ, ଶ୍ୟାମ ସୁନ୍ଦର ବେହେରା ପ୍ରମୁଖ ଯୋଗଦେଇଥିଲେ। ଚଳିତ ବର୍ଷର ଶ୍ରେଷ୍ଠ ସୁଶ୍ରୀ ସମ୍ମାନ ପାଇଁ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସାହିତ୍ୟିକା ସୌଭାଗିନୀ ରାୟଙ୍କୁ ଓ ଶ୍ରେଷ୍ଠ ଦମ୍ପତ୍ତି ଭାବେ କିଓରୱେଲ ପ୍ରତିଷ୍ଠାତା କୈଳାସ ଚନ୍ଦ୍ର ଦଳାଇ ଓ ପତ୍ନୀ ଗାଳ୍ପିକା ସୋହାଗିନୀ ବେହେରାଙ୍କୁ ଚୟନ କରାଯାଇଥିଲା। ଏହି ବାର୍ଷିକ ଉତ୍ସବ ଅବସରରେ ସାରସ୍ୱତ ସମ୍ମେଳନ, ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ପ୍ରତିଭାଧର ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା, ସଂସଦର ବାର୍ଷିକ ସଂଖ୍ୟା ଉନ୍ମୋଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା।

## ଏକାଦଶ ବାର୍ଷିକ ଭାଗବତ ସପ୍ତାହ ପାରାୟଣ

ନାଉଗାଁ, ୮।୧(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତ ନନ୍ଦିଗ୍ରାମର ମହାମହିମ ପ୍ରଭୁ ନନ୍ଦିକେଶ୍ୱର ମହାଦେବଙ୍କ ପବିତ୍ର ମନ୍ଦିର ପ୍ରାଙ୍ଗଣରେ "ନନ୍ଦିକେଶ୍ୱର ଭାଗବତ ପ୍ରଚାର ପରିଷଦ" ଆନୁକୂଲ୍ୟରେ ଏକାଦଶ ବାର୍ଷିକ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଧାରାବାହିକ ପ୍ରବକ୍ତା ଭାବେ ତିହୁଡା ଗୁରୁକୃପା କୁଟୀରର ବାବା ସତ୍ୟାନନ୍ଦ ଦାସ ଯୋଗଦେଇ ସପ୍ତାହ ବ୍ୟାପୀ ଭାଗବତ କଥା ପ୍ରବଚନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନନ୍ଦିଗ୍ରାମ ଭାଗବତ ପ୍ରଚାର ପରିଷଦ ଓ ଗ୍ରାମବାସୀମାନେ ପରିଚାଳନା କରିଥିଲେ। ଅନ୍ତିମ ଦିବସରେ ପ୍ରଭୁଙ୍କ ପ୍ରାଙ୍ଗଣରେ ସମସ୍ତ ଭକ୍ତଭକ୍ତାମାନଙ୍କ ପାଇଁ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ସସ୍ମିତା ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ତିର୍ତ୍ତୋଲ,୮।୧(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ପଣ୍ଡୁଆ ପଞ୍ଚାୟତ ପୋଡ଼ାକାନ୍ଠଥ ଗ୍ରାମ ସ୍ଥିତ ସସ୍ମିତା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଓ ପୁସ୍ତକ ସମୀକ୍ଷା ପର୍ବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଗୋଲକ ବିହାରୀ ପଲାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ବିଶିଷ୍ଟ ପାଲା ଗବେଷକ ଡ. ସନ୍ତୋଷ ମହାପାତ୍ର ଯୋଗଦେଇ ରୀତି ଯୁଗୀୟ କାବ୍ୟ ପରମ୍ପରା ଏବେ ବି ଓଡ଼ିଶାରେ ପାଲାକାରମାନଙ୍କ ମୁଖରେ ମୁଖରିତ ହେଉଛି ବୋଲି କହିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଲେଖିକା ଡ. ପ୍ରତିଭା ମହାରଥୀ ଯୋଗଦେଇ ସାହିତ୍ୟିକ ଅଶୋକ କୁମାର ଲେଙ୍କାଙ୍କ ରଚିତ ମୈଥିଳିଶ ବିଳାସ ପୁସ୍ତକର ବିଷୟ ବସ୍ତୁ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସଂସ୍କୃତି ଗବେଷକ ମହେନ୍ଦ୍ର ଆଚାର୍ଯ୍ୟ, ଗାୟକ ଗୌରବ ରଜନୀକାନ୍ତ ପୃଷ୍ଟି, ଗାୟକ ସ୍ୱର ସମ୍ରାଟ ସନ୍ତୋଷ ପ୍ରଧାନ, ପ୍ରାଧ୍ୟାପିକା ଡ. ବିଷ୍ଣୁପ୍ରିୟା ଦାସ ପ୍ରମୁଖ ଯୋଗଦେଇ ଓଡ଼ିଶା ଭାଷା ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଶିକ୍ଷାବିତ୍ ବିନୋଦ ମୁଦୁଲି ଅତିଥି ପରିଚୟ ଓ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଅଶୋକ କୁମାର ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ। ଝଙ୍କଡ଼ ସାହିତ୍ୟ ସଂସଦର ସଭ୍ୟ ଅଞ୍ଜନା ମହାନ୍ତିଙ୍କ କବିତା ସଙ୍କଳନ "ସୃଜନୀର ସ୍ୱାଗତିକା' ଲୋକାର୍ପିତ ହୋଇଥିଲା। ଏହି ଅବସରରେ କୃତୀ ଛାତ୍ରଛାତ୍ରୀ ଓ ସାହିତ୍ୟ କ୍ଷେତ୍ରରେ ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ହେମନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ମହିଳା ଉଦ୍ୟୋଗୀଙ୍କୁ ଋଣ ପ୍ରଦାନ

ଜଗତସିଂହପୁର,୮।୧(ସମିସ): ଜଗତସିଂହପୁର ଜିଲ୍ଲାର ସଦର ବ୍ଲକ୍ ସମ୍ମିଳନୀ କକ୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉଦ୍ୟୋଗୀମାନଙ୍କୁ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଥିବା ଗ୍ରାମୀଣ ଉଦ୍ୟୋଗ ଗୁଡିକର ଅଭିବୃଦ୍ଧି, ବ୍ୟବସାୟ ବିକାଶ ତଥା ସେବା ପାଇଁ ଋଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ମହିଳା ଉଦ୍ୟୋଗୀମାନଙ୍କୁ ଅନୁମତି ପତ୍ର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ବ୍ଲକ୍ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର, ବ୍ଲକ୍ ପ୍ରୋଜେକ୍ଟ ମ୍ୟାନେଜର ସରିତା ବେହେରା, ବ୍ଲକ୍ ପ୍ରୋଜେକ୍ଟ କୋଡିନେଟର କାର୍ତ୍ତିକ ସ୍ୱାଇଁ, ବ୍ଲକ ଜୀବନ ଜୀବିକା ସଂଯୋଜକ ରବିରଞ୍ଜନ ବରାଳ, ପ୍ରିୟଙ୍କା ଶତପଥୀ, ପ୍ରୀତି ମୟୀ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୪୮ ଜଣ ମହିଳା ଉଦ୍ୟୋଗୀଙ୍କୁ ଓଏସଏଫ ଋଣ ୫୦ ହଜାର ଲେଖାଏଁ ମଞ୍ଜୁରି ଆଦେଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର, ମ୍ୟାନେଜିଂ କମିଟି, ମହାସଂଘ ସଭାନେତ୍ରୀ, ସମ୍ପାଦିକା ପ୍ରମୁଖ ଯୋଗଦେଇ ଥିଲେ।

## ଶ୍ରୀମା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

ତିର୍ତ୍ତୋଲ,୮।୧(ସମିସ): ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ କୋଲର ପଞ୍ଚାୟତର ଶ୍ରୀମା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଅଢାପତି- କୋଲର- ଦଶମାଣକୁଳର ବାର୍ଷିକ ପୁରସ୍କାର ବିତରଣ ଓ ମୁଖପତ୍ର "ସମାହାର" ଉନ୍ମୋଚନ ଉତ୍ସବ ବିଦ୍ୟାଳୟ ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ନିମାଇଁ ଚରଣ ପରିଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଅବସରପ୍ରାପ୍ତ ଆଇଏଫଏସ ନିମାଇଁ ଚରଣ ମହାନ୍ତି, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ରୋଜୀ ରାୟ ଯୋଗଦେଇଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ ଅତିଥି ପରିଚୟ ଓ ବିଦ୍ୟାଳୟର ଅଧ୍ୟକ୍ଷା ମେଘମାଳା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବତନ ପରିଚାଳନା କମିଟି ସଦସ୍ୟ ତ୍ରିଲୋଚନ ଆଚାର୍ଯ୍ୟ, ଗୋଲକ ବିହାରୀ ହୋତା, ଗୌରାଙ୍ଗ ଚରଣ ମହାପାତ୍ର, ପ୍ରଫୁଲ୍ଲ କୁମାର ଦାସ, ଡ. ଆରତୀ ତ୍ରିପାଠୀ, ବିଜୟ କୁମାର ସାହୁ, ସୁଜାତା ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା କାଞ୍ଚନବାଳା ସେନାପତି, ଅଧ୍ୟାପକ ମାଧବ ଚରଣ ବେହେରା, ଅଧ୍ୟାପିକା ଅମିତା ମହାପାତ୍ର, ଗ୍ରନ୍ଥାଗାର ସହାୟିକା ଗାୟତ୍ରୀ ଆଚାର୍ଯ୍ୟ, ଅନ୍ନପୂର୍ଣ୍ଣା ପରିଜା, ମନୋଜ କୁମାର ରାଉତ, ଶରତ ମହାପାତ୍ର, ରେଣୁବାଳା ବେହେରା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀଙ୍କ ଦ୍ୱାରା ନୃତ୍ୟ କଳା ପରିବେଷଣ କରାଯାଇଥିଲା। କ୍ରୀଡ଼ାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅଧ୍ୟାପକ ରବୀନ୍ଦ୍ର କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରାଦୀପ ମେରାଇନ୍ ପୁଲିସର କମ୍ୟୁନିଟି ପୋଲିସିଂ ପ୍ରୋଗ୍ରାମ

ପାରାଦୀପ,୮।୧(ସମିସ): ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ଏବଂ ଅପରାଧ ମୁକ୍ତ ସମାଜ ଗଠନ କରିବାପାଇଁ ପାରାଦୀପ ମେରାଇନ ପୁଲିସ ପକ୍ଷରୁ କମ୍ୟୁନିଟି ପୋଲିସିଂ ପ୍ରୋଗ୍ରାମ ଆୟୋଜିତ ହୋଇଛି। ଏହି ପରିପ୍ରେକ୍ଷୀରେ ନେହେରୁ ବଙ୍ଗଳାରେ ରହିଥିବା ମେରାଇନ ପୁଲିସ ଥାନା ସମ୍ମୁଖରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଓ ଚକ୍ଷୁ ଚିକିତ୍ସା ଶିବିର ସହ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମେରାଇନ ପୁଲିସ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମାଙ୍କ ସହିତ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର ଉଦ୍‌ଘାଟନ କରିଥିଲେ। ସାଧାରଣ ଜନତା ଓ ପୁଲିସ ପରସ୍ପର ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା, ନିଶା କାରବାରକୁ ରୋକିବା, ଅପରାଧିକ କାର୍ଯ୍ୟକଳାପ ଉପରେ ରୋକ ଲଗାଇବା ପ୍ରଭୃତି ଉପରେ ଆଲୋକପାତ କରିବା ସହ ଜନସାଧାରଣଙ୍କ ସହଯୋଗ ରହିଲେ ଏହା ସମ୍ଭବ ହେବ। ଏହି କାର୍ଯ୍ୟକ୍ରମ ପୁଲିସ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଓ ଭରଷା ସୃଷ୍ଟି କରିବାରେ ସମ୍ପୂର୍ଣ୍ଣ ସହାୟକ ହେବ ବୋଲି କହିଥିଲେ ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମା। ମେରାଇନ ପୁଲିସ ତରଫରୁ ଆୟୋଜିତ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚରେ ନେହେରୁବଙ୍ଗଳାକୁ ହରାଇ ଢ଼ିଙ୍କିଆ ବିଜୟ ଲାଭ କରି ଏସ୍‌ପିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲା।




## ସ୍ୱାମୀ ବିବେକାନନ୍ଦ ଲୋକସଂସଦର ପାଠଚକ୍ର

ଜଗତସିଂହପୁର,୮।୧(ସମିସ): ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ଜଗତସିଂହପୁର ଜିଲ୍ଲା ଶାଖାର ବିଚାରଧାରା ବିଭାଗ ଆନୁକୂଲ୍ୟରେ ଭକ୍ତି, ଶକ୍ତି ଓ ସଂସ୍କୃତି ଆଧାରିତ ୬୦ତମ ମାସିକ ଆଭାସୀ ପାଠଚକ୍ର ଅନୁଷ୍ଠିତ ହୋଇଛି। 'ରାଷ୍ଟ୍ର ନବ ନିର୍ମାଣରେ ଯୁବଶକ୍ତି' ଶୀର୍ଷକ ଏହି ପାଠଚକ୍ରରେ ସଂସଦ ସଭାପତି ଗବେଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଓଡିଶା ମୋ ଗାଁ ପରିବେଶ ବିଭାଗର ସଂଯୋଜକ ଉତ୍କଳ ରଞ୍ଜନ ମହାନ୍ତି ସଂଯୋଜନା କରିଥିଲେ। ଯୁଗ୍ମ ସମ୍ପାଦିକା ପ୍ରିୟତମା ସାହୁ ଓଁକାର ବନ୍ଦନା ଗାନ କରିଥିଲେ। କୋଷାଧ୍ୟକ୍ଷ ଅବନୀକା ମହାରଣା ବିବେକବାଣୀ ପାଠ କରିଥିଲେ। ଆଲୋଚକ ଭାବେ ମୟୁରଭଞ୍ଜ ଜିଲ୍ଲା ସହିଦ ମେମୋରିଆଲ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ମୋ ଗାଁର ଆବାହକ ଡ. ଦିଲ୍ଲୀପ ଭୋଇ ଯୋଗଦେଇ ମହାମନିଷୀମାନଙ୍କର ସରଳ ଜୀବନଶୈଳୀ ଓ ଉଚ୍ଚ ବିଚାରଧାରା କିଭଳି ଯୁବଗୋଷ୍ଠୀଙ୍କ ପାଇଁ ପ୍ରେରଣାଦାୟକ, ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଓଡିଶାର ସାଂଗଠନିକ ସମ୍ପାଦକ ପ୍ରଫେସର ଚିତ୍ତରଞ୍ଜନ ନାୟକ ଯୋଗଦେଇ ଆଗାମୀ କାର୍ଯ୍ୟ ଖସଡ଼ା ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତମାସ ବାର ତାରିଖରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର ଓ ପାରାଦ୍ୱୀପସ୍ଥିତ ମୁନିସିପାଲଟି ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଯୁବଦିବସ ସମ୍ପର୍କରେ ସମ୍ପାଦକ ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ସୂଚନା ଦେଇଥିଲେ। ବିଚାରଧାରାର ଅଧ୍ୟକ୍ଷ ଲାଲାସଂଗ୍ରାମ କେଶରୀ ରାୟ ଧନ୍ୟବାଦ ଦେଇଥିଲେ। ଆଜୀବନ ସଦସ୍ୟା ସୌଭାଗ୍ୟ ମରୀ ମିଶ୍ର ଶାନ୍ତିପାଠ କରିଥିଲେ।

## ଡ. ଚନ୍ଦ୍ରଶେଖର ହୋତାଙ୍କୁ ପ୍ରିୟବନ୍ଧୁର ଶୁଭେଚ୍ଛା

କୁଜଙ୍ଗ,୮।୧(ସମିସ): ଯୁବ ଗବେଷକ ତଥା ଓଡିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ଚଳିତ ବର୍ଷ ପାଇଁ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ମହାତ୍ମା ନାଥବ୍ରହ୍ମ ଯୁବ ଗବେଷକ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଜାନୁଆରୀ ୧୨ ରେ ଅନୁଷ୍ଠିତ ହେବାକୁ ଥିବା ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଉତ୍ସବ ଅବସରରେ ତାଙ୍କ ଏହି ସମ୍ମାନ ପ୍ରଦାନ କରାଯିବ। ଏନେଇ ବୁଧବାର ରାତିରେ ଘୋଷଣା ହୋଇଛି। ଏଥିପାଇଁ ଜଗତସିଂହପୁର ଜିଲ୍ଲା କୁଜଙ୍ଗର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ପ୍ରିୟବନ୍ଧୁ ସାରସ୍ୱତ ଏକାଡେମୀ ପକ୍ଷରୁ ଯୁବ ଗବେଷକ ଡ. ହୋତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ପ୍ରିୟବନ୍ଧୁ ସଭାପତି ଡ. ରଘୁନାଥ ସାହୁ ଅନୁଷ୍ଠାନ ତରଫରୁ ଡ. ହୋତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଡ. ସାହୁ କହିଛନ୍ତି, ଯୁବ ଗବେଷକ ଡ. ହୋତା ପୂର୍ବରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ଲାଭ କରିଥିଲେ। ସେ 'କଳ୍ପନା', 'ଅନୁଭବ ଓ ସାହିତ୍ୟ', "ଚେତନାର ଅନ୍ୱେଷଣ', "ବିବେକ ବିଲୋଚନ' ଆଦି ପ୍ରବନ୍ଧ ପୁସ୍ତକର ସଫଳ ସ୍ରଷ୍ଟା। ତାଙ୍କୁ ଏହି ସମ୍ମାନୀୟ ଯୁବ ଗବେଷକ ପୁରସ୍କାର ପ୍ରଦାନ କରାଯିବାକୁ କଟକର ପ୍ରାଚୀନ ସାହିତ୍ୟ ସଂସ୍ଥା ଉତ୍କଳ ସାହିତ୍ୟ ସମାଜ ନିଷ୍ପତ୍ତି ନେଇଥିବାରୁ ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ସମ୍ପାଦକ ରାଜୀବ ଷଡ଼ଙ୍ଗୀଙ୍କୁ ପ୍ରିୟବନ୍ଧୁ ପକ୍ଷରୁ ମଧ୍ୟ ଧନ୍ୟବାଦ ପ୍ରଦାନ କରାଯାଇଛି। ଏଥି ସହିତ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ, ମେଘ ମଲ୍ହାର ସାହିତ୍ୟ ଅନୁଷ୍ଠାନ ସଭାପତି ଡ. କେଶବ ଚନ୍ଦ୍ର ଦଳେଇ, ସମ୍ପାଦିକା ପ୍ରଭାତୀ ମାଝୀ, ସରିତା ସାହିତ୍ୟ ସଂସଦ ସମ୍ପାଦିକା ରୁନିବାଳା ମଳିକ, ସମ୍ବାଦ ସାହିତ୍ୟଘର ସମ୍ପାଦକ ବାବୁରାମ ଚୌଧୁରୀ ମଧ୍ୟ ଡ. ହୋତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ଏସିଡ୍ ପକାଇବା ଘଟଣାରେ ମହିଳା ଗିରଫ

ନାଉଗାଁ,୮।୧(ସମିସ): ନାଉଗାଁ ଥାନା ଅଧିନ ନନ୍ଦିଗ୍ରାମରେ ଘରୋଇ କଳିକୁ କେନ୍ଦ୍ର କରି ନିଜ ଯା'କୁ ଏସିଡ୍ ପକାଇ ଜୀବନରୁ ମାରି ଦେବାକୁ ଉଦ୍ୟମ ଘଟଣାରେ ଅଭିଯୁକ୍ତ ମହିଳାଙ୍କୁ ଗିରଫ କରିଛି ନାଉଗାଁ ଥାନା ପୁଲିସ। ସୂଚନାନୁଯାୟୀ, ନାଉଗାଁ ଥାନା ଅଞ୍ଚଳର ନନ୍ଦିଗ୍ରାମର ବିରଞ୍ଚି ନାରାୟଣ ସେଠିଙ୍କ ସ୍ତ୍ରୀ ବର୍ଷା ସେଠିକୁ ତାଙ୍କ ଯା' ଆଶା ସେଠି ଘରୋଇ କଳିକୁ କେନ୍ଦ୍ର କରି ଏସିଡ୍ ପକାଇ ମାରିବାକୁ ଉଦ୍ୟମ କରିଥିଲେ। ବର୍ଷା ସେଠିଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ନାଉଗାଁ, ପରେ ଜିଲ୍ଲା ସଦର ମହକୁମା ଓ ଶେଷରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ଏସ୍‌ସିବିକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଆଜି ବର୍ଷା ସେଠୀ ଉକ୍ତ ଘଟଣାକୁ କେନ୍ଦ୍ର କରି ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା(୮/୨୦୨୫) ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତ ଯା' ଆଶା ସେଠିକୁ ଆଜି ସ୍ୱାସ୍ଥ୍ୟ ପରୀକ୍ଷା ପରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନାଉଗାଁ ଥାନା ଅଧିକାରୀ ପ୍ରଶାନ୍ତ କୁମାର କାନୁନଗୋ ସୂଚାଇଛନ୍ତି।

## ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ



ପାରାଦୀପ,୮।୧(ସମିସ): ଇଫ୍‌କୋ ପାରାଦୀପ ୟୁନିଟ୍ ସହଭାଗିତାରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ପାରାଦୀପ ନେହେରୁ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସ୍ଥାନୀୟ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରାଙ୍କ ସମେତ ପାରାଦୀପ ପୌରପାଳିକା, ଜିଲ୍ଲା ପ୍ରଶାସନ, ଡିଏଫଓ ରାଜନଗର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଜ୍ୟର ସମସ୍ତ ପିକନିକ୍ ସ୍ପଟ୍‌ମାନଙ୍କରେ ଅଳିଆ ଆବର୍ଜନା ନକରିବା ପାଇଁ ରାଜ୍ୟ ସରକାର ଆହ୍ୱାନ ଦେଇଛନ୍ତି। ନେହେରୁ ବଙ୍ଗଳାଠାରେ ମହାନଦୀ ସମୁଦ୍ର ମୁହାଣ ଏକ ସୁନ୍ଦର ପର୍ଯ୍ୟଟନସ୍ଥଳ। ଏହି ଅଞ୍ଚଳର ଉନ୍ନୟନ କାର୍ଯ୍ୟ ପାରାଦୀପ ପୌରପାଳିକା ପକ୍ଷରୁ କରାଯାଉଛି। ଏଭଳି ସୁନ୍ଦର ପର୍ଯ୍ୟଟନସ୍ଥଳକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ପାରାଦୀପର ନଗରପାଳ ବସନ୍ତ ବିଶ୍ୱାଳ, ଇଫକୋ ପାରାଦୀପ ୟୁନିଟ୍ ହେଡ୍ ତଥା ନିର୍ବାହୀ ନିର୍ଦ୍ଦେଶକ ପ୍ରଦୀପ କୁମାର ମହାପାତ୍ର ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏକକ ବ୍ୟବହୃତ ପଲିଥିନ ବର୍ଜନ ପାଇଁ ସମସ୍ତେ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ପୌର ପାଳିକାର ପାରିଷଦ, ଇଫକୋ ଲୋକସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା, ଗଣପତି ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ, ସ୍ଥାନୀୟ ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## ହୋଟେଲ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ

ପାରାଦୀପ, ୮।୧(ସମିସ): ପାରାଦୀପ ଆଦର୍ଶ ଥାନା ଅଧିନ ରଙ୍ଗିଆଗଡ ପୁରୁଣା ରେଲୱେ ଷ୍ଟେସନ ନିକଟ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ସମ୍ମୁଖରେ ଥିବା ହୋଟେଲର ମାଲିକ ବସନ୍ତ କୁମାର ମହାନ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଆଦର୍ଶ ଥାନାରେ ଆଜି ତାଙ୍କ ସ୍ତ୍ରୀ ପୁଷ୍ପଲତା ମହାନ୍ତି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୨ ତାରିଖ ଦିନ ବସନ୍ତ ମହାନ୍ତି ତାଙ୍କ ହୋଟେଲ ବାହାରେ ଥିବା ବେଳେ ତାଙ୍କ ହୋଟେଲ ସାଇଟରେ ଥିବା ମିହିର ରଞ୍ଜନ ସାହୁ ନାମକ ଆନ୍ୟ ଜଣେ ହୋଟେଲ ମାଲିକ ଓ ତାଙ୍କର ଜଣେ ସହଯୋଗୀ ଟ୍ରକ ଡ୍ରାଇଭର ଶ୍ରୀକାନ୍ତ ସାହୁ (ନିଲୁଆ) ଓ ଅନ୍ୟ ତିନିରୁ ଚାରି ଜଣ ଯୁବକ ଆସି ଅଶ୍ଳୀଳ ଭାଷାରେ ଗାଳି କରିବା ସହିତ ତାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ପୁଲିସ ପିସିଆର ଭ୍ୟାନ ତାଙ୍କୁ ଉଦ୍ଧାର କରି ଅଠରବାଙ୍କୀ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର କିମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ହୋଟେଲ ମାଲିକଙ୍କ ପତ୍ନୀ ଥାନା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## ୨୫ତମ ସର୍ବଭାରତୀୟ ବୃହତ୍ତ ବନ୍ଦର ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ




ପାରାଦୀପ,୮।୧(ସମିସ): ଗୁରୁବାର ପାରାଦୀପ ଜୟଦେବ ସଦନ ପରିସରରେ ୨୫ତମ ସର୍ବଭାରତୀୟ ବୃହତ୍ତ ବନ୍ଦର ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସଂସ୍କୃତି ମଣିଷ ଭିତରେ ଥିବା ସୁନ୍ଦରତାକୁ ପରିପ୍ରକାଶ କରିଥାଏ। ୨୫ତମ ଏହି ମହୋତ୍ସବର ଆୟୋଜନ ଓଡିଶା ମାଟିରେ ହେଉଛି।

ପାରାଦୀପ ବନ୍ଦର ଏହି ମହୋତ୍ସବର ଆୟୋଜନ କରୁଥିବାରୁ ଏହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ମୁଖ୍ୟଅତିଥି ଶ୍ରୀ ହରନାଦ କହିଥିଲେ। ଓଡିଶା କଳା, ସଂସ୍କୃତି ଓ ଐତିହ୍ୟ ସମ୍ପନ୍ନ ରାଜ୍ୟ, ଓଡିଶୀ ନୃତ୍ୟ, କଳା ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ସେ କହିଥିଲେ। ଉଦ୍‌ଘାଟନୀ ସମାରୋହରେ ପୌରହିତ୍ୟ କରିଥିଲେ ଆୟୋଜନ କମିଟିର ଅଧ୍ୟକ୍ଷ ହିମାଂଶୁ ଶେଖର ରାଉତ। ମୁଖ୍ୟ ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାହୁ, ସିଏମଇ ସୁଶୀଲ କୁମାର ନାହାକ, ମୁଖ୍ୟ ଚିକିତ୍ସାଧିକାରୀ ଡା.ବିଭୂତି ଭୂଷଣ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜନ କମିଟିର ସମ୍ପାଦକ ଡା. ଡିପି ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରବିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବରେ ପାରାଦୀପ, ଚେନ୍ନାଇ, କୋଚିନ୍, ଦିନଦୟାଲ, ଜବାହାରଲାଲ ନେହେରୁ ବନ୍ଦର, କୋଲକତା, ମୁମ୍ବାଇ, ବିଶାଖାପାଟଣା ବନ୍ଦର ସମେତ ଭିଓ ଚିଦାମ୍ବରମ୍ ବନ୍ଦରର ପ୍ରତିଯୋଗୀମାନେ ଅଂଶଗ୍ରହଣ କରୁଛନ୍ତି।



## ଏକ ଦିବସୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ



ଢେଙ୍କାନାଳ,୮ ।୧(ସମିସ): ସ୍ଥାନୀୟ ରାଜବାଟୀ ଚୌକସ୍ଥିତ ଶ୍ରୀଅରବିନ୍ଦ ଜିଲ୍ଲା ପାଠଚକ୍ର ସଂଗଠନ ତରଫରୁ ଜିଲ୍ଲାସ୍ତରୀୟ ଏକ ଦିବସୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠାନର ସଭାପତି ବୀରୱାନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଅନୁଷ୍ଠାନର ସମ୍ପାଦକ ପରେଶ ପଟ୍ଟନାୟକ ମାତୃପତାକା ଉତ୍ତୋଳନ କରିଥିଲେ । ପୂର୍ବାହ୍ନ ସାଢ଼େ ୧୦ଟାରେ ସଂଗଠିକା ସୁଲୋଚନା ସାହୁଙ୍କ ପରିଚାଳନାରେ ୧୫ଜଣ ସଭ୍ୟସଭ୍ୟା ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରିୟଦର୍ଶିନୀ ସାହୁ ମନ୍ତ୍ରମୟୀ ସାବିତ୍ରୀ ପାଠ କରିଥିଲେ । ବିବୁଧାନନ୍ଦ ଜେନା ଦୁର୍ଗାସ୍ତୋତ୍ର ପାଠ କରିଥିଲେ । ମାତୃଭକ୍ତ ବିକାଶ ରଞ୍ଜନ ସାହୁ ମାତୃ ବନ୍ଦନା ଗାନ କରିଥିଲେ ।

## ସାନ୍ତାଳୀ ଲେଖିକା ମାଳତୀ ମୁର୍ମୁଙ୍କ ବିୟୋଗରେ ଶୋକସଭା



ଢେଙ୍କାନାଳ,୮ ।୧(ସମିସ): ସ୍ଥାନୀୟ ଆଇଆଇଏମସି ଓଡ଼ିଆ ସାମ୍ବାଦିକତା ବିଭାଗ ଛାତ୍ରୀ ସୁରୁକୁନୀ ମୁର୍ମୁଙ୍କ ମାତା ତଥା ସାନ୍ତାଳୀ ଲେଖିକା ମାଳତୀ ମୁର୍ମୁଙ୍କ ବିୟୋଗରେ ବୁଧବାର ଆଇଆଇଏମସି ଢେଙ୍କାନାଳ ଆନୁକୂଲ୍ୟରେ ଶୋକସଭା ଅନୁଷ୍ଠିତ ହୋଇଛି । ଏହି ପରିପ୍ରେକ୍ଷୀରେ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ମାଳତୀ ସାନ୍ତାଳୀ ପତ୍ରିକା ଫାଗୁନର ସମ୍ପାଦିକା ଭାବେ କାର୍ଯ୍ୟ ତୁଲାଇବା ସହ ସାମ୍ବାଦିକା ଭାବେ ଆଦିବାସୀଙ୍କ ସ୍ୱରକୁ ଲୋକଲୋଚନକୁ ଆଣୁଥିଲେ । ସେ ସାନ୍ତାଳୀ ଭାଷା ଓ ଅଲଚିକି ଲିପିର ସୁରକ୍ଷା ଓ ବିକାଶ ପାଇଁ ବିଭିନ୍ନ ସଂଗଠନ ସହ ସାମିଲ ହୋଇ ଆଖପାଖ ରାଜ୍ୟରୁ ସାନ୍ତାଳୀ ଭାଷାଭାଷୀ ଲୋକଙ୍କୁ ଏକାଠି କରୁଥିଲେ । ତାଙ୍କ ବିୟୋଗ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା । ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଶୋକବ୍ୟକ୍ତ କରିଥିଲେ । ପ୍ରକାଶ ଥାଉକି, ସ୍ୱର୍ଗତା ମୁର୍ମୁ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକ ଚାନ୍ଦୁଆ ଗାଁର ମାଙ୍ଗାତ ମୁର୍ମୁଙ୍କ ଧର୍ମପତ୍ନୀ । ଦୀର୍ଘବର୍ଷ ଧରି ସେ ଲିଭର ସିରୋସିସ ଓ ମଧୁମେହ ରୋଗରେ ପୀଡ଼ିତା ଥିଲେ । ଗତ ୩୧ ତାରିଖ ତାଙ୍କର ୫୧ ବର୍ଷ ବୟସରେ ବିୟୋଗ ହୋଇଛି । ସ୍ୱାମୀ ମାଙ୍ଗାତ ମୁର୍ମୁ ବର୍ତ୍ତମାନ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ଜଏଣ୍ଟ ସେକ୍ରେଟେରୀ ଭାବେ କାର୍ଯ୍ୟରତ ଅଛନ୍ତି । ତାଙ୍କର ଦୁଇ ଝିଅଙ୍କ ମଧ୍ୟରେ ସୁରୁକୁନୀ ହେଉଛନ୍ତି ସାନ ।

## ଆଇନ ସଚେତନତା ଶିବିର




ଢେଙ୍କାନାଳ,୮ ।୧(ସମିସ): ହିନ୍ଦୋଳ ଏନଏସି ଅନ୍ତର୍ଗତ ରାଜମୋହନପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣର ପକ୍ଷରୁ ଆୟୋଜିତ ଏହି ଶିବିରରେ ଡିଏଲଏସସି ଅଧ୍ୟକ୍ଷ ଶୁଭଙ୍କର ମିଶ୍ର ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ ଆଇନଜୀବୀ ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ସମେତ ପିଏଲ୍‌ଭି ପ୍ରଭାତ ପୃଷ୍ଟି, ପ୍ରକାଶ ନାଥ ପ୍ରମୁଖ ଯୋଗଦେଇ ବାଲ୍ୟବିବାହ ଏବଂ ଡ୍ରଗ୍ସ ଅପବ୍ୟବହାର ଉପରେ ଆଲୋକପାତ କରିଥିଲେ ।

## ଗଡ଼ଖଙ୍କିରାରେ ହାତୀ ଉପଦ୍ରବ



ଗଁଦିଆ,୮ ।୧(ସମିସ): ଢେଙ୍କାନାଳ ବନଖଣ୍ଡ ଷଡ଼ଙ୍ଗୀ ରେଞ୍ଜ ଖଙ୍କିରା ସଂରକ୍ଷିତ ଜଙ୍ଗଲରୁ ଏକ ଦନ୍ତାହାତୀ ବାହାରି ଆସି ଗଡ଼ଖଙ୍କିରାରେ ଉପଦ୍ରବ କରିଛି । ରାମେଶ୍ୱର ମନ୍ଦିର ପାଚେରି ଭାଙ୍ଗିବା ସହ ଗ୍ରାମର ହେମନ୍ତ ଦାସଙ୍କ କଚଡ଼ା ଧାନକୁ ଖାଇ ଦୀର୍ଘ ସମୟ ଧରି ଗାଁରେ ଉପଦ୍ରବ କରିବା ପରେ ପୁଣି ଖଙ୍କିରା ସଂରକ୍ଷିତ ଜଙ୍ଗଲକୁ ଚାଲିଯାଇଛି । ଦୀର୍ଘଦିନ ଧରି ବ୍ରାହ୍ମଣ ତଇଳା ଅଞ୍ଚଳରେ ଖାଲିଥିବା ସ୍ଥାନରେ ଟ୍ରେଞ୍ଚ ଖୋଳିବା ପାଇଁ ଦାବି କରାଯାଉଥିବା ବେଳେ ବନ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବାରୁ ଏହି ଅଞ୍ଚଳରେ ସର୍ବଦା ହାତୀ ଉପଦ୍ରବ ଜାରି ରହିଛି । ଏ ଦିଗରେ ବନଖଣ୍ଡ ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

# ଯୋରନ୍ଦା ମାଘମେଳା ନିମନ୍ତେ ଦ୍ୱିତୀୟ ପ୍ରସ୍ତୁତି ବୈଠକ

ଢେଙ୍କାନାଳ,୮ ।୧(ସମିସ)



ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘମେଳା ନିମନ୍ତେ ଦ୍ୱିତୀୟ ତଥା ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ମାଘମେଳା ଶାନ୍ତିଶୃଙ୍ଖଳାରେ ଆୟୋଜନ ନିମନ୍ତେ ମାଦକ ଦ୍ରବ୍ୟ ବ୍ୟବହାର ଓ ବିଶୃଙ୍ଖଳାକାରୀଙ୍କ ଉପରେ କଡ଼ା ନଜର ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଜିଲ୍ଲାପାଳ ଗାଦି ମନ୍ଦିର, ଆଶ୍ରମ, ମେଳା ପଡ଼ିଆ ପରିଦର୍ଶନ କରି ସାଧୁବାବାମାନଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ଏସ୍‌ପି ଅଭିନବ ସୋନକର ଯୋଗଦେଇ ଆଇନଶୃଙ୍ଖଳା, ଟ୍ରାଫିକ ବ୍ୟବସ୍ଥା, ପାଟ୍ରୋଲିଂ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ । ବୈଠକରେ ଶୁକଦେବ ବାବା, ନିତ୍ୟାନନ୍ଦ ଦାସ, ବିଶ୍ୱାନନ୍ଦ ବାବା, ରଘୁନାଥ ବାବା, ସୁଶାନ୍ତ ବାବାଙ୍କ ସମେତ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ଆଶିଷ ରଞ୍ଜନ ସାହୁ, ଗଁଦିଆ ବିଡିଓ ପବିତ୍ର କୁମାର ବେହେରା ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ ମେଳା ଆୟୋଜନ ସମ୍ପର୍କରେ ଅବଗତ କରାଇଥିଲେ । ୩୧ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ମେଳା ନିମନ୍ତେ ଉଠା ଦୋକାନୀମାନଙ୍କୁ ବ୍ୟବସ୍ଥିତ ଭାବେ ବସାଇବା, ଯାତ୍ରା ପଡ଼ିଆର ଆଲୋକୀକରଣ ଓ ନିରାପଦ ବିଦ୍ୟୁତ ସଂଯୋଗ, ରାସ୍ତା ମରାମତି, ଉତ୍ସବ ଅବସରରେ ମଦ ଦୋକାନ ବନ୍ଦ ରଖିବା, ନିୟନ୍ତ୍ରଣ କକ୍ଷ ପରିଚାଳନା, ଆବଶ୍ୟକ ଅସ୍ଥାୟୀ ଶୌଚାଳୟ ସ୍ଥାପନ ଓ ସିସିଟିଭି କ୍ୟାମେରା ବ୍ୟବସ୍ଥା, ଟ୍ରାଫିକ୍ ବ୍ୟବସ୍ଥା, ପାର୍କିଂ, ଆଶୁ ଚିକିତ୍ସା ଓ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ପଡ଼ିଆରେ ଜଳ ସିଞ୍ଚନ ଆଦି ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା । ଶେଷରେ ଯୋରନ୍ଦା ସରପଞ୍ଚ ଆରତୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ତୁରନ୍ତ ଖଲାସ ଦାବିରେ ବିକ୍ଷୋଭ

ଢେଙ୍କାନାଳ,୮ ।୧(ସମିସ): ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁର ଓ ତାଙ୍କ ପତ୍ନୀଙ୍କୁ ତୁରନ୍ତ ଖଲାସ କରିବା ଦାବିରେ ଭାରତର କମ୍ୟୁନିଷ୍ଟ ପାର୍ଟି ମାର୍କ୍ସବାଦୀ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଭାରତର କମ୍ୟୁନିଷ୍ଟ ପାର୍ଟି ଏମଏଲ, ଏସୟୁଆଇ କମ୍ୟୁନିଷ୍ଟ ଶାଖା ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ବିଷୟରେ ବିଜେପି ସରକାରଙ୍କ ଆଭିମୁଖ୍ୟକୁ ନିନ୍ଦା କରି ବାମପନ୍ଥୀ ନେତୃତ୍ୱମାନେ ବକ୍ତବ୍ୟ ରଖିଥିଲେ । ବ୍ରିକ୍ସର ସହଯୋଗୀ ଦେଶମାନେ ଆମେରିକାର ଆକ୍ରମଣକୁ ସ୍ପଷ୍ଟ ଓ ଦୃଢ଼ ଭାବେ ନିନ୍ଦା କରିଛନ୍ତି । ରାଷ୍ଟ୍ରପତି ଓ ତାଙ୍କ ପତ୍ନୀଙ୍କ ମୁକ୍ତି ଦାବି କରିଛନ୍ତି । ତେବେ ଆମେରିକା ପ୍ରତି ଭାରତର ଏହି ନମନୀୟ ଆଭିମୁଖ୍ୟ ମୋଦି ସରକାରଙ୍କ ଦକ୍ଷିଣପନ୍ଥୀ ଆଦର୍ଶ ଏବଂ ଟ୍ରମ୍ପ ପ୍ରଶାସନ ସହିତ କୌଶଳଗତ ରଣନୈତିକ ସମ୍ପର୍କ ସହିତ ମେଳ ଖାଉଛି ବୋଲି ବକ୍ତାମାନେ କହିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ସିପିଆଇ (ଏମ୍) ନେତା ସର୍ବଜ୍ଞ ସାହୁ ସଭାପତିତ୍ୱ କରିଥିଲେ । ସିପିଆଇର ରବି ରଥ, ସିପିଆଇଏମଏଲର ଶ୍ରୀନିବାସ ସାହୁ, ଓଡ଼ିଶା କୃଷକ ସଭାର ଜିଲ୍ଲା ସମ୍ପାଦକ ସରୋଜ କୁମାର ଶତପଥୀ, ଆ ର ଆ ଇ ଏ ଲ ର ନନ୍ଦକିଶୋର ବରାଳ, ରୋହିତ ବାରିକ, ଶ୍ରୀଧର ମଲ୍ଲିକ, ସୁଜାତା ତ୍ରିପାଠୀ, ଅନ୍ତର୍ଯ୍ୟାମୀ ନାଏକ, ଉତ୍ଫୁଲ୍ଲ ନାର ରାଜ୍ୟ ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, ରୁଦ୍ରପ୍ରକାଶ ଶରଣ, ନିରାକାର ନାଏକ, ପତିତପାବନ ନାଏକ ପ୍ରମୁଖ ବକ୍ତବ ରଖି ଆମେରିକାର ସାମ୍ରାଜ୍ୟବାଦୀ ଆକ୍ରମଣ ବିରୋଧରେ ଜନସାଧାରଣ ଐକ୍ୟବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ ।



## ୬୩ ୟୁନିଟ ରକ୍ତ ସଂଗ୍ରହ




ଭୁବନ,୮ ।୧(ସମିସ): ଭୁବନ ଏନ୍‌ଏସି ଅନ୍ତର୍ଗତ କାଳୀମନ୍ଦିର ସାମ୍ନାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସଭାପତି ସମୀର ସାହୁ, ଜ୍ଞାନରଞ୍ଜନ ସାହୁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଉଦଯାପନୀ କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ଶୁଭେନ୍ଦୁ ସାହୁ, ଅମ୍ବୁଜ ସାହୁ, ବାଲିବୋ ସେବା ସଭାପତି ମଳୟ ତ୍ରିପାଠୀ, ସନ୍ଧିବିଗ୍ରହ ଘଡ଼େଇ, ସନ୍ତୋଷ ବେହେରା, ସମାଜସେବୀ ସଚ୍ଚିଦାନନ୍ଦ ରାଉତ, ବିନୋଦ ମହାରଣା ଯୋଗଦେଇଥିଲେ । କାଳିବଜାର ବଣିକ ସଙ୍ଘ ସଭାପତି ସୁବ୍ରତକୁମାର ସାହୁ, ଉପସଭାପତି ବାବନ ପୃଷ୍ଟି, ସମ୍ପାଦକ ନିରଞ୍ଜନ ସାହୁ, କୋଷାଧ୍ୟକ୍ଷ ପ୍ରଭାକର ସାହୁ, ହିମାଂଶୁ ମହାରଣା, ଜଗବନ୍ଧୁ ପୃଷ୍ଟି, ପ୍ରଦୀପ କୁମାର ସାହୁ, ସୂରଜ ଅଗ୍ରୱାଲା, ଦୀପକ ସାହୁ, ଆଲୋକ ସାହୁ, ପ୍ରକାଶ ଦାସ, ବିଶ୍ୱଜିତ ବାରିକ, ଜଗବନ୍ଧୁ ବିହାରୀ, ମନମୋହନ ପୃଷ୍ଟି ଶିବିର ପରିଚାଳନା କରିଥିଲେ । ଶିବିରରୁ ୬୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଢେଙ୍କାନାଳ ରକ୍ତଭଣ୍ଡାରର ପରମାନନ୍ଦ ପଣ୍ଡା, ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡା. ରମେଶ ଚନ୍ଦ୍ର ସାହୁ, ଡା. ଅରବିନ୍ଦ ଶତପଥୀ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ପୂର୍ଣ୍ଣଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ସାହୁ, ସରୋଜ ନାୟକ, ଶିବସୁନ୍ଦର ସେନାପତି, ଈଶ୍ୱର ରାଉତ ସହଯୋଗ କରିଥିଲେ ।

## ଆଜିଠାରୁ ଆରମ୍ଭ ହେବ 'ଆଗ୍ନେୟ'

- ଝୁମେଇବେ ଅମିତ ମିଶ୍ରା, ତାବିଜ୍ ଅଲ୍ଲୀ, ଅନନ୍ୟା ଶ୍ରୀତମ ନନ୍ଦ
- ସେବା, କଳା କ୍ଷେତ୍ରରେ ପ୍ରଦାନ କରାଯିବ ବରଜଙ୍ଗ ସମ୍ମାନ

ଢେଙ୍କାନାଳ,୮ ।୧(ସମିସ): ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଜରଙ୍ଗ କ୍ଲବ ଦ୍ୱାରା ଆୟୋଜିତ ଆଗ୍ନେୟ । ଢେଙ୍କାନାଳ ମିନି ଷ୍ଟାଡିୟମରେ ଏହି ଉତ୍ସବ ୯ ରୁ ୧୧ ତାରିଖ ୩ଦିନ ଧରି ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ । ନୃତ୍ୟ, ଗୀତ, କମେଡିର ଷ୍ଟାର ନାଇଟରେ ଝୁମିବ ଢେଙ୍କାନାଳ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ । କଳା ସମ୍ମାନରେ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ, ଶକ୍ତିପ୍ରସାଦ ମିଶ୍ର, ସେବା ସମ୍ମାନରେ ଜ୍ଞାନରଞ୍ଜନ ମହାପାତ୍ର, ଢେଙ୍କାନାଳ ଯୁବ ସେନା, ଶାନ୍ତନୁ ପୃଷ୍ଟି, ସଫଳ ଉଦ୍ୟୋଗୀ ସମ୍ମାନରେ ଶରତ କୁମାର ସାହୁ ଏବଂ ରକ୍ତଦାନ କ୍ଷେତ୍ରରେ ପ୍ରମୁଖ ସଂଗଠନଗୁଡ଼ିକୁ ସମ୍ବର୍ଦ୍ଧିତ କରାଯିବ । ଏଥିରେ ପ୍ରଖ୍ୟାତ ବଲିଉଡ୍ ପ୍ଲେ ବ୍ୟାକ୍ ସିଙ୍ଗର ଅମିତ ମିଶ୍ରା, ତାବିଜ୍ ଅଲ୍ଲୀ, ଇଣ୍ଡିଆନ ଆଇଡଲ୍ ବିଜେତା ତଥା ଓଡ଼ିଆ କଣ୍ଠଶିଳ୍ପୀ ଅନନ୍ୟା ଶ୍ରୀତମ ନନ୍ଦ, ସଚିନ ରାଉତ, ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାସଙ୍କ ସମେତ ବହୁ କଣ୍ଠଶିଳ୍ପୀ ଓ କଳାକାର ଯୋଗଦେବେ ବୋଲି ସମ୍ପାଦକ ଶୁଭେନ୍ଦୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି ।

## ବିଧାନ ଚନ୍ଦ୍ର ମିଶ୍ରଙ୍କ ନବମ ଶ୍ରାଦ୍ଧ ଦିବସ



ଢେଙ୍କାନାଳ,୮ ।୧(ସମିସ): ସ୍ଥାନୀୟ ମୁକ୍ତାଦେଇପୂର ଶାସନ କୃଷ୍ଣଚନ୍ଦ୍ର ଭବନରେ ଡ. ବିଧାନ ଚନ୍ଦ୍ର ମିଶ୍ରଙ୍କ ନବମ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ଏଥିରେ ଡ. ବିଧାନ ମିଶ୍ର ସ୍ମୃତି ପରିଷଦ ସଭାପତି ସୁକାନ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ପ୍ରଥମେ ଦୁଇ ମିନିଟ ନିରବ ପାର୍ଥାନା କରାଯାଇଥିଲା । ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗଦେଇ ସ୍ୱର୍ଗତ ମିଶ୍ର ଜଣେ ଜ୍ଞାନୀଗୁଣୀ ମଣିଷ ଥିଲେ ବୋଲି କହିଥିଲେ । ମକୁଟବିହୀନ ସମ୍ରାଟ ଭାବେ ଆଜି ବି ସ୍ୱର୍ଗତ ମିଶ୍ର ସମସ୍ତଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳ ପାତ୍ର ଉପସଭାପତି ଟଙ୍କଧର ବେହେରା, ଉପନଗରପାଳ ପ୍ରକାଶ କୁଅଁର, କାଉନସିଲର ସନ୍ଦୀପ ଷଡ଼ଙ୍ଗୀ, ସାଗିର ମହମ୍ମଦ, ଶୁଭଲକ୍ଷ୍ମୀ ସାହୁ, ଛାତ୍ରନେତା ସୂରଜ ମହାପାତ୍ର, ସାମ୍ବାଦିକ ପ୍ରଦ୍ୟୁମ୍ନ ରଥ, ରତନ ନାୟାର, ଶିଶିର ଶତପଥୀ, ବିନୋଦ ମହାନ୍ତି, ଗଙ୍ଗାଧର ରାଉତ, ସମାଜସେବୀ ପ୍ରେମଶଙ୍କର ମିଶ୍ର ପ୍ରମୁଖ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ । ସାମ୍ବାଦିକ ଅଭୟ କୁମାର ସାହୁ ସଭା ପରିଚାଳନା କରିଥିଲେ । ଯୁବନେତା ରଞ୍ଜନ ନାୟକ, ବୁବୁଲି ଧଳ, ଆଇନଜୀବୀ ଶିବସାଇ ମହାପାତ୍ର, ଆଶୁତୋଷ କର, ରାଜୁ ପାଣ୍ଡେ, ସ୍ୱର୍ଗତ ମିଶ୍ରଙ୍କ ସହଧର୍ମିଣୀ ଶକୁନ୍ତଳା ମିଶ୍ର, ନାତି ଇସାନ ଭରଦ୍ୱାଜ, ଝିଅ ସ୍ୱପ୍ନା ଆଚାର୍ଯ୍ୟ, ପୁଅ ଦେବକାନ୍ତ ମିଶ୍ର ଉପସ୍ଥିତ ଥିଲେ । ପୁଅ ଆଇନଜୀବୀ ଦେବାଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅସହାୟ ଗରିବମାନଙ୍କୁ ଶାଢ଼ି, ଧୋତି ଓ ଚାଦର ବଣ୍ଟନ କରାଯାଇଥିଲା ।

## ଶିଶୁ ଶ୍ରମିକ ନିରୋଧ ସଚେତନତା କାର୍ଯ୍ୟକ୍ରମ

ଢେଙ୍କାନାଳ,୮ ।୧(ସମିସ): ବିଶ୍ୱ ଯୁବକେନ୍ଦ୍ର, ଅନୁଗୋଳ ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ଶିଶୁ ଶ୍ରମିକ ନିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କଣ୍ଟାବଣିଆଠାରୁ ଗୁଡ଼ିଆକାଟେଣୀ ମଧ୍ୟରେ ଥିବା ହୋଟେଲ, ଢାବା, ଗ୍ୟାରେଜଗୁଡ଼ିକରେ ସଚେତନ କରାଯାଇଥିଲା । ୧୪ ବର୍ଷରୁ କମ୍ ବୟସ୍କ ଶିଶୁଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ । ୧୫ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜିତ କରିବା ମଧ୍ୟ ଧଣ୍ଡନୀୟ ଅପରାଧ । ଏପରି କାର୍ଯ୍ୟ କରାଉଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ ଏବଂ ୨ ବର୍ଷ ଯାଏଁ ଜେଲଦଣ୍ଡ ବ୍ୟବସ୍ଥା ରହିଛି । ଏପରି ଭୁଲ ଦ୍ୱିତୀୟ ଥର ହେଲେ ୩ବର୍ଷ ଯାଏଁ କାରାଦଣ୍ଡ ମଧ୍ୟ ହୋଇପାରେ ବୋଲି କୁହାଯାଇଥିଲା । ଏହି ଅବସରରେ ୬ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଥିଲା । ବିଶ୍ୱ ଯୁବକେନ୍ଦ୍ରର ପୂଜା ସ୍ୱାଇଁ, ଅଭିଷେକ ମହାପାତ୍ର, ମାନି ସ୍ୱାଇଁ, ମନସ୍ମିତା ନାୟକ, କୁମୁଦିନୀ ସ୍ୱାଇଁ, ଜୁଲି ସ୍ୱାଇଁ, ପୂର୍ଣ୍ଣିମା ସାହୁ, ପପି ଦେହୁରୀ, ଦୀପି ଦେହୁରୀ, ସୋନାଲିସା ଶବର, ଲକ୍ଷ୍ମୀ ବେହେରା, ସୁନିତା ସାହୁ, ସୁମିତ୍ରା ଦେହୁରୀ, ତପନ ପାତ୍ର, ଚାଇଲ୍ଡ ହେଲ୍ପଲାଇନର ବାରମହାନନ୍ଦ ସାହୁ, ସୁବ୍ରତ ସାହୁ ସହଯୋଗ କରିଥିଲେ ।




## ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ସମ୍ମିଳନୀ

ଢେଙ୍କାନାଳ,୮ ।୧(ସମିସ): ଜିଲ୍ଲାସ୍ତରୀୟ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କ ସମ୍ମିଳନୀ ରାସୋଲ ସାପୁଆ ଡ୍ୟାମଠାରେ ଅନୁଷ୍ଠିତ ହୋଇଛି । ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ପୁରୁଷୋତ୍ତମ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ଯୋଗଦେଇ ଶିକ୍ଷକମାନଙ୍କୁ ଭାଇଚାରା ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏଥିରେ ୮ ବ୍ଲକର ସଂଯୋଜକ ପ୍ରାଣବନ୍ଧୁ ସାହୁ, ସନ୍ତୋଷ ପରିଡ଼ା, ରବୀନ୍ଦ୍ର କୁମାର ରାଉତ, ବିଜୟ ଦେହୁରୀ, ଶରତ ଚନ୍ଦ୍ର ନାୟକ, ଅକ୍ଷୟ କୁମାର ଜେନା, ଅଶୋକ ଭୁତିଆ, ପ୍ରଶାନ୍ତ ଧଳ, ୱାଲି ମୁଦୁଲି, ମାୟାଧର ସାହୁ, ରମେଶ ରାଉତ, ନବକିଶୋର ବେହେରା ଯୋଗଦେଇଥିଲେ ।

# ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଭିତ୍ତି ସ୍ଥାପନ



କଙ୍କଡ଼ାହାଡ଼,୮ ।୧(ସମିସ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ରାଜ୍ୟରେ ୧୧୮ ଟି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଚାନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭିତ୍ତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଥିଲା । ବ୍ଲକ ଉପାଧ୍ୟକ୍ଷ ଦୀପା ସାହୁ, ଜିଲ୍ଲା ପରିଷଦ ସଭ୍ୟ ନବକିଶୋର ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବ୍ରହ୍ମୋତ୍ରି ବିଶ୍ୱାଳ, ବିଆରସିସି ବିଶ୍ୱେଶ୍ୱର ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଚାନ୍ଦପୁର ସରପଞ୍ଚ ସବିତା ସାହୁ, ସମିତି ସଭ୍ୟ ରାଜକିଶୋର ସାହୁ, ମହାବିରୋଡ ମଣ୍ଡଳ ସଭାପତି ଜିତେନ୍ଦ୍ର କର, ସିଆରସିସି ସନ୍ତୋଷ କୁମାର ନାୟକ, ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଫୁଲ ସିଂହ, ପୂର୍ବତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷକ ସରୋଜ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷକ ଫକୀର ମୋହନ ସାହୁ, ଦେବେନ୍ଦ୍ର ନାଥ ବେହେରା, ମିନତୀ ସୁନ୍ଦରୀ ସାହୁ, ଗୌରୀ ବେହେରା, ସୀତାମଣି ବାସ୍କେ, ବୀଣାପାଣି କର, ଦେବେନ୍ଦ୍ର ନାଥ ଓରାମ ପ୍ରମୁଖ ସହଯୋଗ କରିଥିଲେ ।

ସେହିପରି ମହାବିରୋଡ୍ ଧୋବଲିପଥର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ବ୍ଲକ ଉପାଧ୍ୟକ୍ଷ ଦୀପା ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୌମ୍ୟାଶ୍ରୀ ପଟ୍ଟନାୟକ, ବ୍ଲକ ଶିକ୍ଷା ଅଧିକାରୀ ସାଗର ଟୁଡୁ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ମହାବିରୋଡ ସରପଞ୍ଚ ଶ୍ୱେତାଲିନ ସାହୁ, ସମିତି ସଦସ୍ୟା ନର୍ମଦା ବିଶ୍ୱାଳ, ପ୍ରଧାନଶିକ୍ଷୟିତ୍ରୀ ମିଲି ସିଂହ, ପୂର୍ବତନ ପ୍ରଧାନଶିକ୍ଷକ ଗୁଣ୍ଡିଚା ସ୍ୱାଇଁ, ଅନନ୍ତ ଚରଣ ସାହୁ, ମହାବିରୋଡ ଗ୍ରାମ ସଭାପତି ସୁରେଶ ଚନ୍ଦ୍ର ସାହୁ, ସମାଜସେବୀ ରାମଚନ୍ଦ୍ର ସାହୁ, ଟିକମ ହାତୀ ପ୍ରମୁଖ ଉପସ୍ଥିତ ଥିଲେ । ସିଆରସିସି ଦୁଷ୍ମନ୍ତ କୁମାର ଦେହୁରୀ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷକ ସୂର୍ଯ୍ୟକାନ୍ତ ରାଉଳ, କରୁଣାକର ସାହୁ ସହଯୋଗ କରିଥିଲେ ।



## ନବଜ୍ୟୋତି କ୍ଲବର ସୁବର୍ଣ୍ଣ ଜୟନ୍ତୀ ସମାରୋହ




କାମାକ୍ଷାନଗର,୮ ।୧(ସମିସ): କାମାକ୍ଷାନଗର ସହର ଅନନ୍ତପୁରସ୍ଥିତ ନବଜ୍ୟୋତି କ୍ଲବର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଛି । କ୍ଲବ ସଭାପତି ଅଶୋକ କୁମାର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ଢେଙ୍କାନାଳ ଜିଲ୍ଲା ବିଜେପି ସଭାପତି ରାସବିହାରୀ ବେହେରା ଯୋଗଦେଇଥିଲେ । ନବଜ୍ୟୋତି କ୍ଲବ ଦୀର୍ଘ ୫୦ ବର୍ଷ ଧରି କାମାକ୍ଷାନଗର ସହରରେ ବିଭିନ୍ନ ସାମାଜିକ କାର୍ଯ୍ୟ କରି ଆସୁଛି । ବିଶେଷ କରି ରକ୍ତଦାନ କ୍ଷେତ୍ରରେ ଏହି କ୍ଲବ ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ କ୍ଲବ ଭାବେ ପରିଗଣିତ ହୋଇଛି । ଏହାବାଦ ବୃକ୍ଷରୋପଣ, ସହରର ସ୍ୱଚ୍ଛତା ଉପରେ ଗୁରୁତ୍ୱ, କ୍ରୀଡ଼ା କ୍ଷେତ୍ରରେ ପ୍ରୋତ୍ସାହନ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଏହି କ୍ଲବ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । କ୍ଲବର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ସହରର ବହୁ ବୁଦ୍ଧିଜୀବୀ, ସାମ୍ବାଦିକ, ଆଇନଜୀବୀଙ୍କ ସମେତ ଅନେକ ଜନସାଧାରଣ ଯୋଗଦେଇଥିଲେ । ଆଗାମୀ ସମୟରେ ନବଜ୍ୟୋତି କ୍ଲବ ସମାଜିକ କାର୍ଯ୍ୟକ୍ରମ ବ୍ୟାପକ କରିବା ନେଇ କ୍ଲବର ସଦସ୍ୟ ଶପଥ ଗ୍ରହଣ କରିଛନ୍ତି । କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କ୍ଲବ ସମ୍ପାଦକ ହିମାଂଶୁ ଶେଖର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପୁରୀରେ ପର୍ଯ୍ୟଟକଙ୍କୁ 'ପାର୍କିଂ' ଶୋଷଣ

## କେଉଁଠି ୫୦୦ ତ କେଉଁଠି ୨୦୦ ଟଙ୍କା

ପୁରୀ, ୮।୧ (ସମିସ): ପୁରୀରେ ପାର୍କିଂ ଫି' ଉପରେ କାହାର କୌଣସି ଲଗାମ୍ ନାହିଁ। ମନଇଚ୍ଛା ଯିଏ ଯେତେ ଚାହିଁଲା, ସେତେ ଆଦାୟ କଲା। ପାର୍କିଂ ଫି' ନାଁରେ ଭକ୍ତ, ପର୍ଯ୍ୟଟକଙ୍କୁ ଏକପ୍ରକାର ଶୋଷଣ କରାଯାଉଛି। ହେଲେ ଏଭଳି ଶୋଷଣ ବିରୁଦ୍ଧରେ ଦୂରଦୂରାନ୍ତରୁ ଆସୁଥିବା ଭକ୍ତ, ପର୍ଯ୍ୟଟକ ମୁହଁ ଖୋଲିବାକୁ ସାହସ କରୁନାହାନ୍ତି। ଦୁର୍ଭାଗ୍ୟଜନକ କଥା ହେଉଛି, ଖୋଦ୍ ଶ୍ରୀମନ୍ଦିର ପ୍ରଶାସନ ବି ଏହି ଶୋଷଣ ତାଲିକାରେ ଯୋଡ଼ି ହୋଇଯାଇଛି। ମନ୍ଦିର ପ୍ରଶାସନ ପରିଚାଳିତ ଭକ୍ତନିବାସରେ ଚାରିଚକିଆ ଗାଡ଼ିର ପାର୍କିଂ ଫି' ଏବେ ୫୦୦ ଟଙ୍କା ହୋଇଯାଇଛି। କେବଳ ଶ୍ରୀମନ୍ଦିର ପ୍ରଶାସନ ନୁହେଁ, ଅନ୍ୟ କେଉଁଠି ଭକ୍ତଙ୍କୁ ୩ ଘଣ୍ଟା ପାଇଁ ପାର୍କିଂ ବାବଦ ୨୦୦ ତ ପୁଣି କେଉଁଠି କାର୍ ପାଇଁ ୧୦୦ ନିଆଯାଉଛି।

ପୁରୀ ଆଧ୍ୟାତ୍ମିକ ଓ ପର୍ଯ୍ୟଟନର ସହର। ଏଠାକୁ ପ୍ରତିଦିନ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଆସିଥାନ୍ତି। ଜିଲ୍ଲାବ୍ୟାପୀ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଏବଂ ଧାର୍ମିକ ପୀଠ ରହିଛି। ବର୍ଷତମାମ୍ ଏହି ସବୁ ଜାଗାରେ ଭକ୍ତ, ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ହେଲେ ବିଭିନ୍ନ ଜାଗାରେ କିଛି ଅସାମାଜିକ ବ୍ୟକ୍ତି ଏମାନଙ୍କୁ ଏକପ୍ରକାର ଶୋଷଣ କରିଥା'ନ୍ତି। କେଉଁଠି ପାର୍କିଂ ଫି' ନାଁରେ ତ ପୁଣି କେଉଁଠି ଦର୍ଶନୀୟସ୍ଥାନ ବୁଲାଇବା ପାଇଁ ଗାଡ଼ି ଭଡ଼ା ବାବଦରେ ଅଧିକ ଟଙ୍କା ନେଇଥା'ନ୍ତି। ସେହିପରି ରାମଚଣ୍ଡୀରେ ବଣଭୋଜି ପାଇଁ ପର୍ଯ୍ୟଟକଙ୍କୁ ବିଭିନ୍ନ ଉପାୟରେ ଶୋଷଣ ଚାଲିଛି। ଆଉ ଏବେ ଏହି ତାଲିକାରେ ନିଜ ନାଁକୁ ଯୋଡ଼ିଛି ଶ୍ରୀମନ୍ଦିର ପ୍ରଶାସନ।

### ଶୋଷକ ତାଲିକାରେ ଯୋଡ଼ି ହେଲା ଶ୍ରୀମନ୍ଦିର ପ୍ରଶାସନ

### ଭକ୍ତ ନିବାସରେ ଦିନକୁ କାର୍ ପାର୍କିଂ ଭଡ଼ା ୫୦୦ ଟଙ୍କା

ପୁରୀକୁ ଆସୁଥିବା ଭକ୍ତ, ପର୍ଯ୍ୟଟକଙ୍କୁ ରହଣି ସୁବିଧା ଯୋଗାଇ ଦେବା ଲାଗି ଶ୍ରୀମନ୍ଦିର ପ୍ରଶାସନର ୪ଟି ଭକ୍ତ ନିବାସ (ନୀଳାଚଳ, ନୀଳାଦ୍ରି, ଗୁଣ୍ଡିଚା ଓ ପୁରୁଷୋତ୍ତମ) ରହିଛି। ଏଠାରେ ଯାତ୍ରୀମାନଙ୍କ ରହଣି ସୁବିଧା ରହିଛି। ଅନ୍‌ଲାଇନରେ ବୁକିଂ କରି ଯାତ୍ରୀମାନେ ଏଠାରେ ରହିଆସୁଛନ୍ତି। ଏହି ଯାତ୍ରୀ ନିବାସଗୁଡ଼ିକରେ ଚାରିଚକିଆ ଗାଡିର ପାର୍କିଂ ସୁବିଧା ରହିଛି। ଯାତ୍ରୀ ନିବାସରେ ରହୁଥିବା ଯାତ୍ରୀ ସେଠାରେ ତାଙ୍କ ଗାଡ଼ି ପାର୍କିଂ କରିଥାନ୍ତି। ହେଲେ ଗତ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶରେ ଉନ୍ନୟନ ପ୍ରଶାସକ ଅଫିସ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଣିକି ଚାରିଚକିଆ ଯାନ ପିଛା ୫୦୦ ଟଙ୍କା ଆଦାୟ କରାଯିବ। ଏହି ୫୦୦ ଟଙ୍କା ମଧ୍ୟରେ ୧୮ ପ୍ରତିଶତ ଜିଏସ୍‌ଟି ଅନ୍ତର୍ଭୁକ୍ତ କରାଯାଇଛି। କୌଣସି ଭକ୍ତ ଯଦି ନିଜ ଚାରିଚକିଆ ଯାନ ୨୪ଘଣ୍ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିର ପ୍ରଶାସନର ୪ଟି ଭକ୍ତ ନିବାସରେ ପାର୍କ କରୁଛନ୍ତି, ତେବେ ସେମାନଙ୍କୁ ୫୦୦ ଟଙ୍କା ଦେବାକୁ ପଡିବ। ସାଧାରଣତଃ ୨୪ଘଣ୍ଟା ଗାଡ଼ି ପାର୍କିଂ ନିମନ୍ତେ ୫୦ରୁ ୧୦୦ଟଙ୍କା ଭିତରେ ଆଦାୟ ହୋଇଥାଏ। ହେଲେ, ଏହି ପରିମାଣକୁ ୫୦୦ଟଙ୍କା କରାଯିବା ଯାତ୍ରୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଏ ନିଷ୍ପତ୍ତି ସମ୍ପର୍କରେ ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଭକ୍ତ ନିବାସ ଭଳି ସ୍ଥାନରୁ ଏତେ ପାର୍କିଂ ଫି' କୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

କେବଳ ଏହି ଗୋଟିଏ ସ୍ଥାନ ନୁହେଁ, ସହର ଉପକଣ୍ଠ ବେଲେଶ୍ୱର ପୀଠରେ ମଧ୍ୟ ପାର୍କିଂ ନାଁରେ ଭକ୍ତଙ୍କୁ ଶୋଷଣ କରାଯାଉଛି। ୩ଘଣ୍ଟା ପାଇଁ ବସ୍ ପିଛା ୨୦୦ ଟଙ୍କା, କାର୍ ୧୦୦ ଏବଂ ବାଇକ୍ ପାଇଁ ୨୦ଟଙ୍କା ଆଦାୟ କରାଯାଉଛି। ହେଲେ ପାର୍କିଂ ଫି' ଏତେ ଟଙ୍କା ନେଉଥିଲେ ବି ଦାୟିତ୍ୱ ସେମାନଙ୍କର ନୁହେଁ ବୋଲି ମନ୍ଦିର କମିଟି ରସିଦ୍ ଲେଖା ହିଁ ସ୍ପଷ୍ଟ କରୁଛି। କାରଣ ଟଙ୍କା ନେବା ପରେ ସେମାନେ ଯେଉଁ ପାର୍କିଂ ରସିଦ୍ ଦେଉଛନ୍ତି, ସେଥିରେ ଲେଖାଯାଇଛି 'ଡ୍ରାଇଭର୍ ଗାଡ଼ି ଛାଡ଼ି ଯାଆନ୍ତୁ ନାହିଁ। କୌଣସି କ୍ଷୟକ୍ଷତି କିମ୍ବା ଚୋରି ପାଇଁ ଆମେ ଦାୟୀ ନୁହେଁ। ଗାଡ଼ି ରଖିବାର ସମୟସୀମା ୩ଘଣ୍ଟା।' ଅର୍ଥାତ୍ ଯଦି କେହି ଅଧିକ ସମୟ ଗାଡ଼ି ରଖନ୍ତି, ତେବେ ତାଙ୍କୁ ଆହୁରି ଅଧିକ ଟଙ୍କା ଦେବାକୁ ପଡ଼ିପାରେ।

ଉପରୋକ୍ତ ଗୋଟିଏ ଗୋଟିଏ ଉଦାହରଣ ମାତ୍ର। ପୁରୀରେ ଏମିତି ଏକାଧିକ ପାର୍କିଂରେ ଭକ୍ତ, ପର୍ଯ୍ୟଟକଙ୍କୁ ଆର୍ଥିକ ଶୋଷଣ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମେ ସବୁବେଳେ 'ଅତିଥି ଦେବୋ ଭବ'ର ନାରା ଦେଉଛେ। ହେଲେ ଶ୍ରୀକ୍ଷେତ୍ର ପୁରୀରେ ଯଦି ଅତିଥିମାନଙ୍କୁ ଏଭଳି ଶୋଷଣ ଜାରି ରୁହେ, ତେବେ ସେମାନେ କେଉଁପ୍ରକାର ଅନୁଭୂତି ନେଇ ଫେରୁଥିବେ? ସମୟ ଆସିବ, ଏଭଳି କିଛି ଘଟଣା ପାଇଁ ପୁରୀକୁ ଭକ୍ତ, ପର୍ଯ୍ୟଟକ ମୁହଁ ମୋଡ଼ିପାରନ୍ତି। ତେଣୁ ବେଳ ଥାଉଥାଉ ଏ ଦିଗରେ ପ୍ରଶାସନ ବିହିତ ପଦକ୍ଷେପ ନେବା ଦରକାର ବୋଲି ସାଧାରଣରେ ଦାବି ଉଠୁଛି।

■ ପୁରୀ ଭକ୍ତ ନିବାସରେ ପାର୍କିଂ ଫି ପ୍ରସଙ୍ଗ

## ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର ପାଇଁ ବିଜେଡିର ଦାବି

ଭୁବନେଶ୍ୱର, ୮।୧(ସମିସ): ପୁରୀ ଭକ୍ତ ନିବାସରେ ପାର୍କିଂ ଫି' ବୃଦ୍ଧି ପ୍ରସଙ୍ଗରେ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜେଡି। ଓଡ଼ିଆଙ୍କ ଆରାଧ୍ୟ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଆସୁଥିବା ଲକ୍ଷଲକ୍ଷ ଭକ୍ତଙ୍କୁ ଲୁଟିବା ସହ ପବିତ୍ର ପୁରୀ ଓ ସମଗ୍ର ଓଡ଼ିଶାର ଭାବମୂର୍ତ୍ତି ମଳିନ ପାଇଁ ନିଆ ଯାଇଥିବା ନିଷ୍ପତ୍ତିକୁ ବିଜେଡି ଉପସଭାପତି ସଂଜୟ କୁମାର ଦାସବର୍ମା ଦୃଢ଼ ବିରୋଧ କରିଛନ୍ତି। ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଭକ୍ତ ନିବାସରେ ପାର୍କିଂ ପାଇଁ ୧୮ ପ୍ରତିଶତ ଜିଏସଟି ସହ ୫୦୦ ଟଙ୍କା ଆଦାୟ କରିବା ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ନେଇ ବିଜେଡି କଡା ବିରୋଧ କରୁଛି ବୋଲି ଶ୍ରୀ ଦାସବର୍ମା କହିଛନ୍ତି।



ପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ

ସେ କହିଛନ୍ତି ଯେ ପ୍ରଥମତଃ ଭକ୍ତ ନିବାସଗୁଡ଼ିକରେ ରହିବା ପୂର୍ବ ଅପେକ୍ଷା ମହଙ୍ଗା ହୋଇଛି। କଟା ଘା'ରେ ଚୂନ ସଦୃଶ ଭକ୍ତ ନିବାସ ରହିବା ଦେୟ ମହଙ୍ଗା ପରେ ପୁଣି ପ୍ରଶାସନ ପକ୍ଷରୁ ଭକ୍ତନିବାସରେ ଗାଡ଼ି ପାର୍କିଂ ଶୁଳ୍କରେ ବଡ଼ ଧରଣର ବୃଦ୍ଧି କରାଯାଇଛି। ସିଧାସଳଖ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଧର୍ମୀୟ ଭାବନାରୁ ପ୍ରଶାସନ ଆର୍ଥିକ ଫାଇଦା ନେବାକୁ ଚାହୁଁଛି। ନୂତନ ନିୟମ ଅନୁଯାୟୀ ଜାନୁଆରୀ ୭ ତାରିଖରୁ ପୁରୀର ସମସ୍ତ ଚାରୋଟି ଭକ୍ତ ନିବାସରେ ପ୍ରଥମଥର ପାଇଁ ଅତି ଉଚ୍ଚଦରରେ ପାର୍କିଂ ଫି' ଆଦାୟ କରାଯିବା ନିଷ୍ପତ୍ତି ହୋଇଛି। ଯେଉଁ ଶ୍ରଦ୍ଧାଳୁମାନେ ଭକ୍ତ ନିବାସରେ ରହିବେ, ସେମାନଙ୍କୁ ନିଜର ଚାରିଚକିଆ ଯାନ ପାଇଁ ୨୪ ଘଣ୍ଟାକୁ ୫୦୦ ଟଙ୍କା ପାର୍କିଂ ଶୁଳ୍କ ଦେବାକୁ ପଡ଼ିବ। ଏହି ୫୦୦ ଟଙ୍କା ମଧ୍ୟରେ ୧୮ ପ୍ରତିଶତ ଜିଏସଟି ଅନ୍ତର୍ଭୁକ୍ତ କରାଯାଇଛି। ପୁରୀରେ ଥିବା ନୀଳାଚଳ ଭକ୍ତନିବାସ, ନୀଳାଦ୍ରି ଭକ୍ତ ନିବାସ ସମେତ ଅନ୍ୟ ସମସ୍ତ ସରକାରୀ ଭକ୍ତ ନିବାସରେ ରହୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ଏହି ନିୟମ ପରିସରଭୁକ୍ତ ହେବେ। ଶ୍ରୀ ଦାସବର୍ମା ଆହୁରି ମଧ୍ୟ କହିଛନ୍ତି ଯେ ପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ଏପରି ନିଷ୍ପତ୍ତି ପର୍ଯ୍ୟଟକ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପୁରୀ ଆଗମନକୁ ପ୍ରଭାବିତ କରିବ। ଏହା କୋଟିକୋଟି ଜଗନ୍ନାଥପ୍ରେମୀଙ୍କ ମନରେ ଆଘାତ ଦେଇଛି। ତେଣୁ, ପ୍ରଶାସନ ତୁରନ୍ତ ଏ ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ ବୋଲି ସେ ଦାବି କରିଛନ୍ତି।

## ଚଳିତ ମାସରେ ସାଢ଼େ ୪ ଲକ୍ଷ ହିତାଧିକାରୀଙ୍କୁ 'ସୁଭଦ୍ରା' ଟଙ୍କା



ଭୁବନେଶ୍ୱର,୮।୧(ସମିସ): ଚଳିତ ଜାନୁଯାରୀ ମାସରେ ସାଢ଼େ ୪ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରା ସହାୟତା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଗୁରୁବାର ମହିଳା ଓ ଶିଶୁ ବିକାଶ ଆନୁକୂଲ୍ୟରେ ବିଭାଗୀୟ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସୁଭଦ୍ରା ଯୋଜନାରେ ୧ଲକ୍ଷ ୭୮ ହଜାର ୩୯୮ ନୂତନ ପଞ୍ଜିକୃତ ସୁଭଦ୍ରା ହିତାଧିକାରୀ, ଆଗରୁ କୌଣସି କାରଣରୁ ବାଦ୍ ପଡିଥିବା ଓ ଅଭିଯୋଗ ଶୁଣାଣିର ତଦନ୍ତ ପରେ ଯୋଡ଼ି ହୋଇଥିବା ୨୪ହଜାର ୧୮ ଜଣ ହିତାଧିକାରୀଙ୍କ ସମେତ ଅନ୍ୟ ୨ଲକ୍ଷ ୫୫ହଜାର ୨୨୬ ଜଣ ହିତାଧିକାରୀଙ୍କୁ ମିଶାଇ ସମୁଦାୟ ୪ଲକ୍ଷ ୫୭ ହଜାର ୬୮୧ ଜଣ ହିତାଧିକାରୀଙ୍କୁ ବକେୟା ସୁଭଦ୍ରା ସହାୟତା କିସ୍ତି ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଆସନ୍ତା ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସ ମାର୍ଚ୍ଚ ୮ରେ ପ୍ରଦାନ କରାଯିବାକୁ ଥିବା ଚତୁର୍ଥ କିସ୍ତି ବିଷୟରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ସମସ୍ତ ଯୋଗ୍ୟ ହିତାଧିକାରୀମାନଙ୍କୁ ଚତୁର୍ଥ କିସ୍ତି ସୁନିଶ୍ଚିତ କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା।

## ସ୍ୱାଭାବିକ ହେଲା ଧାନକିଣା

ଭୁବନେଶ୍ୱର,୮।୧(ସମିସ): ବୁଧବାର ରାତିରେ ମିଲର୍ସ ସଂଘ ଆନ୍ଦୋଳନରୁ ଓହରିବାକୁ ଘୋଷଣା କରିବା ପରେ ଗୁରୁବାରଠାରୁ ରାଜ୍ୟରେ ଧାନକିଣା ସ୍ୱାଭାବିକ ହୋଇଛି। ସରକାର ଓ ମିଲର୍ସଙ୍କ ମଧ୍ୟରେ ରହିଥିବା ବିବାଦ ଯୋଗୁଁ ମିଲର୍ସ ସଂଘ ଆନ୍ଦୋଳକୁ ଓହ୍ଲାଇଥିଲା। ଫଳରେ ସାରା ରାଜ୍ୟରେ ଚାଷୀ ଧାନ ବିକିବା ଯୋଗୁଁ ଅପେକ୍ଷାରେ ଚାହିଁ ରହିଥିଲେ। ମାତ୍ର ଚାଷୀଙ୍କ ସମସ୍ୟାକୁ ଦୃଷ୍ଟି ଦେଇ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଧାନ କିଣାରେ କୌଣସି ସମସ୍ୟା ନ କରିବାକୁ ମିଲର୍ସ ସଂଘ ନିଷ୍ପତ୍ତି ନେବା ସହ ପୁଣିଥରେ ଧାନ କିଣାକୁ ସ୍ୱାଭାବିକ କରିଛି। ବର୍ତ୍ତମାନ ୧୯ ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇଛି କିନ୍ତୁ ବାକି ୧୧ ଜିଲ୍ଲାରେ ଆସନ୍ତା ୧୦ ତାରିଖରେ ଧାନ କିଣା ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ତେବେ ତଥ୍ୟ ଅନୁଯାୟୀ, ରାଜ୍ୟରେ ୧୯ଟି ଜିଲ୍ଲାରେ ଆଜି ସୁଦ୍ଧା ୩ ଲକ୍ଷ ୧୫ ହଜାର ୪୩୧ ଚାଷୀଙ୍କ ଠାରୁ ୧୩ ଲକ୍ଷ ୯୩ ହଜାର ୮୬୭ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଛି। ଏଥିମଧ୍ୟରୁ ୧୩ ଲକ୍ଷ ୫୯ ହଜାର ୯୭୪ ମେଟ୍ରିକ ଟନ ଧାନ ମିଲର ମାନେ ଉଠାଇଛନ୍ତି। ଏ ବାବଦରେ ଚାଷୀଙ୍କୁ ୮୯୧ କୋଟି ୫୮ ଲକ୍ଷ ଟଙ୍କାର ଇନପୁଟ ସହାୟତା ମଧ୍ୟ ପ୍ରଦାନ କରାଯାଇଛି।

# ଲଢୁଆ ମହିଳା କର୍ମୀଙ୍କୁ ସଂଗଠନ ସହ ଯୋଡ଼ିବ କଂଗ୍ରେସ

ଭୁବନେଶ୍ୱର, ୮।୧ (ସମିସ): ରାଜ୍ୟରେ ମହିଳା ଅଧିକାର ଓ ନ୍ୟାୟ ପାଇଁ ଦୁର୍ବାର ଆନ୍ଦୋଳନ ହେବ। ଏହି ଆନ୍ଦୋଳନ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଓ ସମୟଓ ଶ୍ରମଦାନ ପାଇଁ ୧୦୦ଜଣ ଉପଯୁକ୍ତ ମହିଳାଙ୍କୁ ବଛାଯିବ। ସେମାନେ ମହିଳାମାନଙ୍କ ସମ୍ବିଧାନିକ ଅଧିକାର, ଅତ୍ୟାଚାରିତା ଓ ନିର୍ଯାତିତା ମହିଳାମାନଙ୍କ ପାଇଁ ନ୍ୟାୟର ଲଢ଼େଇ, ଗାଁରେ ଥିବା ମହିଳାଙ୍କ ସ୍ୱର ସାଜିବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।




ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ସଭାରେ ଯୋଗ ଦେଇ ଶ୍ରୀ ଦାସ କହିଛନ୍ତି, ସଂଗଠନର ସବୁ ୟୁନିଟ୍‌ରେ ମହିଳାମାନଙ୍କୁ ସେମାନଙ୍କର ଅଧିକାର ପ୍ରାପ୍ତି ପାଇଁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବ। ଏବେ ରାଜ୍ୟରେ ଦୟନୀୟ ସ୍ଥିତିରେ ଥିବା ୫ଲକ୍ଷ ମହିଳା ପ୍ରତିବାଦ କରିବାପାଇଁ ଜାଗ୍ରତ ହୋଇ ରାଜରାସ୍ତାକୁ ଓହ୍ଲାଇଲେ ଏ ସରକାର ଗାଦି ଛାଡ଼ି ପଳାୟନ କରିବ ବୋଲି ଶ୍ରୀ ଦାସ କହିଛନ୍ତି। ଏହି ଅବସରରେ ଏକ ବିଶାଳ ମହିଳା ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବାକୁ ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି।

ଏହି ପ୍ରଶିକ୍ଷଣ ଶିବିରରେ ମହିଳା କଂଗ୍ରେସର ସାଂଗଠନିକ ଢାଞ୍ଚା ସମ୍ପର୍କରେ ସମାଜସେବୀ ତଥା ବିଶିଷ୍ଟ ସ୍ଥାପତ୍ୟ କଳାବିତ୍ ମିସ୍ ସୃଷ୍ଟି ସୋମେନ ଆଲୋଚନା କରିଥିଲେ। ବର୍ଷକୁ ୫ଲକ୍ଷ ନୂଆ ମହିଳା ସଂଗଠନ ସହ ଯୋଡ଼ିବାକୁ ସେ ଉପଦେଶ ଦେଇଥିଲେ। ଗାଁରୁ ସହର ପର୍ଯ୍ୟନ୍ତ ବିଭିନ୍ନ ପରିସର ଓ କ୍ଷେତ୍ରରୁ ମହିଳାମାନଙ୍କୁ ସାମିଲ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ପ୍ରତି ଗାଁରେ ଅତି କମ୍‌ରେ ୫ଜଣ, ପଞ୍ଚାୟତରେ ୨୫ଜଣ ଏବଂ ସେହି ଅନୁପାତରେ ବ୍ଲକ ଓ ଜିଲ୍ଲାରେ ନୂତନ ପ୍ରତିନିଧି ନେବାକୁ ସେ ପରାମର୍ଶ ଦେଇଥିଲେ। ପିସିସି ମୁଖପାତ୍ର ତଥା ଆଇନଜୀବୀ ମନୀଷା ଦାସ ପଟ୍ଟନାୟକ ଭାରତୀୟ ସମ୍ବିଧାନରେ ମହିଳାମାନଙ୍କ ଅଧିକାର ପାଇଁ ବିଭିନ୍ନ ଆଇନ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ପ୍ରଭାରୀ ତୁଳିକା କର୍ମା ଆଗାମୀ କାର୍ଯ୍ୟଖସଡ଼ା, ସଂଗଠନର ସୁଦୃଢ଼ତା ଓ ବିଶେଷକରି ସଭ୍ୟ ସଂଗ୍ରହ ଅଭିଯାନ ଉପରେ ଆଲୋକପାତ କରିଥିଲେ। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବାହିନୀପତି ମାଲକାନଗିରି ଓ ମୟୂରଭଞ୍ଜ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ମହିଳା ସମସ୍ୟା, ପଞ୍ଚାୟତଠାରୁ ରାଜ୍ୟସ୍ତରରେ ମହିଳାଙ୍କ ଅଧିକାର ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

■ ମହିଳା ଓ ଶିଶୁ ବିକାଶ ବିଭାଗ ସହ ଉତ୍କଳିକାର ଚୁକ୍ତିପତ୍ର

## କନ୍ୟାଙ୍କୁ ଦିଆଯିବ ଶାଢ଼ୀ, ଚୁଡ଼ି, ଶୃଙ୍ଗାର ସାମଗ୍ରୀ

ଭୁବନେଶ୍ୱର,୮।୧(ସମିସ): ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନ୍ତର୍ଗତ ଯୋଗ୍ୟ କନ୍ୟାମାନଙ୍କୁ ଶାଢ଼ୀ, ଚୁଡ଼ି, ପାଉଁଜି,ଝୁଣ୍ଟିଆ, ଅଳତା, ସିନ୍ଦୂର ସମେତ ସମସ୍ତ ଶୃଙ୍ଗାର ସାମଗ୍ରୀ ଯୋଗାଇବ ଉତ୍କଳିକା। ଏହାସହ ବାସନକୁସନ ଭଳି ଘରୋଇ ବ୍ୟବହାର ସାମଗ୍ରୀ ମଧ୍ୟ ଉପଲବ୍ଧ କରାଇବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନସ୍ଥ ଉତ୍କଳିକା, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି।



ଗୁରୁବାର ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ ଏବଂ ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ମମତା ନାୟକଙ୍କ ମଧ୍ୟରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହେଇଛି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଶା ବାନାର୍ଜୀ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ଅତିରିକ୍ତ ସଚିବ ପ୍ରତାପ ହୋତାଙ୍କ ସମେତ ଏବଂ ଉଭୟ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## 'ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ'ର ଷ୍ଟିଅରିଂ କମିଟିରେ ସୁଶାନ୍ତ ନନ୍ଦ

ଭୁବନେଶ୍ୱର,୮।୧(ସମିସ): 'ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ'ର ଷ୍ଟିଅରିଂ କମିଟିରେ ସ୍ଥାନ ପାଇଛନ୍ତି ପୂର୍ବତନ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ। ବୁଧବାର କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏହି ନୂତନ କମିଟି ଗଠନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ କମିଟିରେ ଶ୍ରୀ ନନ୍ଦଙ୍କୁ ସଦସ୍ୟ ଭାବେ ଚୟନ କରାଯାଇଛି। ଓଡ଼ିଶାରେ ତାଙ୍କ କାର୍ଯ୍ୟକାଳ ସମୟରେ ଶ୍ରୀ ନନ୍ଦ ଅନେକ ହାତୀଙ୍କ ସଂରକ୍ଷଣ କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ମୁଖ୍ୟତଃ ହାତୀ ମୃତ୍ୟୁ ହାର ହ୍ରାସ କରିବା ପାଇଁ ସୁରକ୍ଷା ବ୍ୟବସ୍ଥା ଓ ଗୋଷ୍ଠୀ ସହଭାଗିତା କ୍ଷେତ୍ରରେ ସମସ୍ୟାର ସମାଧାନ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ୧୯୮୯ ବ୍ୟାଚର ଅଧିକାରୀ ଶ୍ରୀ ନନ୍ଦ ନଭେମ୍ବର ୨୦୨୪ରେ ପିସିସିଏଫ୍ (ବନ୍ୟପ୍ରାଣୀ) ଭାବେ ଅବସର ଗ୍ରହଣ କରିଥିଲେ। ରେଳ ଦୁର୍ଘଟଣା ଯୋଗୁଁ ହାତୀ ମୃତ୍ୟୁ ରୋକିବା ସହ ମଣିଷ-ବନ୍ୟଜନ୍ତୁ ମଧ୍ୟରେ ସଂଘର୍ଷ ହ୍ରାସ କରିବା ଦିଗରେ ତାଙ୍କର ବିଶେଷ ଅଭିଜ୍ଞତା ରହିଛି। ଏହି କମିଟିରେ ଅଣ-ସରକାରୀ ସଦସ୍ୟ ଭାବେ ଡକ୍ଟର ସମୀର ସିହ୍ନା, ଡକ୍ଟର ନାରାୟଣ ଶର୍ମା ଏବଂ ଡବ୍ଲ୍ୟୁଡବ୍ଲ୍ୟୁଏଫ୍-ଇଣ୍ଡିଆର ରବି ସିଂହ ମଧ୍ୟ ସ୍ଥାନ ପାଇଛନ୍ତି। କେନ୍ଦ୍ର ପରିବେଶ ମନ୍ତ୍ରୀ ଏହି କମିଟିର ଅଧ୍ୟକ୍ଷ ରହିଛନ୍ତି। ୩ ବର୍ଷିୟା କାର୍ଯ୍ୟକାଳ ବିଶିଷ୍ଟ ଏହି କମିଟି ୧୯୯୨ରେ ଆରମ୍ଭ ହୋଇଥିବା 'ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ'ର ସମୀକ୍ଷା କରିବା ସହ ହାତୀଙ୍କ ବାସସ୍ଥାନ ଓ ଚଲାପଥର ସୁରକ୍ଷା ଉପରେ ଏହା କାର୍ଯ୍ୟ କରିବ।



ଦ୍ୱାଦଶ କଳିଙ୍ଗ ସାହିତ୍ୟ ମହୋତ୍ସବ-୨୦୨୬ ଉଦଘାଟିତ

# ସାହିତ୍ୟ ବିଭାଜନ ନୁହେଁ; ଏକାଠି କରେ

ଭୁବନେଶ୍ୱର, ୮।୧(ସମିସ): ସାହିତ୍ୟ ସମାଲୋଚନାମୂଳକ ଆଲୋଚନା ଓ ନୈତିକ ପ୍ରତିଫଳନକୁ ପ୍ରତିପୋଷଣ କରିଥାଏ ବୋଲି ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ କହିଛନ୍ତି। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ କଳିଙ୍ଗ ସାହିତ୍ୟ ମହୋତ୍ସବ (କେଏଲ୍‌ଏଫ)ର ଦ୍ୱାଦଶ ସଂସ୍କରଣର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ଶ୍ରୀ ସିଂହ ଏହା କହିଛନ୍ତି।

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଓ ଓଡ଼ିଶା ସରକାରଙ୍କ ସହଯୋଗରେ ଆୟୋଜିତ ଏହି ମହୋତ୍ସବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ସାହିତ୍ୟକୁ ଏକ ଶକ୍ତି ଭାବେ ଉଲ୍ଲେଖ କରିଥିଲେ। ସେ କହିଥିଲେ, ସାହିତ୍ୟ ବିଭାଜନ କରେ ନାହିଁ ବରଂ ଏକାଠି କରିଥାଏ। ଶ୍ରୀଲଙ୍କାର ମନ୍ତ୍ରୀ ଡ. ଉପାଲି ପନ୍ନିଲାଜେ କହିଛନ୍ତି, ସାହିତ୍ୟ ରାଜନୈତିକ ସୀମାକୁ ଅତିକ୍ରମ କରିଥାଏ ଏବଂ ଦେଶଗୁଡ଼ିକୁ ମିଳିତ ଇତିହାସ ଓ ଆକାଂକ୍ଷାକୁ ପୁନଃଆବିଷ୍କାର କରିବାରେ ସାହାଯ୍ୟ କରିଥାଏ। କେଏଲ୍‌ଏଫ୍ ଭଳି ମହୋତ୍ସବଗୁଡ଼ିକୁ ଦକ୍ଷିଣ ଏସିଆରେ ଲୋକମାନଙ୍କ ମଧ୍ୟରେ ସଂଯୋଗକୁ ଗଭୀର କରୁଥିବାରୁ ସେ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଛନ୍ତି, ଓଡ଼ିଶା ହେଉଛି ସେହି ରାଜ୍ୟ ଯେଉଁଠାରେ ଚେତନା ଆଗରେ ମୁଣ୍ଡ ନୁଆଁଇଥାଏ ଖଣ୍ଡା। ଏକ ସମାଜ କେବଳ ସିମେଣ୍ଟ ନୁହେଁ ବରଂ ଚେତନା ଓ ବିବେକ ଆଧାରରେ ଗଠନ ହୋଇଥାଏ ଏବଂ ସାହିତ୍ୟ ଏହାର ରକ୍ଷକ। ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟ ଯୋଗଦେଇ କହିଥିଲେ




ଯେ ସାହିତ୍ୟ ହେଉଛି ସମାଜର ବିବେକ। ଏଥିରେ କେଏଲ୍‌ଏଫର ସିଇଓ ଓ ପୃଷ୍ଠପୋଷକ ଅଶୋକ କୁମାର ବଳ, କେଏଲ୍‌ଏଫର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ରଶ୍ମିରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇ କେଏଲ୍‌ଏଫ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମାଜସେବୀ ଡ. ସୌମ୍ୟରଞ୍ଜନ ସାମଲ, 'ସମ୍ବାଦ' ଗ୍ରୁପ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ତନୟା ପଟ୍ଟନାୟକ ଉପସ୍ଥିତ ଥିଲେ।

ଏହି ଅବସରରେ ଡ. ବିନୋଦ ଚୌଧୁରୀଙ୍କ 'ମେଡ୍ ଇନ ନେପାଳ' ଏବଂ ଅଶୋକ କୁମାର ବଳଙ୍କ 'ସାମନ୍ତ ଚନ୍ଦ୍ରଶେଖର' ପତ୍ରାବଳୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହାସହ ଡ. ବିନୋଦ ଚୌଧୁରୀଙ୍କୁ 'କଳିଙ୍ଗ ଇଣ୍ଟରନ୍ୟାସନାଲ ଲିଭିଙ୍ଗ ଲିଜେଣ୍ଡ ଆୱାର୍ଡ', ଅଚ୍ୟୁତାନନ୍ଦ ପତିଙ୍କୁ 'କଳିଙ୍ଗ ଲିଟେରାରୀ ଆୱାର୍ଡ', ତେଜି ରକ୍‌ୱେଲଙ୍କୁ 'କଳିଙ୍ଗ ଇଣ୍ଟରନ୍ୟାସନାଲ ଲିଟେରାରୀ ଆୱାର୍ଡ', ରଞ୍ଜନା ନିରୌଲାଙ୍କୁ 'କଳିଙ୍ଗ ଲିଟେରାରୀ ଆୱାର୍ଡ (ଯୁବ ଲେଖକ)', ପଣ୍ଡିତ ହରମୋହନ ଖୁଣ୍ଟିଆ ଓ ଗୋବର୍ଦ୍ଧନ ଦୋରାଙ୍କୁ 'ଓଡ଼ିଶା ଲିଭିଙ୍ଗ ଲିଜେଣ୍ଡ ଆୱାର୍ଡ' ପ୍ରଦାନ କରାଯାଇଥିଲା। ଏହାସହ କେଏଲ୍‌ଏଫ-ପେଙ୍ଗୁଇନ ରିଭ୍ୟୁ ପ୍ରୋଜେକ୍ଟ ଆୱାର୍ଡ ଓ କେଏଲ୍‌ଏଫ-ସମ୍ବାଦ ବୁକ୍ ରିଭ୍ୟୁ ଆୱାର୍ଡ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ମହୋତ୍ସବ ଆସନ୍ତା ଜାନୁଆରୀ ୧୧ ତାରିଖ ଯାଏ ଚାଲିବ।

ଚତୁର୍ଥ ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀ ୨୦୨୬ ଉଦ୍‌ଘାଟିତ

# ୩୦୦ରୁ ଅଧିକ କମ୍ପାନୀ କରିଛନ୍ତି ଅଂଶଗ୍ରହଣ

ଭୁବନେଶ୍ୱର,୮।୧(ସମିସ): ଭାରତର ସର୍ବବୃହତ୍ ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀର ଚତୁର୍ଥ ସଂସ୍କରଣ ଗୁରବାର ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡ଼ିଆଠାରେ ଆରମ୍ଭ ହୋଇଛି। ଲଘୁ ଉଦ୍ୟୋଗ ଭାରତୀ, ଓଡ଼ିଶା ଚାମ୍ବର ଅଫ୍ କମର୍ସ ଏବଂ ଇପିକଲର ସହଭାଗିତାରେ ଫ୍ୟୁଚେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଆୟୋଜିତ ଏହି ଏକ୍ସପୋ ଭାରତ ତଥା ବିଦେଶର ଖଣି, ନିର୍ମାଣ ଏବଂ ଭିତ୍ତିଭୂମି କ୍ଷେତ୍ରର ପ୍ରମୁଖ ବିଶେଷଜ୍ଞମାନେ ଯୋଗ ଦେଇଛନ୍ତି। ପ୍ରାୟ ୩୦୦ରୁ

■ ଅତ୍ୟାଧୁନିକ ଖଣି ଯନ୍ତ୍ରପାତି ପ୍ରଦର୍ଶିତ

■ ଆସନ୍ତା ୧୧ ତାରିଖ ଚାଲିବ ଏକ୍ସପୋ

ଅଧିକ କମ୍ପାନୀ ଏଥିରେ ଅଂଶଗ୍ରହଣ କରି ନିଜ ନିଜର ଉତ୍ପାଦ ପ୍ରଦର୍ଶିତ କରିଛନ୍ତି। ଏହି ଏକ୍ସପୋରେ ଖଣି ଏବଂ ଭିତ୍ତିଭୂମି କ୍ଷେତ୍ରର ବଢ଼ୁଥିବା ଚାହିଦାକୁ ପୂରଣ କରି ଅତ୍ୟାଧୁନିକ ଖଣି ଯନ୍ତ୍ରପାତି ନବସୃଜନଶୀଳ ପ୍ରଯୁକ୍ତି ସମାଧାନ ଏବଂ ବିଭିନ୍ନ ପ୍ରକାରର ସେବା ଏବଂ ଯୋଗାଣ ପ୍ରଦର୍ଶିତ ହୋଇଛି। କାର୍ଯ୍ୟକ୍ରମଟିକୁ କେସିସିର ସିଏମଡି ତଥା ଏହି ଏକ୍ସପୋର ଆମ୍ବାସଡାର ସୌମ୍ୟ ରଞ୍ଜନ ସାମଲ, ଲଘୁ ଉଦ୍ୟୋଗ ଭାରତୀର ସଭାପତି ଗୋପାଳ ଦାସଅଗ୍ରୱାଲ, ଫ୍ୟୁଚେକ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ୱେଷୀ, ଆୟୋଜକ କମିଟିର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ, ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତିବିଶେଷ ଓ ଶିଳ୍ପ ଜଗତର ନେତୃବୃନ୍ଦଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ କରିଥିଲେ।




ଏହି ଅବସରରେ ଫ୍ୟୁଚେକ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ୱେଷୀ କହିଥିଲେ ଯେ ଚଳିତ ବର୍ଷ ଏହି ପ୍ରଦର୍ଶନୀରେ ବିଶ୍ୱସ୍ତରୀୟ ସହଭାଗିତା ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ରୁଷ, ଜର୍ମାନୀ, କୋରିଆ, ଜାପାନ, ଚୀନ ଏବଂ ତାଇୱାନ ଭଳି ପ୍ରମୁଖ ରାଷ୍ଟ୍ରର ପ୍ରତିଷ୍ଠିତ ସଂସ୍ଥାଗୁଡ଼ିକ ଏଠାରେ ସେମାନଙ୍କର ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଅଭିନବ ସମାଧାନ ପ୍ରଦର୍ଶନ କରୁଛନ୍ତି। ଏହି ପ୍ରଦର୍ଶନୀ ଭାରତ ତଥା ବିଦେଶର ବହୁ ବ୍ୟବସାୟିକ ପ୍ରତିନିଧି ଦଳ ଏବଂ କ୍ରେତାମାନଙ୍କୁ ଆକୃଷ୍ଟ କରିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏକ୍ସପୋର ଆୟୋଜନ କମିଟିର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ କହିଛନ୍ତି ଯେ ସ୍ଥାୟୀ, ପ୍ରଦୂଷଣମୁକ୍ତ ଖଣି କାର୍ଯ୍ୟଶୈଳୀକୁ ପ୍ରୋତ୍ସାହିତ କରିବା ସହିତ ଏହି ପ୍ଲାଟଫର୍ମକୁ ବିଶ୍ୱ ମାନଦଣ୍ଡରେ ଉନ୍ନତ କରିବା ହେଉଛି ଆମର ଦୃଷ୍ଟିକୋଣ। ଏହି ପଦକ୍ଷେପ ମାଧ୍ୟମରେ ଆମେ ଓଡ଼ିଶାକୁ ଭାରତର ସବୁଜ ଖଣି ହବ୍ ଏବଂ ଖଣି ଉପକରଣ ନିର୍ମାଣ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାନିତ କରିବାକୁ ଲକ୍ଷ୍ୟ ରଖିଛୁ, ଏବଂ ନୂତନ ଉଦ୍ୟୋଗୀମାନଙ୍କୁ ଏହି କ୍ଷେତ୍ରରେ ପ୍ରବେଶ କରିବାକୁ ଉତ୍ସାହିତ କରିବୁ ବୋଲି ସେ ମତବ୍ୟକ୍ତ କରିଥିଲେ। ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଭୁବନେଶ୍ୱରରେ ଏଭଳି ଏକ ମାଇନିଂ ଏକ୍ସପୋ ଆୟୋଜନ କରାଯିବା ଉତ୍ସାହଜନକ। ଏହା ପ୍ରଯୁକ୍ତି ବିନିମୟ, ଶିଳ୍ପ ସହଯୋଗ ଏବଂ ନିରନ୍ତର ଖଣିଜ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ। ଏହି ଏକ୍ସପୋ ଆସନ୍ତା ୧୧ ତାରିଖ ଯାଏଁ ପ୍ରଦର୍ଶିତ ହେବ।

## ଆଜିର ରାଶିଫଳ

**ମେଷ:** ଆଜିଦିନଟି ଶୁଭଫଳ ପ୍ରଦାନ କରିବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ମିଥୁନ:** ଅଚାନକ ଖୁସି ଖବର ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗରେ ଆଗକୁ ବଢ଼ିବେ। ମାନସମ୍ମାନ ବୃଦ୍ଧି ପାଇବ।

**ସିଂହ:** କର୍ମ ଚଞ୍ଚଳ ରହିବେ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଘର ପାଇଁ ନୂଆ ଜିନିଷ କିଣିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରି ପାରନ୍ତି।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିପାରେ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ନିବେଶ କରିବା ପୂର୍ବରୁ ଭଲଭାବେ ଚିନ୍ତା କରନ୍ତୁ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ଧନୁ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଯୋଜନା ମୁତାବକ କାମ କଲେ ଭଲ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।


## ଆଜିର ଇତିହାସ

- ୧୪୩୧- ଫ୍ରାନ୍ସରେ 'ଜୋନ୍ ଅଫ୍ ଆର୍କ'ଙ୍କ ବିରୋଧରେ ମୋକଦ୍ଦମା ଆରମ୍ଭ।
- ୧୭୯୩- ବିଶ୍ୱର ପ୍ରଥମ ହଟ୍ ଏୟାର୍ ବେଲୁନ୍ ଆମେରିକାର ଫିଲ୍‌ଡେଲଫିଆରୁ ଉଡ଼ାଣ ଆରମ୍ଭ କଲା।
- ୧୯୧୫- ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଫେରି ମୁମ୍ବାଇରେ ପହଞ୍ଚିଲେ।
- ୧୯୮୨- ପ୍ରଥମ ଭାରତୀୟ ବୈଜ୍ଞାନିକ ଦଳ ଆଣ୍ଟାର୍କଟିକାରେ ପହଞ୍ଚିଲେ।



## ପ୍ରବାସୀ ଭାରତୀୟ ଦିବସ

ଭାରତର ବିକାଶରେ ପ୍ରବାସୀ ଭାରତୀୟଙ୍କ ଯୋଗଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଜାନୁଆରୀ ୯ ତାରିଖକୁ 'ପ୍ରବାସୀ ଭାରତୀୟ ଦିବସ' ଭାବେ ପାଳନ କରାଯାଏ। ୧୯୧୫ ଜାନୁଆରୀ ମାସର ଆଜିର ଦିନରେ ଜାତିର ପିତା ମହାତ୍ମା ଗାନ୍ଧୀ ଆଫ୍ରିକାରୁ ସ୍ୱଦେଶ ଫେରିଥିଲେ। ତେଣୁ ଏହି ଦିନରେ ଏହି ଦିବସ ପାଳନ କରିବା ପାଇଁ ବାଜପେୟୀ ସରକାର ନିଷ୍ପତ୍ତି ନେଇଥିଲେ। ପ୍ରବାସୀ ଭାରତୀୟ ଦିବସ ପାଳନ କରିବାର ଚିନ୍ତାଧାରା ସ୍ୱର୍ଗୀୟ ଲକ୍ଷ୍ମୀମଲ ସିଂଭିଙ୍କ ପରିକଳ୍ପନା ଥିଲା। ୨୦୦୩ରେ ନୂଆଦିଲ୍ଲୀରେ ପ୍ରଥମ ଥର ପାଇଁ 'ପ୍ରବାସୀ ଭାରତୀୟ ଦିବସ' ପାଳନ କରାଯାଇଥିଲା। ୨୦୦୩ରୁ ଏହାକୁ ପ୍ରତିବର୍ଷ ପାଳନ କରାଯାଉଥିଲା। ୨୦୧୫ରେ କିନ୍ତୁ ଏହି ଦିବସ ଦୁଇ ବର୍ଷରେ ଥରେ ପାଳନର ପ୍ରସ୍ତାବ ରଖାଯାଇଥିଲା। ଏହି ଉପଲକ୍ଷେ 'ପ୍ରବାସୀ ଭାରତୀୟ ସମ୍ମାନ' ପ୍ରଦାନ କରାଯାଏ। ଦେଶ ଉନ୍ନତିରେ ପ୍ରବାସୀଙ୍କ ଯୋଗଦାନ ଥାଏ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଯେକୌଣସି ଦେଶର ନାଗରିକ କାମର ସନ୍ଧାନରେ ନିଜ ଦେଶ ଛାଡ଼ି ଯେତେବେଳେ ଅନ୍ୟ ଦେଶକୁ ଯାଆନ୍ତି ସେମାନଙ୍କୁ 'ପ୍ରବାସୀ' ବୋଲି କୁହାଯାଏ। ଅନ୍ୟପଟେ ଦେଶ ବାହାରୁ ଯାଇ କାମ କରୁଥିବା ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ସୁରକ୍ଷା, ଅଧିକାର ବାବଦରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ। ବିଦେଶରେ ଥିବା ଅନେକ ଭାରତୀୟ, ଭାରତର ଅର୍ଥନୀତିକୁ ସୁଦୃଢ଼ କରିବା ସହ ଦେଶର ପରିଚୟକୁ ଆଗକୁ ବଢ଼ାଉଛନ୍ତି। ସେମାନଙ୍କୁ ସମ୍ମାନ ଜଣାଇବା ସହ ବିଦେଶରେ ରହୁଥିବା ପ୍ରତିଟି ଭାରତୀୟଙ୍କୁ ସମର୍ଥନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ। ଜାତିସଂଘର ଏକ ରିପୋର୍ଟ ଅନୁସାରେ, ବିଶ୍ୱରେ ସବୁଠୁ ଅଧିକ ପ୍ରବାସୀ ଭାରତୀୟ ଅଛନ୍ତି। ଏହି ଦିନ ପ୍ରବାସୀ ଭାରତୀୟଙ୍କ ସଫଳତା ବାବଦରେ ଭାରତବାସୀଙ୍କୁ ଅବଗତ କରାଯାଏ। ସେହିପରି ଭାରତର ଯୁବପିଢ଼ିଙ୍କୁ ପ୍ରବାସୀଙ୍କ ସହ ଯୋଡ଼ିବା ମଧ୍ୟ ଏହାର ଅନ୍ୟତମ ଉଦ୍ଦେଶ୍ୟ। ଏହାବାଦ୍ ବିଦେଶରେ ରହୁଥିବା ଭାରତୀୟ ଶ୍ରମିକମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି, ସେ ସମ୍ପର୍କରେ ଆଲୋଚନା କରାଯାଏ। ଏହି ଅବସରରେ ତିନି ଦିନିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ଏହା ସହ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ପ୍ରବାସୀ ଭାରତୀୟଙ୍କୁ ଏହି ଅବସରରେ ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରାଯାଏ।



## ଅଶୁଭ ଗୀତ

ସଙ୍ଗୀତ କେବଳ ମାନସିକ ଶାନ୍ତି ପ୍ରଦାନ କରେ ନାହିଁ ବରଂ ଆମକୁ ଖୁସି ରଖିବାରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଯେଉଁ ଶବ୍ଦ ଖୁସିରେ କନ୍ଦେଇ ପାରେ, ଦୁଃଖରେ ହସେଇ ପାରେ ତାହା ହିଁ ସଙ୍ଗୀତ। ତେଣୁ ସୁଖ ହେଉ ବା ଦୁଃଖରେ ଲୋକେ ଗୀତ ଶୁଣିଥାନ୍ତି। ହେଲେ ଏମିତି ଏକ ଗୀତ ରହିଛି ଯାହାକୁ ଶୁଣି ଲୋକେ ଆତ୍ମହତ୍ୟା କରି ଦେଉଥିଲେ। ଏହି ଗୀତକୁ ବିଶ୍ୱର ସବୁଠୁ ଅଶୁଭ ଗୀତ ଭାବେ ବିବେଚନା କରାଯାଏ। 'ଗ୍ଲୁମି ସଣ୍ଡେ' ନାଁରେ ଜଣାଶୁଣା ଏହି ଗୀତଟିକୁ ୧୯୩୩ ମସିହାରେ ହଙ୍ଗେରୀର ପ୍ରସିଦ୍ଧ କଣ୍ଠଶିଳ୍ପୀ ରେଜୋ ସେରେସ ଏବଂ ଲେଜଲୋ ଲେଖିଥିଲେ। ୧୯୩୫ ମସିହାରେ ଗୀତଟି ରିଲିଜ୍ ହେବାର କିଛି ସମୟ ପରେ ଜଣେ ବ୍ୟକ୍ତି ଏହି ଗୀତ ଶୁଣି ଆତ୍ମହତ୍ୟା କରିଥିଲେ। ମରିବା ପୂର୍ବରୁ ସେ ତାଙ୍କ ନୋଟ୍ ପ୍ୟାଡ୍‌ରେ ଏହି ଗୀତଟି ବିଷୟରେ ଉଲ୍ଲେଖ କରିଥିଲେ। କେବଳ ସେତିକି ନୁହେଁ, ଏହି ଗୀତର ସଂଯୋଜନା କରିଥିବା ବ୍ୟକ୍ତିଙ୍କର ଭାବି ପତ୍ନୀ ମଧ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏହାପରେ ଏହି ଗୀତକୁ ନେଇ ସବୁଠି ଚର୍ଚ୍ଚା ହେବାକୁ ଲାଗିଲା। ଏହି ଗୀତଟି ପ୍ରେମରେ ହୃଦୟ ଭାଙ୍ଗିବା ଏବଂ ଏକାକୀତ୍ୱ କାହାଣୀ ବଖାଣି ଥାଏ। ଗୀତର ବୋଲଗୁଡ଼ିକ ଶୁଣି ଜଣେ ବ୍ୟକ୍ତି ନିଜର ଯନ୍ତ୍ରଣାକୁ ମନେ ପକାଇ ମାନସିକସ୍ତରରେ ଦୁର୍ବଳ ହୋଇ ପଡୁଥିଲେ। ୧୯୬୮ ମସିହାରେ ଗୀତ ଲେଖିଥିବା ରେଜୋ ସେରେସ୍ ନିଜେ ବି ଆତ୍ମହତ୍ୟା କରିଥିଲେ। ପରେ ପରେ ଭିନ୍ନ ଭିନ୍ନ ଦେଶରେ ଏହି ଗୀତ ସହିତ ଜଡିତ ଅନେକ ମୃତ୍ୟୁ ମାମଲା ସାମ୍ନାକୁ ଆସିଲା। ଲଗାତାର ଏହି ଗୀତ ଯୋଗୁ ଆତ୍ମହତ୍ୟା ମାମଲା ବୃଦ୍ଧି ପାଇବା ପରେ ଅନେକ ସ୍ଥାନରେ ଏହାକୁ ଦୀର୍ଘ ୬୨ ବର୍ଷ ପର୍ଯ୍ୟନ୍ତ ନିଷିଦ୍ଧ କରାଗଲା। ସ୍ଥିତି ଟିକେ ଭଲ ହେବାରୁ ୨୦୦୩ ମସିହାରେ ଏହାକୁ ବିବାଦୀୟ ଗୀତରୁ ନିଷେଧ ପ୍ରତ୍ୟାହାର କରାଯାଇଥିଲା। ଆଜି ବି ଏହି ଗୀତର କାହାଣୀ ଲୋକଙ୍କୁ ଭୟଭୀତ କରିଥାଏ।



## ୨୦୨୭ରେ 'ବାରାଣସୀ'

ଚଳିତବର୍ଷ ଯେଉଁ ଫିଲ୍ମ ତିନୋଟିକୁ ନେଇ ଅଧିକ ଚର୍ଚ୍ଚା ହେଉଛି ତାହା ହେଉଛି ରଣବୀର କପୁରଙ୍କ 'ରାମାୟଣ', ମହେଶ ବାବୁଙ୍କ 'ବାରାଣସୀ' ଓ ଅଲ୍ଲୁ ଅର୍ଜୁନ୍‌ଙ୍କ 'A6xA22'। ସବୁଠୁ ବଡ଼ କଥା ହେଉଛି, ଏହି ଫିଲ୍ମଗୁଡ଼ିକ ସେମାନଙ୍କର ବଜେଟ୍ ପାଇଁ ଅଧିକ ଚର୍ଚ୍ଚାରେ। ଏସ୍. ଏସ୍ ରାଜମୌଲିଙ୍କ ଫିଲ୍ମ 'ବାରାଣସୀ'ର ବଜେଟ୍ ରହିଛି ୧୩୦୦ କୋଟି। ଏଥିରେ ମହେଶ ବାବୁ ଓ ପ୍ରିୟଙ୍କା ଚୋପ୍ରା ଲିଡ୍ ରୋଲରେ ନଜର ଆସିବେ। ପୃଥ୍ୱୀରାଜ ସୁକୁମାରନ୍ ଏଥିରେ ଖଳନାୟକ ଭାବେ ଦେଖାଯିବେ। ଏହି ଫିଲ୍ମକୁ ନେଇ ଅନେକ ସମୟରେ ଖବର ଆସୁଥିବାବେଳେ ଏହାର ରିଲିଜ୍ ସମ୍ପର୍କରେ ଏବେ ଜଣାପଡ଼ିଛି। 'ବାରାଣସୀ'କୁ ଏପ୍ରିଲ୍ ୯, ୨୦୨୭ରେ ରିଲିଜ୍ କରିବା ପାଇଁ ଏହାର ପ୍ରଯୋଜକ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ରାମ ନବମୀକୁ ଆଖି ଆଗରେ ରଖି ଏହାର ପ୍ରଯୋଜକ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ତେବେ ଏନେଇ ବିଧିବଦ୍ଧ ଭାବେ କିଛି ସୂଚନା ଆସି ନାହିଁ। ଏହି ଫିଲ୍ମ ପାଇଁ ମହେଶବାବୁ ପାରିଶ୍ରମିକ ବାବଦରେ ଟଙ୍କାଟିଏ ବି ନେଇ ନାହାନ୍ତି। ଅବଶ୍ୟ ସେ ଫିଲ୍ମର ଲାଭରୁ ସେୟାର୍ ନେବେ। ପ୍ରିୟଙ୍କା ଏଥିରେ ପାରିଶ୍ରମିକ ବାବଦକୁ ୩୦ କୋଟି ନେଇଥିବା ଚର୍ଚ୍ଚା ହେଉଛି।




## ୟୁଏସିଆର୍ ଟେଷ୍ଟ



**ବୃକ୍କ ଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରରୁ ରକ୍ତ ସଫା କରିଥାଏ। କୌଣସି କାରଣରୁ ଏହା ଖରାପ ହେଲେ ପରିସ୍ରାରେ ପ୍ରୋଟିନ୍ ଆସିଥାଏ। ତେଣୁ ବୃକ୍କଜନିତ ରୋଗ ଚିହ୍ନଟ ପାଇଁ ୟୁଏସିଆର୍ (ୟୁରିନ୍ ଆଲବୁମିନ୍-ଟୁ-କ୍ରିଏଟିନାଇନ୍ ରେସିଓ) ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା।**

ଉଚ୍ଚ ରକ୍ତଚାପ ଓ ମଧୁମେହ ପରି ରୋଗ ନିୟନ୍ତ୍ରଣରେ ନ ରହିଲେ ବୃକ୍କ ପ୍ରଭାବିତ ହୁଏ। ଅନ୍ୟାନ୍ୟ କାରଣରୁ ବୃକ୍କଜନିତ ସମସ୍ୟା ହେଲେ ଏହାର କାର୍ଯ୍ୟକ୍ଷମତା ଜାଣିବାକୁ ୟୁଏସିଆର୍ ପରୀକ୍ଷା କରାଯାଏ। ଏହା ଏକ ମୂତ୍ର ପରୀକ୍ଷା। ପରିସ୍ରାରେ ଆଲବୁମିନ୍ ନାମକ ପ୍ରୋଟିନ୍ ରହିଲେ ବୃକ୍କ ଖରାପର ସଙ୍କେତ ଦିଏ। ତେଣୁ ମୂତ୍ରରେ ପ୍ରୋଟିନ୍ (ଆଲବୁମିନ୍) ଏବଂ ବର୍ଜ୍ୟ ଉତ୍ପାଦ (କ୍ରିଏଟିନିନ୍) ସ୍ତର ରହିଛି କି ନାହିଁ ଯାଞ୍ଚ କରିବାକୁ ଏହି ପରୀକ୍ଷା କରାଯାଇଥାଏ। ଏହି ଅନୁପାତ ବୃକ୍କ ରକ୍ତରୁ ପ୍ରୋଟିନ୍ ସଠିକ୍ ମାତ୍ରାର ଛାଣି ପାରୁଛି କି ନାହିଁ ତାହା ଜଣାଏ। ବୃକ୍କର ସ୍ୱାସ୍ଥ୍ୟାବସ୍ଥାକୁ ମଧ୍ୟ ସୂଚାଇଥାଏ। ଗମ୍ଭୀର ରୋଗାବସ୍ଥାକୁ ପ୍ରାଥମିକସ୍ତରରୁ ଚିହ୍ନଟ ପାଇଁ ମଧ୍ୟ ଏହି ପରୀକ୍ଷା କରାଯାଇଥାଏ। ତେବେ ୩୦ଏମ୍‌ଜି/ଜିରୁ ଉପରସ୍ତରକୁ ସାଧାରଣସ୍ତରଠାରୁ ଅଧିକ ମନାଯାଏ। ତେଣୁ ଡାକ୍ତରଙ୍କ ପରାମର୍ଶରେ ଏହି ପରୀକ୍ଷା କରିବା ଆବଶ୍ୟକ।

## ପିଲାଙ୍କୁ ବି ଉଚ୍ଚ ରକ୍ତଚାପ !

'ସକାଳ'ର ସ୍ୱାସ୍ଥ୍ୟ



**ଅତ୍ୟାଧୁନିକ ଜୀବନଶୈଳୀ, ଖାଦ୍ୟପେୟରେ ଅସାବଧାନତା, ଦୁଶ୍ଚିନ୍ତା ଆଦି ଯୋଗୁଁ ଅଧିକାଂଶ ଉଚ୍ଚ ରକ୍ତଚାପରେ ପୀଡ଼ିତ। ବୟସ୍କଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଯାଏ। ଚିନ୍ତାର ବିଷୟ ମେଦବହୁଳତା, ଜଙ୍କଫୁଡ୍ ସେବନ, ଶାରୀରିକ ନିଷ୍କ୍ରିୟତା ଆଦି କାରଣରୁ ପିଲାମାନେ ବି ଉଚ୍ଚ ରକ୍ତଚାପର ଶିକାର ହୋଇପାରନ୍ତି।**

ପିଲାଙ୍କଠାରେ ଆରମ୍ଭରୁ ଲକ୍ଷଣ ଜଣାପଡ଼େନି। କେବେ କେବେ ମୁଣ୍ଡବିନ୍ଧା, ଥକ୍କାପଣ ଦେଖାଯାଏ। ଏହାକୁ ଅଣଦେଖା କଲେ, ହୃଦ୍‌ପିଣ୍ଡ, ମସ୍ତିଷ୍କଜନିତ ସମସ୍ୟା ହୁଏ। ସର୍ବେକ୍ଷଣ ଅନୁସାରେ, ପ୍ରୋସେସ୍ଡ ଏବଂ ଜଙ୍କଫୁଡ୍‌ରେ ଥିବା ଲୁଣ ଓ ଶର୍କରା ସେବନ ଯୋଗୁ ପ୍ରତି ପାଞ୍ଚରୁ ଜଣେ ପିଲା ମେଦବହୁଳତାର ଶିକାର ହୋଇଥାନ୍ତି। ପରିବା ନ ଖାଇବା, ଫୋନ୍ ବ୍ୟବହାର, ବଂଶାନୁଗତ ରୋଗ, ବୃକ୍କ କିମ୍ବା ହୃଦ୍‌ଜନିତ ସହ ଜଡ଼ିତ ଜନ୍ମଜାତ ସମସ୍ୟା ଥିବା ପିଲାଙ୍କୁ ଏହି ରୋଗ ଆଶଙ୍କା ଅଧିକ। ୧୨ ବର୍ଷ ସୁଦ୍ଧା ପିଲାଙ୍କ ହୃଦ୍‌ପିଣ୍ଡର ମାଂସପେଶୀ ମୋଟା ହୁଏ। କିଶୋରାବସ୍ଥାରେ ଧମନୀରେ ପ୍ଲାକ୍ ଜମି ଭବିଷ୍ୟତରେ ଷ୍ଟ୍ରୋକ, ମଧୁମେହ ଆଶଙ୍କାକୁ ବଢ଼ାଏ। ତେଣୁ ଆରମ୍ଭରୁ ରୋଗ ଚିହ୍ନଟ କରି ପିଲାଙ୍କୁ ସନ୍ତୁଳିତ ଖାଦ୍ୟ ଦେବା ଜରୁରି। ନିୟମିତ ବ୍ୟାୟାମ ଓ ଆବଶ୍ୟକସ୍ଥଳେ ଚିକିତ୍ସା ଦ୍ୱାରା ଏହି ସମସ୍ୟା କିଛି ମାତ୍ରାରେ ଏଡାଇ ଦିଆ ଯାଇପାରେ।

## କମ୍ ବୟସରୁ କେଶ ଧଳାର କାରଣ

**ବୟସ ବଢ଼ିଲେ କେଶ ଧଳା ହୁଏ। ବର୍ତ୍ତମାନ ୧୮ ବର୍ଷରୁ କମ୍ ବୟସର ପିଲାଙ୍କ କେଶ ଧଳା ହେଉଛି। ବଂଶାନୁଗତ ରୋଗ, ପ୍ରଦୂଷଣ, ଚାପ, ହରମୋନ୍ ଅସନ୍ତୁଳନ, ପୋଷଣର ଅଭାବ ଆଦି କେଶ ଧଳା ହେବାର ମୁଖ୍ୟ କାରଣ।**

ପ୍ରଦୂଷଣ ଏବଂ ଅକ୍ସିଡେଟିଭ ଚିନ୍ତା କେଶ ମୂଳକୁ କ୍ଷତି ପହଞ୍ଚାଏ। ଫଳରେ ମେଲାନିନ କ୍ଷରଣ ଯୋଗୁଁ କେଶର ପ୍ରାକୃତିକ ରଙ୍ଗରେ ପରିବର୍ତ୍ତନ ହୁଏ। ସେହିପରି ହର୍‌ମୋନ ଅସନ୍ତୁଳନ ମଧ ଯୁବାଙ୍କଠାରେ କେଶ ଧଳା କରିବାର ମୁଖ୍ୟ କାରଣ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଖାଦ୍ୟପେୟ କେଶ ଧଳା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ପ୍ରୋସେସ୍ଡ ଖାଦ୍ୟରେ ପୋଷକତତ୍ତ୍ୱ କମ୍ ଥାଏ। ଏହାଦ୍ୱାରା କେଶରେ ପୋଷଣ, ଭିଟାମିନ୍ ଏବଂ ମିନେରାଲ ଅଭାବରୁ ମେଲାନିନ୍ ନଷ୍ଟ ହୁଏ। କେଶ ଧଳା ହୁଏ। ରାସାୟନିକଯୁକ୍ତ ଉତ୍ପାଦ ଯଥା-ସାମ୍ପୋ, ହେୟାର ଡାଇ, ଷ୍ଟାଇଲିଂ ଉତ୍ପାଦରେ ସଲ୍‌ଫେଟ୍, ପାରାବେନ୍ ପରି କ୍ଷତିକାରକ ରାସାୟନିକ କେଶର ପ୍ରାକୃତିକ ରଙ୍ଗକୁ ନଷ୍ଟ କରି। ବିଶେଷ କରି ଭିଟାମିନ୍ ବି ୧୨, ବି ୫ ଅଭାବରୁ କେଶ ଜନିତ ସମସ୍ୟା ଦେଖାଦିଏ। ଏଥିରୁ ବର୍ତ୍ତିବା ପାଇଁ ଲୌହସାର, ଜିଙ୍କ୍, ଫଲିକ ଏସିଡ୍, ଭିଟାମିନ୍ ଡି-୩', ସବୁଜ ପନି ପରିବା, ଡ୍ରାଏଫ୍ରୁଟ, ବିଟ୍, ଦୁଗ୍ଧ ଜାତୀୟ ଖାଦ୍ୟ, ଅଁଳା, ଲେମ୍ବୁ ଆଦି ସେବନ କରିପାରିବେ। ଏହାସହ ଚିନ୍ତାମୁକ୍ତ ରହିବା ଜରୁରି। ଅଚାନକ କେଶ ଧଳା ହେଉଥିଲେ, ଥାଇରଏଡ୍ ଏବଂ ହରମୋନ୍ ପରୀକ୍ଷା କରାଇ ପାରିବେ।



## ଥାଲାସେମିଆ ପାଇଁ ନୂତନ ଔଷଧ



ଥାଲାସେମିଆ ଏକ ପ୍ରମୁଖ ସମସ୍ୟା। ଏହା ବଂଶାନୁଗତ ରୋଗ ତଥା ରକ୍ତସହିତ ଜଡିତ ରୋଗ। ଏହା ଯୋଗୁ ଶରୀରରେ ହିମୋଗ୍ଲୋବିନ୍ ( ଲୋହିତ ରକ୍ତକଣିକାରେ ଥିବା ପ୍ରୋଟିନ୍) ସୃଷ୍ଟି ହୋଇପାରେ ନାହିଁ। ଲୋହିତ ରକ୍ତକଣିକା ଶୀଘ୍ର ନଷ୍ଟ ହୋଇଯାଏ। ରକ୍ତାଭାବରୁ ଥକ୍କା, ଦୁର୍ବଳ, ଜ୍ୱର ଆଦି ଲକ୍ଷଣ ଦେଖାଯାଏ। ପୀଡ଼ିତଙ୍କୁ ପ୍ରତିମାସ ରକ୍ତ ଦିଆ ଯାଇଥାଏ। ଖୁସିର କଥା, ଥାଲାସେମିଆ ପୀଡ଼ିତଙ୍କ ପାଇଁ ପ୍ରଥମ ଥର ଓରାଲ ଡ୍ରଗ୍ ଆସିଛି। ଏହାର ନାଁ ମିଟାପିଭେଟ୍ ରହିଛି। ଆମେରିକା ଖାଦ୍ୟ ଏବଂ ଔଷଧ ପ୍ରଶାସନ ଏହାକୁ ଅନୁମୋଦନ ଦେଇଛନ୍ତି। ଏହି ଔଷଧ ଆଲ୍‌ଫା ଥାଲାସେମିଆ ଏବଂ ବିଟା-ଥାଲାସେମିଆ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା ପାଇଁ ବ୍ୟବହାର କରାଯିବ। ପୀଡ଼ିତଙ୍କୁ ବାରମ୍ବାର ରକ୍ତ ନେବାକୁ ପଡ଼ିବନି। ଏହି ଔଷଧ ଶରୀରର ପାଇରୁଭେଟ କାଇନେଜ୍ ନାମକ ଏନ୍‌ଜାଇମ୍‌କୁ ସକ୍ରିୟ କରିବ। ଲୋହିତ ରକ୍ତ କଣିକାକୁ ନଷ୍ଟ ହେବାରୁ ବଞ୍ଚାଇବ। ଏହା ହିମୋଗ୍ଲୋବିନ୍‌ସ୍ତରକୁ ବଢ଼ାଇବାରେ ସାହାଯ୍ୟ କରିବ। ଏହି ଔଷଧ ଉପରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଅଧିକ ଗବେଷଣା କରୁଛନ୍ତି। ଏହା ଫଳପ୍ରଦ ହେଲେ ଆଗାମୀ ଦିନରେ ଥାଲାସେମିଆ ପୀଡ଼ିତଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ।

## ସୁସ୍ୱାସ୍ଥ୍ୟ ପାଇଁ ଅଳେଇଚ ପାଣି

ଆୟୁର୍ବେଦରେ ବଡ଼ ଅଳେଇଚ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ସି, ବି୩, ବି୬, ବି୩, କ୍ୟାଲସିୟମ୍, ଆଣ୍ଟିଇନ୍‌ଫ୍ଲାମେଟରୀ ଗୁଣ ଥାଏ। ତେଣୁ ସୁସ୍ୱାସ୍ଥ୍ୟ ପାଇଁ ସକାଳୁ ଖାଲି ପେଟରେ ବଡ଼ ଅଳେଇଚ ପାଣି ପିଇବା ହିତକର।

ବଡ଼ ଅଳେଇଚକୁ ୪ରୁ୫ ମିନିଟ୍ ଫୁଟାଇ କପ୍‌ରେ ଛାଣି ଅଳ୍ପ ମହୁ ମିଶାଇ ପିଇବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ। କୋଷ୍ଠକାଠିନ୍ୟ, ବଦହଜମି ତଥା ପାଚନ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ। ମୁଖ ଗହ୍ୱର ଦୁର୍ଗନ୍ଧ ଦୂର କରିଥାଏ।

ଏହା ରକ୍ତଚାପ ନିୟନ୍ତ୍ରଣ, ଫୁସ୍‌ଫୁସ୍‌ରୁ ବିଷାକ୍ତ ପଦାର୍ଥ ବାହାର କରିପାରେ। ଓଜନ କମାଏ। ଏହାର ନିୟମିତ ସେବନ ଦ୍ୱାରା ଚିନ୍ତା ଦୂର ହୁଏ। ଚିକିତ୍ସକଙ୍କ ପରାମର୍ଶରେ ସପ୍ତାହକୁ ୩ରୁ ୪ ଦିନ ପିଇପାରିବେ। ଗର୍ଭବତୀ ମହିଳା, ପେଟ ରୋଗୀ, ଆଲର୍ଜି, ସର୍ଜରୀ ପୂର୍ବ ତଥା ପରେ, ନିମ୍ନ ରକ୍ତଚାପ ପୀଡ଼ିତ ଏହାକୁ ସେବନ କରିବା ଅନୁଚିତ।



## ସିରିଜ୍‌ରେ ଷ୍ଟାର୍କ, ମ୍ୟାଚ୍‌ରେ ହେଡ୍ ଶ୍ରେଷ୍ଠ



**ଅଷ୍ଟ୍ରେଲିଆ ୪-୧ରେ ଜିତିଲା ଆସେସ୍**

ମେଲବୋର୍ଣ୍ଣ,୮।୧(ଏଜେନ୍ସି): ଇଂଲଣ୍ଡକୁ ୫ମ ତଥା ଶେଷ ଟେଷ୍ଟରେ ୫ ୱିକେଟରେ ହରାଇ ଅଷ୍ଟ୍ରେଲିଆ ତାହାର ଆସେ୍ ଅଭିଯାନ ଶେଷ କରିଛି। ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଅଷ୍ଟ୍ରେଲିଆ ୪-୧ରେ ଜିତିନେଇଛି। କିନ୍ତୁ ଏହାକୁ ମିଶାଇ ଇଂଲଣ୍ଡ ଦଳ ୩ଥର ଆସେସ୍ ଖେଳିବାକୁ ଆସି ଚଳିତ ସିରିଜ୍‌ରେ ପ୍ରଥମ ବିଜୟ ହାସଲ କରିଛି। ୫ମ ତଥା ଶେଷ ଟେଷ୍ଟରେ ଇନିଂସ ଓପନ କରି ପ୍ରଥମ ଇନିଂସରେ ୧୬୩ ଓ ଦ୍ୱିତୀୟ ଇନିଂସରେ ୨୯ ରନ୍ କରିଥିବା ଅଷ୍ଟ୍ରେଲିଆର ଟ୍ରାଭିସ୍ ହେଡ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ଚଳିତ ସିରିଜ୍‌ରେ ହାରାହାରି ଘଣ୍ଟାପ୍ରତି ୧୪୦ କିଲୋମିଟରରୁ ଅଧିକ ବେଗରେ ବୋଲିଂ କରି ୩୧ଟି ୱିକେଟ ନେବା ସହ ଦୁଇଟି ଅର୍ଦ୍ଧଶତକୀୟ ପାଳି ଖେଳି ୧୫୬ ରନ୍ କରିଥିବା ଅଷ୍ଟ୍ରେଲିଆର ବାମହାତୀ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ର ଆଜି ୫ମ ଦିନରେ ଜ୍ୟାକବ ବେଥେଲଙ୍କ ୧୫୪ ରନ୍ ସହାୟତାରେ ଇଂଲଣ୍ଡର ଦ୍ୱିତୀୟ ଇନିଂସ ୩୪୨ ରନ୍‌ରେ ଶେଷ ହୋଇଥିଲା। ଏହା ଫଳରେ ମ୍ୟାଚ୍ ଜିତିବାକୁ ଅଷ୍ଟ୍ରେଲିଆ ଆଗରେ ୧୬୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ଓପନିଂ ଯୋଡିରେ ୬୨ ଓ ଅବିଭକ୍ତ ୬ଷ୍ଠ ୱିକେଟ ଯୋଡିରୁ କାମେରନ ଗ୍ରୀନ୍ ଓ ଆଲେକ୍ସ କାରୀ ୪୯ ବଲ୍‌ରୁ ୪୦ ରନ୍ ଉଠାଇବା ଫଳରେ ଅଷ୍ଟ୍ରେଲିଆ ମାତ୍ର ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ଏହି ବିଜୟ ସହ ଅଷ୍ଟ୍ରେଲିଆ ୪-୧ ବ୍ୟବଧାନରେ ଆସେସ ସିରିଜ୍‌କୁ କବ୍‌ଜା କରିଥିଲା।

**ଆଜିଠୁ ମହିଳା ପ୍ରିମିଅର ଲିଗ୍-୪**

# ମୁମ୍ବାଇ ଇଣ୍ଡିଆନ୍ସ-ଆରସିବି ଉଦ୍‌ଘାଟନୀ ଲଢ଼େଇ

ମୁମ୍ବଇ, ୮ ।୧ (ଏଜେନ୍ସି):

ମହିଳା ଆଇପିଏଲ୍ ତଥା ଓମେନ ପ୍ରିମିଅର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ର ୪ର୍ଥ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେବାକୁଯାଉଛି। ବିଭିନ୍ନ ଦେଶର ମହିଳା କ୍ରିକେଟରଙ୍କୁ ନେଇ ଖେଳାଯାଉଥିବା ଏହି ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍‌ରେ ଏଥର ୫ଟି ଟିମ୍ ମଧ୍ୟରେ ଲଢ଼େଇ ହେବ। ଡିଫେଣ୍ଡିଂ ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ମହିଳା କ୍ରିକେଟ ଦଳ ଉଦ୍‌ଘାଟନୀ ଦିବସରେ ପରସ୍ପରକୁ ଭେଟିବେ। ନଭି ମୁମ୍ବଇର ଡିୱାଇ ପାଟିଲ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ହରମନପ୍ରୀତ୍ କୌର ମୁମ୍ବାଇ ଏବଂ ସ୍ମୃତି ମନ୍ଧାନା ଆର୍‌ସିବି ଦଳର ନେତୃତ୍ୱ ନେଉଛନ୍ତି। ମୁମ୍ବାଇ ୨୦୨୩ରେ ପ୍ରଥମ ସଂସ୍କରଣ ଏବଂ ୨୦୨୫ରେ ତୃତୀୟ ସଂସ୍କରଣରେ ଟାଇଟଲ୍ ଜିତିଥିଲା। ସେହିଭଳି ୨୦୨୪ରେ ଆରସିବି ବାଜିମାତ୍ କରିଥିଲା। ତେଣୁ ଶୁକ୍ରବାର ଖେଳାଯିବାକୁ ଥିବା ଉଦ୍‌ଘାଟନୀ ଲଢ଼େଇ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ଏହି ଲିଗ୍‌ରେ ଅଂଶଗ୍ରହଣ କରୁଥିବା ଅନ୍ୟ ୩ଟି ଦଳ ହେଲେ ଗୁଜରାଟ ଜାଏଣ୍ଟ୍ସ, ୟୁପି ୱାରିୟର୍ଜ ଓ ଦିଲ୍ଲୀ କ୍ୟାପିଟାଲ୍ସ। ଅଷ୍ଟ୍ରେଲୀୟ ତାରକା ଆସଲେ ଗାର୍ଡନର, ମେଗ୍ ଲାନ୍ନିଂ ଓ ଜେମିମା ରୋଡ୍ରିଗ୍ୱେଜ ଯଥାକ୍ରମେ ଏହି ୩ଟି ଦଳର ଦଳର ନେତୃତ୍ୱ ନେଉଛନ୍ତି। ରାଉଣ୍ଡ-ରବିନ ଫର୍ମାଟ୍‌ରେ ମ୍ୟାଚ୍ ଖେଳାଯିବ। ପ୍ରତି ଦଳ ପରସ୍ପରକୁ ୨ଥର ଲେଖାଏ ଭେଟିବେ। ଏହାପରେ ପଏଣ୍ଟ ଟେବଲର ଶୀର୍ଷ ସ୍ଥାନ ଅଧିକାର କରିଥିବା ଦଳ ସିଧାସଳଖ ଫାଇନାଲକୁ ପ୍ରବେଶ କରିବ। ଏହାପରେ ୨ୟ ଓ ୩ୟ ସ୍ଥାନିତ ଦଳ ମଧ୍ୟରେ ଏଲିମିନେଟର ମୁକାବିଲା ହେବ। ଏହାର ବିଜେତା ଫେବୃଆରୀ ୫ରେ ଶୀର୍ଷ ସ୍ଥାନିତ ଦଳ ସହ ଫାଇନାଲ ଖେଳିବ। ଫାଇନାଲକୁ ମିଶାଇ ମୋଟ୍ ୨୨ଟି ମ୍ୟାଚ୍ ଏଥର ଅନୁଷ୍ଠିତ ହେବ।



**ନବୀ ମୁମ୍ବଇରେ ହେବାକୁ ଥିବା ମ୍ୟାଚ୍‌ସୂଚୀ**

| ତାରିଖ | ମ୍ୟାଚ୍ | ସମୟ |
|---|---|---|
| ୯ ।୧ | ମୁମ୍ବାଇ-ବେଙ୍ଗାଲୁରୁ | ରାତି ୭ଟା ୩୦ |
| ୧୦ ।୧ | ଗୁଜରାଟ-ୟୁପି | ଅପରାହ୍ଣ ୩ଟା ୩୦ |
| ୧୦ ।୧ | ମୁମ୍ବାଇ-ଦିଲ୍ଲୀ | ରାତି ୭ଟା ୩୦ |
| ୧୧ ।୧ | ଦିଲ୍ଲୀ-ଗୁଜରାଟ | ରାତି ୭ଟା ୩୦ |
| ୧୨ ।୧ | ବେଙ୍ଗାଲୁରୁ-ୟୁପି | ରାତି ୭ଟା ୩୦ |
| ୧୩ ।୧ | ମୁମ୍ବାଇ-ଗୁଜରାଟ | ରାତି ୭ଟା ୩୦ |
| ୧୪ ।୧ | ଦିଲ୍ଲୀ-ୟୁପି | ରାତି ୭ଟା ୩୦ |
| ୧୫ ।୧ | ମୁମ୍ବାଇ-ୟୁପି | ରାତି ୭ଟା ୩୦ |
| ୧୬ ।୧ | ଗୁଜରାଟ-ବେଙ୍ଗାଲୁରୁ | ରାତି ୭ଟା ୩୦ |
| ୧୭ ।୧ | ମୁମ୍ବାଇ-ୟୁପି | ଅପରାହ୍ଣ ୩ଟା ୩୦ |
| ୧୭ ।୧ | ଦିଲ୍ଲୀ-ବେଙ୍ଗାଲୁରୁ | ରାତି ୭ଟା ୩୦ |

ବି.ଦ୍ର.: ସମସ୍ତ ମ୍ୟାଚ୍ ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ ଓ ଜିଓ ହଟ୍‌ଷ୍ଟାରରେ ପ୍ରସାରିତ ହେବ।

### ନବୀ ମୁମ୍ବଇ ଓ ବରୋଦାରେ ମ୍ୟାଚ୍

ଏଥର ୨ଟି ଭେନ୍ୟୁରେ ସମ୍ପୂର୍ଣ୍ଣ ପ୍ରତିଯୋଗିତା ଖେଳାଯିବ। ନବୀ ମୁମ୍ବଇର ଡିୱାଇ ପାଟିଲ ଏବଂ ବରୋଦା କ୍ରିକେଟ୍ ସଂଘ ଷ୍ଟାଡିୟମରେ ମ୍ୟାଚ୍ ଅନୁଷ୍ଠିତ ହେବ। ଡିୱାଇ ପାଟିଲରେ ଉଦ୍‌ଘାଟନୀ ଓ ବରୋଦାରେ ଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

### ଚାମ୍ପିଅନ ଦଳ ପାଇବ ୬ କୋଟି

ପାଖାପାଖି ଏକମାସ ଧରି ଖେଳାଯିବାକୁ ଥିବା ମହିଳା ପ୍ରିମିଅର ଲିଗ୍‌ର ଏହି ୪ର୍ଥ ସଂସ୍କରଣରେ ଯେଉଁ ଦଳ ଚାମ୍ପିଅନ ହେବ ୬ କୋଟି ଟଙ୍କା ପୁରସ୍କାର ପାଇବ। ସେହିଭଳି ରନର୍ସଅପ୍ ଦଳକୁ ଏହାର ଅଧା ଅର୍ଥାତ ୩ କୋଟି ଟଙ୍କା ଦିଆଯିବ। ପ୍ରତି ମ୍ୟାଚର ଶ୍ରେଷ୍ଠ ଖେଳାଳିଙ୍କୁ ଏକ ଲକ୍ଷ ଏବଂ ଫାଇନାଲର ଶ୍ରେଷ୍ଠ ଖେଳାଳି ୨.୫ ଲକ୍ଷ ଟଙ୍କା ପୁରସ୍କାର ପାଇବେ। ଏହାବାଦ୍ ସର୍ବାଧିକ ରନ, ୱିକେଟ୍ ହାସଲକାରୀ ଏବଂ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

### ହନି ସିଂହ-ଜ୍ୟାକ୍‌ଲିନଙ୍କ ଶୋ'

ଡବ୍ଲ୍ୟୁପିଏଲ୍-୪ର ପ୍ରଥମ ମ୍ୟାଚ୍ ପୂର୍ବରୁ ଆୟୋଜକ ବିସିସିଆଇ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଯେଉଁଥିରେ ମ୍ୟୁଜିକାଲ ସେନସେସନ ହନି ସିଂହଙ୍କ ସହ ବଲିଉଡ୍ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ ଦର୍ଶକଙ୍କ ମନୋରଞ୍ଜନ କରିବେ। ୨୦୨୧ ମିସ୍ ୟୁନିଭର୍ସ ହରନାଜ ସାନ୍ଧୁ ମଧ୍ୟ ଉପସ୍ଥିତ ରହିବେ।

### ପେରୀ-ସଦରଲାଣ୍ଡଙ୍କ ଅନୁପସ୍ଥିତି

ଏଥର କିଛି ତାରକା ଖେଳାଳିଙ୍କୁ ଟୁର୍ଣ୍ଣାମେଣ୍ଟରେ ଦେଖିବାକୁ ମିଳିବ ନାହିଁ। ସେମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ ଦୁଇ ଖେଳାଳି ଏଲିସେ ପେରୀ ଓ ଆନାବେଲ୍ ସଦରଲାଣ୍ଡ ରହିଛନ୍ତି। ଉଭୟ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରିଯାଇଛନ୍ତି। ଆର୍‌ସିବି ପାଇଁ ୨୫ଟି ମ୍ୟାଚ୍ ଖେଳି ପେରୀ ୩ଟି ସିଜନରେ ୯୭୨ ରନ ସହ ୧୪ଟି ୱିକେଟ୍ ନେଇଛନ୍ତି।

## ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ମହୋତ୍ସବରେ ୪୫ ଲକ୍ଷ ପୁରସ୍କାର

ଭୁବନେଶ୍ୱର, ୮ ।୧ (ସମିସ): ଚଳିତ ମାସ ୧୬ରୁ ସୋଆ କ୍ୟାମ୍ପସ-୨ରେ ୧୬ତମ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଫେଷ୍ଟିଭାଲ (ଓଡ଼ିଶା ଓପନ୍) ଆରମ୍ଭ ହେବ। ଅଲ୍ ଓଡ଼ିଶା ଚେସ୍ ସଂଘ (ଏଓସିଏ), ଇ-ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶା ଓ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱରର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଜାନୁଆରୀ ୨୪ ତାରିଖରେ ଉଦ୍‌ଯାପିତ ହେବ। ଏକ ସପ୍ତାହବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୪୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଭାରତ ସମେତ ୨୦ଟି ଦେଶର ପାଖାପାଖି ୧୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟ ଡିରେକ୍ଟର ଦେବବ୍ରତ ଭଞ୍ଜ ସୂଚନା ଦେଇଛନ୍ତି।

ଚାରୋଟି କାଟାଗୋରୀରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। କାଟାଗୋରୀ-ଏ'ରେ ୨୫ ଲକ୍ଷ ଟଙ୍କା ପୁରସ୍କାର ରଖାଯାଇଛି। ଏଥିରେ ୧୯୦୦ ରେଟିଂରୁ ଊର୍ଦ୍ଧ୍ୱ ରେଟିଂ ଥିବା ଖେଳାଳି ଅଂଶଗ୍ରହଣ କରିପାରିବେ। ସେହିଭଳି ୧୯୦୦ ରେଟିଂରୁ କମ୍ ଥିବା ଖେଳାଳି କାଟାଗୋରୀ-ବି'ରେ ଭାଗନେବେ। କାଟାଗୋରୀ-ସି'ରେ ୧୭୦୦ ରେଟିଂରୁ କମ୍ ଥିବା ଖେଳାଳି ଏବଂ କାଟାଗୋରୀ-ଡି' ଓପନ ବ୍ଲିଜବର୍ଗରେ ଅନୁଷ୍ଠିତ ହେବ। କାଟାଗୋରୀ-ବି ଓ ସି ଲାଗି ୯ ଲକ୍ଷ ଲେଖାଏ ଏବଂ ଡି' ଲାଗି ୨ ଲକ୍ଷ ଟଙ୍କା ପୁରସ୍କାର ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜୀବ ଶେଖର ସାହୁ, ଇ-ସ୍ପୋର୍ଟ୍ସ ଓଡ଼ିଶାର ସମ୍ପାଦକ ଅଭିଷେକ ମିତ୍ର, ଟୁର୍ଣ୍ଣାମେଣ୍ଟର ଲୋକ ସମ୍ପର୍କ ଅଧିକାରୀ ପ୍ରଣୟ ଜେଠୀ ଉପସ୍ଥିତ ରହିଥିଲେ। ଓଡ଼ିଶାର ପାଖାପାଖି ୩୦୦ ଖେଳାଳି ଏଥିରେ ଭାଗନେବେ ବୋଲି ଜଣାପଡ଼ିଛି।




**ପୁରୁଷ ହକି ଇଣ୍ଡିଆ ଲିଗ୍**

## କଳିଙ୍ଗ ଲାନ୍ସର୍ସର ଦ୍ୱିତୀୟ ବିଜୟ

ଚେନ୍ନଇ,୮।୧(ଏଜେନ୍ସି): ଶ୍ରାଚି ବେଙ୍ଗଲ ଟାଇଗର୍ସକୁ ୨-୧ ଗୋଲରେ ପରାସ୍ତ କରି ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ଦ୍ୱିତୀୟ ବିଜୟ ହାସଲ କରିଛି। ଲାନ୍ସର୍ସ ପ୍ରଥମ ମ୍ୟାଚ୍‌ରେ ରାଞ୍ଚି ରୟାଲ୍ସକୁ ୪-୨ ଗୋଲରେ ପରାସ୍ତ କରିଥିଲା। ଆଜିର ମୁକାବିଲାରେ ଲାନ୍ସର୍ସ ପକ୍ଷରୁ ଖେଳର ୫୨ତମ ମିନିଟ୍‌ରେ ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ଓ ୫୭ତମ ମିନିଟ୍‌ରେ ବବି ସିଂହ ଧାମି ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ବେଙ୍ଗଲ ପକ୍ଷରୁ ଆଫାନ ୟୁସୁଫ୍ ଗୋଟିଏ ଗୋଲ ଶୁଝାଇଥିଲେ। ଆସନ୍ତାକାଲି ଦୁଇଟି ଲିଗ୍ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ହାଇଦ୍ରାବାଦ୍ ତୁଫାନ୍ସ ସହ ସୁରମା ହକି କ୍ଲବ୍ ଓ ଦ୍ୱିତୀୟ ମ୍ୟାଚ୍ ତାମିଲନାଡୁ ଡ୍ରାଗନ୍ସ ସହ ଏସ୍‌ଜି ପାଇପର୍ସର ମୁକାବିଲା ହେବ।

### ମହିଳାରେ ରାଞ୍ଚି ରୟାଲ୍ସ ତୃତୀୟ

ରାଞ୍ଚି : ଏସ୍‌ଜି ପାଇପର୍ସକୁ ୫-୨ ଗୋଲରେ ପରାସ୍ତ କରି ଆୟୋଜକ ଟିମ୍ ରାଞ୍ଚି ରୟାଲ୍ସ ମହିଳା ହକି ଇଣ୍ଡିଆ ଲିଗ୍‌ରେ ତୃତୀୟ ସ୍ଥାନ ଅଧିକାର କରିଛି। ରାଞ୍ଚି ଦଳ ପକ୍ଷରୁ ଲୁସିନା ଭୋନ ଡର ହାଇଡ୍ ଓ ହାନା କୋଟର ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ପାଇପର୍ସ ପକ୍ଷରୁ ନଭନୀତ କୌର ୨ଟି ଯାକ ଗୋଲ ଶୁଝାଇଥିଲେ। ଆସନ୍ତା ୧୦ରେ ପାଇପର୍ସ ଓ ବେଙ୍ଗଲ ଟାଇଗର୍ସ ମଧ୍ୟରେ ଫାଇନାଲ ଖେଳାଯିବ।

## ଏସିଆନ୍ ଇଣ୍ଡୋର ଆଥ୍‌ଲେଟିକ୍ସରେ ପ୍ରଶାନ୍ତି ଏକମାତ୍ର ଓଡ଼ିଆ



ଭୁବନେଶ୍ୱର, ୮ ।୧ (ସମିସ): ଏସିଆନ ଇଣ୍ଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପର ଦ୍ୱାଦଶ ସଂସ୍କରଣ ଫେବୃଆରୀ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଚାଇନାର ତିଆନଜିନରେ ଅନୁଷ୍ଠିତ ହେବ। ଏଥିଲାଗି ୧୭ ଜଣିଆ ଭାରତୀୟ ଆଥ୍‌ଲେଟିକ୍ସ ଦଳ ଘୋଷଣା କରାଯାଇଛି। ଦୁଇଥରର ଏସିଆନ୍ ଗେମ୍ସ ଚାମ୍ପିଅନ ଶଟ୍-ପୁଟର୍ ତାଜିନ୍ଦରପାଲ ସିଂହ ତୁର୍‌ଙ୍କ ନେତୃତ୍ୱରେ ଭାରତ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ଏଥିରେ ଓଡ଼ିଶାରୁ ଏକମାତ୍ର ଆଥ୍‌ଲେଟ୍ ଭାବେ ପ୍ରଜ୍ଞା ପ୍ରଶାନ୍ତୀ ସାହୁ ସ୍ଥାନ ପାଇଛନ୍ତି। ପ୍ରଜ୍ଞା ମହିଳା ୬୦ ମିଟର ହର୍ଡଲ୍ସରେ ଅଂଶଗ୍ରହଣ କରିବେ। ଏହି ତିନିଦିନିଆ ଇଣ୍ଡୋର ଆଥ୍‌ଲେଟିକ୍ସ ପ୍ରତିଯୋଗିତାରେ ୬୦ ମିଟର ରେସ୍, ୬୦ ମିଟର ହର୍ଡଲ୍ସ, ହାଇଜମ୍ପ, ଲଙ୍ଗଜମ୍ପ, ଶଟପୁଟ୍ ଇଭେଣ୍ଟରେ ପ୍ରତିଯୋଗିତା ହେବ।

**ଜାତୀୟ ଅସିଚାଳନା**

## ପଞ୍ଜାବ, ମଣିପୁର ଦଳଗତ ଚାମ୍ପିଅନ



କଟକ,୮।୧(ସମିସ): ଏଠାରେ ଚାଲିଥିବା ୩୩ତମ ଜୁନିଅର ଜାତୀୟ ଅସିଚାଳନା ଚାମ୍ପିଅନସିପର ଇପି ବାଳକ ଇଭେଣ୍ଟରେ ପଞ୍ଜାବ ଦଳଗତ ଚାମ୍ପିଅନ ହୋଇଛି। ଏଥିରେ ତାମିଲନାଡୁ ରୌପ୍ୟ ଏବଂ ମହାରାଷ୍ଟ୍ର, ହରିୟାଣା ଉଭୟ ଯୁଗ୍ମ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେହିପରି ଇପି ବାଳିକା ଇଭେଣ୍ଟରେ ମଣିପୁର ଦଳ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ସ୍ୱର୍ଣ୍ଣ ଜିତିଛି। ହରିୟାଣା ଦଳ ରୌପ୍ୟ ଏବଂ କର୍ଣ୍ଣାଟକ ଓ ଗୁଜରାଟ ଦଳ କାଂସ୍ୟ ପଦକ ଜିତିଛନ୍ତି। ଓଡ଼ିଶା ସାଇକ୍ଲିଂ ଆସୋସିଏସନର ସମ୍ପାଦକ ପ୍ରସନ୍ନ ରାଉତ, ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏସନର ସମ୍ପାଦକ ଅଶୋକ ସାହୁ ଓ ଓଡ଼ିଶା ଅସିଚାଳନା ସଂଘ କୋଷାଧ୍ୟକ୍ଷ ନିର୍ମଳ ବିକାଶ ମହାପାତ୍ର ଉପସ୍ଥିତ ରହି ପଦକ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ।

## ଗାୟତ୍ରୀ ଭାରତୀୟ ଦଳର ସହକାରୀ କୋଚ୍



କଟକ,୮।୧(ସମିସ): ଭାରତୀୟ ମହିଳା ଫୁଟବଲ ଦଳର ସହକାରୀ କୋଚ୍ ଭାବେ ଗାୟତ୍ରୀ ମଲ୍ଲିକ ନିଯୁକ୍ତ ହୋଇଛନ୍ତି। ଏଆଇଏଫ୍‌ଏଫ୍ ପକ୍ଷରୁ ଏହି ଘୋଷଣା କରାଯାଇଛି। ଆସନ୍ତା ୧୦ରୁ କୋଲକାତାରେ ହେବାକୁ ଥିବା ଘରୋଇ ପ୍ରଶିକ୍ଷଣ ଶିବିରରେ ସାମିଲ ହେବା ସହିତ ଗାୟତ୍ରୀ ଜାତୀୟ ଦଳରେ ଯାତ୍ରା ଆରମ୍ଭ କରିବେ। ଏତଦବ୍ୟତୀତ ତୁର୍କୀ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯିବାକୁ ଥିବା ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟ ଗାୟତ୍ରୀଙ୍କ ପ୍ରଶିକ୍ଷକ ଜୀବନରେ ନୂଆ ପୃଷ୍ଠା ଯୋଡ଼ିବ। ଫାଓ ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିଚ୍ ସକର୍: ଫାଇନାଲରେ ଓଡ଼ିଶା

କଟକ,୮।୧(ସମିସ): ଡାମନ ଏବଂ ଡିଉରେ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ସକର ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ମହିଳା ଫୁଟ୍‌ବଲ ଦଳ ଫାଇନାଲରେ ପ୍ରବେଶ କରିଛି। ସେମିଫାଇନାଲରେ ଦଳ ୭-୦ ଗୋଲରେ ହିମାଚଳପ୍ରଦେଶକୁ ହରାଇଛି। ଓଡ଼ିଶା ପକ୍ଷରୁ ଶ୍ରୀଜନ ତମାଙ୍ଗ, ସତ୍ୟବତୀ ଖାଡିଆ, କେ ଅମ୍ବାଳିକା ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ। ଫାଇନାଲ ମୁକାବିଲାରେ ଗୁଜରାଟକୁ ଭେଟିବ ଓଡ଼ିଶା।

**ବିଜୟ ହଜାରେ ଟ୍ରଫି**

## ସର୍ଫରାଜଙ୍କ ୧୫ ବଲ୍‌ରେ ୫୦ ରନ୍

ଜୟପୁର,୮।୧(ଏଜେନ୍ସି):

**ଭାରତରେ ଦ୍ରୁତତମ ଅର୍ଦ୍ଧଶତକ**

ଏଠାରେ ଚାଲିଥିବା ପଞ୍ଜାବ ବିପକ୍ଷ ବିଜୟ ହଜାରେ ଟ୍ରଫିରେ ମୁମ୍ବଇର ସର୍ଫରାଜ ଖାନ୍ ୧୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଛନ୍ତି। ଏହି କ୍ରମରେ ସେ ଭାରତୀୟ ଘରୋଇ କ୍ରିକେଟ ଓ ଖେଳାଳିଙ୍କ ମଧ୍ୟରେ ଦ୍ରୁତତମ। ପୂର୍ବରୁ ଦ୍ରୁତତମ ଅର୍ଦ୍ଧଶତକର ରେକର୍ଡ ଦୁଇଜଣ ଖେଳାଳି ଯଥା ୧୯୯୫ରେ ମହାରାଷ୍ଟ୍ରର ଅଭିଜିତ କାଲେ ବନାମ ବରୋଦା ଓ ୨୦୨୧ରେ ବରୋଦାର ଅତୀତ ସେଠ (ବନାମ ଛତିଶଗଡ଼)ଙ୍କ ନାମରେ ଥିଲା। ସର୍ଫରାଜ ଆଜି ଏହି ରେକର୍ଡକୁ ଅତିକ୍ରମ କରିଯାଇଛନ୍ତି। ଏମାନେ ୧୬ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରି ଏହି ରେକର୍ଡର ଅଧିକାରୀ ଥିଲେ। ସର୍ଫରାଜ ୨୦ ବଲ୍‌ରେ ୬୨ ରନ୍ ଓ ଅଧିନାୟକ ଶ୍ରେୟସ ଆୟର ୩୪ ବଲ୍‌ରେ ୪୫ ରନ୍ କରିବା ସତ୍ତ୍ୱେ ଦଳ ମାତ୍ର ୧ ରନ୍‌ରେ ଅଭିଷେକ ଶର୍ମାଙ୍କ ପଞ୍ଜାବଠାରୁ ପରାଜିତ ହୋଇଯାଇଛି। ଗୁରନୁର ବ୍ରାର ଓ ମୟଙ୍କ ମାର୍କଣ୍ଡେ ୪ଟି ଲେଖାଏଁ ୱିକେଟ ନେଇ ପଞ୍ଜାବକୁ ବିଜୟୀ କରାଇଥିଲେ।




**କ୍ୱାର୍ଟର ଫାଇନାଲ ଖେଳସୂଚୀ**

| | | |
|---|---|---|
| ୧୨।୧ | କର୍ଣ୍ଣାଟକ ବନାମ ମୁମ୍ବଇ | ବେଙ୍ଗାଲୁରୁ-୧ |
| ୧୨।୧ | ୟୁପି ବନାମ ସୌରାଷ୍ଟ୍ର | ବେଙ୍ଗାଲୁରୁ-୨ |
| ୧୩।୧ | ଦିଲ୍ଲୀ ବନାମ ବିଦର୍ଭ | ବେଙ୍ଗାଲୁରୁ-୨ |
| ୧୩।୧ | ପଞ୍ଜାବ ବନାମ ଏମ୍‌ପି | ବେଙ୍ଗାଲୁରୁ-୧ |
| ୧୫।୧ | ପ୍ରଥମ ସେମିଫାଇନାଲ | ବେଙ୍ଗାଲୁରୁ-୧ |
| ୧୬।୧ | ଦ୍ୱିତୀୟ ସେମିଫାଇନାଲ | ବେଙ୍ଗାଲୁରୁ-୧ |
| ୧୮।୧ | ଫାଇନାଲ | ବେଙ୍ଗାଲୁରୁ-୧ |

ଗ୍ରାଉଣ୍ଡ: ସେଣ୍ଟର ଅଫ୍ ଏକ୍ସିଲେନ୍ସ ୧ ଓ ୨।

**୮ଟି ଦଳକୁ ପରବର୍ତ୍ତୀ ଯୋଗ୍ୟତା**

ଆଜିର ଖେଳ ଶେଷ ହେବା ପରେ କ୍ୱାର୍ଟର ଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ଗ୍ରୁପ୍‌ର ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଗ୍ରୁପ୍-ଏ'ରୁ କର୍ଣ୍ଣାଟକ ଓ ମଧ୍ୟପ୍ରଦେଶ, ଗ୍ରୁପ୍-ବି'ରୁ ଉତ୍ତରପ୍ରଦେଶ ଓ ବିଦର୍ଭ, ଗ୍ରୁପ୍-ସି'ରୁ ପଞ୍ଜାବ ଓ ମୁମ୍ବଇ, ଗ୍ରୁପ୍-ଡି'ରୁ ଦିଲ୍ଲୀ ଓ ସୌରାଷ୍ଟ୍ର କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଜାନୁଆରୀ ୧୨ ଓ ୧୩ରେ କ୍ୱାଟ;ର ଫାଇନାଲ ମୁକାବିଲା ଆୟୋଜିତ ହେବ।

## ପରାଜୟ ସହ ଷଷ୍ଠରେ ରହିଲା ଓଡ଼ିଶା



କଟକ,୮।୧(ସମିସ): ବିଜୟ ହଜାରେ ଟ୍ରଫିରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ଲିଗ୍ ପର୍ଯ୍ୟାୟରେ ହ୍ୟାଟ୍ରିକ ବିଜୟ ହାସଲ ପରେ ହ୍ୟାଟ୍ରିକ ପରାଜୟର ସମ୍ମୁଖୀନ ହୋଇଥିବା ଓଡ଼ିଶା ୭ଟି ମ୍ୟାଚ୍‌ରୁ ୧୨ ପଏଣ୍ଟ ସଂଗ୍ରହ କରି ଗ୍ରୁପ-ଡି ଟେବଲର ୬ଷ୍ଠ ସ୍ଥାନରେ ରହିଛି। ଏହି ଲଜ୍ଜାଜନକ ଫଳାଫଳ ସହିତ ବିସିସିଆଇର ଚଳିତ ଘରୋଇ ସିଜନରେ ଓଡ଼ିଶା ବରିଷ୍ଠ ପୁରୁଷ ଦଳର ଯାତ୍ରାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଗୁରୁବାର ଖେଳାଯାଇଥିବା ଅନ୍ତିମ ଲିଗ୍‌ରେ ଦଳ ୫ ୱିକେଟରେ ରେଲୱେ ଠାରୁ ହାରିଥିଲା। ରେଲୱେର ସାହେବ ଯୁବରାଜ ସିଂହ ଅପରାଜିତ ମ୍ୟାଚ୍ ବିଜୟୀ ଶତକୀୟ ପାଳି ଖେଳିଥିଲେ।

ବେଙ୍ଗାଲୁରୁର ଅଲୁର ଗ୍ରାଉଣ୍ଡରେ ଓଡ଼ିଶା ଦଳ ପ୍ରଥମେ ବ୍ୟାଟିଂ କରି ୭୨ରନରେ ପ୍ରଥମ ୪ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ଦଳ ପକ୍ଷରୁ ରେକର୍ଡ ସହ ନିରାଶ କରିଥିବା ସ୍ୱସ୍ତିକ ସାମଲ ୭, ଓମ୍‌ଟି ମୁଣ୍ଡେ ୧୯, ଶାନ୍ତନୁ ମିଶ୍ର ୨୩ ଓ ଗୋବିନ୍ଦ ପୋଦ୍ଦାର ୧୯ ରନ୍ କରିଥିଲେ। ଏହି ସମୟରେ ଅଭିଜ୍ଞ ଅଧିନାୟକ ବିପ୍ଳବ ସାମନ୍ତରାୟ(୪୩ରନ), ଦୁଇ ନବାଗତ ଅଲରାଉଣ୍ଡର ସମ୍ବିତ ବରାଳ (୫୦ରନ) ଓ ସୌମ୍ୟରଞ୍ଜନ ଲେଙ୍କା (୫୬ରନ) ମଧ୍ୟକ୍ରମରେ ଧୈର୍ଯ୍ୟପୂର୍ଣ୍ଣ ପାଳି ଖେଳିବା ଯୋଗୁଁ ଦଳୀୟ ସ୍କୋର ୨୦୦ ପାର୍ କରିଥିଲା। ଓଡ଼ିଶା ପକ୍ଷରୁ ପଦାର୍ପଣ କରିଥିବା ୱିକେଟ କିପର ଦିନେଶ ମାଝୀ ୧୫ରନ କରିଥିଲେ। ନିମ୍ନକ୍ରମର ବ୍ୟାଟରଙ୍କ ବିଫଳତା ସହିତ ଓଡ଼ିଶାର ଇନିଂସ୍ ୨୫୧ରନରେ ସୀମିତ ରହିଥିଲା। ରେଲୱେର ବରୁନ ଏବଂ ରାଜ ଚୌଧୁରୀ ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଜବାବରେ ରେଲୱେ ୪୫.୨ ଓଭରରେ ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ନଂ-୩ରେ କ୍ରିଜକୁ ଆସିଥିବା ଯୁବରାଜ ଦମଦାର ବ୍ୟାଟିଂ କରି ଦଳକୁ ଜିତାଇଥିଲେ। ଯୁବରାଜ ୧୩୪ବଲରୁ ୧୧ଟି ଚୌକା ଏବଂ ୨ଟି ଛକା ସହାୟତାରେ ୧୧୮ ରନର ଅପରାଜିତ ପାଳି ଖେଳିଥିଲେ। ଜୁବେର ୪୩ବଲରୁ ଦ୍ରୁତ ୬୫ରନ ସଂଗ୍ରହ କରିଥିଲେ। ଓଡ଼ିଶା ପକ୍ଷରୁ ଗୋବିନ୍ଦଙ୍କୁ ୨ଟି ୱିକେଟ ମିଳିଥିଲା। ଦେବବ୍ରତ ପ୍ରଧାନ, ସମ୍ବିତ ବରାଳ ଏବଂ ଓମ୍ ଗୋଟିଏ ଲେଖାଏ ୱିକେଟ ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS